(ପୃଷ୍ଠା–୮+୮)

# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଡିସେମ୍ବର ୨୭/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Monday, December 27/2021 | ★★

୧୮ଶ ଭାଗ ୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



DSPL-352

ଓଡ଼ିଶା ସରକାର



**"ମୁଁ ଚାହେଁ, ମୋ ରାଜ୍ୟର ପ୍ରତ୍ୟେକ ବିଦ୍ୟୁତ୍ ଉପଭୋକ୍ତା ଗୁଣାତ୍ମକ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ସେବା ପାଆନ୍ତୁ ।"**

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଓଡ଼ିଶା ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ସୁଦୃଢ଼ୀକରଣ ଯୋଜନା (ODSSP)

- ରାଜ୍ୟ ସରକାରଙ୍କ ନିଜ ବଜେଟରୁ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ସୁଦୃଢ଼ୀକରଣ ପାଇଁ ଏକ ବୃହତ୍ ପ୍ରକଳ୍ପ
- ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ୩,୮୪୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ୪୭୩ଟି ୩୩/୧୧ କେଭି ସବ୍‌ଷ୍ଟେସନ
- ଚତୁର୍ଥ ପର୍ଯ୍ୟାୟରେ ୧୭୯୭ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଯାଉଛି ଆଉ ୯୯ଟି ୩୩/୧୧ କେଭି ସବ୍‌ଷ୍ଟେସନ୍
- ଗ୍ରାମାଞ୍ଚଳର ଉପଭୋକ୍ତା ପାଇବେ ଉତ୍ତମ ଭୋଲଟେଜ୍ ସହ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା





@Naveen_Odisha | CMO.Odisha | @CMO_Odisha

**ଶକ୍ତି ବିଭାଗ**

# ମନେ ରହିବେ

ମୃତ୍ୟୁ ଚିରନ୍ତନ। ଦିନେ ନା ଦିନେ ସମସ୍ତେ ସଂସାରରୁ ବାହୁଡ଼ିବେ। ଏହି କ୍ରମରେ ସ୍ୱକୀୟ କୃତିରେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ଆମେ ହରାଇଛୁ ବିଦାୟୀ ବର୍ଷରେ। ସେମାନଙ୍କ ମଧ୍ୟରୁ କେତେଜଣ କରୋନା ଏବଂ ରୋଗରେ ଅକାଳରେ ଇହଧାମ ଛାଡ଼ିଛନ୍ତି। କଳା, ସଂସ୍କୃତି, ଶିକ୍ଷା, ସାହିତ୍ୟ, ରାଜନୀତି, ମନୋରଞ୍ଜନ, ଶିଳ୍ପ, କ୍ରୀଡ଼ା ଆଦି କ୍ଷେତ୍ରରେ ଅଭୁଲା ସନ୍ତକ ଛାଡ଼ିଯାଇଥିବା ସେହି ବ୍ୟକ୍ତିମାନେ ସ୍ମରଣୀୟ ହୋଇରହିବେ।



୭-୭ ଦିଲୀପ କୁମାର
୨୭-୪ ମନୋଜ ଦାସ



୧୮-୬ ମିଲ୍‌ଖା ସିଂ
୯-୫ ରଘୁନାଥ ମହାପାତ୍ର



୮-୭ ବୀରଭଦ୍ର ସିଂ
୨୧-୮ କଲ୍ୟାଣ ସିଂ
୨୧-୫ ସୁନ୍ଦରଲାଲ ବହୁଗୁଣା
୪-୬ ଅନିରୁଦ୍ଧ ଜଗନ୍ନାଥ
୯-୪ ପ୍ରିନ୍ସ ଫିଲିପ୍
୮-୧୨ ବିପିନ ରାୱତ୍
୧୮-୧୨ ଗିରୀଶ ଠାକୋରଲାଲ ନାନାବତୀ



୬-୧୦ ଅରବିନ୍ଦ ତ୍ରିବେଦୀ
୯-୨ ରାଜୀବ କପୁର
୫-୬ ଅଟଳ ବିହାରୀ ପଣ୍ଡା
୨୦-୧ ରବି ମିଶ୍ର
୨୨-୧ ନରେନ୍ଦ୍ର ଚଞ୍ଚଲ
୨୯-୧୦ ପୁନିଥ୍ ରାଜକୁମାର
୩୦-୬ ରାଜ କୌଶଲ



୬-୩ ଏମ୍.ଜି. ଜର୍ଜ ମୁଥୁଟ୍
୧୨-୩ ଲୋଉ ଓଟେନ୍ସ
୨୩-୧ ଲାରି କିଙ୍ଗ୍
୧୭-୫ ସିଦ୍ଧାର୍ଥ ଶ୍ରୀରାମ
୧୬-୪ ରଞ୍ଜିତ ସିହ୍ନା
୨୪-୫ ଚାରଣ ରାମଦାସ
୮-୧୨ ନନ୍ଦ ପୃଷ୍ଟି



୧୦-୬ ପ୍ରଫେସର ରାଧାମୋହନ
୫-୭ ଷ୍ଟାନ୍ ସ୍ୱାମୀ
୩-୬ ବିଜୟ ସାହୁ
୪-୧୨ ବିନୋଦ ଦୁଆ
୬-୫ ଅଜିତ୍ ସିଂ
୧୪-୩ ଲକ୍ଷ୍ମଣ ପାଇ
୨୭-୧୦ ଏସ୍.ଏନ୍. ସୁବାରାଓ



୯-୭ ପରଶମଣୀ
୧୯-୬ ତପୁ ମିଶ୍ର
୪-୪ ଶଶିକଳା ସାଇଗଲ
୧୮-୯ ମନୋରମା ମହାପାତ୍ର
୧୩-୫ ଇନ୍ଦୁ ଜୈନ
୨୧-୪ ଶଙ୍ଖ ଘୋଷ
୪-୧୨ ତ୍ରିଲୋଚନ ପ୍ରଧାନ



୧୩-୧ ଡି. ପ୍ରକାଶ ରାଓ
୧୩-୨ ଅଭୟ ସିଂହ
୧୫-୨ ବସନ୍ତ କୁମାର ମହାପାତ୍ର
୧୭-୫ ଅମରେନ୍ଦ୍ର ମହାନ୍ତି
୨୯-୬ ଉପେନ୍ଦ୍ର କୁମାର ପାହାଡ଼ସିଂହ
୨୪-୧୨ ରାମକୃଷ୍ଣ ପଟ୍ଟନାୟକ
୧୮-୬ ଦେବାଶିଷ ପାଣିଗ୍ରାହୀ

# ଧରିତ୍ରୀ DHARITRI

ସୋମବାର, ଡିସେମ୍ବର ୨୭/୨୦୨୧ (୮+୮=୧୬ ପୃଷ୍ଠା) | Monday, December 27/2021 | ପୃଷ୍ଠା-୧




**ଲୋକେଶ ରାହୁଲଙ୍କ ଶତକ**

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତୀୟ ଓପନର ଲୋକେଶ ରାହୁଲ ଶତକ ହାସଲ କରିଛନ୍ତି।

୦୬

୦୫

**ବଲିଉଡ୍‌ରେ ଏଣ୍ଟ୍ରି ଇଚ୍ଛା**

ଦୀର୍ଘ ୨୧ ବର୍ଷ ପରେ ଭାରତକୁ ମିସ୍ ୟୁନିଭର୍ସ ମୁକୁଟ ଆଣିଥିବା ହରନାଜ ସାନ୍ଧୁ ବଲିଉଡରେ ଏଣ୍ଟ୍ରି କରିବାକୁ ଇଚ୍ଛା ରଖିଛନ୍ତି।



# ମାଞ୍ଜାସୂତାରେ ଯୁବକଙ୍କ ଜୀବନ ଗଲା

**କଟକ ଅଫିସ,୨୬।୧୨**

ଜଗତପୁର ଥାନା ଅଧୀନ ପୀରବଜାର ନିକଟରେ ରବିବାର ଅପରାହ୍ଣରେ ଗୁଡ଼ିର ମାଞ୍ଜାସୂତା ଲାଗି ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତକ ହେଲେ ଏହି ଥାନା ଅଧୀନ ଭଏରପୁର ଅଞ୍ଚଳର



ଜୟନ୍ତ ସାମଲ

ଜୟନ୍ତ ସାମଲ(୩୧)। ମିଳିଥିବା ସୂଚନା ଅନୁଯାୟୀ, ପୀରବଜାର ନିକଟରେ କେତେଜଣ ଯୁବକ ଗୁଡ଼ି ଉଡ଼ାଉଥିଲେ। ଏହି ସମୟରେ ଜୟନ୍ତ ଓ ତାଙ୍କ ସ୍ତ୍ରୀ କଟକ ଆଡୁ ବାଇକରେ ଘରକୁ ଫେରୁଥିବାବେଳେ ଗୁଡ଼ିରେ ଲାଗିଥିବା ମାଞ୍ଜାସୂତା ଜୟନ୍ତଙ୍କ ବେକରେ ଲାଗିଯାଇଥିଲା। ଫଳରେ ସେ ତଳେ ପଡ଼ିଯାଇଥିଲେ। ବେକ କଟିଯିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଖବରପାଇ

## ୬ ମାସ ତଳେ ବିବାହ ହୋଇଥିଲା

ଜଗତପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଜୟନ୍ତଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ପଠାଯାଇଛି। ଏ ନେଇ ଜୟନ୍ତଙ୍କ ପରିବାର ସଦସ୍ୟ ଜଗତପୁର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୫୫୦/୨୧) ରୁଜୁ କରିଛି। ଏ ସମ୍ପର୍କରେ ଥାନାଧିକାରୀ ରବୀନ୍ଦ୍ର ନାଥ ମେହେର କହିଛନ୍ତି, କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ତାହାର ତଦନ୍ତ କରାଯାଉଛି।

୬ ମାସ ହେବ ଜୟନ୍ତଙ୍କର ବିବାହ ହୋଇଥିଲା। ହେଲେ ମାଞ୍ଜାସୂତାରେ ତାଙ୍କର ମୃତ୍ୟୁ ଘଟିବାକୁ ନେଇ କେହି ବିଶ୍ୱାସ କରିପାରୁ ନାହାନ୍ତି। ତାଙ୍କ ମୃତ୍ୟୁରେ ପରିବାର ସମେତ ଭଏରପୁର ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମାଞ୍ଜାସୂତା ବିକ୍ରି ବେଆଇନ। ସେହିପରି ନିର୍ଦ୍ଦିଷ୍ଟ ଖେଳପଡ଼ିଆରେ କଟନ ସୂତାରେ ଗୁଡ଼ି ଉଡ଼ାଇବା ପାଇଁ ପ୍ରଶାସନର ଗାଇଡ୍‌ଲାଇନ ରହିଛି। କିନ୍ତୁ କିଏ ଓ କାହିଁକି ଏହି ମାଞ୍ଜାସୂତା ବିକ୍ରି କଲା ତାହାର ତଦନ୍ତ କରାଯାଉ ଏବଂ ଏହି ☞ପୃଷ୍ଠା-୨

# ପିଲାଙ୍କ ଚାଉଳ ହେରଫେର

**ଭୁବନେଶ୍ୱର,୨୬।୧୨(ବ୍ୟୁରୋ)**

ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଅନୁପୂରକ ପୁଷ୍ଟିକର କାର୍ଯ୍ୟକ୍ରମ(ଏସ୍‌ଏନ୍‌ପି) ଜରିଆରେ ରାଜ୍ୟରେ ଅଙ୍ଗନୱାଡି କେନ୍ଦ୍ରର ଶିଶୁଙ୍କୁ ଚାଉଳ ଯୋଗାଣରେ ବ୍ୟାପକ ହେରଫେର ହୋଇଛି। ପିଲାଙ୍କ ପାଇଁ ଆସୁଥିବା ଚାଉଳକୁ ଜିଲା ସମାଜ କଲ୍ୟାଣ ଅଧିକାରୀ(ଡିଏସ୍‌ଡବ୍ଲ୍ୟୁଓ) ଏବଂ ପରିବହନ ଏଜେଣ୍ଟ (ଟି.ଏ) ମିଳିମିଶି ହଡ଼ପ କରୁଛନ୍ତି। ଅନୁଗୋଳ ଜିଲା ଡିଏସ୍‌ଡବ୍ଲ୍ୟୁଓଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରୁ ୧.୧୪ କୋଟି ଟଙ୍କାର ୩,୩୯୮.୨୫ କୁଇଣ୍ଟାଲ ଚାଉଳକୁ ହଡ଼ପ କରାଯାଇଛି। ଡିଏସ୍‌ଡବ୍ଲ୍ୟୁଙ୍କ ଜାଣତରେ ଏହି ଅନିୟମିତତା ହୋଇଛି। କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ତାଙ୍କ ରିପୋର୍ଟରେ ଏଭଳି ଚାଞ୍ଚଲ୍ୟକର ହେରଫେରର ପର୍ଦ୍ଦାଫାଶ କରିଛନ୍ତି। ଏଥିସହିତ ଏଭଳି ଅନିୟମିତତାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଏଜି ସୁପାରିଶ କରିଛନ୍ତି।

ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମିଶନ ଶକ୍ତି ବିଭାଗ ଜରିଆରେ ଏସ୍‌ଏନ୍‌ପି କାର୍ଯ୍ୟକାରୀ ହେଉଛି। ରାଜ୍ୟର ପ୍ରତ୍ୟେକ ବ୍ଲକ ଓ ପୌରାଞ୍ଚଳରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ)ଙ୍କ ନେତୃତ୍ୱରେ ଅତି କମ୍‌ରେ ଗୋଟିଏ ସମନ୍ୱିତ ଶିଶୁ ବିକାଶ ସେବା(ଆଇସିଡିଏସ୍) ପ୍ରକଳ୍ପ ରହିଛି। ସିଡିପିଓମାନେ ପରିଚାଳନା କରୁଥିବା ଏସ୍‌ଏନ୍‌ପିକୁ ଜିଲା ସମାଜ କଲ୍ୟାଣ ଅଧିକାରୀ ତଦାରଖ କରିଥାନ୍ତି। ଏସ୍‌ଏନ୍‌ପି ମାଧ୍ୟମରେ ଅଙ୍ଗନୱାଡି କେନ୍ଦ୍ରରେ ନାମ ଲେଖାଇଥିବା



୩ରୁ ୬ବର୍ଷର ପିଲାମାନଙ୍କୁ ପ୍ରତ୍ୟେକ ଦିନ ଗରମ ରନ୍ଧାଖାଦ୍ୟ ଦେବାର ବ୍ୟବସ୍ଥା ରହିଛି। ପିଲାମାନଙ୍କ ସହିତ ଅଙ୍ଗନୱାଡି କର୍ମୀ ଓ ହେଲ୍‌ପର ମଧ୍ୟ ଗରମ ରନ୍ଧା ଖାଦ୍ୟ ଖାଇଥାଆନ୍ତି। ପ୍ରତ୍ୟେକଙ୍କୁ ୮୦ ଗ୍ରାମ ଲେଖାଏ ଚାଉଳ ଭାରତୀୟ ଖାଦ୍ୟ ନିଗମ କିମ୍ବା ଓଡିଶା ରାଜ୍ୟ ଯୋଗାଣ ନିଗମ ଗୋଦାମରୁ ଟେଣ୍ଡର ଜରିଆରେ ଜିଲାପାଳଙ୍କ ଦ୍ୱାରା ଚୟନ କରାଯାଇଥିବା ପରିବହନ ଏଜେଣ୍ଟ (ଟିଏ)ମାନଙ୍କ ଦ୍ୱାରା ଅଙ୍ଗନୱାଡି କେନ୍ଦ୍ରକୁ ଯୋଗାଇ ଦିଆଯାଏ। ସିଏଜି ତାଙ୍କ ଅଡିଟରେ ଜାଣିବାକୁ ପାଇଛନ୍ତି ଯେ ଡିଏସ୍‌ଡବ୍ଲ୍ୟୁ ଅନୁଗୋଳ ଅଧୀନରେ ଥିବା ଅନୁଗୋଳ, ଆଠମଲ୍ଲିକ, ଛେଣ୍ଡିପଦା, କଣିହା ଏବଂ ପାଲଲହଡ଼ା ଆଇସିଡିଏସ ପ୍ରକଳ୍ପ ଅଧୀନରେ ଥିବା ୧୦୪୫ ଅଙ୍ଗନୱାଡି କେନ୍ଦ୍ରକୁ ୨୦୧୬-୧୭ ଏବଂ ୨୦୧୮-୧୯ରେ ୨୦,୨୩୩.୯୮ କୁଇଣ୍ଟାଲ ଚାଉଳ ବଣ୍ଟାଯାଇଥିଲା। ଅଙ୍ଗନୱାଡି କେନ୍ଦ୍ର ଦ୍ୱାରା ପରିଚାଳିତ ଷ୍ଟକ ରେଜିଷ୍ଟର ଯାଞ୍ଚ କରିବା ପରେ ଜଣାପଡ଼ିଲା ଯେ କେନ୍ଦ୍ରଗୁଡ଼ିକୁ ୧୬,୮୩୫.୭୩ କୁଇଣ୍ଟାଲ ଚାଉଳ ଯୋଗାଇ ଦିଆଯାଇଛି। ହେଲେ ଏଥିରୁ ୩,୩୯୮.୨୫ କୁଇଣ୍ଟାଲ ଚାଉଳକୁ ଆତ୍ମସାତ କରାଯାଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ୨୦୧୬-୧୭ ବର୍ଷର ମୂଲ୍ୟ ଅନୁଯାୟୀ ହଡ଼ପ ହୋଇଥିବା ଚାଉଳ ମୂଲ୍ୟ ୧.୧୪ କୋଟି ଟଙ୍କା ଆକଳନ କରାଯାଇଥିଲା। ଅଡିଟରୁ ଜଣାପଡିଛି ଯେ, ଅଙ୍ଗନୱାଡି କେନ୍ଦ୍ରରେ ଚାଉଳ ବିତରଣ ପରେ ପରିବହନ ଏଜେଣ୍ଟ ଚାଲାଣ / ୱେ-ବିଲ୍‌ଗୁଡ଼ିକୁ ଡିଏସ୍‌ଡବ୍ଲ୍ୟୁ ଏବଂ ସିଡିପିଓମାନଙ୍କୁ ଦେଇ ନ ଥିଲେ। କେବଳ ସେତିକି ନୁହେଁ ପରିବହନ ଏଜେଣ୍ଟ ସିଡିପିଓଙ୍କୁ ଅଙ୍ଗନୱାଡିରେ ଯୋଗାଇଥିବା ଚାଉଳ ପରିମାଣର ପ୍ରମାଣପତ୍ର ନେଇ ନ ଥିଲେ। ଚୁକ୍ତିନାମାର ଧାରା(୪)କୁ ଉଲ୍ଲଂଘନ କରି ଡିଏସ୍‌ଡବ୍ଲ୍ୟୁଙ୍କ ନିକଟରେ ବିଲ୍ ଦାଖଲ କରିଥିଲେ। ଚୁକ୍ତିଭିତ୍ତିକ ବ୍ୟବସ୍ଥାକୁ ଉଲ୍ଲଂଘନ କରାଯାଇଥିଲେ ମଧ୍ୟ ଡିଏସ୍‌ଡବ୍ଲ୍ୟୁ ଏଥିପ୍ରତି ଦୃଷ୍ଟି ନ ଦେଇ ପରିବହନ ବାବଦକୁ ଏଜେଣ୍ଟଙ୍କୁ ୧୨.୫୬ ଲକ୍ଷ ଟଙ୍କା ଦେଇଥିଲେ।

## ଏସ୍‌ଏନ୍‌ପିରେ ଅନିୟମିତତା

- **୩୩୯୮.୨୫ କୁଇଣ୍ଟାଲ ଚାଉଳ ହଡ଼ପ**
- **କାର୍ଯ୍ୟାନୁଷ୍ଠାନ ପାଇଁ ସିଏଜିଙ୍କ ସୁପାରିସ**

ସବୁଠାରୁ ମୁଖ୍ୟ ବିଷୟ ଯେ ସିଡିପିଓ ଆଠମଲ୍ଲିକ ପରିବହନ ଏଜେଣ୍ଟଙ୍କ ଦ୍ୱାରା କମ୍ ଚାଉଳ ଯୋଗାଣ ନେଇ ଡିଏସ୍‌ଡବ୍ଲ୍ୟୁଙ୍କୁ ଜଣାଇଥିଲେ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ମାତ୍ର ଅନ୍ୟ ସିଡିପିଓମାନେ କମ୍ ଚାଉଳ ପାଇଥିଲେ ମଧ୍ୟ ତାହା ଜଣାଇ ନ ଥିଲେ। ଡିଏସ୍‌ଡବ୍ଲ୍ୟୁଓ ସିଡିପିଓମାନଙ୍କୁ ଅଣଦେଖା କରିବାରୁ ପରିବହନ ଏଜେଣ୍ଟମାନେ ଅଧିକ ଚାଉଳ ଯୋଗାଣ ଦର୍ଶାଇବାକୁ ଏକ ସୁଯୋଗ ପାଇଲେ। ପରିବହନ ଏଜେଣ୍ଟଙ୍କ ସହ ମିଶି ଡିଏସଡବ୍ଲ୍ୟୁ ୩୩୯୮.୨୫ କୁଇଣ୍ଟାଲ ବାବଦ ୧.୧୪ କୋଟି ଟଙ୍କାକୁ ଆତ୍ମସାତ କରିଥିବା ନେଇ ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ତେବେ ଡିଏସ୍‌ଡବ୍ଲ୍ୟୁଓ ଏହି ହେରଫେରକୁ ନେଇ ଯେଉଁ ସ୍ପଷ୍ଟୀକରଣ ଦେଇଥିଲେ ତାହା ପିଲାମାନଙ୍କୁ ଯୋଗାଇ ଦିଆଯାଉଥିବା ଚାଉଳରେ ବାଟମାରଣାକୁ ସ୍ପଷ୍ଟ ଦର୍ଶାଉଥିବା ସିଏଜି ଜାଣିବାକୁ ପାଇଛନ୍ତି। ଡିଏସ୍‌ଡବ୍ଲ୍ୟୁଓଙ୍କ ଦ୍ୱାରା ଜାଣିଶୁଣି ଏଭଳି ଦୁର୍ନୀତି କରାଯାଇଛି। ଏହି ଘଟଣାର ବିଭାଗ ଦ୍ୱାରା ଅନୁସନ୍ଧାନ କରିବା ସହ ଅନ୍ୟାନ୍ୟ ଅଙ୍ଗନୱାଡିକୁ ଯୋଗାଇ ଦିଆଯାଉଥିବା ଚାଉଳର ଯାଞ୍ଚ ହେବା ଜରୁରୀ। ଏଥିରେ ସମ୍ପୃକ୍ତ ପରିହବନ ଏଜେଣ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସିଏଜି ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

## ସିଆର୍‌ପିଏଫ୍ କ୍ୟାମ୍ପରେ ଗଣ୍ଡଗୋଳ: ଜଣେ ମୃତ

**ମାଲକାନଗିରି,୨୬।୧୨ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ତେଲଙ୍ଗାନା ରାଜ୍ୟ ମୁଲୁଗୁ ଜିଲା ଭେଙ୍କେଟପୁରମ୍ ପୋଲିସ ଷ୍ଟେଶନ ଅନ୍ତର୍ଗତ ସିଆରପିଏଫ୍ କ୍ୟାମ୍ପରେ ରବିବାର ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଫଳରେ ଜଣେ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଏସ୍‌ଆଇ ରମେଶ ଚନ୍ଦ୍ର। କ୍ୟାମ୍ପ ମ୍ୟାନେଜର ଗୁରୁତର ହୋଇଛନ୍ତି। କ୍ୟାମ୍ପର ମ୍ୟାନେଜର ଏବଂ ଏସ୍‌ଆଇ ରମେଶଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇ ଗଣ୍ଡଗୋଳ ସ୍ଥିତି ଉପୁଜିଥିଲା। ଉଭୟେ ପରସ୍ପରକୁ ଆକ୍ରମଣ କରିଥିଲେ। ଏଥିରେ ଏସ୍‌ଆଇ ରମେଶଙ୍କ ମୃତ୍ୟୁ ହୋଇଥିଲା। ମ୍ୟାନେଜର ଗୁରୁତର ହୋଇଥିଲେ। ତେବେ ଗଣ୍ଡଗୋଳର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ।

# ସଲମାନଙ୍କୁ ସାପ କାମୁଡ଼ିଲା

**ମୁମ୍ବାଇ, ୨୬।୧୨**

ଜନ୍ମଦିନର ଗୋଟିଏ ଦିନ ପୂର୍ବରୁ ବଲିଉଡ୍ ଦବଙ୍ଗ ସଲମାନ ଖାନ୍‌ଙ୍କୁ ତାଙ୍କ ଫାର୍ମ ହାଉସ୍‌ରେ ଏକ ସାପ କାମୁଡ଼ିଛି। ଡିସେମ୍ବର ୨୭ରେ ଜନ୍ମଦିନ ଥିବାରୁ ସଲମାନ ତାଙ୍କ ବନ୍ଧୁ ଏବଂ ପରିବାର ସଦସ୍ୟଙ୍କ ସହ ନଭି ମୁମ୍ବାଇ ନିକଟ ପନୱେଲ ଫାର୍ମହାଉସ୍‌ରେ ପହଞ୍ଚିଥିଲେ। ରବିବାର ଭୋର୍ ସମୟରେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୬ ଘଣ୍ଟାର ଚିକିତ୍ସା ପରେ ସଲମାନ ଡାକ୍ତରଖାନରୁ ଫାର୍ମ ହାଉସ୍‌କୁ ଫେରିଛନ୍ତି। ହସ୍ପିଟାଲର ଜଣେ ଡାକ୍ତରଙ୍କ ସହ ସଲମାନଙ୍କ ଏକ ଫଟୋ ମଧ୍ୟ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି।



ସଲମାନ ସମ୍ପୂର୍ଣ୍ଣ ସୁସ୍ଥ ଥିବା ତାଙ୍କ ବାପା ସଲିମ୍ ଖାନ କହିଛନ୍ତି। କାମୁଡ଼ି ଥିବା ସାପ ବିଷାକ୍ତ ନ ଥିଲା। ଫାର୍ମହାଉସ୍ ଚାରିପଟେ ଜଙ୍ଗଲ ଥିବାରୁ କୌଣସି ଏକ ସାପ ସେଠାକୁ ପଶି ଆସିଥିବା ସଲିମ୍ ପ୍ରକାଶ କରିଛନ୍ତି। ସାଙ୍ଗମାନଙ୍କ ସହ କଥା ହେଉଥିବାବେଳେ ସାପଟି ତାଙ୍କୁ କାମୁଡ଼ି ଦେଇଥିବା ଜଣାପଡ଼ିଛି। ଅଭିନେତ୍ରୀ ତଥା ରାଜସ୍ଥାନ ପର୍ଯ୍ୟଟନ ମନ୍ତ୍ରୀ ବିନା କାକ୍ ସୋସିଆଲ ମିଡିଆରେ ସଲମାନଙ୍କ ଫଟୋ ପୋଷ୍ଟ କରି ସେ ସୁସ୍ଥ ଥିବା କହିଛନ୍ତି। ସୋମବାର ସଲମାନ ତାଙ୍କ ୫୬ତମ ଜନ୍ମଦିନ ପାଳନ କରିବେ। ଏଥିପାଇଁ ତାଙ୍କ ଫାର୍ମ ହାଉସ୍‌ରେ ବ୍ୟାପକ ପ୍ରସ୍ତୁତି ହୋଇଥିବା ଦେଖିବାକୁ ମିଳିଛି। ତେବେ ଏହି ଦୁର୍ଘଟଣା ପରେ କୌଣସି ପାର୍ଟି ଆୟୋଜନ ନେଇ ଅନିଶ୍ଚିତତା ରହିଛି।

**ଆଜିର ସମ୍ପାଦକୀୟ**

**ସୁବିଧାରେ ନୀରବ**

**ଆଜିର ମନ୍ତବ୍ୟ**

"ନରେନ୍ଦ୍ର ମୋଦି ସରକାରଙ୍କ ଅଧୀନରେ ଦେଶରେ ଏକ ନୂଆ ରାଜନୈତିକ ସଂସ୍କୃତି ସୃଷ୍ଟି ହୋଇଛି, ଯାହା ବିନା ଭେଦଭାବ ଏବଂ ସମାନତା ଉପରେ ଆଧାରିତ।"

-ଜିତେନ୍ଦ୍ର ସିଂ, କେନ୍ଦ୍ରମନ୍ତ୍ରୀ






# ଟ୍ରେନ ଧକ୍କାରେ ୨ ହାତୀଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୨୬।୧୨(ଡି.ଏନ୍.ଏ)**

ଖୋର୍ଦ୍ଧା ରେଲୱେ ଡିଭିଜନ ଅନ୍ତର୍ଗତ ଭୂଷଣ୍ଡପୁର ରେଲଷ୍ଟେଶନ୍ ଦକ୍ଷିଣ ପାର୍ଶ୍ୱ କନ୍ତଲବାଇ ଲେଭଲ କ୍ରସିଂଠାରେ ଶନିବାର ସନ୍ଧ୍ୟାରେ ରେଲଧାରଣା ପାରି ହେବାବେଳେ ୨ଟି ହାତୀ ଏକ ମାଲବାହୀ ଟ୍ରେନ୍ ଧକ୍କାରେ ଗୁରୁତର ଆହତ ହୋଇଥିଲେ। ରବିବାର ଏହି ହାତୀ ଦୁଇଟିଙ୍କର ମୃତ୍ୟୁ ଘଟିଛି। ପାଖ ବିଲରୁ ଦନ୍ତାହାତୀ(୮) ଓ କନ୍ତଲବାଇ ମୁଣ୍ଡିଆ ତଳୁ ମାଈ ହାତୀ (୧୪)ର ମୃତଦେହ ମିଳିଛି। ଟାଙ୍ଗୀ ବନ ବିଭାଗ ପକ୍ଷରୁ ମୃତ ହାତୀ ଦୁଇଟିକୁ ବ୍ୟବଚ୍ଛେଦ କରାଯିବା ପରେ ପୋତିଦିଆଯାଇଛି। ଅନ୍ୟପକ୍ଷରେ ଏହି ଘଟଣା ପରେ ପୁଣି ରାଜ୍ୟରେ ହାତୀ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରୀ ତଥ୍ୟ ମୁତାବକ, ଟାଙ୍ଗୀ ବନାଞ୍ଚଳରେ ଗତ ୧ ବର୍ଷରେ ୩ ହାତୀଙ୍କ ଜୀବନ ଯାଇଛି। ସେହିପରି ରାଜ୍ୟରେ ଗତ ୫ ବର୍ଷରେ ମୋଟ ୪୦୬ ହାତୀଙ୍କ ମୃତ୍ୟୁ ଘଟିଛି। ଏଥିମଧ୍ୟରୁ କେବଳ ଟ୍ରେନ୍ ଧକ୍କାରେ

## ପ୍ରହସନ ପାଲଟିଛି ହାତୀ ସୁରକ୍ଷା



- **ରେଳ ଓ ବନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ**
- **ରାଜ୍ୟରେ ୫ ବର୍ଷରେ ଗଲାଣି ୪୦୬ ହାତୀଙ୍କ ଜୀବନ**

୧୪ ଓ ସଡ଼କ ଦୁର୍ଘଟଣାରେ ୪ ହାତୀଙ୍କ ଜୀବନ ଯାଇଥିଲା। ଫଳରେ ରାଜ୍ୟରେ ହାତୀ ସୁରକ୍ଷା ଏକପ୍ରକାର ପ୍ରହସନ ପାଲଟିଛି। ରେଳ ବିଭାଗ ଓ ବନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବକୁ ଏଥିପାଇଁ ସାଧାରଣରେ ଦାୟୀ କରାଯାଉଛି।

ସୂଚନା ଅନୁଯାୟୀ, ଟାଙ୍ଗୀ ବନାଞ୍ଚଳ ଅଧୀନ ଡମଣଭୂଇଁ, ଗୟାବନ୍ଧ, ରାମେଶ୍ୱର, ଭୂଷଣ୍ଡପୁର ପ୍ରଭୃତି ଅଞ୍ଚଳରେ ହାତୀଙ୍କ ଚଳପ୍ରଚଳ ସାଧାରଣ କଥା। ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ କନ୍ତଲବାଇ ଲେଭଲ କ୍ରସିଂ



ନିକଟରେ ଏକ ୧୯ ଟିକିଆ ହାତୀ ପଲ ରେଳ ଧାରଣା ଅତିକ୍ରମ କରୁଥିଲେ। ଏହି ସମୟରେ ଏକ ମାଲବାହୀ ଟ୍ରେନ୍ ☞ପୃଷ୍ଠା-୨

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ଉପକୂଳରେ ବାଂଲାଦେଶୀ ବୋଟ୍

## ୨୦ ମତ୍ସ୍ୟଜୀବୀ ଅଟକ

**ପାରାଦୀପ,୨୬।୧୨(ସ୍ୱ.ପ୍ର.)**

ପାରାଦୀପ-ଅସ୍ତରଙ୍ଗ ସମୁଦ୍ର ସୀମା ମଧ୍ୟରେ ବୁଲୁଥିବା ଏକ ଅଣ ପଞ୍ଜୀକୃତ ବାଂଲାଦେଶୀ ବୋଟ୍‌କୁ ରବିବାର ସ୍ଥାନୀୟ ମତ୍ସ୍ୟଜୀବୀ ଠାବକରି ମେରାଇନ ପୋଲିସ ଜିମା ଦେଇଛନ୍ତି। ଉକ୍ତ ବୋଟ୍‌ରେ ଥିବା ୨୦ଜଣ ମତ୍ସ୍ୟଜୀବୀଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରିଛି। ମତ୍ସ୍ୟବିଭାଗ ପକ୍ଷରୁ ଏସମ୍ପର୍କରେ ଯାଞ୍ଚ ସରିଥିବାବେଳେ ସୋମବାର କୋଷ୍ଟଗାର୍ଡ ପକ୍ଷରୁ ଯାଞ୍ଚ କରାଯିବ ବୋଲି ସୂଚନା ମିଳିଛି। ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ରଙ୍କ କହିବାନୁଯାୟୀ, ଉକ୍ତ ବାଂଲାଦେଶ ବୋଟ୍ ଗତ ୭ ତାରିଖରେ ମାଛ ଧରିବା ପାଇଁ ସମୁଦ୍ରକୁ ବାହାରିଥିଲା। ୧୦ ତାରିଖରେ ବୋଟର ଇଞ୍ଜିନ ଖରାପ ହୋଇଯାଇଥିଲା। ସେବେଠାରୁ ସେମାନେ ସମୁଦ୍ରରେ ଭାସୁଥିବାବେଳେ ଏବେ ଓଡ଼ିଶା ଉପକୂଳ ସୀମାରେ ପହଞ୍ଚିଛନ୍ତି। ପାରାଦୀପ ଅସ୍ତରଙ୍ଗ ମଝିରେ ଷଣ୍ଡକୁଦର ୨ଟି ଯନ୍ତ୍ରଚାଳିତ ବୋଟ୍ ସେମାନଙ୍କୁ ଟାଣି ପାରାଦୀପ ମାଛଧରା ବନ୍ଦର ଭିତରେ ପୂରାଇ ଆମକୁ ସୂଚନା ଦେଇଥିଲା। ଏହାପରେ ମେରାଇନ ପୋଲିସକୁ ଅବଗତ କରାଯାଇଥିଲା। ଗତ ନଭେମ୍ବର ୧ରୁ କଇଁଛଙ୍କ ଆଗମନ ପାଇଁ ସାମୁଦ୍ରିକ କଟକଣା ଲାଗୁ କରାଯାଇଛି। ଏହି ସମୟରେ ବନ ବିଭାଗ, ମତ୍ସ୍ୟ ବିଭାଗ, କୋଷ୍ଟଗାର୍ଡ, ମେରାଇନ ପୋଲିସ ଏବଂ ନୌସେନା ପକ୍ଷରୁ ସମୁଦ୍ର ଉପକୂଳରେ ଅନବରତ ପାଟ୍ରୋଲିଂ କରାଯାଉଛି। ଏହାସତ୍ତ୍ୱେ ୨୦ ଦିନ ଧରି ଏକ ଅଣପଞ୍ଜୀକୃତ ବିଦେଶୀ ବୋଟ୍‌କୁ କେହି ଦେଖି ନ ପାରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଏଏସପି ନିମାଇଁ ସେଠୀ କହିଛନ୍ତି, ଘଟଣା ସମ୍ପର୍କରେ ଯାଞ୍ଚ ଚାଲିଛି। ବୈଦେଶିକ ନିୟମାନୁସାରେ ସମସ୍ତ ଦିଗ ଉପରେ ତର୍ଜମା କରାଯାଉଛି।


ଅଟକ ଥିବା ବାଂଲାଦେଶୀ ମତ୍ସ୍ୟଜୀବୀ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଡ଼ଘର ଝୁଅ କିଛି ଖାଏ ନାହିଁ**
**ବୋହୂଟି ଯେ ଚାନ୍ଦମୁଖୀ**
**ତିନିଓଳି ତିନି କଂସା ପଖାଳରେ**
**ମୁହଁଟି ଯାଇଛି ଶୁଖି।**

ଖାଇବା ପିଇବାରେ ହେଳା ନାହିଁ ଉପରକୁ କିନ୍ତୁ କିଛି ରୁଚୁ ନ ଥିବାର ମିଛ ଅଭିନୟ। ଦିନକୁ ତିନି ଓଳି ପେଟ ପୂରେଇ ଖାଉଥିବା ନାରୀ ଅନ୍ୟ ଆଗରେ ନ ଖାଇଥିବା ଭଳି ଅଭିନୟ କରି ମୁହଁ ଶୁଖାଇ ବସି ରହିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବେପାର ଭିତରେ କାଳି,**
**କହିଲେ ଯେବେ ଦିଏ;**
**ଟାପରା ଭିତରେ ଶାଳୀ,**
**କହିଲେ ଯେବେ ସହେ;**
**ସକାଳ ଗାଧୁଆ ପଖାଳ ଖିଆ ,**
**ଦିହରେ ଯେବେ ଯାଏ।**

ବାକିରେ ସଉଦାପତ୍ର ଦେବାରେ ଯଦି ଦୋକାନୀର ଆପତ୍ତି ଅଭିଯୋଗ ନ ଥାଏ, ତେବେ ଏହାଠାରୁ ବଳି ସୁଖର କଥା ଆଉ କିଛି ନ ଥାଏ। ଥଟ୍ଟା ତାମସାକୁ ଶାଳୀ ଯଦି ହସି ହସି ଗ୍ରହଣ କରିନିଏ ତେବେ ଭିଣୋଇ ପାଇଁ ଏହା ଅତି ଖୁସି ଓ ଆନନ୍ଦର ବିଷୟ ହୋଇଯାଏ। ସେହିପରି ଦେହ ଖରାପ ହେଉ ନ ଥିଲେ ବଡି ସକାଳୁ ଗାଧୋଇବା ଓ ପଖାଳ ଖାଇବାରେ କିଛି ଅସୁବିଧା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ମହାନଦୀରେ ଅଣ୍ଟିଆ କୁମ୍ଭୀର

ବାଙ୍କୀ, ୨୬।୧୨(ସ୍ୱ.ପ୍ର)- କଟକ ଜିଲା ବାଙ୍କୀ ବ୍ଲକ ନିକଟ ମୁଣ୍ଡଳିସ୍ଥିତ ମହାନଦୀରେ ରବିବାର ଏକ ଅଣ୍ଟିଆ କୁମ୍ଭୀର ଠାବ କରାଯାଇଛି। ଏହି କୁମ୍ଭୀରକୁ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଛନ୍ତି। ଗତ ୨ ଦିନ ତଳେ ଡମପଡା ବ୍ଲକର ଭଗିପୁର ନିକଟସ୍ଥ ମହାନଦୀରେ କୁମ୍ଭୀର ବୁଲୁଥିବା ଦେଖାଯାଇଥିଲା। ମାତ୍ର ସେଠକୁ ବନ ବିଭାଗ କର୍ମଚାରୀ ଆସି ନ ଥିଲେ। ଚଳିତମାସ ୨ ତାରିଖରେ ନନ୍ଦନକାନନରୁ ୪ଟି କୁମ୍ଭୀର ସାତକୋଶିଆରେ ଛଡ଼ାଯାଇଥିଲା। ତା'ମଧ୍ୟରୁ ଗୋଟିଏ କୁମ୍ଭୀର ଖସି ଆସିଥିବା ସନ୍ଦେହ କରାଯାଉଛି।

# ଭାରସାମ୍ୟ ହରାଇ ଓଲଟିଲା ବସ୍:୧୦ ଆହତ

କୁଜଙ୍ଗ,୨୬।୧୨(ଡି.ଏନ୍.ଏ.)ପାରାଦୀପରୁ କଟକ ଅଭିମୁଖେ ଯାଉଥିବା ସାଗର ନାମକ ଘରୋଇ ବସ୍(ଓଡି ୦୫ଏଆର୪୫୨୫) ରବିବାର ସକାଳେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ପନ୍ଦର ନମ୍ବର ଗଡ଼ା ନିକଟ ରାଜ୍ୟ ରାଜପଥରେ ଭାରସାମ୍ୟ ହରାଇ ବାମପଟକୁ ଓଲଟି ପଡ଼ିଛି। ଏଥିରେ ବସ୍ ହେଲ୍‌ପର ଗୁରୁତର ହୋଇଥିବାବେଳେ ୧୦ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତରଙ୍କ ନାମ ଜଣାପଡ଼ିନାହିଁ। ତାଙ୍କୁ କଟକ ବଡ଼ଡାକ୍ତରଖାନା ପଠାଯାଇଛି। ଅନ୍ୟମାନେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ବସ୍‌ରେ ୨୫ ଜଣ ଯାତ୍ରୀ ଥିଲେ। ପନ୍ଦର ନମ୍ବର ଗଡ଼ା ନିକଟରେ ବସ୍‌ଟି ଏକ ଗଛରେ ମାଡ଼ ହୋଇ ରାସ୍ତା ପାର୍ଶ୍ୱକୁ ଓଲଟି ଯାଇଥିଲା। ଏନେଇ ଟ୍ରାଫିକ୍ ଜାମ ହେବାରୁ ପୋଲିସ ପହଞ୍ଚି ଯାତାୟାତ ସ୍ୱାଭାବିକ କରିଥିଲା। ଏନେଇ କୌଣସି ଅଭିଯୋଗ ହୋଇନାହିଁ ବୋଲି କୁଜଙ୍ଗ ଥାନା ଏସ୍‌ଆଇ ମାନସ ସାସମଲ କହିଛନ୍ତି।


# classifieds Everyday 0674-2580101, 2549302

real estate

**SALE**

CRPରୁ ୧୪କି.ମି. କାଟେଣୀରେ ଘରବାଡ଼ି ପ୍ଲଟ୍ 2400 ବର୍ଗଫୁଟକୁ 15,60,000/- ସୁନ୍ଦରପଦାରେ 9,60,000/- (18 plot available). 9938016295. D-71760

**Gharabari developed plot internal 30' road, Derasdam 1K.M. side of Vikash Residential School, 800/-sqft. with registration, Mutation 5feet boundary. Contact: 7008105759.** D-71758

ଘରବାଡ଼ି ପ୍ଲଟ୍ **30'road** ସହିତ **Sum Hospital**ରୁ **4k.m.** ଘଙ୍ଗାପାଟଣାରେ ମିଳୁଛି। **Owner- 9090963952.** D-71746

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ 1200sqft. 3,00,000/-, ନଖରା ତ୍ରିନାଥବଜାର sqft.-200 (Outright). 9348232008. D-22629

ଭୁବନେଶ୍ୱର ଟଙ୍କପାଣି ରୋଡ୍ ସାଇ ମନ୍ଦିରରୁ **2.5K.M.** ରଙ୍ଗବଜାର **BJEM-2** କୁ ଲାଗି **East Facing 1500sqft. 4BHK duplex built up area-2285 (Bank finance available) booking open- 9337088399.** D-71761

ଭୁବନେଶ୍ୱର ପୁରୀ ବାଇପାସ୍‌ରେ ବାଙ୍କୁଆଳ ମୌଜାରେ ଘରବାରି ପ୍ଲଟ୍ ମିଳୁଅଛି । ଯୋଗାଯୋଗ ଫୋନ୍- **9827339640.** D-22646

ଭୁବନେଶ୍ୱର ଚନ୍ଦକାରେ **Nalanda/BCCST College** ପାଖରେ **road, electricity, water, boundary** ଥାଇ ବାସୋପଯୋଗୀ **plot** ପୋଜେସନ ଥାଇ ମିଳୁଛି। **9348870771, 9090543542.** D-71742

ଧଉଳି ଛକ ପାଖରେ ଘରବାରି boundary 40ft. ପିଚୁରୋଡ୍ ଥାଇ plot ବିକ୍ରିହେବ। 7008833643. D-71762

**Gharabari plots available with boundarywall, 30' road, Electricity at Gudiapokhari near Sai Mandir. 9438463129, 7205988009.** D-71750

**Duplex house (11years old) for sale Jagamara, Bhubaneswar, Built-up area 2500sqft., land area 2100sqft., Price 1.30 crores, only serious buyers are requested to contact: 8328812205.** D-71759

**Gharabari plot for sale at Bhubaneswar, Pahala or front of East Engineering College Nakhara, 100mtrs from NH. Contact: 7205337726, 9437922726.** D-22664

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

construction

**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757

to-let

**House on rent purpose for Office, Clinic, Educational institute, Godam, Shops available at Cooperative Colony, Berhampur. Mobile No.- 9348121441, 9439288171.** D-22666

healthcare

Refreshing your mind, body with tha best therapy at Lotus SPA. 8018891951. D-71832

One hour any therapy by expert therapist @800 only. 9078484455. D-71458

Ayurvedic full body massage, refresh your mind relaxed by expert lady therapist. Contact: 8480939300. D-22667

Full body massage in homely atmosphere all therapy. Contact: 8114881641. D-60893

Newly Open Saikrupa Panchakarma Spa positively health benefits with Expert. 8984068077. D-22620

**LOST**

Original Registered Sale Deed No. 11131012886, dated 25.10.2010, Khata No. 667, Plot No. 2399, Area- A0.061 dec., Mouza- Daruthenga, P.S- Chandaka, Dist.- Khurda has been lost. FIR has been lodged in Infocity Police Station, Bhubaneswar, Vide GD No. 13, dated- 24.12.2021. If found kindly contact: 9437087116. D-22668

**AFFIDAVIT**

By virtue of an affidavit before the Office of Notary Public, Regd No.- 7791/2009 actually my name is Prafulla Kumar Nayak Aadhaar No.- 691247215571. But wrongly mentioned as Prafulla Nayak in my son's Passport No.- U3719875. But Prafulla Kumar Nayak and Prafulla Nayak is one and same person for all purpose. D-22654


# ହାତୀ ଆକ୍ରମଣରେ ୨ମୃତ

**ଲେଫ୍ରିପଡ଼ା/ବଣାଇ, ୨୬।୧୨ (ଡି.ଏନ୍.ଏ./ସ୍ୱ.ପ୍ର.)**

ସୁନ୍ଦରଗଡ଼ ଜିଲାରେ ଶନିବାର ବିଳମ୍ବିତ ରାତିରେ ପୃଥକ୍ ପୃଥକ୍ ସ୍ଥାନରେ ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସୁନ୍ଦରଗଡ଼ ବନଖଣ୍ଡ ଲେଫ୍ରିପଡା ରେଞ୍ଜ ଅନ୍ତର୍ଗତ ଦଲକି ଗ୍ରାମର ସୁରଜ ବାର୍ଲା(୪୫)। ଅନ୍ୟ ଜଣେ ହେଲେ ବଣାଇଁ ବନଖଣ୍ଡ ସରସରା ସେକ୍‌ସନ ଅନ୍ତର୍ଗତ ସାନଦଲକି ଗ୍ରାମର ସମ୍ବାରି ଜାରିକା (୩୫)। ରିବାରର ସମସ୍ତେ ଶୋଇଥିବାବେଳେ ଏକ ଦନ୍ତା ହାତୀ ଆସି ସୁରଜଙ୍କ ଘର ଭାଙ୍ଗିଥିଲା। ଶବ୍ଦ ଶୁଣି ସୁରଜଙ୍କ ଚାରି ପିଲା ଏବଂ ସ୍ତ୍ରୀ ଦୌଡି ପଳାଇବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୁରଜଙ୍କ ଉପରେ କାନ୍ଥ ପଡ଼ିବାରୁ ଯାଇପାରି ନ ଥିଲେ। ହାତୀଟି ଆସି ତାଙ୍କୁ ଦଳିଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ଘଟଣାସ୍ଥଳରେ ଲେଫ୍ରିପଡ଼ା ରେଞ୍ଜର ସୁଶାନ୍ତ କୁମାର ପ୍ରଧାନ, ଫରେଷ୍ଟର ଅଶ୍ୱିନୀ କୁମାର ପଟେଲ ଏବଂ ଲେଫ୍ରିପଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛନ୍ତି । ଅନ୍ୟ ଏକ ଦନ୍ତାହାତୀ ସାନଦଲକି ଗ୍ରାମରେ ଉପଦ୍ରବ କରି ସମ୍ବାରିଙ୍କ ଘର ଭାଙ୍ଗିଥିଲା। ଭିତରେ ଥିବା ମା' ଝିଅ ଜୀବନ ରକ୍ଷା ପାଇଁ ଦୌଡ଼ି ପଳାଇ ଯିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଦନ୍ତା ସମ୍ବାରିଙ୍କୁ ଟାଣି କଚାଡି ମାରିଥିବାବେଳେ ନାବାଳିକା ଝିଅ ରକ୍ଷା ପାଇଯାଇଛନ୍ତି। ସମ୍ବାରିଙ୍କ ସ୍ୱାମୀ ବାହାରେ ରହୁଥିବାରୁ ଘରେ ମା' ଝିଅ ରହୁଥିଲେ। ଖବରପାଇ ବନବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଚଳାଇଛନ୍ତି। ରବିବାର ଅପରାହ୍ନରେ ଟିକାୟତପାଲି ପୋଲିସ ପହଞ୍ଚି ଗ୍ରାମରେ ଦେଖାଦେଇଥିବା ଉତ୍ତେଜନାକୁ ଆୟତ୍ତ କରିବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ସମ୍ପୃକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ବୃଦ୍ଧି ପାଉଥିବାବେଳେ ବନବିଭାଗ ନିଷ୍କ୍ରିୟ ରହୁଥିବାରୁ ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ମାଞ୍ଜାସୂତାରେ ଯୁବକଙ୍କ ...

ସୂତାରେ ଗୁଡ଼ି ଉଡ଼ାଇଥିବା ଯୁବକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜୟନ୍ତଙ୍କ ପରିବାର ଲୋକେ ଏତଲାରେ ଦର୍ଶାଇଛନ୍ତି।

**ପଦକ୍ଷେପ ନେଉନି ପ୍ରଶାସନ, ଯାଉଛି ଜୀବନ**

କଟକରେ ପୂର୍ବରୁ ଏଭଳି ଘଟଣା ଘଟିଛି। ୨୦୧୭ରେ ମାଞ୍ଜା, ଚାଇନିଜ୍ ଓ ନାଇଲନ ସୂତାରେ ଗୁଡ଼ିଉଡ଼ା ଉପରେ ସରକାର କଟକଣା ଜାରି କରିଥିଲେ। କିନ୍ତୁ ଏହି କଟକଣା କାଗଜକଲମରେ ସୀମିତ ରହିଗଲା। କଟକଣା ଜାରି ହେବା ପରେ ମଧ୍ୟ ଗୁଡ଼ି ଉଡ଼ାଯିବା ସମୟରେ ମାଞ୍ଜାସୂତା ଲାଗି ରାଜାବଗିଚା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ହେଲେ ଏ ଦିଗରେ ପ୍ରଶାସନ ଦୃଢ଼ ପଦକ୍ଷେପ ନେଇ ନ ଥିଲା। ଏହାର ସୁଯୋଗ ନେଇ କଟକରେ ଯୁବକମାନେ ମାଞ୍ଜାସୂତାରେ ଗୁଡ଼ି ଉଡ଼ାଉଛନ୍ତି। ଏ ସମ୍ପର୍କରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

## ଟ୍ରେନ ଧକ୍କାରେ ...

ସେମାନଙ୍କୁ ଧକ୍କା ଦେଇଥିଲା। କେତୋଟି ହାତୀ ଆହତ ହୋଇଥିବା ବେଳେ ଦୁଇଟି ହାତୀ ଗୁରୁତର ହୋଇଥିଲେ। ଏ ନେଇ ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ ମଧ୍ୟ ପ୍ରଥମେ ବିଭାଗୀୟ କର୍ମଚାରୀ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ରବିବାର ସକାଳେ ଗୁରୁତର ଆହତ ହୋଇଥିବା ହାତୀ ଦୁଇଟିଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ବନ ବିଭାଗର ଏକ ଟିମ୍ ପହଞ୍ଚିଥିଲା। ତେବେ ଠିକ୍ ସମୟରେ ଆହତ ହାତୀଦ୍ୱୟଙ୍କ ଚିକିତ୍ସା କରାଯାଇଥିଲେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥାନ୍ତେ ବୋଲି ସ୍ଥାନୀୟ ଲୋକେ କହିବା ସହ ଅବହେଳା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଅବହେଳା ଅଭିଯୋଗକୁ ଟାଙ୍ଗୀ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଶନିବାର ଖବର ପାଇବା ପରେ ଏକ ଟିମ୍ ହାତୀଙ୍କ ଗତିବିଧି ଉପରେ ନଜର ରଖିଥିଲା। ରବିବାର ମୃତ ହାତୀ ଦ୍ୱୟକୁ ଉଦ୍ଧାର କରି ଭୂଷଣ୍ଡପୁର ଫରେଷ୍ଟ କାର୍ଯ୍ୟାଳୟକୁ ଅଣାଯାଇ ବ୍ୟବଚ୍ଛେଦ ପରେ ସେହି ନିକଟରେ ମୃତଦେହକୁ ପୋତାଯାଇଛି। ଏବେ ଉକ୍ତ ହାତୀପଲ କନ୍ତଲବାଇ ମୁଣ୍ଡିଆ ତଳେ ରହିଛନ୍ତି। ପଣ୍ଡା ଆହୁରି କହିଛନ୍ତି, ସବୁ ସମୟରେ ହାତୀଙ୍କ ଗତିବିଧି ଉପରେ ଦୃଷ୍ଟି ରଖିବାକୁ ୧୦ଟି ସ୍କ୍ୱାଡ୍ ନିୟୋଜିତ ହୋଇଛନ୍ତି। ଭୂଷଣ୍ଡପୁର ଅଞ୍ଚଳରେ ୩ଜଣ ଫରେଷ୍ଟର ଜଗି ରହୁଛନ୍ତି। ଅଞ୍ଚଳବାସୀଙ୍କୁ ସଚେତନ କରାଯାଉଛି। ପୂର୍ବତଟ ରେଳବିଭାଗ ସହ ମଧ୍ୟ ଯୋଗାଯୋଗ ରଖାଯାଉଛି। ସେହିପରି ପୂର୍ବତଟ ରେଳ ବିଭାଗର ମୁଖ୍ୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଶ୍ୱଜିତ ସାହୁ କହିଛନ୍ତି, ବନ ବିଭାଗ ସହ ରେଳ ବିଭାଗର ଉତ୍ତମ ବୁଝାମଣା ରହିଛି। ହାତୀପଲ ରେଳ ଧାରଣା ଅତିକ୍ରମ କରୁଥିବାବେଳେ ଅପରେଟିଂ କଣ୍ଟ୍ରୋଲ ରୁମ୍ ସେମାନଙ୍କ ଗତିବିଧି ଉପରେ ନଜର ରଖୁଛି। ଶନିବାର ଘଟଣା ସମ୍ପର୍କରେ ଲୋକୋ ପାଇଲଟଙ୍କଠାରୁ ଖବର ମିଳିଛି। ଆଗକୁ ଏଭଳି ଅଘଟଣ ନ ଘଟିବା ଉପରେ ଗୁରୁତ୍ୱ ଦିଆଯିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଗଜକେଶରୀ ଯୋଗ ପ୍ରଭାବରୁ ଆପଣଙ୍କୁ ସାମଗ୍ରିକ ସୁଖ, ସୁବିଧା ସାଙ୍ଗକୁ ଅର୍ଥ ଓ ସମ୍ମାନ ମିଳିବ। ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ ହେବ ଓ ଆଗାମୀ ସମୟ ପାଇଁ କେତେକ ମୂଲ୍ୟବାନ୍ ଉପଦେଶ ପାଇବେ । ପରିବାରରେ ଅଯଥା ବିରକ୍ତି ପ୍ରକାଶ କରନ୍ତୁ ନାହିଁ। ଅଫିସ୍‌ରେ ବନ୍ଧୁଙ୍କ ସାହାଯ୍ୟ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ବୃଷ**
କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ସାହାଯ୍ୟ ଓ ସହଯୋଗ ଆପଣଙ୍କ କାମକୁ ତ୍ୱରାନ୍ୱିତ କରିବ। ମନେ ମନେ ବିରକ୍ତି ପ୍ରକାଶ କଲେ ମଧ୍ୟ ବନ୍ଧୁଙ୍କ ସମ୍ମୁଖରେ ସତକଥା କହିପାରିବେ ନାହିଁ। ଅତୀତ ଘଟଣା ବିଷୟରେ ଅଯଥା ଚିନ୍ତାକରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ପରିବାରର କୌଣସି ବ୍ୟକ୍ତିଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ।

**ମିଥୁନ**
କର୍ମକ୍ଷେତ୍ରରେ ସମସ୍ୟା ବିଜଡ଼ିତ ରହିବା କାରଣରୁ ମନୋବଳ ହ୍ରାସ ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇପାରନ୍ତି। ମାନସିକ ଅସ୍ଥିରତା କାରଣରୁ ଅନ୍ୟମାନଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ନିଜର କର୍ତ୍ତବ୍ୟନିଷ୍ଠା ଫଳରେ ପରିବାରର ଲୋକମାନଙ୍କ ଠାରୁ ଆଦର,ଶ୍ରଦ୍ଧା ପାଇପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ଆଶାନୁରୂପ ଅର୍ଥ,ସମ୍ମାନ,ସହଯୋଗ ନ ପାଇ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ସ୍ତରରେ ପକ୍ଷପାତିତାକୁ ନେଇ ମାନସିକ ସ୍ତରରେ କଷ୍ଟ ପାଇବେ। ବନ୍ଧୁଙ୍କ ସହ ଯୁକ୍ତିତର୍କ କରି କଥାକୁ ବେଶି ଦୋହରାଇବା ଠିକ୍ ହେବନାହିଁ। ଅନ୍ୟ ଦ୍ୱାରା ପ୍ରେରିତହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ସିଂହ**
ଆପଣ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। କର୍ମକ୍ଷେତ୍ରର ପ୍ରତିଟି ପଦକ୍ଷେପରେ ସହମତି ଭିତ୍ତିରେ କାମ କଲେ ଉପକୃତ ହେବେ। ସଙ୍ଗଠନ, ରାଜନୀତି, ସଭାସମିତି, ପ୍ରଶାସନ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। କ୍ରୀଡ଼ା ଓ କଳା, ସଙ୍ଗୀତ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା**
ଅତି ନିଜର ମନେକରୁଥିବା ଲୋକମାନେ ହଠାତ୍ ସ୍ୱାର୍ଥବାଦୀ ହୋଇ ପଡ଼ିବା କାରଣରୁ କ୍ରୋଧିତ ହୋଇ ପାରନ୍ତି। ଯେଉଁ ଜିନିଷ ପାଇବାକୁ ଅପେକ୍ଷା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ। ପରିବାରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବେ। କର୍ମକ୍ଷେତ୍ରରେ ଦୃଢ଼ତାର ସହ ଅଟକି ରହିଥିବା କାମଟିକୁ ସମ୍ପୂର୍ଣ୍ଣ କରିପାରନ୍ତି।

**ତୁଳା**
ଆଜି ଆପଣଙ୍କୁ ଅନ୍ୟମାନଙ୍କ କଥା ଓ କାର୍ଯ୍ୟକଳାପ ଭଲ ଲାଗି ନ ପାରେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇନେବେ। ଆନୁଷ୍ଠାନିକ କ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହେବାକୁ ପଡ଼ିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ।

**ବିଛା**
ଆଜି ଦିନଟିରେ ମନ ଅନୁଯାୟୀ କାମଗୁଡ଼ିକ ହୋଇଯିବ,ବିଶେଷତଃ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ସାମାଜିକ ସ୍ତରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟା ସୁଧାରି ନେବେ।

**ଧନୁ**
ଆଜି ଏପରି ଏକ ଚମକପ୍ରଦ ସ୍ଥିତିରେ ପହଞ୍ଚିବେ ଯାହାକି ଆପଣଙ୍କୁ ବହୁ ପରିମାଣରେ ଆଶ୍ଚର୍ଯ୍ୟାନ୍ୱିତ କରିଦେବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବା କଷ୍ଟକର ହୋଇପଡ଼ିବ। ସଭାସମିତି କିମ୍ବା ବନ୍ଧୁମାନଙ୍କଠାରୁ ବସ୍ତ୍ରଭୂଷଣ ଲାଭ କରିପାରନ୍ତି।

**ମକର**
ପରିସ୍ଥିତିକୁ ଆଖିଆଗରେ ରଖି କାମ କରିବା ଭଲ। ଈର୍ଷାପରାୟଣ ବ୍ୟକ୍ତିମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି,ବିବାଦୀୟ ଘଟଣାରେ ବିଜୟୀ ଏବଂ ବାଣିଜ୍ୟ,ବ୍ୟବସାୟରେ ଲାଭବାନ୍ ହେବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କୁମ୍ଭ**
ଆଜି ଦିନଟିରେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ଲେଖାପଢ଼ା,ପ୍ରଶାସନ, ପରିବହନ, ନିର୍ମାଣ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। କର୍ମକ୍ଷେତ୍ରରେ ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେଇପାରନ୍ତି। ନିଜର ସ୍ୱାର୍ଥ ସାଧନ ପାଇଁ ସହକର୍ମୀ ଫାଇଦା ଉଠାଇବାକୁ ଚେଷ୍ଟାକରିବେ।

**ମୀନ**
କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି, ଅବଶ୍ୟ ବନ୍ଧୁମାନଙ୍କ ସାହାଯ୍ୟ ଦ୍ୱାରା ହିଁ ସମ୍ଭବ ହୋଇପାରେ। ଖଳଲୋକ ମାନଙ୍କ ଦ୍ୱାରା ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବା ଆଶଙ୍କାକୁ ଏଡ଼ିହେବ ନାହିଁ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ସୃଷ୍ଟି ହୋଇପାରେ। ଆବଶ୍ୟକ ଅର୍ଥ ଧାରସୂତ୍ରରେ ପାଇବାକୁ ଚେଷ୍ଟା କରିବେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୭,୯୯,୬୨,୨୪୩ | ୫୪,୧୫,୩୦୨ | ୨୫,୦୨,୨୭,୧୯୦ |
| ଭାରତ | ୩,୪୭,୮୬,୮୦୨ | ୪,୭୯,୬୮୨ | ୩,୪୨,୩୦,୩୫୪ |
| ଓଡ଼ିଶା | ୧୦,୫୩,୮୮୧ | ୮୪୫୨(+୫୩) | ୧୦,୪୩,୯୨୬ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




ବିଜେଡି ପ୍ରତିଷ୍ଠା ଦିବସରେ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ଉଦ୍‌ବୋଧନ ଦେଉଛନ୍ତି।



ରାଜ୍ୟ କାର୍ଯ୍ୟାଳୟରେ ରବିବାର ଆୟୋଜିତ ଦଳର ୨୫ତମ ପ୍ରତିଷ୍ଠା ଦିବସ ଅବସରରେ ଉପସ୍ଥିତ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଅନ୍ୟ ନେତୃବୃନ୍ଦ।

# ରାଜ୍ୟବାସୀଙ୍କ ପାଖରେ ଉତ୍ତରଦାୟୀ: ନବୀନ

## ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ

### ୫ ବର୍ଷରେ ୧୦ ପ୍ରତିଶତକୁ ଗରିବୀ ହ୍ରାସ କରିବାକୁ ଦେଲେ ଭରସା

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

ବିଜୁ ଜନତା ଦଳର ବସ୍ ହେଉଛନ୍ତି ଓଡ଼ିଶାବାସୀ। ଆମର ଦିଲ୍ଲୀରେ କେହି ବସ୍ ନାହାନ୍ତି। ଯାହା କରୁଛୁ ଓଡ଼ିଶାବାସୀଙ୍କ ପାଇଁ, ଓଡ଼ିଶାବାସୀଙ୍କ ଇଚ୍ଛାରେ, ଓଡ଼ିଶାର ହକ୍ ପାଇଁ। ଆମେ କେବଳ ଓଡ଼ିଶାବାସୀଙ୍କ ପାଖରେ ଉତ୍ତରଦାୟୀ। ରବିବାର ବିଜୁ ଜନତା ଦଳର ୨୫ତମ ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଏଭଳି ବାର୍ତ୍ତା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସାଢ଼େଚାରି କୋଟି ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ବିଜେଡି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। ୨୫ ବର୍ଷ ତଳେ ବିଜୁବାବୁଙ୍କ ଆଦର୍ଶରେ ଆରମ୍ଭ ହୋଇଥିବା ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ଆଶା ଓ ବିଶ୍ୱାସର ପ୍ରତୀକ ପାଲଟିଛି। ରାଜ୍ୟବାସୀଙ୍କ ଆଶୀର୍ବାଦରେ ଦିନକୁ ଦିନ ଆଗକୁ ବଢୁଛି ବିଜେଡି। ଏହି ସଫଳତା ପଛରେ ଏକ ସମୃଦ୍ଧ, ସଶକ୍ତ ଓଡ଼ିଶାର ସ୍ୱପ୍ନ ଦେଖିଥିବା ଓଡ଼ିଶାବାସୀ ଅଛନ୍ତି। ସେହିମାନଙ୍କୁ ସାଥିରେ ଧରି ବିଜେଡି ଶହ ଶହ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କର ସେବା କରି ଚାଲିବ। ବିଜେଡି ଦେଶର ଏକମାତ୍ର ଦଳ, ଯାହାର ଲୋକପ୍ରିୟତା ବର୍ଷକୁ ବର୍ଷ ବଢୁଛି। ଏଥିପାଇଁ ଦଳର ଲକ୍ଷ ଲକ୍ଷ କର୍ମୀ, ଭାଇ ଭଉଣୀଙ୍କ ପରିଶ୍ରମ ଓ ତ୍ୟାଗକୁ ନବୀନ ସମ୍ମାନ ଜଣାଇଛନ୍ତି। ସେ କହିଛନ୍ତି, କର୍ମୀମାନେ ହେଉଛନ୍ତି ଦଳର ମେରୁଦଣ୍ଡ। ୨୦୦୦ ମସିହା ଓ ଆଜିର ଓଡ଼ିଶା ମଧ୍ୟରେ ବହୁତ ବଡ଼ ପରିବର୍ତ୍ତନ ଘଟିଛି। ଗରିବୀ କମ୍ କରିବାରେ ସାରା ଦେଶରେ ଓଡ଼ିଶା ଆଗରେ ରହିଛି। ରାଜ୍ୟରେ ଗରିବୀ ୬୩ ପ୍ରତିଶତରୁ ୨୯ ପ୍ରତିଶତକୁ ଖସିଛି। ୮୦ ଲକ୍ଷ ଲୋକ ଗରିବ ସୀମାରେଖା ଉପରକୁ ଆସିଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ଗରିବୀକୁ ୧୦ ପ୍ରତିଶତକୁ ହ୍ରାସ କରି ଓଡ଼ିଶା ଇତିହାସ ସୃଷ୍ଟି କରିବ। ଏଥିପାଇଁ ଯାହା ଦରକାର ଆମ ସରକାର ସମସ୍ତ ପଦକ୍ଷେପ ନେବ ବୋଲି ନବୀନ କହିଛନ୍ତି। ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଅନ୍ତର୍ଜାତୀୟ ପରିଚୟ ପାଇଛି। ଜାତିସଂଘଠାରୁ ନୀତି ଆୟୋଗ ପର୍ଯ୍ୟନ୍ତ ସମସ୍ତେ ଓଡ଼ିଶାକୁ ପ୍ରଶଂସା କରିଛନ୍ତି। ବିପତ୍ତି ସମୟରେ ଲୋକଙ୍କ ଜୀବନ ବଞ୍ଚାଇବାକୁ ଓଡ଼ିଶା ସମସ୍ତଙ୍କୁ ବାଟ ଦେଖାଇଛି। ଦିନ ଥିଲା ଓଡ଼ିଶା ଖାଦ୍ୟ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଥିଲା, ଆଜି ସେ ପରିସ୍ଥିତି ନାହିଁ। ଦେଶକୁ ଖାଦ୍ୟ ଯୋଗାଇବାରେ ଓଡ଼ିଶା ୩ ନମ୍ବର ସ୍ଥାନରେ ଅଛି। ଏହାର ସବୁ ଶ୍ରେୟ ଚାଷୀ ଭାଇମାନଙ୍କର। ମହିଳା ସଶକ୍ତୀକରଣରେ ଓଡ଼ିଶା ଆଗରେ ରହିଛି। ମା'ମାନଙ୍କ ପାଇଁ ପଞ୍ଚାୟତ ନିର୍ବାଚନରେ ୫୦ ପ୍ରତିଶତ ସଂରକ୍ଷଣରେ ଓଡ଼ିଶା ଆଗରେ ରହିଥିବା ବେଳେ ପାର୍ଲାମେଣ୍ଟରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ସକାଶେ ବିଜେଡି ବାଟ ଦେଖାଇଛି। ଏହି ଲକ୍ଷ୍ୟ ପୂରଣ ହେବା ପର୍ଯ୍ୟନ୍ତ ମା'ମାନଙ୍କ ହକ୍ ପାଇଁ ଆନ୍ଦୋଳନ ଜାରି ରହିବ। ମିଶନ ଶକ୍ତି ଆଜି ଓଡ଼ିଶାର ପ୍ରତି ଘରର ମା'ମାନଙ୍କୁ ସଶକ୍ତ କରିଛି। ୭୦ ଲକ୍ଷ ମା'ଙ୍କ ବିରାଟ ଆନ୍ଦୋଳନ ବିକାଶ କ୍ଷେତ୍ରରେ ନୂଆ ଯୁଗ ଆରମ୍ଭ କରିଛି। ଏସ୍‌ସି, ଏସ୍‌ଟି ଏବଂ ଓବିସି ଭାଇ ଭଉଣୀଙ୍କ ବିକାଶ ବିଜେଡିର ପ୍ରାଥମିକତା। ଶିକ୍ଷା ତଥା ବିଭିନ୍ନ ବିକାଶ ଜରିଆରେ ସେମାନଙ୍କ ଜୀବନଧାରଣ ମାନରେ ଉନ୍ନତି ପାଇଁ ଅନେକ କାମ ଚାଲିଛି।

କରୋନା କାଳରେ ଓଡ଼ିଶାକୁ ୪ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ଆସିଛି। ସାରା ଦେଶରେ ଏହା ସର୍ବାଧିକ। ଆମ ଯୁବପିଢ଼ି ପାଇଁ ଏହା ରୋଜଗାରର ନୂଆ ସୁଯୋଗ ଆଣିଛି। କରୋନା ସମୟରେ ରାଜ୍ୟ ସରକାର ମାଗଣାରେ ଚିକିତ୍ସା ଯୋଗାଇଛନ୍ତି। ୧୭ ରାଜ୍ୟକୁ ଓଡ଼ିଶା ଅମ୍ଳଜାନ ଯୋଗାଇଛି। ସ୍ୱାସ୍ଥ୍ୟକ୍ଷେତ୍ରରେ ବିଏସ୍‌କେୱାଇ କାର୍ଡ ଦେଶରେ ବିପ୍ଳବ ଆଣିଛି। ୫-ଟି ସ୍କୁଲ ରୂପାନ୍ତରଣ ପିଲାମାନଙ୍କ ମଧ୍ୟରେ ନୂଆ ଆଶା ସୃଷ୍ଟି କରିଛି। ବଡ଼ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେଇଛି। ଶିକ୍ଷା, ସ୍ୱାସ୍ଥ୍ୟ ହେଉ କି ଖେଳ ସବୁକ୍ଷେତ୍ରରେ ଓଡ଼ିଶା ଏକ ନୂଆ ପରିଚୟ ନେଇ ଆଗକୁ ବଢ଼ିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ସାଢ଼େ ୮ ହଜାର ଡାକଘରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

ରାଜ୍ୟରେ ମହିଳା ସୁରକ୍ଷା ପ୍ରସଙ୍ଗ ଉପରେ ଭାଜପା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖାଯାଇଛି। ରାଜ୍ୟର ସମସ୍ତ ୮ ହଜାର ୫୬୭ ଡାକବାକ୍ସରୁ ସମାନ ଚିଠି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ଉକ୍ତ ଚିଠିରେ ମହିଳା ସୁରକ୍ଷା ନେଇ ଶାସକ ଦଳର ଦୋମୁହାଁ ଆଭିମୁଖ୍ୟ ସମ୍ପର୍କରେ ଅବଗତ ଲାଗି ଏହି ପତ୍ର ଲେଖାଯାଇଛି। ଏହା ଓଡ଼ିଆରେ ଲେଖାଯାଇଛି, ଯାହା ଆପଣଙ୍କ ସହଯୋଗୀଙ୍କ ନିକଟରୁ ବୁଝିପାରିବେ। ଅଞ୍ଜନା ମିଶ୍ର ଗଣବଳାତ୍କାରର ଶିକାର ହେବାପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ନୈତିକତାର ପାଠ ପଢାଇବା ସହ ସେତେବେଳେ ବିଜେଡି ତାଙ୍କ ଇସ୍ତଫା ଦାବି କରିଥିଲା। ସେତେବେଳେ ରାଜ୍ୟରେ ଆଇନ ଶୃଙ୍ଖଳା ଧ୍ୱସ୍ତବିଧ୍ୱସ୍ତ ହୋଇଯିବା ଓ ମହିଳା ଅସୁରକ୍ଷିତ ହେବା ନେଇ ଜାନକୀଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଥିଲା ଦଳ। ୨୦୦୦ ମସିହା ନିର୍ବାଚନରେ ଆପଣଙ୍କ ଦଳର ପ୍ରମୁଖ ସ୍ଲୋଗାନ ଥିଲା 'ଅଞ୍ଜନା ମିଶ୍ର ଗଣବଳାତ୍କାର ପାଇଁ ଦାୟୀ କିଏ-ଜାନକୀ ପଟ୍ଟନାୟକ ଆଉ କିଏ'। ଏବେ ଖୋଦ୍ ଅଞ୍ଜନା କହିଲେଣି ସେତେବେଳର ଶାସନ ଏବଂ ଏବର ସରକାର ମଧ୍ୟରେ କୌଣସି ଫରକ ନାହିଁ। ଅଞ୍ଜନା ମିଶ୍ରଙ୍କ ଘଟଣାରେ ଯେମିତି ଇନ୍ଦ୍ରଜିତ୍ ରାୟଙ୍କୁ ଦୋଷୀ କରାଯାଇଥିଲା ଠିକ୍ ସେହିପରି ବର୍ତ୍ତମାନ ମମିତା ମେହେର ହତ୍ୟା ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ରାଜ୍ୟବାସୀ ଦାୟୀ କରୁଛନ୍ତି। ନୀତି ନୈତିକତାର ଦ୍ୱାହି ଦେଇ ଆପଣ ଅନେକ ମନ୍ତ୍ରୀଙ୍କୁ ବାହାର କରିଥିଲେ। ହେଲେ ଏବେ ମମିତା ଘଟଣାରେ ସରକାରର ଦୋମୁହାଁ ନୀତି କାହିଁକି ବୋଲି ଭାଜପା ପ୍ରଶ୍ନ ଉଠାଇଛି। ରାଜ୍ୟରେ ଦୈନିକ ୪ଟି ବଳାତ୍କାର ଏବଂ ୬ଟି ଅପହରଣ ହେଉଥିବା ରାଜ୍ୟ ସରକାରଙ୍କ ତଥ୍ୟ କହୁଛି। ଗତ ୫ ବର୍ଷରେ ରାଜ୍ୟରେ ୨୭ ହଜାର ଶିଶୁ ନିଖୋଜ ଅଛନ୍ତି। ଏହି ଚିଠି ପାଇବା ପରେ ରାଜ୍ୟବାସୀଙ୍କୁ ଉତ୍ତର ଦେବାକୁ ଭାଜପା ଦାବି କରିଛି।

# ସର୍ବଧର୍ମର ସମାନତା, ଏକତାର ମନ୍ତ୍ର ଦେଲା କଂଗ୍ରେସ

## କଂଗ୍ରେସ ସେବାଦଳର ରାଜ୍ୟସ୍ତରୀୟ ସଦ୍‌ଭାବନା ସମାବେଶ

### ନିର୍ବାଚନ ପୂର୍ବରୁ ଶକ୍ତି ପ୍ରଦର୍ଶନ ଚର୍ଚ୍ଚା

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

ରାଜ୍ୟ କଂଗ୍ରେସ ସେବାଦଳର ୯୮ତମ ପ୍ରତିଷ୍ଠା ଦିବସ ଅବସରରେ ରବିବାର ରାଜ୍ୟସ୍ତରୀୟ ସଦ୍‌ଭାବନା ସମାବେଶ ଓ ରାଲି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ କଂଗ୍ରେସ ପ୍ରଭାରୀ ତଥା ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଏ. ଚେଲ୍ଲାକୁମାର ସବୁଜ ପତାକା ଦେଖାଇ ରାଲିକୁ ଉଦ୍‌ଘାଟନ କରିଥିଲେ। ଶତାଧିକ ସେବାଦଳ କର୍ମୀମାନେ କାନ୍ଧରେ ବାଉଁଶ ଲାଠି ଧରି କଂଗ୍ରେସ ଭବନଠାରୁ ବାହାରି, ୟୁନିଟ୍-୩ ଗୁରୁଦ୍ୱାର, ରାମମନ୍ଦିର, ସ୍କାଉଟ ଗାଇଡ୍ କାର୍ଯ୍ୟାଳୟ ଦେଇ ବୁଦ୍ଧମନ୍ଦିର, ରାଜଧାନୀ ମସ୍‌ଜିଦ୍ ଓ ୟୁନିୟନ ଚର୍ଚ୍ଚ ଦେଇ କଂଗ୍ରେସ ଭବନଠାରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ଘଣ୍ଟବାଦ୍ୟ, ସେବାଦଳ ବ୍ୟାଣ୍ଡ, ଲଉଡ଼ି ଖେଳ, ପାଇକ ଆଖଡ଼ା ସହ ଡଙ୍ଗରିଆ କନ୍ଧମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ରାଜ୍ୟ କଂଗ୍ରେସ ଭବନ ପରିସରରେ ସେବାଦଳ ଅଧ୍ୟକ୍ଷ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ଚେଲ୍ଲାକୁମାର କହିଲେ, ସବୁ ଧର୍ମାନୁଷ୍ଠାନରେ ପ୍ରାର୍ଥନା କରି କଂଗ୍ରେସ ସେବାଦଳ ପକ୍ଷରୁ ସର୍ବଧର୍ମର ସମାନତା ଓ ଏକତାର ମନ୍ତ୍ର ଦିଆଯାଇଛି। ସେବାଦଳର ଏକ ଗରିମାମୟ ଇତିହାସ ରହିଛି। ବର୍ତ୍ତମାନ ରାଜନୈତିକ ପରିପ୍ରେକ୍ଷୀରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ କହିଲେ, କଂସ ବନ୍ଦୀଶାଳାରେ କୃଷ୍ଣଙ୍କ ଜନ୍ମ ଭଳି ବ୍ରିଟିଶ ସରକାରଙ୍କ ନାଗପୁର ବନ୍ଦୀଶାଳାରେ ସେବାଦଳର ଜନ୍ମ। ଏଣୁ ଇନ୍ଦିରା ଗାନ୍ଧୀ ସବୁବେଳେ କହୁଥିଲେ, କଂଗ୍ରେସ ସେବାଦଳ କଂଗ୍ରେସ ସଂଗଠନର ମେରୁଦଣ୍ଡ। ଏଆଇସିସି ସମ୍ପାଦକ ଜି. ରୁଦ୍ରରାଜୁ କହିଲେ, ମହାତ୍ମା ଗାନ୍ଧୀଙ୍କ ଆଶୀର୍ବାଦରେ ସେବାଦଳ ସଂଗଠନ ପ୍ରତିଷ୍ଠା ହୋଇଥିଲା। ରାଷ୍ଟ୍ରୀୟ ଏକତା, ରାଷ୍ଟ୍ରୀୟ ସଦ୍‌ଭାବନା ସହ ଯୁବକ ଓ ଛାତ୍ରଙ୍କୁ ସେବା ପାଇଁ ଆବଶ୍ୟକ ପ୍ରଶିକ୍ଷଣକୁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଏଆଇସିସିର ଅନ୍ୟତମ ସମ୍ପାଦକ ଶରତ ରାଉତ କହିଲେ, ସମାଜରେ ଛାତ୍ର ଯୁବକମାନେ ହେଲେ ନୂତନତାର ବାର୍ତ୍ତାବହ। ସେମାନେ ଯେତେ ଶୃଙ୍ଖଳିତ ଓ ନୀତିନିଷ୍ଠ ହେବେ, ସମାଜ ସେତେ ଆଗେଇବ ବୋଲି କହିଥିଲେ।

ବିଧାୟକ ସୁରେଶ କୁମାର ରାଉତରାୟ, ସେବାଦଳର କେନ୍ଦ୍ରୀୟ ପଦାଧିକାରୀ ଚୈନସିଂ ସାୱେଲେ, ଅଜିତ କୁମାର ଓ ନାରାୟଣ କୁମାର ପ୍ରମୁଖ ସେବାଦଳ କର୍ମୀଙ୍କୁ ମାର୍ଗଦର୍ଶନ ଦେବା ସହ ୨୦୨୨ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଦଳକୁ ଜିତାଇବାକୁ ଆହ୍ୱାନ ଦେଇଥିଲେ। କଂଗ୍ରେସ ନେତା ତଥା ପିସିସି ମିଡିଆ ସେଲ ଅଧ୍ୟକ୍ଷ ଗଣେଶ୍ୱର ବେହେରା, ମନୋରଞ୍ଜନ ଦାସ, ଅନନ୍ତ ପ୍ରସାଦ ସେଠୀ, ଚିନ୍ମୟ ପ୍ରସାଦ ବେହୁରା, ପୃଥୀବଲ୍ଲଭ ପଟ୍ଟନାୟକ, ଶିବାନନ୍ଦ ରାୟ, ଚିନ୍ମୟ ଦାସ, ଛାତ୍ର କଂଗ୍ରେସ ସଭାପତି ୱାସିର ନଳ, ସସ୍ମିତା ବେହେରା, ବିଶ୍ୱଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମାବେଶ ନିର୍ବାଚନ ପୂର୍ବରୁ କଂଗ୍ରେସର ଶକ୍ତି ପ୍ରଦର୍ଶନ ବୋଲି ଚର୍ଚ୍ଚା ଚାଲିଛି।




କଂଗ୍ରେସ ସେବାଦଳ ପକ୍ଷରୁ ରବିବାର ଅନୁଷ୍ଠିତ ସଦ୍‌ଭାବନା ଶୋଭାଯାତ୍ରା।

# ୪୦% ପ୍ରାର୍ଥୀ କରିବ କହି ଭୁଆଁ ବୁଲାଉଛି ବିଜେଡି: ଭାଜପା



ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ସମୀର ମହାନ୍ତି ଓ ଅନ୍ୟ ନେତୃବୃନ୍ଦ।

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନରେ ଓବିସିଙ୍କୁ ବିଜେଡିର ୪୦ ପ୍ରତିଶତ ସଂରକ୍ଷଣ ଘୋଷଣାକୁ ନେଇ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଶାସକ ଦଳକୁ ଟାର୍ଗେଟ୍ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ରାଜ୍ୟ ସରକାର ପଛୁଆ ବର୍ଗଙ୍କୁ ସଂରକ୍ଷଣ ଦେବୁ କହି ଓବିସି ବର୍ଗଙ୍କୁ କଟା ଘା'ରେ ଚୂନ ଲଗାଉଛନ୍ତି। ଏମିତି କରି ରାଜ୍ୟ ସରକାର ଓବିସି ବର୍ଗଙ୍କୁ ଅବହେଳା କରିଛନ୍ତି। ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ରାଜ୍ୟର ଅନ୍ୟାନ୍ୟ ପଛୁଆ ବର୍ଗରୁ ପ୍ରଥମେ ୨୭% ଏବଂ ପରେ ୪୦% ପ୍ରାର୍ଥୀ କରିବା କଥା କହି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛି। ରାଜ୍ୟରେ ଅବହେଳିତ ଓବିସି ବର୍ଗର ସବୁ ଲୋକଙ୍କୁ ଅଗ୍ରାଧିକାର ତଥା ସାମ୍ବିଧାନିକ ଅଧିକାର ପ୍ରଦାନ କରାଯାଉ। ଓବିସି ବର୍ଗର ଛାତ୍ରୀଛାତ୍ରଙ୍କୁ ପାଠପଢ଼ାରେ, ଯୁବବର୍ଗଙ୍କୁ ଚାକିରିରେ ଓ ରାଜନେତାଙ୍କୁ ନିର୍ବାଚନ ଲଢ଼ିବାର ସୁଯୋଗ ଦେବାକୁ ଆମ ଦଳ ପକ୍ଷରୁ ଦାବି କରାଯାଉଛି।

ସେ ଆହୁରି କହିଛନ୍ତି, ଶନିବାର ବିଜେଡି ତା'ର କାର୍ଯ୍ୟକାରିଣୀ ବୈଠକରେ ୪୦ ପ୍ରତିଶତ ସଂରକ୍ଷଣ ଘୋଷଣା କରି କେନ୍ଦ୍ରକୁ ଏଥିଲାଗି ଆହ୍ୱାନ ଦେଇଛି। ତେବେ ବିଜେଡି ମନେରଖିବା ଉଚିତ ଭାଜପା ୨୦୧୯ ବିଧାନସଭା ନିର୍ବାଚନରେ ଓବିସିଙ୍କୁ ୩୫ ପ୍ରତିଶତ ସଂରକ୍ଷଣ ଦେଇଥିଲା। ରାଜ୍ୟରେ ଓବିସି ବର୍ଗଙ୍କୁ ଶିକ୍ଷା ଓ ଚାକିରି କ୍ଷେତ୍ରରେ ସଂରକ୍ଷଣ ଦେବା ଲାଗି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୩ଥର ଚିଠି ଲେଖିଥିଲେ। ମାତ୍ର ଦୁର୍ଭାଗ୍ୟ ଯେ, ରାଜ୍ୟ ସରକାର ଏହି ବର୍ଗଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇନାହାନ୍ତି। ରାଜ୍ୟରେ ଏବେ ୫୪ ପ୍ରତିଶତ ଓବିସି ଅଛନ୍ତି। ବହୁ ପୂର୍ବରୁ ସୁପ୍ରିମକୋର୍ଟ ସଂରକ୍ଷଣ ପ୍ରସଙ୍ଗରେ ଟ୍ରିପଲ ଟେଷ୍ଟ କଥା କହିଥିଲେ କିନ୍ତୁ ସେଥିରେ ରାଜ୍ୟ ସରକାର ଫେଲ୍ କାହିଁକି ହେଲେ ବୋଲି ସେ ପ୍ରଶ୍ନ କରିଛନ୍ତି। କାହିଁକି ଦୀର୍ଘଦିନ ଧରି ରାଜ୍ୟରେ ଓବିସି କମିଶନ ପଦବୀ ଖାଲି ପଡିଥିଲା। ବିଳମ୍ବରେ ଗଠିତ କମିଶନଙ୍କୁ କାହିଁକି କ୍ଷମତା ଦିଆଯାଇନି ବୋଲି ସମୀର ପ୍ରଶ୍ନ ଉଠାଇଛନ୍ତି। ଅନ୍ୟାନ୍ୟ ମାମଲାରେ ରାଜ୍ୟ ସରକାର ଉପର କୋର୍ଟ ଯାଇ ଦାମୀ ଓକିଲ ଦେଉଛନ୍ତି। ଏହି ମାମଲାରେ କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି ସମୀର କହିଛନ୍ତି।

# ଉପଭୋକ୍ତା ମାମଲା ବହୁ ପରିମାଣରେ ହ୍ରାସ ପାଇବ: ମନ୍ତ୍ରୀ

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)



କଟକ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଥିବା ପ୍ରଶିକ୍ଷଣ ଶିବିର।

ନୂତନ ଉପଭୋକ୍ତା ଅଧିନିୟମ ୨୦୧୯ରେ ମଧ୍ୟସ୍ଥତା କେନ୍ଦ୍ର ସ୍ଥାପନ ମାଧ୍ୟମରେ ଉପଭୋକ୍ତା ବିବାଦର ସମାଧାନ ଏକ ସମୟୋଚିତ ପଦକ୍ଷେପ। ଏହାଦ୍ୱାରା ଉପଭୋକ୍ତା ବିବାଦର ସହଜ ଓ ତ୍ୱରନ୍ତ ସମାଧାନ ହୋଇପାରିବ। ଏଥି ସହ ଉକ୍ତ ମାମଲା ବହୁ ପରିମାଣରେ ହ୍ରାସ ପାଇବ ବୋଲି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟସ୍ଥତାମାନଙ୍କ ପ୍ରଶିକ୍ଷଣ ଶିବିରରେ କହିଛନ୍ତି।

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ରାଜ୍ୟ ଉପଭୋକ୍ତା ସଚେତନତା ପ୍ରତିଷ୍ଠାନ ଏବଂ ସେଣ୍ଟର ଫର କଞ୍ଜ୍ୟୁମର ଲ ପକ୍ଷରୁ ଆୟୋଜିତ ୬ ଦିନିଆ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ମଧ୍ୟସ୍ଥତା କେନ୍ଦ୍ର ଉପଭୋକ୍ତା ବିବାଦ ସମାଧାନ ଦିଗରେ ଏକ ଉତ୍ତମ ବିକଳ୍ପ ପନ୍ଥା ଭାବେ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇପାରିବ। ମଧ୍ୟସ୍ଥତା ମାଧ୍ୟମରେ ବିବାଦର ସମାଧାନ ଏକ ପ୍ରାଚୀନ ପନ୍ଥା ଏବଂ ପୁରାଣରେ ନାରଦ ମୁନି ଜଣେ ସଫଳ ମଧ୍ୟସ୍ଥ ଭାବେ ସୁନାମ ଅର୍ଜନ କରିଥିବା ବର୍ଣ୍ଣିତ ହୋଇଛି। ଉପଭୋକ୍ତା ସୁରକ୍ଷା ଅଧିନିୟମ ୨୦୧୯ ଅନୁଯାୟୀ ଯେଉଁସବୁ ବିବାଦ ମଧ୍ୟସ୍ଥତା କେନ୍ଦ୍ର ମାଧ୍ୟମରେ ସମାଧାନ କରିହେବ ସେଗୁଡ଼ିକ ଯେପରି ମଧ୍ୟସ୍ଥତା ଦ୍ୱାରା ସମାଧାନ ହୋଇ କ୍ଷତିଗ୍ରସ୍ତ ଉପଭୋକ୍ତାଙ୍କୁ ନ୍ୟାୟ ମିଳିପାରିବ ସେଥି ନିମନ୍ତେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ଅନୁସୂଚିତ ଜନଜାତି ବହୁଳ ଜିଲାରେ ଯେଉଁଠି ଉପଭୋକ୍ତାମାନେ ଅଧିନିୟମ ସମ୍ପର୍କରେ ଅଧିକ ସଚେତନ ନୁହନ୍ତି ସେଠାରେ ମଧ୍ୟସ୍ଥତା କେନ୍ଦ୍ରଗୁଡ଼ିକ ଉପଭୋକ୍ତାମାନଙ୍କ ନିମନ୍ତେ ଅତ୍ୟନ୍ତ ଲାଭଦାୟକ ହୋଇପାରିବ ବୋଲି ମଧ୍ୟ ମନ୍ତ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି।

# 'ରାଜ୍ୟର ବିକାଶକୁ ମୁଖ୍ୟମନ୍ତ୍ରୀ ପ୍ରାଥମିକତା ଦେଇଛନ୍ତି'

## ବିଜେଡି ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର, ୨୬।୧୨(ବ୍ୟୁରୋ)

ସାଙ୍ଗଠନିକ ଜିଲା ସଭାପତି ତଥା ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବହୁ ଘାତପ୍ରତିଘାତ ମଧ୍ୟରେ ଏକ ଆଞ୍ଚଳିକ ଦଳକୁ ନେଇ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ କିଭଳି ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିଛନ୍ତି ତାହା ଉପରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା ଓ ଭିତ୍ତିଭୂମିର ବିକାଶକୁ ଏକସାଙ୍ଗରେ ନେଇ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କ ବିଶ୍ୱାସଭାଜନ ହୋଇପାରିଛନ୍ତି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ଯୋଜନା ବୋର୍ଡର ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା କହିଛନ୍ତି ଯେ ଭାଷାଭିତ୍ତିକ ରାଜ୍ୟ ଗଠନ ଓ ରାଜ୍ୟକୁ ଆର୍ଥିକ ସ୍ୱାଧୀନତା ଦେବାକୁ ବିଜୁବାବୁ ସର୍ବଦା ଚେଷ୍ଟା କରିଥିଲେ। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ଦୀର୍ଘ ୨୫ ବର୍ଷ ଧରି ନିରନ୍ତର ଭାବେ ଓଡ଼ିଆ ଜାତି ଓଡ଼ିଶାର ସଂସ୍କୃତି ଓ ସ୍ୱାଭିମାନକୁ କିପରି ଆଗକୁ ନେବାକୁ ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା ପ୍ରୟାସ କରି ଆସିଛନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ସେ ମତ ଦେଇଛନ୍ତି। ଏହି ପ୍ରତିଷ୍ଠା ଦିବସରେ ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଓଡ଼ିଶା ମୋ ପରିବାର ଅଧ୍ୟକ୍ଷ ଅରୂପ ପଟ୍ଟନାୟକ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ବିଜୟ ମହାନ୍ତି, ରବି ସାମଲ, ପ୍ରିୟଦର୍ଶୀ ମିଶ୍ର, ଯୁବ ନେତା ଅମରେଶ ଜେନା, ସୁବାସ ଚନ୍ଦ୍ର ପାତ୍ର, ବିରଞ୍ଚି ନାରାୟଣ ମହାସୂପକାର, ସମରେନ୍ଦ୍ର ସାହୁ, ରବି ଛୋଟରାୟ, ବାବୁଲି ସମର୍ଥା, ସୁଜିତ ସ୍ୱାଇଁ, ପ୍ରତାପ ସାହୁ, ଜିତେନ୍ଦ୍ର ନନ୍ଦ, ଚନ୍ଦ୍ରଶେଖର ମଲ୍ଲିଆ, ନବକିଶୋର ବେହେରା, ମନୋଜ ସାହୁ, ସଞ୍ଜୟ ସେଠୀ, ସୌଭାଗ୍ୟ ବାରିକ, ସେକ ନିଜାମୁଦ୍ଦିନ, ଦେବାଶିଷ ସିଟ, ନିଖିଳ ବଳବନ୍ତରାୟ, ସୁଲତା ଦେଓ, ବିଜୟଲକ୍ଷ୍ମୀ ମହାପାତ୍ର, ସୁମିତ୍ରା ଜେନା, ସଂଯୁକ୍ତା ମହାନ୍ତି, ମହାମାୟା ସ୍ୱାଇଁ, ମୀରା ପରିଡ଼ା, ମନ୍ଦାକିନୀ କର, ସନ୍ଧ୍ୟା ବିଶ୍ୱାଳ, ଏଲିନା ଦାସ, ଇପ୍ସିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଅନ୍ୟମାନେ ଉଦ୍‌ଘାଟନ କରୁଛନ୍ତି।

ଧରିତ୍ରୀ
DHARITRI
ସୋମବାର, ୨୭ ଡିସେମ୍ବର, ୨୦୨୧

"ଆଧ୍ୟାତ୍ମିକ ଦୃଷ୍ଟିରୁ ଦେଖିଲେ- ଗୋଟିଏ ଦେଶର ଗୁରୁତ୍ୱ ବା ମହତ୍ତ୍ୱ ତା'ର ଆକାରର ବିରାଟତ୍ୱ ଉପରେ କିମ୍ବା ତା'ର ବଳ, କ୍ଷମତାଦି ଉପରେ କିମ୍ବା ଅନ୍ୟ ଦେଶଗୁଡିକ ଉପରେ, ତା'ର ପ୍ରଭୁତ୍ୱ ଉପରେ ମଧ୍ୟ ନିର୍ଭର କରେ ନାହିଁ। କିନ୍ତୁ ଏହା ନିର୍ଭର କରେ- ସେ ଦେଶ କେତେଦୂର ସତ୍ୟ ଆଡକୁ ଉନ୍ମୁଖ ଓ ସତ୍ୟକୁ ପ୍ରକାଶ କରିବାରେ ସକ୍ଷମ ତା'ରି ଉପରେ। -ଶ୍ରୀମା"



# ସୁବିଧାରେ ନୀରବ

କରୋନା ଭୂତାଣୁର ନୂଆ ଭାରିଆଣ୍ଟ ଓମିକ୍ରନ୍ ଭାରତ ସମେତ ବିଶ୍ୱର ୧୦୮ ଦେଶରେ ତା'ର କାୟା ବିସ୍ତାର କରିଛି। ଏହା ଅତ୍ୟନ୍ତ ଘାତକ ସାବ୍ୟସ୍ତ ହୋଇ ନ ଥିଲେ ମଧ୍ୟ ସଂକ୍ରମଣ ହାର ବଢ଼ିଚାଲିଛି। ଏହି ଭାରିଆଣ୍ଟରେ ସବୁ ବର୍ଗ ଆକ୍ରାନ୍ତ ହେଉଥିବାରୁ ପିଲାମାନଙ୍କୁ କୋଭିଡ୍ ଟିକା ଦିଆଯିବା ଆବଶ୍ୟକ ହୋଇପଡ଼ିଛି। ଏସବୁକୁ ଦୃଷ୍ଟିରେ ରଖି ୧୫ରୁ ୧୮ ବର୍ଷ ବୟସର ପିଲାଙ୍କୁ ଜାନୁୟାରୀ ୩ ତାରିଖ ଏବଂ ସମ୍ମୁଖ ଯୋଦ୍ଧାଙ୍କ ସହ ୬୦ ବର୍ଷରୁ ଊର୍ଦ୍ଧ୍ୱ ବିବିଧ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ଜାନୁୟାରୀ ୧୦ରେ ବୁଷ୍ଟର ଡୋଜ୍ ଦିଆଯିବା ବିଷୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୫ ଡିସେମ୍ବର ରାତି ପ୍ରାୟ ୧୦ଟା ବେଳେ ଘୋଷଣା କରିଛନ୍ତି।

ମୋଦିଙ୍କ ଉଦ୍‌ବୋଧନର ବିଷୟବସ୍ତୁକୁ ତର୍ଜମା କଲେ ସେ ଦେଇଥିବା ତଥ୍ୟ ଜନସଂଖ୍ୟାବହୁଳ ଭାରତରେ ଅତ୍ୟନ୍ତ ନଗଣ୍ୟ ଲାଗୁଛି। ସେ କହିଛନ୍ତି, ଓମିକ୍ରନ୍‌କୁ ନେଇ ଭୟଭୀତ ହେବାର ନାହିଁ। ଦେଶରେ ୧୮ ଲକ୍ଷ ଆଇସୋଲେଶନ ବେଡ୍ ଥିବାବେଳେ ୫ ଲକ୍ଷ ଅମ୍ଳଜାନ ଶଯ୍ୟା, ୧ ଲକ୍ଷ ୪୦ ହଜାର ଆଇସିୟୁ ଓ ୯୦ ହଜାର ଶିଶୁ ଆଇସିୟୁ ଓ ଅଣ-ଆଇସିୟୁ ବେଡ୍ ରହିଛି। ଏଭଳି ସଂଖ୍ୟାତ୍ମକ ତଥ୍ୟ କୌଣସି ଏକ ଅଳ୍ପ ଜନସଂଖ୍ୟାବିଶିଷ୍ଟ ରାଜ୍ୟର ମୁଖ୍ୟମନ୍ତ୍ରୀ କହିଥିଲେ ହୁଏତ ଆଶ୍ୱସ୍ତି ମିଳିଥାଆନ୍ତା। ଭାରତ ଭଳି ଏକ ବିରାଟକାୟ ଦେଶର ପ୍ରଧାନମନ୍ତ୍ରୀ ଏଭଳି ସଂଖ୍ୟା ଦର୍ଶାଇ ନିଜର ଭାବମୂର୍ତ୍ତିକୁ କ୍ଷୁଣ୍ଣ କଲାଭଳି ମନେହେଉଛି। ବିଶେଷକରି ଦୀର୍ଘ ପ୍ରାୟ ଦୁଇ ବର୍ଷ ସମୟ ମିଳିଥିବା ସତ୍ତ୍ୱେ ଭାରତ ସରକାର ନିଜର ସବୁ ଶକ୍ତି ଖଟାଇ ଏହି ମହାମାରୀକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ହୋଇପାରିଥାଆନ୍ତେ। ସେଭଳି ମହତ୍ ପ୍ରଚେଷ୍ଟା ଆଦୌ କରାଯାଇ ନାହିଁ ବୋଲି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ପରିସଂଖ୍ୟାନରୁ ସ୍ପଷ୍ଟ ବୁଝାପଡୁଛି। ୨୦୧୧ ମସିହାର ଜନଗଣନା ଉପରେ ସବୁ ସରକାରଙ୍କ ପ୍ରତ୍ୟେକ ଯୋଜନା ଓ ନୀତି ଆଧାରିତ। ପରବର୍ତ୍ତୀ ଜନଗଣନା ୨୦୨୧ରେ ହେବା କଥା। କୋଭିଡ୍ ପାଇଁ ତାହା ସ୍ଥଗିତ ରହିଛି। କିନ୍ତୁ ଭାରତର ଜନସଂଖ୍ୟା ବୃଦ୍ଧି ଉପରେ ପୂର୍ଣ୍ଣଚ୍ଛେଦ ଲାଗି ନାହିଁ। ସେଥିପାଇଁ ଠାସୁକୁ ମାରି କିଏ କହୁଛି ୧୩୦ କୋଟି ଆଉ କିଏ କହେ ୧୫୦ କୋଟି ଲୋକସଂଖ୍ୟା। ବାସ୍ତବ ସଂଖ୍ୟା ସରକାରଙ୍କ ପାଖରେ ନାହିଁ। ଏଭଳି ବିରାଟକାୟ ଜନସଂଖ୍ୟା ପାଇଁ ହଜାରେ କିମ୍ବା ଲକ୍ଷରେ ଗଣାଯାଉଥିବା ତଥ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ ମନେହେଉଛି।

ଆଜିର ଶାସନ ବ୍ୟବସ୍ଥାକୁ ଦେଖିଲେ ଶୀର୍ଷ ନେତୃତ୍ୱ ଦେଶରେ ଘଟୁଥିବା ସବୁ ଭଲ କାର୍ଯ୍ୟ ଲାଗି ବାହାବା ସାଉଁଟିବାକୁ ଜୋରଦାର ପ୍ରୟାସ କରୁଛନ୍ତି। ସେଥିପାଇଁ ଲୋକଙ୍କୁ ଛୁଇଁଲା ଭଳି ଗୋଟେ ବିଷୟ ପାଇଗଲେ ତାହାକୁ ଗଣମାଧ୍ୟମ ଜରିଆରେ ବାଣ୍ଟିବାକୁ ଚେଷ୍ଟା କରୁଛନ୍ତି। ବିଗତ ଦଶନ୍ଧିଗୁଡ଼ିକୁ ଦେଖିଲେ ସାଧାରଣତଃ ପ୍ରଧାନମନ୍ତ୍ରୀ ଜାତି ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବେ ବୋଲି ପୂର୍ବରୁ ଘୋଷଣା ହୋଇଥିଲେ ଲୋକେ ତାହାକୁ ଶୁଣିବା ପାଇଁ ଚାହିଁ ରହୁଥିଲେ। କିନ୍ତୁ ସବୁଠାରୁ ଅଧିକ ଭୟ ସୃଷ୍ଟି କରିଥିଲା ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ୮ ନଭେମ୍ବର ୨୦୧୬ ରାତି ୮ଟାରେ ବିମୁଦ୍ରୀକରଣ ଘୋଷଣା। ତାହା ପରେ ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକଟି ଉଦ୍‌ବୋଧନ ବେଳକୁ ଲୋକଙ୍କ ମନରେ ଶଙ୍କା ପଶୁଥିଲା। କିନ୍ତୁ ଭାରତ ହେଉଛି ଭାରତ। ଏଠାରେ ଅଧା ଲୋକ ପ୍ରଧାନମନ୍ତ୍ରୀଙ୍କ ହିନ୍ଦୀ ଭାଷଣକୁ ବୁଝିପାରନ୍ତି ନାହିଁ। ଅନୁବାଦ ମାଧ୍ୟମରେ ଭୟ ସୃଷ୍ଟି କରିବା କଷ୍ଟକର। ଏହାବ୍ୟତୀତ ସମଗ୍ର ଦେଶ ଯେଉଁ କେତେକ ସମୟରେ ବ୍ୟସ୍ତ ହୋଇ ପ୍ରଧାନମନ୍ତ୍ରୀଙ୍କଠାରୁ ବାର୍ତ୍ତା ଶୁଣିବାକୁ ଚାହୁଁଥିଲା, ସେତେବେଳେ ମୋଦି ନିଜର ମତ ଲୋକଙ୍କ ସମ୍ମୁଖରେ ଥୋଇବାକୁ ଉଚିତ ମଣିଲେ ନାହିଁ। ଉଦାହରଣ ସ୍ୱରୂପ ଗଲ୍‌ୱାନଠାରେ ୨୦ ଭାରତୀୟ ଯବାନଙ୍କ ମୃତ୍ୟୁ ପରେ କୌଣସି ସରକାରୀ ପ୍ରତିକ୍ରିୟା ପ୍ରକାଶ ପାଇଲା ନାହିଁ। ଆଜି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଭାଷଣରେ ଚାଇନା ନାମ ଉଚ୍ଚାରଣ କରୁନାହାନ୍ତି। ଅନୁରୂପ ଭାବେ ୨୦୨୧ ମସିହା ପ୍ରାରମ୍ଭରେ କରୋନା ଭାଇରସ୍‌ର ଉଗ୍ର ରୂପ ଭାରତରେ ଦେଖାଦେଇ ଅନେକ ଲକ୍ଷ ଲୋକଙ୍କୁ ମାରିଦେବା ବେଳେ ପ୍ରଧାନମନ୍ତ୍ରୀଙ୍କ ନୀରବତା ଅନେକ ନିରପେକ୍ଷ ନାଗରିକଙ୍କର ଏବେ ମଧ୍ୟ ମନେଅଛି। ସ୍ୱାଭାବିକ ଭାବେ ସମର୍ଥକମାନେ ଏହିଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଘଡ଼ିସନ୍ଧିମୂଳକ ଘଟଣାକୁ ନ୍ୟୂନ କରି ଭୁଲିଯିବାକୁ ପସନ୍ଦ କରନ୍ତି।

ରାଷ୍ଟ୍ରର ନେତୃତ୍ୱ ନେଉଥିବା ବ୍ୟକ୍ତି ସାଧାରଣ କଥାକୁ ବଡ଼ ଆକାରରେ ଦର୍ଶାଇ ନିଜର ଏକ ସ୍ୱତନ୍ତ୍ର ଭାବମୂର୍ତ୍ତି ସୃଷ୍ଟି କରିବାକୁ ଚାହିଁ ଆସିଛନ୍ତି। ଅନ୍ୟପକ୍ଷରେ ବିଶେଷକରି ପ୍ରଧାନମନ୍ତ୍ରୀ ମୋଦି ଯେଉଁ ପରାମର୍ଶ ଦେଇଥାଆନ୍ତି, ପରବର୍ତ୍ତୀ ସମୟରେ ତାହାକୁ ଭାଙ୍ଗିଥିବାର ନଜିର ରହିଛି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ବିଭିନ୍ନ ସଭାରେ କହିଥିବା ଦେଖିବାକୁ ମିଳିଛି ଯେ ଏତେସଂଖ୍ୟକ ଲୋକ ସେ କେବେ ଦେଖି ନ ଥିଲେ। ଏହାର କିଛିଦିନ ପରେ ବିହାର ଓ ଉତ୍ତରପ୍ରଦେଶର ଗଙ୍ଗାକୂଳରେ ଅନେକ ହଜାର ଶବ ବାଲିରେ ପୋତା ହୋଇଥିବା ଦେଖିବାକୁ ମିଳିଥିଲା। ସେତେବେଳେ ମଧ୍ୟ ପ୍ରଧାନମନ୍ତ୍ରୀ ନୀରବ ରହିଥିଲେ। ଏବେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଶୁଣିବାକୁ ପୂର୍ବଭଳି ସେହି ଆଗ୍ରହ ଦେଖିବାକୁ ମିଳୁନାହିଁ। ଭାରତର ପ୍ରଧାନମନ୍ତ୍ରୀ ହେଉଛନ୍ତି ଆମ ସମସ୍ତଙ୍କର। ତାଙ୍କ ବାର୍ତ୍ତା ପ୍ରତି ହେୟଜ୍ଞାନ ପ୍ରଦର୍ଶନ କରିବା ଦେଶ ସକାଶେ କ୍ଷତିକାରକ ହୋଇପାରେ। ସେଥିପାଇଁ ପଦବୀର ମର୍ଯ୍ୟାଦା ରକ୍ଷା ସହ ଦେଶର ମଙ୍ଗଳ କାମନା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଗଲାଣି।

# ଆସୁ ନୂଆ ବରଷ, ନ ହେଉ ସର୍ବନାଶ



ଉପେନ୍ଦ୍ର ବିଶ୍ୱାଳ

ନୂଆ ବର୍ଷ କାହା ପାଇଁ ଆଣେ ହରଷ ତ କାହା ପାଇଁ ସର୍ବନାଶ। ଦିନ ପରେ ମାସ, ମାସ ପରେ ବର୍ଷ ଏହିପରି ପୁରାତନ ବର୍ଷକୁ ବିଦାୟ ଓ ନୂତନ ଇଂଲିଶ୍ ବର୍ଷକୁ ସ୍ୱାଗତ କରିବାକୁ ଯାଇ ମଣିଷ ଅସଂଖ୍ୟ ନିରୀହ ପଶୁପକ୍ଷୀଙ୍କୁ ନିଧନ କରୁଛି, ମାତ୍ର ଚାରି ଇଞ୍ଚ ଜିଭର ଲାଳସା ମେଣ୍ଟାଇବା ପାଇଁ। ନବବର୍ଷର ଆବାହନୀ କରୁଛି, ଲକ୍ଷ ଲକ୍ଷ ପଶୁପକ୍ଷୀଙ୍କ ହତ୍ୟାଜନିତ ଆର୍ତ୍ତନାଦରେ। ବିଚରା କୁକୁଡ଼ା, ଛେଳି, ମେଣ୍ଢା, ଗୋରୁ, ଘୁଷୁରି ଆଦି ପଶୁପକ୍ଷୀଙ୍କର ଜୀବନ ମୂଲ୍ୟ ସିନା ଏହି ଦିନରେ ବଢ଼େ ନାହିଁ, ହେଲେ ସେମାନଙ୍କ କଞ୍ଚାମାଂସର ଭାଉ ଆପଣାଛାଏଁ ଖୁବ୍ ବଢ଼ିଯାଏ। ପୁରାତନ ବର୍ଷକୁ ବିଦାୟ ଦେଇ ଆସେ ନୂତନ ବର୍ଷ। ଅନେକ ଆଶା, ଆକାଂକ୍ଷା, ଉତ୍ସାହ ଉଦ୍ଦୀପନା, ଶୁଭ-ମଙ୍ଗଳର ମାନସିକ ମଧ୍ୟରେ। ଇଂଲିଶ୍ ନବବର୍ଷ କିନ୍ତୁ ଆସେ ଅସଂଖ୍ୟ ନିରୀହ ପଶୁପକ୍ଷୀଙ୍କ ନିଧନରେ। ସେମାନଙ୍କ ପାଇଁ ଇଂଲିଶ୍ ନବବର୍ଷ ପାଲଟିଯାଏ ଏକ ଅଶୁଭ ; ଅଭିଶପ୍ତ ଦିନ। ମହାପୁରୁଷ ଯିଶୁଖ୍ରୀଷ୍ଟଙ୍କୁ ଆଧାରକରି ଖ୍ରୀଷ୍ଟାବ୍ଦର ପ୍ରାରମ୍ଭ ବୋଲି ଯଦି ମନେକରାଯାଏ। ଜାନୁୟାରୀ ୧ ତାରିଖକୁ ବର୍ଷର ନୂଆଦିନ ରୂପେ ଭାରତରେ ପାଳନ କରିବାରେ ବିଶେଷ ଯଥାର୍ଥତା ଥିଲାପରି ମନେହୁଏ ନାହିଁ। ଯଦିଓ ଯିଶୁଙ୍କୁ ଆମେ ଦିବ୍ୟପୁରୁଷ, ମହାପୁରୁଷ ବା ଈଶ୍ୱରଙ୍କ ପୁତ୍ର ଭାବେ ସ୍ୱୀକାର କରୁଛୁ।

ଗୋଟିଏ ଜାତି, ଗୋଟିଏ ସଭ୍ୟତା ତିଷ୍ଠି ରହେ ତା'ର ମହାନ୍ ଐତିହ୍ୟ, ଲୋକପରମ୍ପରା ଓ ସୁସଂହତ ସଂସ୍କୃତିକୁ ନେଇ। ଗର୍ବ ଅନୁଭବ କରେ ତା'ର ସ୍ୱାଭିମାନ ଆତ୍ମମର୍ଯ୍ୟାଦାକୁ ନେଇ। ଅନ୍ୟଥା ଇତିହାସର ଅତଳ ଗର୍ଭରେ ଲୀନ ହୋଇଯାଏ ସେ ଜାତି। ଆତ୍ମମର୍ଯ୍ୟାଦା, ସ୍ୱାଭିମାନ ଭୁଲି ଚାଲିଥିବା ଜାତି ପରାନୁକରଣ କରି ହୋଇଯାଏ ବିକଳାଙ୍ଗ। ମାତ୍ର ସ୍ୱାଭିମାନ ଆତ୍ମମର୍ଯ୍ୟାଦା ଭୁଲି ଚାଲିଛି ଆର୍ଯ୍ୟାବର୍ତ୍ତର ସିଂହଶାବକ ଆଜି। ଆଧୁନିକତା ଆଳରେ ଦାସସୁଲଭ ପାଶ୍ଚାତ୍ୟର ଅନ୍ଧାନୁସରଣ କରିଚାଲିଛି। ଆତ୍ମବିସ୍ମୃତ ହୋଇ ଆତ୍ମପ୍ରତ୍ୟୟ ଭୁଲିଚାଲିଛି ସେ। ପ୍ରତ୍ୟେକ ରାଷ୍ଟ୍ରର ନିଜସ୍ୱ କିଛି ମୌଳିକତା ଥାଏ, ସାଂସ୍କୃତିକ ସଂପଦ ଥାଏ, ସାମାଜିକ ମୂଲ୍ୟବୋଧ ଥାଏ। ଜନସାଧାରଣଙ୍କ ମନରେ ରାଷ୍ଟ୍ରୀୟ ସ୍ୱାଭିମାନ ଜାଗ୍ରତ ହେବା ଫଳରେ ହିଁ ରାଷ୍ଟ୍ର ସମୃଦ୍ଧ ହୁଏ। ବିଶ୍ୱକୁ ନେତୃତ୍ୱ ଦେବାରେ ସମର୍ଥ ହୁଏ । ଆମେ ଆମ ଜୀବନଯାତ୍ରାର ଚାକଚକ୍ୟ ଚଳଣି ମଧ୍ୟରେ ରାଷ୍ଟ୍ରୀୟ ଚେତନାକୁ ହରାଇବାକୁ ବସିଛୁ। ରାଷ୍ଟ୍ରୀୟ ଚେତନା ଯେ ରାଷ୍ଟ୍ର ପାଇଁ ସର୍ବୋପରି।

ବିଶ୍ୱର ବିଭିନ୍ନ ଦେଶ ଭିନ୍ନ ଭିନ୍ନ ଦିବସରେ ସ୍ୱାଭିମାନର ସହିତ ପାଳନ କରିଥା'ନ୍ତି ନିଜ ନିଜର ନବବର୍ଷ। ଏଇ ଯେମିତି ଜାନୁୟାରୀ ୧୩ ସୁଇଜରଲାଣ୍ଡ, ଜାନୁୟାରୀ ୨୨ରେ କୋରିଆ, ଫେବୃୟାରୀ ୧୮ରେ ବୁଲ୍‌ଗେରିଆ, ମାର୍ଚ୍ଚ ୨୦ରେ ଆମେରିକା, ମାର୍ଚ୍ଚ ୨୧ରେ ବାହାଇମାନେ ନବବର୍ଷ ପାଳନ କରିଥା'ନ୍ତି। ସେମିତି ଚନ୍ଦ୍ରର ପରିକ୍ରମଣାନୁଯାୟୀ ଜାନୁୟାରୀ ୨୦ରୁ ଫେବୃୟାରୀ ୨୦ ମଧ୍ୟରେ ଏକ ବିଶେଷତିଥିରେ ଚାଇନା ନିଜର ନବବର୍ଷ ପାଳନ କରିଥାଏ। ଜାନୁୟାରୀ ୨୩ରେ ଗତବର୍ଷ ୪୭୧୦ତମ ନବବର୍ଷ ପାଳନ କରିଥିବାବେଳେ ଆଗାମୀ ବର୍ଷ ଫେବୃୟାରୀ ୧୦ରେ ଚାଇନା ୪୭୧୧ତମ ନୂଆବର୍ଷ ପାଳନ କରିବ। ପୁଣି ଏପ୍ରିଲ୍ ୧୪ରେ ଶ୍ରୀଲଙ୍କା, ଏପ୍ରିଲ୍ ୧୬ରେ ବର୍ମା, ଏପ୍ରିଲ୍ ୨୪ରେ ବେବିଲୋନ୍, ସେପ୍ଟେମ୍ବର ୧୧ରେ ଇଥିଓପିଆ ନୂଆବର୍ଷ ପାଳନ କରିଥାଏ। ଶାରଦୀୟ ଅବକାଶରେ ଇହୁଦୀମାନେ ନୂଆବର୍ଷ ପାଳନ କରୁଥିଲାବେଳେ ଜାନୁୟାରୀ ପ୍ରଥମ ସପ୍ତାହରେ ଜାପାନବାସୀ, ଫେବୃୟାରୀରେ ଭିଏତ୍‌ନାମ ଓ ମାର୍ଚ୍ଚରେ ଇରାନ୍ ନିଜର ନୂଆବର୍ଷ ପାଳନ କରିଥାଏ। ଆହୁରି ପାର୍ସୀ, ବେବିଲୋନୀୟମାନେ ମାର୍ଚ୍ଚରେ ନିଜର ନୂଆବର୍ଷ ପାଳୁଥିଲାବେଳେ ନେପାଳ ମଧ୍ୟ ଏପ୍ରିଲ୍ ୧୪ରେ ପାଳନ କରିଥାଏ।

ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ, ମଣିପୁର, ପଞ୍ଜାବ, ତାମିଲନାଡୁ ଆଦି ପ୍ରଦେଶମାନ ନୂଆବର୍ଷ ପାଳନ କରିଥା'ନ୍ତି। ସେହିପରି ଚୈତ୍ରମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରେ ଆନ୍ଧ୍ରପ୍ରଦେଶ, କର୍ନାଟକ, ମହାରାଷ୍ଟ୍ର, କାଶ୍ମୀର ଏବଂ ଉତ୍ତରପ୍ରଦେଶ ଓ ଛତିଶଗଡ଼ର କେତେକାଞ୍ଚଳରେ ନୂଆବର୍ଷ ପାଳନ ହେଉଥିଲାବେଳେ ଶାରଦୀୟ ନବରାତ୍ରରେ ଗୁଜରାଟର ନୂଆବର୍ଷ ପାଳିତ ହୋଇଥାଏ। ଭାରତ ସ୍ୱାଧୀନତା ପାଇଁ ୧୮୫୭ରେ ସଂଘଟିତ ସଶସ୍ତ୍ର ବିଦ୍ରୋହ ପରେ ପରେ ଶଙ୍କାଗ୍ରସ୍ତ ବ୍ରିଟିଶ ଜାତି ଏଠାରେ ବିଭାଜନର ବାଟ ଖୋଜିବସିଲେ। ଗୋଟିଏ ପଟେ ବିପ୍ଲବର ନେତୃତ୍ୱ ନେଉଥିବା ବ୍ୟକ୍ତିମାନଙ୍କୁ ନିର୍ଦ୍ଦୟଭାବେ ଦମନ କରିବାର ନିଷ୍ଠୁର ପ୍ରୟାସ ଏବଂ ଅନ୍ୟପଟେ ଭାରତର ସାଂସ୍କୃତିକ ଏକତାକୁ ନଷ୍ଟଭ୍ରଷ୍ଟ କରିବାର ହୀନ ଷଡ଼ଯନ୍ତ୍ର। କାରଣ ଭାରତୀୟ ସଂସ୍କୃତି ହେଉଛି ଏ ରାଷ୍ଟ୍ରର ପ୍ରାଣପିଣ୍ଡ। ଫଳସ୍ୱରୂପ ୧୮୭୭ ମସିହାରେ ଜାନୁୟାରୀ ୧କୁ ଭାରତୀୟମାନଙ୍କ ଉପରେ ଲଦି ଦିଆଗଲା ନବବର୍ଷ ରୂପେ। ପରବର୍ତ୍ତୀ ସମୟରେ ଖ୍ରୀଷ୍ଟିଆନ୍ ଶାସକମାନେ ମହାଡ଼ମ୍ବରରେ ଏହାକୁ ପାଳନ କରିଚାଲିଲେ ରାଜକୀୟ ମହୋତ୍ସବ ଭାବେ। ଅଦ୍ୟାବଧି ଆମେ ତାକୁ ଆଦରି ଚାଲିଛୁ ସମସ୍ତ ଅନ୍ୟାୟ, ଅପମାନ, ମାନମର୍ଯ୍ୟାଦା ଓ ସ୍ୱାଭିମାନକୁ ଭୁଲି। ଯଦି ଆମେ କେଉଁ ଅନାଦି ପୁରୁଣା (ପୁରାଣ) ଯୁଗକୁ ଅନାଇବା, ତେବେ ଦେଖିବାକୁ ପାଇବା ସ୍ରଷ୍ଟାଙ୍କ ଦ୍ୱାରା କେଉଁ ଏକ ଶୁଭ ମୁହୂର୍ତ୍ତରେ ନିଶ୍ଚିତ ସର୍ଜନା ହୋଇଥିବ। ସେହି ଦିବସଟିକୁ ସୃଷ୍ଟିର ପ୍ରାରମ୍ଭ ଦିବସଭାବେ ଶୁଭ ନବବର୍ଷ ରୂପେ ପାଳନ ନ କରିବା କାହିଁକି? ବିଭିନ୍ନ ବୈଦିକ ସାହିତ୍ୟରେ ଏହି ନୂଆବର୍ଷ (ସମ୍ବତ୍ସର) ସମ୍ବନ୍ଧେ ଉଲ୍ଲେଖ ଥିବାର ଜଣାଯାଏ। ହିମାଦ୍ରୀ ଗ୍ରନ୍ଥରେ ଲେଖାଅଛି, ଚୈତ୍ର ଶୁକ୍ଳପକ୍ଷର ୧ମ ଦିବସରେ ସୂର୍ଯ୍ୟୋଦୟ ସଙ୍ଗେ ସଙ୍ଗେ ଜଗତସ୍ରଷ୍ଟା ବ୍ରହ୍ମା ଏହି ଜଗତ ସଂରଚନା କରିଥିଲେ। ସେହିପରି ପ୍ରସିଦ୍ଧ ଜ୍ୟୋତିଷାଚାର୍ଯ୍ୟ ଭାସ୍କରାଚାର୍ଯ୍ୟ 'ସିଦ୍ଧାନ୍ତ ଶିରୋମଣି'ରେ ମଧ୍ୟ ଏହି ଦିବସରେ ସୃଷ୍ଟିର ରଚନା ହୋଇଥିବାର ବର୍ଣ୍ଣନା ଦେଖିବାକୁ ମିଳେ। ଚଳିତ କଳିଯୁଗର ପ୍ରାରମ୍ଭ ଦିବସକୁ ମଧ୍ୟ ନୂଆବର୍ଷ ଭାବେ ପାଳିବା ନାହିଁ କାହିଁକି? ସେହିପରି କୁରୁକ୍ଷେତ୍ର ଯୁଦ୍ଧ ପରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ପରାମର୍ଶ ଅନୁଯାୟୀ ଧର୍ମରାଜ ଯୁଧିଷ୍ଠିର ମଧ୍ୟ ରାଜ୍ୟ ଶାସନର ଆଦ୍ୟ ଦିବସଭାବେ ଉକ୍ତ ଦିବସରେ ଅଭିଷିକ୍ତ ହୋଇଥିଲେ। କଳିଯୁଗର ପ୍ରାରମ୍ଭ ମଧ୍ୟ ସେହି ଚୈତ୍ର ମାସ ଶୁକ୍ଳପକ୍ଷର ଆଦ୍ୟ ଦିବସରେ ହିଁ ହୋଇଥିଲା। ଉକ୍ତ ଦିବସର ମାହାତ୍ମ୍ୟ ସମ୍ବନ୍ଧେ ଜାଣି ଏକ ମହାନ୍ ସଙ୍ଗଠନର ଶୁଭାରମ୍ଭ କଳ୍ପେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ମଧ୍ୟ ଏହି ଦିବସକୁ ଚୟନ କରିଥିଲେ। ପୁନଶ୍ଚ ଏହି ଦିବସରୁ ହିଁ ବିକ୍ରମ ସମ୍ବତ୍ର ପ୍ରଚଳନ ହୋଇଆସୁଛି। ଅତଏବ ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟିର ପ୍ରାରମ୍ଭ, କଳିଯୁଗର ଆରମ୍ଭ, ଧର୍ମରାଜ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ, ଆର୍ଯ୍ୟ ସମାଜର ଶୁଭପ୍ରତିଷ୍ଠା, ବିକ୍ରମ ସମ୍ବତ୍ର ଶୁଭ ପ୍ରଚଳନ ଆଦି ଅନେକ ସାଂସ୍କୃତିକ, ସାମାଜିକ, ଐତିହାସିକ ମହତ୍ତ୍ୱଥିବା ଦିବସଟିକୁ ନୂତନବର୍ଷ ଭାବେ ପାଳନ କରିବାରେ ଅସୁବିଧା କେଉଁଠି? କେବଳ ଲୋଡ଼ା ଆମ ସ୍ୱାଭିମାନ ମାନସିକତାର। ଦୂରଦୃଷ୍ଟି, ଆତ୍ମମର୍ଯ୍ୟାଦା ଓ ଇଚ୍ଛାଶକ୍ତିର।

ସେହିପରି ଆମ ଉତ୍କଳୀୟ ସଂସ୍କୃତିରେ ବିଷୁବ (ପଣା) ସଂକ୍ରାନ୍ତିକୁ ଓଡ଼ିଆ ନବବର୍ଷ ଭାବେ ଗର୍ବ ଓ ସ୍ୱାଭିମାନର ସହିତ ପାଳନ କରିବାରେ ଅସୁବିଧା ନାହିଁ। ଆମେ ଆମର ଆଧ୍ୟାତ୍ମିକ ଓ ସାଂସ୍କୃତିକ ନବବର୍ଷକୁ ଭୁଲି ବିଦେଶୀମାନଙ୍କ ଦ୍ୱାରା ପ୍ରଚଳିତ ନବବର୍ଷକୁ ପାଳନ କରି ଚାଲିଛୁ। ପଣାସଂକ୍ରାନ୍ତି ଓଡ଼ିଶା ସମେତ କେତେକ ରାଜ୍ୟରେ ନବବର୍ଷ ଭାବେ ପାଳିତ ହେଉଥିବା ବେଳେ ଯୁଗାରମ୍ଭ ଓ ସୃଷ୍ଟ୍ୟାରମ୍ଭ ଦିବସ ଚୈତ୍ର ଶୁକ୍ଳ ପ୍ରତିପଦାକୁ ସମଗ୍ର ଭାରତରେ ପାଳନ କରାଯାଏ, ଯାହାକୁ ଆମେ ରାଷ୍ଟ୍ରୀୟ ନବବର୍ଷ ବୋଲି କହିପାରିବା। ଏଠାରେ ସ୍ମରଣୀୟ ଯେ, ପ୍ରକୃତିମାତା ମଧ୍ୟ ଏହି ସମୟରେ ହିଁ ପୁରୁଣା ପରିଧାନ ପରିତ୍ୟାଗ କରି ନବ କଳେବର ଧାରଣ କରିଥାଏ ଏବଂ ଚାରିଆଡ଼େ ନୂତନତା ପ୍ରସନ୍ନତା, ହର୍ଷ ଉଲ୍ଲାସର ବାତାବରଣ ଛାଇଯାଏ। ବାସନ୍ତିକ ଦୁର୍ଗାପୂଜା ଏହି ଅବସରରେ ଆରମ୍ଭ ହୁଏ। ଏଣୁ ପ୍ରାକୃତିକ ରୂପରେ ନୂତନ ବର୍ଷ ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦାଠାରୁ ଆରମ୍ଭ ହେବା ଉଚିତ, ଯାହାକି ଭାରତୀୟ ସଂସ୍କୃତି ଉଦ୍‌ଘୋଷଣା କରେ। ଏଣୁ ଆସନ୍ତୁ ସ୍ୱାଭିମାନର ଜାଗରଣ ପୂର୍ବକ ଗର୍ବର ସହିତ ପାଳିବା ଭାରତୀୟ ନବବର୍ଷ ଚୈତ୍ର ଶୁକ୍ଳ ପ୍ରତିପଦାରେ ଏବଂ ଉତ୍କଳୀୟ ନବବର୍ଷ ମହାବିଷୁ ସଂକ୍ରାନ୍ତିରେ ଏକ ମନୋଜ୍ଞ, ମାଙ୍ଗଳିକ ପବିତ୍ର ପରିବେଶରେ। ଆସୁ ନବବର୍ଷ- ନ ଆସୁ ସର୍ବନାଶକ। ନ ଆସୁ ଶୁଭ ନବବର୍ଷ ଅସଂଖ୍ୟ ନିରୀହ ପଶୁପକ୍ଷୀଙ୍କ ନିଧନରେ, ଅଶୁଭକୁ ସାଥିକରି। ନବବର୍ଷର ସୂର୍ଯ୍ୟ ଉଦୟ ହେଉ ଶୁଭ ସକାଳର ଶୁଭ ଶଙ୍ଖନାଦରେ, କୋକିଳର କୁହୁତାନରେ ସୃଷ୍ଟିର ସମସ୍ତ ପ୍ରାଣୀଙ୍କର ଶୁଭକାମନା ନେଇ।

—ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର
ମୋ: ୯୪୩୭୪୩୬୦୭୩

# ଅଭ୍ରାନ୍ତ ଦିଗ୍‌ଦର୍ଶକ

ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ସତ୍‌ସଙ୍ଗର ଆଚାର୍ଯ୍ୟଦେବ ଅଶୋକ ଚକ୍ରବର୍ତ୍ତୀ, ଅଗଣିତ ସତ୍‌ସଙ୍ଗୀଙ୍କ ପରମପ୍ରିୟ 'ଶ୍ରୀଶ୍ରୀ ଦାଦା' ତାଙ୍କର ପାର୍ଥିବ ଲୀଳା ସମାପନ କରି ଚଳିତ ମାସ ୧୬ତାରିଖରେ ଆନନ୍ଦଧାମ ଉଦ୍ଦେଶ୍ୟରେ ଯାତ୍ରା କଲେ। ପ୍ରକୃତରେ ସତ୍‌ସଙ୍ଗର ଆଚାର୍ଯ୍ୟଦେବମାନେ ସମାଜରେ କୌଣସି ମହାତ୍ମାର ପରିଚୟ ନେଇ ଚଳନ୍ତି ନାହିଁ- ଅତି ସାଧାରଣ ସେମାନଙ୍କର ଚାଲିଚଳନ, କଥାବାର୍ତ୍ତା, ବେଶପୋଷାକ। ନିଜକୁ ମଣିଷର ଜଣେ ଦରଦୀବନ୍ଧୁ ମନେକରି ଭ୍ରାତୃସୁଲଭ ମନୋଭାବ ନେଇ ପ୍ରତିଟି ମଣିଷର ଦୁଃଖ-ଦୁର୍ଦ୍ଦଶା ଦୂର କରିବାକୁ ଆପ୍ରାଣ ଚେଷ୍ଟା କରନ୍ତି। ତାଙ୍କର ଅଭ୍ରାନ୍ତ ଦିଗ୍‌ଦର୍ଶନ ବଳରେ ମଣିଷ ସମସ୍ତ ଦୁଃଖଦୁର୍ଦ୍ଦଶାକୁ ଅତିକ୍ରମ କରି ନବୀନ ଉଦ୍ୟମରେ ବଞ୍ଚିବାର ପ୍ରେରଣା ପାଏ। ତାଙ୍କର ସେବା ଏବଂ ସହାନୁଭୂତିର ସ୍ପର୍ଶ ଲାଭ କରି ପ୍ରତିଟି ହୃଦୟରେ ଜାଗିଉଠେ ଆଶା, ଭରସା ଏବଂ କର୍ମପ୍ରେରଣା। ତାଙ୍କର ଅସାଧାରଣ ଦୂରଦୃଷ୍ଟି, ଅନ୍ତର୍ଦୃଷ୍ଟି, ଆଧ୍ୟାତ୍ମିକ ଶକ୍ତି ଏବଂ ନିଷ୍କଳଙ୍କ ଚରିତ୍ରବତ୍ତା ଯୋଗୁ ସେ ହୋଇଉଠନ୍ତି ମହାନ୍, ସମସ୍ତଙ୍କର ଅନ୍ତର୍ଦେବତା। ସେଥିପାଇଁ ଶ୍ରୀଶ୍ରୀ ଦାଦା ଜୁଆଡ଼େ ଯାଆନ୍ତି ସର୍ବତ୍ର ହଜାର ହଜାର ଆର୍ତ୍ତ, ଅର୍ଥାର୍ଥୀଙ୍କର ଭିଡ଼ ଜମିଯାଏ। ସେ ଅସୀମ ଦରଦ ଏବଂ ସହାନୁଭୂତି ନେଇ ସମସ୍ତଙ୍କ କଥା ଶୁଣନ୍ତି- ସବୁ ସମସ୍ୟାର ସୁସମାଧାନ ବତାଇ ଦିଅନ୍ତି। ୧୯୯୦ ଦଶକର କଥା। ଦିନେ ସନ୍ଧ୍ୟା ସମୟରେ ପରମ ପୂଜ୍ୟପାଦ ଶ୍ରୀଶ୍ରୀ ଦାଦା ଭୁବନେଶ୍ୱର ସତ୍‌ସଙ୍ଗ ବିହାର ଲନ୍‌ରେ ବସିଥା'ନ୍ତି- ନାନା ଲୋକଙ୍କର ରୋଗ-ବ୍ୟାଧି ତଥା ସମସ୍ୟାର ନିବେଦନ ଚାଲିଥାଏ। ମୁଁ ଛିଡ଼ା ହୋଇ ନିବେଦନ କରୁଥିଲି। ଏହି ସମୟରେ ସ୍ୱାମୀ-ସ୍ତ୍ରୀ ଦୁଇଜଣ ଦୂରରେ ଛିଡ଼ା ହୋଇ ଅସ୍ପଷ୍ଟ ସ୍ୱରରେ କ'ଣ କହୁଥା'ନ୍ତି, ଯାହା ମୁଁ ଲକ୍ଷ୍ୟକରି ନାହିଁ। କିନ୍ତୁ ଶ୍ରୀଶ୍ରୀ ଦାଦାଙ୍କର ସନ୍ଧାନୀ ଦୃଷ୍ଟି ତାହା ଲକ୍ଷ୍ୟ କରିଛି। ସେ ହଠାତ୍ କହିଲେ- "ସେହି ମା' ଜଣକ କ'ଣ କହୁଛନ୍ତି, ଶୁଣ!" ସେମାନେ ନିକଟକୁ ଆସି କହିବାରୁ ଜଣାଗଲା- ତାଙ୍କ ସ୍ୱାମୀଙ୍କର ଦୁରାରୋଗ୍ୟ ଆଜ୍‌ମା ରୋଗ ; କୌଣସି ଔଷଧରେ ଆରୋଗ୍ୟ ହେଉ ନାହିଁ। ସେମାନେ କେହି ଦୀକ୍ଷା ଗ୍ରହଣ କରି ନ ଥା'ନ୍ତି। ଶ୍ରୀଶ୍ରୀ ଦାଦା ତାଙ୍କ ଶୁଣି ପୁରୀରେ ସାକ୍ଷାତ୍ କରିବାକୁ କହିଲେ। ପୁରୀ ଯିବା ପରେ ତାଙ୍କ ନିର୍ଦ୍ଦେଶରେ ଶ୍ରଦ୍ଧେୟ ସଞ୍ଜୀବଦା ତାଙ୍କୁ ଆଜ୍‌ମା



ପୂଜ୍ୟପାଦ ଶ୍ରୀଶ୍ରୀ ଦାଦା

ପାଇଁ ଔଷଧ ଦେଲେ ଏବଂ ପାଳନ ବିଧି ବତାଇଦେଲେ। ପରେ ଶୁଣିଛି, ଉକ୍ତ ଭାଇ ଜଣଙ୍କ ସୁସ୍ଥ ହୋଇଗଲେ। ସତ୍‌ସଙ୍ଗର କର୍ମୀ ସମ୍ମିଳନୀରେ ବାରମ୍ବାର କର୍ମୀମାନଙ୍କୁ କହନ୍ତି- "ଆପଣମାନେ ଶ୍ରୀଶ୍ରୀ ଠାକୁରଙ୍କର ଆଶୀର୍ବାଦ ମୁଣ୍ଡରେ ଧରି ସହାନୁଭୂତିର ସହିତ ଲୋକଙ୍କ ସହିତ ମିଶିବେ, ସେମାନଙ୍କର ଦୁଃଖଦୁର୍ଦ୍ଦଶା ଦୂର କରିବାକୁ ଚେଷ୍ଟା କରିବେ- କେହି ଜଣେ ବି ଯେପରି ହତାଶ ନ ହୁଅନ୍ତି। ଆପଣମାନଙ୍କ ସାମର୍ଥ୍ୟର ସମ୍ଭବ ନ ହେଲେ ମୋତେ ଆସି କହିବେ, ମୋର ପୁଅମାନଙ୍କୁ କହିବେ- ସେମାନେ ଆପଣଙ୍କୁ ସାହାଯ୍ୟ କରିବେ।" ଶ୍ରୀଶ୍ରୀ ଠାକୁର କହିଛନ୍ତି- "ଆମର ସଂଗ୍ରାମ ହେଲା- ଜରା, ମୃତ୍ୟୁ, ବିଚ୍ଛିନ୍ନତା, ଦାରିଦ୍ର୍ୟ ଏବଂ ଅଜ୍ଞାନତା ବିରୋଧରେ ଏବଂ ଆମର ଅସ୍ତ୍ର ହେଲା- ପ୍ରେମ, ସହାନୁଭୂତି ଏବଂ ସେବା।" ପରମପୂଜ୍ୟପାଦ ଶ୍ରୀଶ୍ରୀ ଦାଦା ସାରା ଜୀବନ ଏହି ବ୍ରତ ପାଳନ କରିଯାଇଛନ୍ତି। ତାଙ୍କର ବିଶ୍ୱବରେଣ୍ୟ ପିତୃଦେବ ଶ୍ରୀଶ୍ରୀ ବଡ଼ଦା ତାଙ୍କୁ ଆଶୀର୍ବାଦ କରି କହିଥିଲେ- "ବ୍ୟଥାଭରା ଜୀବନର ଯେତେ ଦୁଃଖ ଶୋକ/ତୁମରି ପରଶେ ଯାଉ ତୁମେ ଯେ ଅଶୋକ।" ଏହି ଆଶୀର୍ବାଣୀ ତାଙ୍କ ଜୀବନରେ ମୂର୍ତ୍ତ ହୋଇ ଉଠିଥିଲା। ଏକଦା ଓଡ଼ିଶାର ଜନୈକ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ସତ୍‌ସଙ୍ଗ ବିହାର ନାଟମଣ୍ଡପରେ ତାଙ୍କ ନିକଟରେ ବସି କଥାବାର୍ତ୍ତା କରୁଥିଲେ। ଅଗଣିତ ଭକ୍ତ ଶ୍ରୀଶ୍ରୀ ଦାଦାଙ୍କୁ ପ୍ରଣାମ କରି ନିଜର ନାନା ସମସ୍ୟା ନିବେଦନ କରୁଥା'ନ୍ତି ଏବଂ ସେସବୁର ସମାଧାନ ଶୁଣି ମନରେ ପ୍ରଣାମ କରି ଚାଲିଯାଉଥା'ନ୍ତି। ଏଣେ ସେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀଙ୍କ ସହିତ ନାନା ବିଷୟରେ ଶୁଣି ଗପ ମଧ୍ୟ କରୁଥା'ନ୍ତି। କିଛି ସମୟ ଏହା ଲକ୍ଷ୍ୟ କରିବା ପରେ ସେ ଶ୍ରୀଶ୍ରୀ ଦାଦାଙ୍କୁ ପଚାରିଲେ- ଆପଣ ଏତେ ଲୋକଙ୍କର ସମସ୍ୟା କଥା ଶୁଣୁଛନ୍ତି, ପୁଣି ବିରାଟ ସତ୍‌ସଙ୍ଗର ସମସ୍ତ ଦାୟିତ୍ୱ ଆପଣଙ୍କ ମୁଣ୍ଡରେ- ତଥାପି ଆପଣଙ୍କ ମୁହଁରେ କୌଣସି ଚିନ୍ତା ବା ମଳିନତାର ଚିହ୍ନମାତ୍ର ନାହିଁ- ସର୍ବଦା ଆନନ୍ଦରେ ଅଛନ୍ତି- ଏହା କିପରି ସମ୍ଭବ? ଉତ୍ତରରେ ଶ୍ରୀଶ୍ରୀ ଦାଦା କହିଲେ- "ମୁଁ ସର୍ବଦା ଆନନ୍ଦମୟ ବିଭୁଙ୍କ ସହିତ ଯୁକ୍ତ ହୋଇ ରହିଛି। ତେଣୁ ମୋର ନିରାନନ୍ଦ ଆସିବ କେଉଁଠୁ?" ଲୋକସେବା ହିଁ ଥିଲା ତାଙ୍କ ଜୀବନର ବ୍ରତ। ସତ୍‌ସଙ୍ଗ କେବଳ ମଣିଷର ସେବା କରେ ନାହିଁ- ପଶୁ ପକ୍ଷୀ, ବୃକ୍ଷଲତା ଏବଂ ପରିବେଶର ମଧ୍ୟ ସେବା କରିଥାଏ। ଶ୍ରୀଶ୍ରୀ ଦାଦାଙ୍କ ନିର୍ଦ୍ଦେଶରେ ପୂଜ୍ୟପାଦ ବାବାଇଦା(ଅର୍କଦ୍ୟୁତି ଚକ୍ରବର୍ତ୍ତୀ) ସତ୍‌ସଙ୍ଗ ଆଶ୍ରମ ଦେଓଘରରେ ଯେଉଁ ବିରାଟ ଜଳ ସଂରକ୍ଷଣ ଯୋଜନା କରିଛନ୍ତି ତାହା ଦେଶର ସର୍ବୋତ୍କୃଷ୍ଟ ବିବେଚିତ ହୋଇଛି। କରୋନା ମହାମାରୀ ସମୟରେ ଦେଓଘର ନିକଟସ୍ଥ ନନ୍ଦନ ପାହାଡ଼କୁ ଯାତ୍ରୀସଂଖ୍ୟା କମିଯିବାରୁ ସେମାନଙ୍କ ଉପରେ ନିର୍ଭରଶୀଳ ବାନର ଏବଂ ପକ୍ଷୀମାନେ ଖାଦ୍ୟାଭାବରୁ ମୃତ୍ୟୁମୁଖରେ ପଡୁଛନ୍ତି। ତେଣୁ ପୂଜ୍ୟପାଦ ବାବାଇଦାଙ୍କ ନିର୍ଦ୍ଦେଶରେ ସତ୍‌ସଙ୍ଗ ଆଶ୍ରମରୁ ନିୟମିତ ନାନାପ୍ରକାର ଫଳମୂଳ କଟାହୋଇ ଚଣା, ଡାଲି ଇତ୍ୟାଦି ବାନର ଏବଂ ପକ୍ଷୀମାନଙ୍କୁ ଯୋଗାଇ ଦିଆଯାଉଛି। ତେବେ ଶ୍ରୀଶ୍ରୀ ଦାଦାଙ୍କ ମହାପ୍ରୟାଣରେ ଆଜି ଭକ୍ତଙ୍କ ହୃଦୟ ଦୁଃଖରେ ଭାଙ୍ଗିପଡୁଛି। ପରମ ଆଶାର କଥା- ସେ ଆମକୁ ନିଃସହାୟ କରି ଛାଡ଼ିଯାଇ ନାହାନ୍ତି। ତାଙ୍କର ସୁଯୋଗ୍ୟ ଦାୟାଦ ପୂଜ୍ୟପାଦ ବାବାଇଦାଙ୍କ ମଧ୍ୟରେ ବଞ୍ଚିରହି ସେ ଆମକୁ ନିରନ୍ତର ପଥ ଦେଖାଇ ଚାଲିବେ। ଶ୍ରୀଶ୍ରୀଠାକୁରଙ୍କ ଅବର୍ତ୍ତମାନରେ ଆମେ ଶ୍ରୀଶ୍ରୀ ବଡ଼ଦାଙ୍କ ମଧ୍ୟରେ ତାଙ୍କୁ ପାଇଥିଲୁ। ଶ୍ରୀଶ୍ରୀ ବଡ଼ଦାଙ୍କ ଦେହାବସାନରେ ଆମେ ଶ୍ରୀଶ୍ରୀ ଦାଦାଙ୍କ ମଧ୍ୟରେ ଶ୍ରୀଶ୍ରୀ ଠାକୁର ଏବଂ ଶ୍ରୀଶ୍ରୀ ବଡ଼ଦା ଉଭୟଙ୍କୁ ଅନୁଭବ କରିଛୁ। ସେହିପରି ପୂଜ୍ୟପାଦ ବାବାଇଦାଙ୍କ ମଧ୍ୟରେ ଆମେ ସମସ୍ତଙ୍କର ସ୍ପର୍ଶ ପାଇପାରୁଛୁ- କାରଣ ପିତା-ପୁତ୍ରଙ୍କର ଏହି ଅନିର୍ବଚନୀୟ ଲୀଳା ନିରନ୍ତର ଚାଲିଛି ଏବଂ ଭବିଷ୍ୟତରେ ମଧ୍ୟ ଚାଲିଥିବ।

ମୋ: ୯୪୩୭୨୮୭୯୬୪

## ଏଇ ଭାରତରେ

ଜଣେ ସଫ୍ଟୱେର ଇଞ୍ଜିନିୟରଙ୍କ ପ୍ରେରଣାଦାୟୀ କାର୍ଯ୍ୟ ଦେଖିବାକୁ ମିଳିଛି ପୁଣେରେ। ଅମିତା ଦେଶପାଣ୍ଡେ ଆଇଟିରେ ଡିଗ୍ରୀ ହାସଲ କରିବା ପରେ ଚରଖା ଓ ତନ୍ତ ବ୍ୟବହାର କରି ଅଦରକାରୀ ପ୍ଲାଷ୍ଟିକ ୱେ୍‌ପରରୁ ଆକର୍ଷଣୀୟ ବ୍ୟାଗ୍ ତିଆରି କରୁଛନ୍ତି। ସ୍ୱାଧୀନତା ସଂଗ୍ରାମ ସମୟରେ ଚରଖା ବ୍ୟବହାର ବିଦେଶୀ କପଡ଼ା ବର୍ଜନକରି ସ୍ୱଦେଶୀ ବସ୍ତ୍ର ପାଇଁ ବୈପ୍ଳବିକ ଧାରା ସୃଷ୍ଟି କରିଥିଲା। ଏବେ ଅମିତାଙ୍କ ଦ୍ୱାରା ଅଦରକାରୀ ପ୍ଲାଷ୍ଟିକର ପୁନଃ ଉପଯୋଗ ପୁଣି ଚରଖାର ଆଦରକୁ ସ୍ମରଣ କରିଛି। ପରିବେଶ ସଂରକ୍ଷଣରେ ଚରଖା ପ୍ରମୁଖ ଭୂମିକା ନେଇପାରେ ତାହା ଏଥିରୁ ପ୍ରମାଣିତ ହୋଇଛି। ଏହି କାର୍ଯ୍ୟ ପାଇଁ ସେ 'ରି-ଚରଖା' ସୋସିଆଲ ଏଣ୍ଟରପ୍ରାଇଜ ପ୍ରତିଷ୍ଠା କରିଛନ୍ତି। ଏଥିରେ ସେ ବହୁ ବର୍ଜ୍ୟ ସଂଗ୍ରହକାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ଗତବର୍ଷ ସେ ୭ଲକ୍ଷ ପ୍ଲାଷ୍ଟିକ ୱେ୍‌ପରର ପୁନଃ ଉପଯୋଗ କରିବାକୁ ସକ୍ଷମ ହୋଇପାରିଛନ୍ତି। ସେ ମୁଖ୍ୟତଃ ବ୍ୟାଗ୍, ଡେକୋର ଆଇଟମ୍, ଝୁଲା, ଷ୍ଟୋରେଜ୍ ବାସ୍କେଟ, ଗ୍ରୋପଟ୍, ଟେବୁଲ ମ୍ୟାଟ୍ ଆଦି ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ମହାମାରୀ ପୂର୍ବରୁ ସେ ଏଥିରୁ ୭୦ ଲକ୍ଷ ଟଙ୍କାର ବ୍ୟବସାୟ କରିଥିଲେ। ୨୦୦୫ରେ ଆଇଟି କମ୍ପାନୀରେ ନିଯୁକ୍ତି ପାଇ ୨୦୦୯ ଯାଏ କାର୍ଯ୍ୟ କରିବା ପରେ ଉଚ୍ଚତର ଶିକ୍ଷା ପାଇଁ ଆମେରିକା ଯାଇଥିଲେ। ସେଠାରୁ ଫେରି ଏହି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ଲାଷ୍ଟିକକୁ ଚରଖାରେ ପ୍ରଥମେ ଡୋର ବା ସୂତା ଆକାର ଦିଆଯାଇ ପରେ ପ୍ଲାଷ୍ଟିକ ଫାଇବର ସହ ଏହାକୁ ତନ୍ତରେ ବୁଣାଯାଉଛି। ଏହି ପଦ୍ଧତିରେ ଶକ୍ତି ଅପଚୟ କମ୍ ହେବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଡିସେମ୍ବର ୧୯୯୬

- ବୋର୍ଣ୍ଣିଓର ପଶ୍ଚିମ ଉପକୂଳରେ ସାମୁଦ୍ରିକ ଝଡ଼ ବାତ୍ୟା ପ୍ରବାହିତ ହେବା ଫଳରେ ୮୮ଜଣଙ୍କ ମୃତ୍ୟୁ।
- ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସୁତୋମୁ ହାଟା ଏକ ନୂଆ ରାଜନୈତିକ ପାର୍ଟି 'ତାୟି' (ସୂର୍ଯ୍ୟ) ଗଠନ କରିଛନ୍ତି।
- ସ୍ୱରାଷ୍ଟ୍ରମନ୍ତ୍ରୀ ଇନ୍ଦ୍ରଜିତ୍ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଆନ୍ତଃ ରାଜ୍ୟ ପରିଷଦ ଷ୍ଟାଣ୍ଡିଂ କମିଟି ଗଠିତ।

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | | 7 | | 5 |
| | 2 | | | 9 | | 6 | 3 | |
| | | | | | | | | |
| | 8 | | | | | | | 1 |
| 5 | | | | | 6 | | | 8 |
| | | 4 | 3 | | | | 2 | |
| 1 | | 7 | | | 8 | | | |
| 8 | | | 9 | 6 | | | | |
| 9 | 5 | | | | 3 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 8 | 9 | 6 | 4 | 7 | 2 | 5 |
| 5 | 7 | 9 | 2 | 3 | 8 | 4 | 6 | 1 |
| 6 | 2 | 4 | 5 | 1 | 7 | 8 | 3 | 9 |
| 2 | 9 | 6 | 8 | 7 | 3 | 5 | 1 | 4 |
| 8 | 5 | 3 | 1 | 4 | 2 | 9 | 7 | 6 |
| 1 | 4 | 7 | 6 | 5 | 9 | 2 | 8 | 3 |
| 4 | 8 | 5 | 3 | 2 | 1 | 6 | 9 | 7 |
| 7 | 3 | 2 | 4 | 9 | 6 | 1 | 5 | 8 |
| 9 | 6 | 1 | 7 | 8 | 5 | 3 | 4 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଏଟିଏମ୍ ଉଠାଣ ବୃଦ୍ଧିର ପୁନର୍ବିଚାର ହେଉ

ମହାଶୟ,

୨୦୨୦-୨୧ ବର୍ଷରେ ଅନେକ ଅର୍ଥନୈତିକ ଅବନତି ସାଙ୍ଗକୁ ଦରଦାମ୍‌ର ଅହେତୁକ ବୃଦ୍ଧି ସାଧାରଣ ଜନତାଙ୍କୁ ବିଚଳିତ କରିଦେଇଛି। ୨୦୨୨ରେ ମଧ୍ୟ ଦରଦାମ୍ ବୃଦ୍ଧିର ଆକଳନ କରାଯିବା ସହିତ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ନୂତନ ମୁଦ୍ରାନୀତି ବିଶେଷକରି ଏଟିଏମ୍‌ରୁ ଟଙ୍କା ଉଠାଣ ଅଧିକ ବ୍ୟୟବହୁଳ ହେବ। ଆସନ୍ତା ଜାନୁୟାରୀଠାରୁ ଏଟିଏମ୍‌ରେ ମାଗଣା ସେବା ଉପଲବ୍ଧ ଆଉ ହେବ ନାହିଁ ବୋଲି ଆରବିଆଇ ଗାଇଡ ଲାଇନ ଜାରି କରିଛି। ଏଣିକି ଏଟିଏମ୍‌ରେ ଟଙ୍କା ଉଠାଣର ସମୟସୀମା ସରିବା ପରେ ୨୦ ଟଙ୍କା ବଦଳରେ ୨୧ ଟଙ୍କା ଦେବାକୁ ପଡ଼ିବ। ଏଥିସହିତ ଅତିରିକ୍ତ ଜିଏସ୍‌ଟି ଚାର୍ଜ ମଧ୍ୟ ଦେବାକୁ ପଡ଼ିବ। ଏହା ନିକଟରେ ଆରବିଆଇ ନିୟମାବଳୀ ଜାରି କରିଛି। ଏହା ଆଦୌ ସମୀଚୀନ ନୁହେଁ। କାରଣ ଏହି ନିୟମ ବୋଝ ଉପରେ ନଳିତା ବିଡ଼ା ସଦୃଶ। ଅନ୍ତତଃପକ୍ଷେ ଗ୍ରାହକମାନଙ୍କୁ ଏଟିଏମ୍ ଉଠାଣରେ ଜିଏସ୍‌ଟି ଚାର୍ଜ ଦେବା ପାଇଁ ପଡ଼ିଲେ ଏଥିରେ ବ୍ୟାପକ ଜନ ଅସନ୍ତୋଷ ମୁଣ୍ଡ ଟେକିବ। ସାଧାରଣ ଜନତା ମଧ୍ୟ କର ଦେଇ ବ୍ୟାଙ୍କରୁ ଏଟିଏମ୍ ଟଙ୍କା ଉଠାଣ ଯୋଗୁ ଅତିଷ୍ଠ ହୋଇଯିବେ। ତେଣୁ କେନ୍ଦ୍ର ସରକାର ଏହାର ପୁନଃ ସମୀକ୍ଷା କରି ଜିଏସ୍‌ଟି ଚାର୍ଜକୁ ଏଟିଏମ୍ ଉଠାଣରୁ ବାଦ ଦେବା ପାଇଁ ବିହିତ ପଦକ୍ଷେପ ନେବା ଆବଶ୍ୟକ।

– ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

## ଚିରନ୍ତନୀ

ନ ଭୁଲି ପଥ କେସନ ପୁଣି
ଅଜଣା ଦେଶେ ଆସିଲ ଚାଲି
ଶୀତ ବରଷା ନ ମାନି ତୁମେ
ଏ କି ମଉନ ବେଶରେ ଖାଲି।

– (ନିଜ ଭୁଲା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଇ-ଶ୍ରମରେ ୧୪ କୋଟି ସଦସ୍ୟ

**ନୂଆଦିଲ୍ଲୀ,୨୬।୧୨:** ଦେଶର ଅଣ ସଂଗଠିତ କ୍ଷେତ୍ରର କାର୍ଯ୍ୟ କରୁଥିବା ପ୍ରତି ୩ ଜଣରେ ଜଣେ ଶ୍ରମିକ ଇ-ଶ୍ରମ ପୋର୍ଟାଲରେ ପଞ୍ଜୀକୃତ କରିଥିବା କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ପୋର୍ଟାଲରେ ମୋଟ ୧୪ କୋଟି ଶ୍ରମିକ ପଞ୍ଜୀକୃତ ହୋଇସାରିଛନ୍ତି। ଶନିବାର କେନ୍ଦ୍ର ଶ୍ରମ ଓ ରୋଜଗାର ରାଷ୍ଟ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏ ସମ୍ପର୍କରେ ଟୁଇଟ କରି କହିଛନ୍ତି ଯେ ଇ-ଶ୍ରମ ପୋର୍ଟାଲରେ ବର୍ତ୍ତମାନ ୧୪,୦୨,୯୨,୮୨୫ଜଣ ଶ୍ରମିକ ସାମିଲ ହୋଇଛନ୍ତି। ଏଥିଲାଗି ସେ ପଞ୍ଜୀକୃତ ଶ୍ରମିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉକ୍ତ ପୋର୍ଟାଲର ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ପଞ୍ଜୀକରଣ ଦୃଷ୍ଟିରୁ ଦେଶର ଶୀର୍ଷ ୫ ରାଜ୍ୟ ମଧ୍ୟରେ ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟର ନାମ ରହିଛି। ପଞ୍ଜୀକୃତ ଶ୍ରମିକଙ୍କ ମଧ୍ୟରୁ ୫୨.୫୬% ମହିଳା ଥିବାବେଳେ ୪୭.୪୪% ପୁରୁଷ ସାମିଲ ଅଛନ୍ତି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଗୁଗଲ ଉପରେ ୭୩୯ କୋଟି ଜରିମାନା

**ନୂଆଦିଲ୍ଲୀ,୨୬।୧୨:** ବିଶ୍ୱର ପ୍ରମୁଖ ଆଇଟି କମ୍ପାନୀ ଗୁଗଲ ରୁଷିଆରେ ନିଷିଦ୍ଧ ଥିବା ବିଭିନ୍ନ କଣ୍ଟେଣ୍ଟଗୁଡିକୁ ତା'ର ସର୍ଚ୍ଚ ଇଞ୍ଜିନ ଜରିଆରେ ସର୍ବସାଧାରଣ କରି ଦେଖାଉଥିବା ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ସ୍ଥାନୀୟ ସରକାରଙ୍କ ପକ୍ଷରୁ ମଧ କମ୍ପାନୀକୁ ଚେତାବନୀ ଦେବା ସହ ଉକ୍ତ ନିଷିଦ୍ଧ କଣ୍ଟେଣ୍ଟ କମ୍ପାନୀ ତା'ର ସାଇଟ୍‌ରୁ ହଟାଇବାକୁ କୁହାଯାଇଥିଲା। ହେଲେ ସରକାରଙ୍କ ଚେତାବନୀ ସତ୍ତ୍ୱେ ମଧ କମ୍ପାନୀ ଉକ୍ତ ନିଷିଦ୍ଧ କଣ୍ଟେଣ୍ଟକୁ ତା'ର ସାଇଟ୍‌ରୁ ହଟାଇ ନ ଥିଲା। ରୁଷିଆର ଏକ କୋର୍ଟ ଉକ୍ତ ମାମଲାର ବିଚାର କରି ଗୁଗଲ ଉପରେ ୯.୮କୋଟି ଡଲାର ଯାହା ଭାରତୀୟ ମୁଦ୍ରାରେ ପ୍ରାୟ ୭୩୯ କୋଟି ଟଙ୍କାର ଜରିମାନା କରିଛି। ସେହିଭଳି ସମାନ ଅଭିଯୋଗରେ ମଧ କୋର୍ଟ ମେଟା (ଫେସ୍‌ବୁକ) ଉପରେ ମଧ ୨୭.୧୫ ମିଲିୟନ ଡଲାର ଅର୍ଥାତ୍ ୨୦୫ କୋଟି ଟଙ୍କାର ଜରିମାନା ଲାଗୁ କରିଛନ୍ତି।

# ପାଞ୍ଚ କମ୍ପାନୀ ଯୋଡିଛନ୍ତି ୧ଲକ୍ଷ କୋଟିର ସମ୍ପତ୍ତି

ନୂଆଦିଲ୍ଲୀ,୨୬।୧୨



ଦେଶର ପ୍ରମୁଖ ୧୦ ଘରୋଇ କମ୍ପାନୀ ମଧ୍ୟରୁ ପାଞ୍ଚଟି କମ୍ପାନୀ ଗତ ସପ୍ତାହରେ ସେମାନଙ୍କର ମୋଟ ବଜାର ମୂଲ୍ୟରେ ୧,୦୧,୧୪୫.୦୯ କୋଟି ଟଙ୍କା ଯୋଡିଛନ୍ତି। ଏହି ସମୟରେ ସର୍ବାଧିକ ସମ୍ପତ୍ତି ଯୋଡିଥିବା କମ୍ପାନୀ ମଧ୍ୟରେ ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ) ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆରଆଇଏଲ) ର ନାମ ସମ୍ପୃକ୍ତ ରହିଛି। ଏହି ପରିପ୍ରେକ୍ଷୀରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍, ଇନ୍‌ଫୋସିସ୍, ହିନ୍ଦୁସ୍ତାନ ୟୁନିଲିଭର୍ ଲିମିଟେଡ୍ ଏବଂ ୱିପ୍ରୋ ପ୍ରମୁଖ ଲାଭକାରୀ କମ୍ପାନୀ ହୋଇଥିବାବେଳେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି, ବଜାଜ ଫାଇନାନ୍ସ ଏବଂ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ଏହି କ୍ରମରେ ପଛରେ ପଡିଛନ୍ତି। ଗତ ସପ୍ତାହର ବମ୍ବେ ଷ୍ଟକ୍ ମାର୍କେଟ (ବିଏସ୍‌ଇ) ର ମାନଦଣ୍ଡ ୧୧୨.୫୭ ପଏଣ୍ଟ କିମ୍ବା ୦.୧୦% ହାସଲ କରିଛନ୍ତି। ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍) ର ବଜାର ମୂଲ୍ୟ ୩୦,୭୨୦.୬୨ କୋଟି ଟଙ୍କା ବୃଦ୍ଧି ପାଇ ୧୩,୫୭,୬୪୪.୩୩ କୋଟିରେ ପହଞ୍ଚିଛି। ବର୍ତ୍ତମାନ ଏହାର ମୂଲ୍ୟ ୧୬,୦୪,୧୫୪.୫୬ କୋଟି ଟଙ୍କାକୁ ନେବା ପାଇଁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ୨୧,୦୩୫.୯୫ କୋଟି ଟଙ୍କା ଯୋଡିଛି। ଇନ୍‌ଫୋସିସ୍‌ର ମୂଲ୍ୟ ୧୭,୬୫୬.୯୫ କୋଟି ଟଙ୍କା ବୃଦ୍ଧି ପାଇ ୭,୮୩,୭୭୯.୯୯ କୋଟି ଏବଂ ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡର ମୂଲ୍ୟ ୧୬,୦୦୦.୭୧ କୋଟିରୁ୫,୪୦,୦୫୩.୫୫ କୋଟିରେ ପହଞ୍ଚିଛି। ୱିପ୍ରୋର ବଜାର ପୁଞ୍ଜୀକରଣ ୧୫,୭୩୦.୮୬ କୋଟି ଟଙ୍କା ବୃଦ୍ଧି ପାଇ ୩,୮୨,୮୫୭.୨୫ କୋଟିରେ ପହଞ୍ଚିଛି। ଅପରପକ୍ଷରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମୂଲ୍ୟ ୧୮,୬୧୯.୯୫ କୋଟି ଟଙ୍କା ହ୍ରାସ ପାଇ ୭,୯୭,୬୦୯.୯୪ କୋଟିରେ ପହଞ୍ଚିଛି। ଏଚ୍‌ଡିଏଫ୍‌ସିର ମୂଲ୍ୟ ୧୫,୦୮୩.୯୭ କୋଟି ଟଙ୍କା ହ୍ରାସ ପାଇ ୪,୫୮,୮୩୮.୮୯ କୋଟି ଏବଂ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୂଲ୍ୟ ୯,୭୨୭.୮୨ କୋଟି ହ୍ରାସ ପାଇ ୪,୦୭,୭୨୦.୮୮ କୋଟିରେ ପହଞ୍ଚିଛି। ବଜାଜ ଫାଇନାନ୍ସର ବଜାର କ୍ୟାପିଟାଲାଇଜେଶନ୍ ୩,୦୪୮.୧୫ କୋଟିରୁ ୪,୧୩,୫୪୬.୬୩ କୋଟି ଏବଂ ଆଇସିଆଇସିଆଇ ବ୍ୟାଙ୍କର ୪୭୬.୮୧ କୋଟି ଟଙ୍କା ହ୍ରାସ ପାଇ ୫,୦୫,୦୭୦.୩୩ କୋଟିରେ ରହିଛି। ଶ୍ରେଷ୍ଠ ୧୦ଟି ସଂସ୍ଥାର ର୍‌ୟାଙ୍କିଙ୍ଗରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଇନ୍‌ଫୋସିସ୍, ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ୍, ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି, ବଜାଜ ଫାଇନାନ୍ସ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ୱିପ୍ରୋ ଏହି ସୂଚୀରେ ଆଗୁଆ ରହିଛି।

## ଓଏମ୍‌ସିକୁ କଳିଙ୍ଗ ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର,୨୬।୧୨




କାର୍ଯ୍ୟର ସମସ୍ତ କ୍ଷେତ୍ରରେ ଉତ୍କର୍ଷତାଲାଭ କରିବାର ଲକ୍ଷ୍ୟ ନିକଟରେ ଅନେକ ପ୍ଲାଟ୍‌ଫର୍ମରେ ଓଡ଼ିଶା ଖଣି ନିଗମ(ଓଏମ୍‌ସି)କୁ ବହୁ ସଫଳତା ଆଣି ଦେଇଛି। ପିଏସ୍‌ୟୁ ବର୍ତ୍ତମାନ ଏହାର ସ୍ଥାୟିତ୍ୱ ପାଇଁ ପିପୁଲ୍ସ ପ୍ରଥମ ଏଚ୍‌ଆର୍ ଏକ୍ସଲେନ୍ସ ଆୱାର୍ଡ-୨୦୨୧କୁ ସ୍ଥାନିତ କରିଛି। କର୍ମକ୍ଷେତ୍ରରେ କୋଭିଡ୍-୧୯ର ପ୍ରସାରକୁ ଧାରଣ କରିବା ପାଇଁ ଉଦ୍ୟମ ଏବଂ ରଣନୀତି, ବ୍ୟବସାୟର ନିରନ୍ତରତାକୁ ସୁନିଶ୍ଚିତ କରିବା ଏବଂ ସିଏସ୍‌ଆର୍ ପଦକ୍ଷେପଗୁଡ଼ିକର ବ୍ୟାପକ ସ୍କେଲ୍ସମ୍ ପାଇଁ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍)ରେ ଅଗ୍ରଣୀ ଅଭ୍ୟାସ ବର୍ଗରେ ରହିଛି। ଏସିଆର ଏକ ଅଗ୍ରଣୀ ପ୍ରତିଭା ସଂସ୍ଥା ଦ୍ୱାରା ଆୟୋଜିତ ଏକ ଭର୍ଚୁଆଲ୍ ଇଭେଣ୍ଟରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ସୁରକ୍ଷା, ପରିବେଶ, ସିଏସ୍‌ଆର, ବୈଷୟିକ ହସ୍ତକ୍ଷେପ, ମାନବ ସମ୍ବଳ ପରିଚାଳନା ଇତ୍ୟାଦି କ୍ଷେତ୍ରରେ ଓଏମ୍‌ସିର ଅନନ୍ୟ ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ପ୍ଲାଟ୍‌ଫର୍ମରେ ପୁରସ୍କୃତ କରାଯାଇଛି। ସମ୍ପ୍ରତି ଏହି ସପ୍ତାହରେ ଭୁବନେଶ୍ୱରରେ ଆୟୋଜିତ ଓଡ଼ିଶା ରାଜ୍ୟ ସୁରକ୍ଷା କନ୍‌କ୍ଲେଭ-୨୦୨୧ରେ ନିଗମର ଦୈତାରୀ ଓ କୁର୍‌ମିତାର ଖଣିକୁ 'କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର' ପ୍ରଦାନ କରାଯାଇଛି।

## ନାବାର୍ଡର ବିଭିନ୍ନ ଯୋଜନା ସମ୍ପର୍କିତ ଦିନିକିଆ କର୍ମଶାଳା

ଭୁବନେଶ୍ୱର,୨୬।୧୨

ନାବାର୍ଡର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ଏକ ଦିନିକିଆ କର୍ମଶାଳା ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ବିଶେଷ କରି ଏସିଏବିସି, ଏଆଇଏଫ ଏବଂ ନ୍ୟୁ-ଏଏମ୍‌ଆଇ ଯୋଜନା ସମ୍ପର୍କରେ ରାଜ୍ୟବାସୀଙ୍କୁ ଅବଗତ କରାଇବା ଲକ୍ଷ୍ୟରେ ଏହାର ଆୟୋଜନ କରାଯାଇଥିଲା। ଉକ୍ତ କର୍ମଶାଳାକୁ ମିଳିତ ଭାବେ ଓଡ଼ିଶା ସରକାରଙ୍କ ବରିଷ୍ଠ ପ୍ରଶାସକ ନାର୍ବାଡର ସିଜିଏମ୍ ସି. ଉଦୟଭାସ୍କର ଏବଂ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣର ନିର୍ଦ୍ଦେଶକ ଏମ୍ ମୁଥୁକୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। କର୍ମଶାଳାର ଉଦ୍‌ଘାଟନୀ ଅଭିଭାଷଣ ଦେଇ ସି.ଉଦୟଭାସ୍କର କହିଥିଲେ, ରାଜ୍ୟର ବିଭିନ୍ନ କୃଷି ଭିତ୍ତିଭୂମିର ବିକାଶ ପାଇଁ ସଂସ୍ଥା ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ସେହିଭଳି ମୁଥୁକୁମାର ବ୍ୟାଙ୍କଗୁଡିକର ବରିଷ୍ଠ ଅଧିକାରୀ ଓ କୃଷି ସହ ଜଡିତ ସମସ୍ତ ପଦାଧିକାରୀଙ୍କୁ ନାବାର୍ଡର ଯୋଜନାଗୁଡିକ କିପରି କୃଷକ ନିକଟରେ ପହଞ୍ଚିବ ସେ ନେଇ ମତବ୍ୟକ୍ତ କରିଥିଲେ। ରାଜ୍ୟର ବିଭିନ୍ନ ଉଦ୍ୟୋଗୀ ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କ ମଧ୍ୟରେ ଏହି ଯୋଜନାଗୁଡିକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ବ୍ୟାଙ୍କର ଏବଂ ଏହାର ବିଭାଗୀୟ ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି। ରାଜ୍ୟର ବିକାଶରେ ନାବାର୍ଡର ପ୍ରଚେଷ୍ଟା ଓ ଯୋଜନାଗୁଡିକୁ ସେ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଏଲ୍‌ବିସିର ଆବାହକ ଅରୂପାନନ୍ଦ ଜେନା, ଭାରତ ସରକାରଙ୍କ ଡେପୁଟି କୃଷି ମାର୍କେଟିଂ ଉପଦେଷ୍ଟା ବି.କେ ତିୱାରୀ, ବିଭାଗୀୟ ବରିଷ୍ଠ ଅଧିକାରୀ, ବ୍ୟାଙ୍କ, ଉଦ୍ୟୋଗୀ, ଡିଏମ୍‌ଆଇର ବରିଷ୍ଠ ଅଧିକାରୀଙ୍କ ସମେତ ମ୍ୟାନେଜ ହାଇଦ୍ରାବାଦର ସାଇ ମାହେଶ୍ୱରୀ ଏବଂ ସି-ପିଏମ୍‌ୟୁର ଅମରେଶ ଦେ, ଏଆଇଏଫ, କୃଷି ମନ୍ତ୍ରଣାଳୟ, ଡିଏ ଆଣ୍ଡ ଏଫ୍‌ଡବ୍ଲ୍ୟୁ, ଗୋଲ୍‌ର ବରିଷ୍ଠ ଅଧିକାରୀମାନେ ଭିସି ଜରିଆରେ ଯୋଗ ଦେଇଥିଲେ। କର୍ମଶାଳାରେ ଜିଏମ୍- ସୁଶାନ୍ତ ମିଶ୍ର, ଡିଜିଏମ୍-ଏସ୍.ଆର. ପଣ୍ଡାଙ୍କ ସମେତ ସମସ୍ତ ଡିଡିଏମ୍ ଏବଂ ଆର୍‌ଓର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

## ଡିସେମ୍ବର ୨୫ସୁଦ୍ଧା ୪.୪୩ କୋଟି ଆଇଟିଆର୍

ଭୁବନେଶ୍ୱର,୨୬।୧୨

ଦେଶ ବିକାଶରେ ଭାଗୀଦାରି ହେବା ପାଇଁ ଦେଶବାସୀଙ୍କ ମଧ୍ୟରେ ଉତ୍ସାହ ରହିଛି। ଯାହାର ଫଳ ସ୍ୱରୂପ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୪.୪୩ କୋଟିରୁ ଊର୍ଦ୍ଧ୍ୱ ଆୟକର ରିଟର୍ନ (ଆଇଟିଆର୍) ଦାଖଲ ହୋଇଛି। ଯେଉଁଥିରେ ଡିସେମ୍ବର ୨୫ ମଧ୍ୟରେ ୧୧.୬୮ଲକ୍ଷରୁ ଅଧିକ ରିଟର୍ନ ଦାଖଲ କରାଯାଇଛି ବୋଲି ଆଇଟି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ଏ ନେଇ ବିଭାଗୀୟ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ଯେ ଚଳିତ ବର୍ଷ ଡିସେମ୍ବର ୨୫ ପର୍ଯ୍ୟନ୍ତ ୨.୪୧କୋଟିରୁ ଅଧିକ ଆଇଟିଆର୍-୧ ଏବଂ ୧.୦୯ କୋଟି ଆଇଟିଆର୍-୪ରେ ଅନ୍ତର୍ଭୁକ୍ତ ରହିଛି। ଚଳିତ ବର୍ଷ ଡିସେମ୍ବର ୨୫ ସୁଦ୍ଧା ୧୧,୬୮,୦୨୭ ଆଇଟିଆର୍ ଦାଖଲ କରାଯାଇଛି। ସେହିଭଳି ବିଭାଗ ଟିକସଦାତାମାନଙ୍କୁ ଏସ୍‌ଏମ୍‌ଏସ୍ ଏବଂ ଇମେଲ୍ ପଠାଇ ୨୦୨୦-୨୧ଆର୍ଥିକ ବର୍ଷ ପାଇଁ ରିଟର୍ନ ଦାଖଲ କରିବାକୁ ସୂଚନା ପ୍ରଦାନ କରିଛି। ଆଇଟିଆର୍ ଫର୍ମ ୧ (ସହଜ) ଏବଂ ଆଇଟିଆର୍ ଫର୍ମ ୪ (ସୁଗମ) ହେଉଛି।

## ହିରୋ ମୋଟୋକର୍ପର ନୂଆ ଏକ୍ସପଲ୍ସ୨୦୦ ୪ଭି



ଭୁବନେଶ୍ୱର,୨୬।୧୨

ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ପକ୍ଷରୁ ଏହାର ନୂଆ ମଡେଲ ଏକ୍ସପଲ୍ସ-୨୦୦ ୪ଭିକୁ ଓଡ଼ିଶା ବଜାରରେ ପ୍ରବେଶ କରାଯାଇଛି। କମ୍ପାନୀ ପ୍ରମୁଖ ଡିଲର ରୋହନ୍ ହିରୋ ଶୋ'ରୁମ୍ ପରିସରରେ ଶନିବାର ଏହାର ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ହିରୋ ମୋଟୋକର୍ପ ଲିମିଟେଡ୍‌ର ସେଲ୍‌ସ ଟେରିଟୋରି ମ୍ୟାନେଜର ତନ୍ମୟ ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଉନ୍ନତ ଡିଜାଇନ ଏବଂ ଟର୍କ ସହ ଏହା ବଜାରକୁ ଆସିଛି। ୨୨୦ ଏମ୍‌ଏମ୍‌ର ଗ୍ରାଉଣ୍ଡ କ୍ଲିୟରାନ୍ସ, ଟେଲିସ୍କୋପିକ ଫ୍ରଣ୍ଟ ଫ୍ରକ ସସ୍‌ପେନ୍‌ଶନ, ୧୩ ଲିଟରର ଫୁଏଲ ଟାଙ୍କି ଏବଂ ଶକ୍ତିଶାଳୀ ଏଲ୍‌ଇଡି ହେଡ୍ ଲାଇଟ୍ ଏଥିରେ ରହିଥିବା ସେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରୋହନ୍ ହିରୋର ଜେନେରାଲ ମ୍ୟାନେଜର ପ୍ରିୟରଞ୍ଜନ ଦାସ, କଷ୍ଟମର କେୟାର ମ୍ୟାନେଜର ମନୋଜ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ଫୁର୍‌ସତ୍



### ବଲିଉଡ୍‌ରେ ଏଣ୍ଟ୍ରି ଚାହାନ୍ତି ହର୍‌ନାଜ

**ମୁମ୍ବାଇ:** ଦୀର୍ଘ ୨୧ ବର୍ଷ ପରେ ଭାରତକୁ ମିସ ୟୁନିଭର୍ସ ମୁକୁଟ ଦେଇଥିବା ହରନାଜ ସାନ୍ଧୁ ଏବେ ସମସ୍ତଙ୍କ ନଜରରେ। ନିକଟରେ ସେ ଏକ ସାକ୍ଷାତକାରରେ ତାଙ୍କ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନକୁ ନେଇ ମନ ଖୋଲି କଥା ହୋଇଛନ୍ତି। ସେ ବଲିଉଡରେ ଏଣ୍ଟ୍ରି କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ସେହିପରି ଜଣେ ବୟସ୍କ ତଥା ପାୱାରଫୁଲ, ଧନୀ ବ୍ୟକ୍ତିଙ୍କ ବଦଳରେ ନିଜ ଗୋଡ଼ରେ ଛିଡ଼ା ହୋଇ ପରିଚୟ ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ଯୁବକଙ୍କ ସହ ସେ ଡେଟ୍ କରିବାକୁ ଚାହାଁନ୍ତି ବୋଲି କହିଛନ୍ତି। ଏପରି ହେଲେ ପରସ୍ପରର ଷ୍ଟ୍ରଗଲକୁ ସେ ବୁଝି ପାରିବେ ବୋଲି ହରନାଜ କହିଛନ୍ତି।

### ଏକାଠି ଆସିବେ ଜୁନିୟର ଏନ୍‌ଟିଆର, ସାମନ୍ଥା

**ମୁମ୍ବାଇ:** ଜୁନିୟର ଏନ୍‌ଟିଆର୍‌ଙ୍କ ଫିଲ୍ମ ଆରଆରଆର ରିଲିଜ ହେବାକୁ ଆଉ ମାତ୍ର କିଛି ଦିନ ବାକି ଅଛି। ତେବେ ଜୁନିୟର ଏନ୍‌ଟିଆର୍‌ଙ୍କ ଆଗାମୀ ଚଳଚ୍ଚିତ୍ର ପାଇଁ ସେ ସୁଟିଂ ଆରମ୍ଭ କରିଦେଇଛନ୍ତି। କୁହାଯାଉଛି ଯେ, ପୁଷ୍ପାରେ ପ୍ରଥମ ଭାବେ ଆଇଟମ ଗୀତରେ ନୃତ୍ୟ କରିଥିବା ସମନ୍ଥା ରୁଥ ପ୍ରଭୁ ଜୁନିୟର ଏନ୍‌ଟିଆରଙ୍କ ସହ ସିନେମାରେ ନଜର ଆସିବେ। ଚଳଚ୍ଚିତ୍ରରେ ସମନ୍ଥା ଏବଂ ଜୁନିୟର ଏନଟିଆରଙ୍କ ମଧ୍ୟରେ ଜବରଦସ୍ତ କେମେଷ୍ଟ୍ରି ଦେଖିବାକୁ ମିଳିବ। ନିର୍ଦ୍ଦେଶକ କରୋଟାଲା ଶିବା ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଥିବାବେଳେ ସୁଟିଂ ସରିବା ପରେ ଏହାକୁ ହାଇଦରବାଦରେ ଏକ ଔପଚାରିକ ପୂଜା କର ସିନେମାକୁ ଲଞ୍ଚ କରିବେ। କିନ୍ତୁ ଏ ପର୍ଯ୍ୟନ୍ତ ଚଳଚ୍ଚିତ୍ରର ନାମ ଜଣାପଡିନାହିଁ। ଅନ୍ୟପଟେ ସମନ୍ଥାତାଙ୍କ ଆଗାମୀ ସିନେମା ତାମିଲ-ତେଲେଗୁ 'ୟଶୋଦା'ର ପ୍ରଥମ ସୁଟିଂ ପୁରା କରିସାରିଛନ୍ତି।



ସମନ୍ଥା ରୁଥ ପ୍ରଭୁ
ଜୁନିୟର ଏନ୍‌ଟିଆର

### ୨୦ ଲକ୍ଷରେ ବିକ୍ରି ହେଲା 'ପିଗ୍‌କାସୋ' ପେଣ୍ଟିଙ୍ଗ୍

ମଣିଷ ଚିତ୍ର କରିବା ତ ଶୁଣିଥିବେ ଏବଂ ଦେଖିଥିବେ। ହେଲେ ଗୋଟେ ପଶୁ ତାହା ପୁଣି ଘୁଷୁରୀ ଚିତ୍ର କରିବା କଥା ଶୁଣିବା ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ। ଏହା ମିଛ ଲାଗୁଥିଲେ ବି ହୋ ସତ ଅଟେ। ଦକ୍ଷିଣ ଭାରତରେ ରହୁଥିବା ଯୋଆନେ ଲିଫସନ୍ ଏବଂ ତାଙ୍କ ଘୁଷୁରି 'ପିଗ୍‌କାସୋ' ପେଣ୍ଟିଙ୍ଗକୁ ନେଇ ବହୁତ ଫେମସ୍ ରହିଆସୁଛନ୍ତି। ଦିଲ୍ଲୀର ଏକ ରିପୋର୍ଟ ଅନୁଯାୟୀ, ଯୋଆନେ ଘୁଷୁରିଟିକୁ ୨୦୧୬ରେ କ୍ୟାପ୍ ଟାଉନ୍‌ରୁ ଉଦ୍ଧାର କରିଥିଲେ। ସେବେଠାରୁ ସେ ପେଟିଙ୍ଗ କରୁଛି। ୫ ବର୍ଷ ମଧ୍ୟରେ ସେ ୪୦୦ ପେଟିଙ୍ଗ କରିସାରିଲାଣି। ଲୋକଙ୍କୁ 'ପିଗ୍‌କାସୋ'ର ପେଟିଙ୍ଗ ଏତେ ପସନ୍ଦ ଆସେ ଯେ, ଲୋକେ ପେଟିଙ୍ଗକୁ ଅଧିକ ମୁଲ୍ୟ ଦେଇ କିଣି ନିଅନ୍ତି। କିଛି ଦିନ ଆଗରୁ ସେ ତିଆରି କରିଥିବା ପେଟିଙ୍ଗଟି



୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହୋଇଛି। ଏହା ପୂର୍ବରୁ ଆଉ ଗୋଟେ ପେଟିଙ୍ଗ ୧୪ ଲକ୍ଷରେ ବିକ୍ରି ହୋଇଥିଲା।

### ଏସିଡ୍ ଫିଙ୍ଗିଥିବା ପ୍ରେମିକଙ୍କୁ ବାହାହେଲେ



**ତୁର୍କୀ:** ତୁର୍କୀର ଜଣେ ୨୦ ବର୍ଷୀୟା ଯୁବତୀଙ୍କ ଉଦାରତା ଏବେ ଚର୍ଚ୍ଚାରେ ରହିଛି। ଯେଉଁ ଯୁବକ ତାଙ୍କ ମୁହଁକୁ ଏସିଡ ପକାଇଥିଲେ ସେହି ଯୁବକଙ୍କୁ ବିବାହ କରିଛନ୍ତି ଯୁବତୀ। ଏହି ଘଟଣାକୁ ନେଇ ଏବେ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ହେଉଛି। ଯୁବକ ଜଣକ କହିଛନ୍ତି, ମୁଁ ଏମିତି କରିବାକୁ ଚାହୁଁ ନ ଥିଲି। କିନ୍ତୁ ରାଗରେ କରି ଦେଇଥିଲି। ଯୁବତୀଙ୍କ ନାମ ବେରଫିନ ଓଜେକ। ଯେଉଁ ଯୁବକ ତାଙ୍କୁ ବିବାହ କରିଛନ୍ତି ତାଙ୍କ ନାମ ଓଜନ ସେଲ୍ଟି। ଦୁହିଁଙ୍କ ମଧ୍ୟରେ ରିଲେସନଶିପ ଥିଲା। କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଫଳରେ ୨୦୧୯ ମସିହାରେ ଓଜନ ବେରଫିନ୍‌ଙ୍କ ଉପରକୁ ଏସିଡ ଫିଙ୍ଗି ଥିଲେ। ପରେ ଓଜନଙ୍କୁ ୧୩ ବର୍ଷ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିଥିଲା। ମାତ୍ର କାନୁନ ବଦଳିବା ପରେ ତାଙ୍କୁ ସମୟସୀମା ପୂର୍ବରୁ ଜେଲୁ ମୁକ୍ତି ମିଳିଥିଲା। ବେରଫିନଙ୍କ ଉପରକୁ ଏସିଡ ଫିଙ୍ଗିବା ପରଠାରୁ ସେ ଭାବି ନେଇଥିଲେ ' ମୁଁ ଓଜନଙ୍କର ନୁହେଁ ତ ଆଉ କାହାର ନୁହେଁ'। ଯଦି ବିବାହ କରିବି ଓଜନଙ୍କୁ ହିଁ ବିବାହ କରିବି। ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସମୟରେ ସେ ଏହି କଥା ମଧ କହିଥିଲେ। ତେବେ ଓଜନ ଜେଲୁ ମୁକୁଳିବା ପରେ ବେରଫିନ ତାଙ୍କୁ କ୍ଷମା କରିବା ସହ ବିବାହ ବି କରିଛନ୍ତି। ଜଣେ ୟୁଜର ଲେଖିଛନ୍ତି, କ୍ଷମା ମାଗିଦେଲେ କ'ଣ ଅପରାଧ କମିଯିବ ? ମୁଁ ଭାବୁଛି ଏହି ବିବାହ ବେଶିଦିନ ତିଷ୍ଠିବ ନାହିଁ। ଆଉ ଜଣେ ୟୁଜର ଲେଖିଛନ୍ତି, ଯିଏ ଯୁବତୀଙ୍କ ସହ ବର୍ବରତା କରିଥିଲେ, ସେହି ଯୁବକଙ୍କ ସହ ତାଙ୍କୁ ରହିବାକୁ ହେବ।

CLASSIFIED DISPLAY
ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Very good news for who buy gold ornaments for marriage. If you buy more than 250 gram one time your gold rate will be Rs.42000/- for 10 gram, only for 7 days. Please come in time.
HINDUSTAN JEWELLERS
BAPUJINAGAR
BOMIKHAL
DHENKANAL

FINANCE
ପର୍ସନାଲ, ବିଜ୍‌ନେସ୍, ପ୍ରପର୍ଟି, ଗୃହ, ଶିକ୍ଷା, କୃଷି, ଗାଈ, କୁକୁଡ଼ା ଓ ଛେଳି ପାଳନ ପାଇଁ ସମସ୍ତ ପ୍ରକାର LOAN 7 ଦିନ ମଧ୍ୟରେ ଯୋଗାଇ ଦିଆଯାଉଛି । ଘରେ ବସି ONLINE ମାଧ୍ୟମରେ, ସୁଧ ୨% ।
Mob.- 7656825030
W.- 8280679121
B.D.F.C. FINANCE
BIJAPADA, BILASPUR, BARAGARH

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

BALAJI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ୨୭ ଡିସେମ୍ବର, ୨୦୨୧ Sambalpur, Monday, December 27/2021

# ଲୋକେଶ ରାହୁଲଙ୍କ ଶତକ

**ପ୍ରଥମ ଟେଷ୍ଟ**

**ସେଞ୍ଚୁରିୟନ,୨୬।୧୨**

ସ୍ଥାନୀୟ ସୁପର ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଭାରତ ଓ ଘରୋଇ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଆଧିପତ୍ୟ ଦେଖିବାକୁ ମିଳିଛି। ଓପନିଂ କରିବାକୁ ଆସିଥିବା ଲୋକେଶ ରାହୁଲ ଶତକ ଅର୍ଜନ କରିଛନ୍ତି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସ ଆରମ୍ଭ କରି ଭାରତ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୩ ଉଇକେଟ ହରାଇ ୨୭୨ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଲୋକେଶ ରାହୁଲ ୧୨୨ ରନର ଶତକୀୟ ଇନିଂସ ଓ ଅଜିଙ୍କ୍ୟ ରାହାନେ ୪୦ ରନକରି ଅପରାଜିତ ରହିଛନ୍ତି।

ଭାରତ ଭଲ ଆରମ୍ଭ କରିଥିଲା। ଦଳର ସ୍କୋର ୧୧୭ ରନ ଥିବା ବେଳେ ପ୍ରଥମ ଉଇକେଟ ଭାବେ ଓପନର ମୟଙ୍କ ଅଗ୍ରୱାଲ ଆଉଟ ହୋଇଥିଲେ। ୬୦ ରନ କରିଥିବା ବେଳେ ସେ ଲୁନ୍‌ଗି ଏନ୍‌ଗିଡିଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପର ବଲ୍‌ରେ ଚେତେଶ୍ୱର ପୂଜାରା ଖାତା ଖୋଲିବା ପୂର୍ବରୁ ଶର୍ଟ ଲେଗ୍‌ରେ କିଗାନ ପିଟରସନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ବଲ୍ ବ୍ୟାଟର ଏଜ୍ ନେଇ ଥାଇପ୍ୟାଡରେ ବାଜିଥିଲା ଓ ପିଟରସନ କ୍ୟାଚ୍ ନେଇଥିଲେ। ଅଧିନାୟକ ବିରାଟ କୋହଲି ୩୫ ରନକରି କ୍ରିଜ୍‌ରେ ଜମି ଆସୁଥିବା ବେଳେ ପୁରୁଣା ତ୍ରୁଟି ଦୋହରାଇଥିଲେ। ଏନ୍‌ଗିଡିଙ୍କ ବଲ୍‌ରେ ପ୍ରଥମ ସ୍ଲିପ୍‌ରେ ସେ ୱିଆନ ମୁଲଡରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ତୃତୀୟ ଉଇକେଟରେ କୋହଲି ଓ ରାହୁଲ ୮୨, ଚତୁର୍ଥ ଉଇକେଟରେ ରାହାନେ ଓ ରାହୁଲ ଅପରାଜିତ ୭୩ ରନ ସଂଗ୍ରହ କରିଛନ୍ତି। ୨୪୮ଟି ବଲ୍ ଖେଳି ରାହୁଲ ୧୭ ଚୌକା ଓ ୧ ଛକା ମାରିଛନ୍ତି। ୧୪ ବର୍ଷ ପରେ ଦକ୍ଷିଣ ଆଫ୍ରିକା ମାଟିରେ କୌଣସି ଭାରତୀୟ ଓପନର ଶତକ ଅର୍ଜନ କରିଛନ୍ତି। ଏହାପୂର୍ବରୁ ୱାସିମ ଜାଫର ୨୦୦୭ରେ ୧୧୬ ରନର ଶତକୀୟ ଇନିଂସ ଖେଳିଥିଲେ। ଏହାପରେ କୌଣସି ଭାରତୀୟ ଓପନର ଦକ୍ଷିଣ ଆଫ୍ରିକା ମାଟିରେ ଶତକ ମାରିବାରେ ସଫଳ ହୋଇ ନ ଥିଲେ। ଏଥିସହ ରାହୁଲ ସପ୍ତମ ଟେଷ୍ଟ ଶତକ ଅର୍ଜନ କରିଛନ୍ତି। ବିଦେଶ ମାଟିରେ ରାହୁଲଙ୍କର ଏହା ଷଷ୍ଠ ଶତକ। ରାହୁଲ ପ୍ରଥମ ଭାରତୀୟ ଓପନର ଭାବେ ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମାଟିରେ ଶତକ ଅର୍ଜନ ହାସଲ କରିଛନ୍ତି। ୨୦୨୧ରେ ରାହୁଲ ଏଥିସହ ତୃତୀୟ ଶତକ ଅର୍ଜନ କରିଛନ୍ତି। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଏନ୍‌ଗିଡି ୩ଟି ଯାକ ଉଇକେଟ ଅକ୍ତିଆର କରିଥିଲେ।


ଲୋକେଶ ରାହୁଲ

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସରେ ୯୦ ଓଭରରେ ୨୭୨/୩

(ଲୋକେଶ ରାହୁଲ- ୧୨୨*, ମୟଙ୍କ ଅଗ୍ରୱାଲ- ୬୦, ଅଜିଙ୍କ୍ୟ ରାହାନେ- ୪୦*, ବିରାଟ କୋହଲି- ୩୫, ଲୁନଗି ଏନ୍‌ଗିଡି- ୩/୪୫)।

# ପ୍ରଥମ ଦିବସରେ ଅଷ୍ଟ୍ରେଲିଆର ଆଧିପତ୍ୟ

**ଆଶେସ ତୃତୀୟ ଟେଷ୍ଟ**

**ମେଲବୋର୍ନ,୨୬।୧୨**

ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଆଶେସ ସିରିଜର ତୃତୀୟ ଟେଷ୍ଟ ମ୍ୟାଚ୍ ରବିବାରଠାରୁ ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅଷ୍ଟ୍ରେଲିଆର ଆଧିପତ୍ୟ ଦେଖିବାକୁ ମିଳିଛି। ବର୍ଷା ଯୋଗୁ ପ୍ରଥମ ଦିବସର ଖେଳ ଅଧଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା।

ଅଷ୍ଟ୍ରେଲିଆ ଟସ୍ ଜିତି ଇଂଲଣ୍ଡକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଇଂଲଣ୍ଡ ପ୍ରଥମ ଇନିଂସରେ ୬୫.୧ ଓଭରରେ ୧୮୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଆରମ୍ଭ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୧୬ ଓଭରରେ ଗୋଟିଏ ଉଇକେଟ ହରାଇ ୬୧ ରନ ସଂଗ୍ରହ କରିଛି। ୯ ଉଇକେଟ ହାତରେ ରଖି ଅଷ୍ଟ୍ରେଲିଆ ୧୨୪ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ମାର୍କସ ହାରିସ୍ ୨୦ ଓ ନାଇଟ୍ ୱାଚ୍‌ମ୍ୟାନ ନାଥନ ଲିୟନ ବିନା ସ୍କୋରରେ ଅପରାଜିତ ରହିଛନ୍ତି। ଏକମାତ୍ର ଆଉଟ ହୋଇଥିବା ବ୍ୟାଟର ହେଉଛନ୍ତି ଓପନର ଡେଭିଡ୍ ୱାର୍ନର। ୱାର୍ନର ୩୮ ରନ କରିଥିବା ବେଳେ ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନଙ୍କ ବଲ୍‌ରେ ଗଲିରେ ଜ୍ୟାକ କ୍ରାଲିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ।

ଇଂଲଣ୍ଡ ତରଫରୁ ଓପନର ହାସିବ ହମିଦ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଅନ୍ୟତମ ଓପନର ଜ୍ୟାକ କ୍ରାଲି ୧୨ ଓ ଦାୱିଦ ମଲାନ ୧୪ ରନ କରି ଆଉଟ ହୋଇଥିଲେ। ଅଧିନାୟକ ଜୋ ରୁଟ୍ ୫୦ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ମିଚେଲ ଷ୍ଟାର୍କଙ୍କ ବଲ୍‌ରେ କାରେଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ବେନ୍ ଷ୍ଟୋକ୍ସ ୨୫ ରନରେ ଲିୟନଙ୍କୁ କ୍ୟାଚ୍ ଦେଇ ଗ୍ରୀନ୍‌ଙ୍କ ଶିକାର ହୋଇଥିଲେ। ସେହିପରି ଜନି ବେୟାରଷ୍ଟୋ ୩୫ ରନ କରି ଗ୍ରୀନଙ୍କୁ କ୍ୟାଚ୍ ଦେଇ ଷ୍ଟାର୍କଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଓଲି ରବିନସନ ୨୨ ଓ ଜ୍ୟାକ ଲିଚ୍ ୧୩ ରନକରି ଅଭିଜ୍ଞ ସ୍ପିନର ଲିୟନଙ୍କ ଦ୍ୱାରା ଆଉଟ ହୋଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ କୁମିନ୍ସ ଓ ଲିୟନ ୩ଟି ଲେଖାଏ, ଷ୍ଟାର୍କ ୨, ବୋଲାଣ୍ଡ ଓ ଗ୍ରୀନ୍ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ଇଂଲଣ୍ଡ ପ୍ରଥମ ଇନିଂସ ୬୫.୧ ଓଭରରେ ୧୮୫ ଅଲଆଉଟ

(ରୁଟ୍- ୫୦, ବେୟାରଷ୍ଟୋ- ୩୫, ଷ୍ଟୋକ୍ସ- ୨୫, ରବିନସନ- ୨୨, ମଲନ- ୧୪, ଲିଚ୍-୧୩, କୁମିନ୍ସ- ୩/୩୬, ଲିୟନ- ୩/୩୬, ଷ୍ଟାର୍କ- ୨/୫୪, ବୋଲାଣ୍ଡ- ୧/୪୮, ଗ୍ରୀନ୍- ୧/୭)।

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୧୬ ଓଭରରେ ୬୧/୧

(ହାରିସ- ୨୦*, ୱାର୍ନର- ୩୮, ଆଣ୍ଡରସନ- ୧/୧୪)।

# ୱିଣ୍ଟର ଅଲିମ୍ପିକ୍ସ ପୂର୍ବରୁ ଚାଇନାରେ ସଂକ୍ରମଣ ବୃଦ୍ଧି

**ବେଜିଂ, ୨୬।୧୨ (ପି.ଟି.):** ଆସନ୍ତାବର୍ଷ ଫେବୃୟାରୀରେ ବେଜିଂ ୱିଣ୍ଟର ଅଲିମ୍ପିକ୍ସ ହେବାକୁଥିବା ବେଳେ ଚାଇନାରେ ୨୦୬ ନୂଆ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ସ୍ଥାନୀୟ ସଂକ୍ରମିତଙ୍କ ସଂଖ୍ୟା ୧୫୮ ରହିଛି। ଦେଶର ସ୍ୱାସ୍ଥ୍ୟ କମିଶନ ରବିବାର ଏବିଷୟରେ ସୂଚନା ଦେଇଛନ୍ତି। ନୂଆ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରୁ ଶାନ୍ସି ପ୍ରଦେଶରୁ ୧୫୭ ଏବଂ ଗୁଆଙ୍ଗସି ପ୍ରଦେଶରୁ ଜଣେ ରହିଛନ୍ତି। ବିଦେଶ ଫେରନ୍ତା ସଂକ୍ରମିତଙ୍କ ସଂଖ୍ୟା ୪୮ ରହିଥିବା ନ୍ୟାଶନାଲ ସ୍ୱାସ୍ଥ୍ୟ କମିଶନ ପ୍ରକାଶ କରିଛି। ବେଜିଂ ୱିଣ୍ଟର ଅଲିମ୍ପିକ୍ସ ପୂର୍ବରୁ ଦେଶରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ଆୟୋଜକଙ୍କ ଚିନ୍ତା ବଢାଇ ଦେଇଛି। ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଚାଇନିଜ ଅଫିସିଆଲଙ୍କ ରିପୋର୍ଟ ଅନୁସାରେ ଡିସେମ୍ବର ୧୩ରେ ତିଆନ୍‌ଜିନ୍ ସହରରେ ଏକ ଓମିକ୍ରନ ପଜିଟିଭଙ୍କୁ ଚିହ୍ନଟ କରାଯାଇଥିଲା। ସହରରେ ପରେ କିଛି ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିଲା। କିନ୍ତୁ ଦେଶରେ ଏହା ବ୍ୟାପିବାର କୌଣସି ସୂଚନା ମିଳି ନାହିଁ।

# ଶାପୋଭାଲୋଭ କୋଭିଡ୍ ପଜିଟିଭ

**ସିଡ୍‌ନୀ, ୨୬।୧୨ (ଏପି):** ଏଟିପି କପ୍‌ରେ ଭାଗ ନେବା ଲାଗି ସିଡ୍‌ନୀରେ ପହଞ୍ଚିବା ପରେ କାନାଡାର ଡେନିସ ଶାପୋଭାଲୋଭ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଟିପି କପ୍ ହେଉଛି ଏକ ଟିମ୍ ଇଭେଣ୍ଟ। ମେଲବୋର୍ନରେ ଅଷ୍ଟ୍ରେଲିଆନ ଓପନ (ଜାନୁୟାରୀ ୧୭ରୁ ଆରମ୍ଭ) ପୂର୍ବରୁ ଜାନୁୟାରୀ ୧ରୁ ୯ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଖେଳାଯିବା କାର୍ଯ୍ୟକ୍ରମ ରହିଛି। କାନାଡା ଦଳରୁ ଖେଳିବାକୁ ଥିବା ୨୨ ବର୍ଷୀୟା ଶାପୋଭାଲୋଭ ପ୍ରଥମ ବିଦେଶୀ ଖେଳାଳି ହିସାବରେ ସିଡ୍‌ନୀରେ ପହଞ୍ଚିଥିଲେ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ଡିସେମ୍ବର ୨୭/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Monday, December 27/2021 | ପୃଷ୍ଠା-୧



## ସନି ଲିଓନିଙ୍କୁ ମନ୍ତ୍ରୀଙ୍କ ଚେତାବନୀ

'ମଧୁବନ ମେ ରାଧିକା ନାଚେ..' ଗୀତ ସୋସିଆଲ ମିଡିଆରୁ ହଟାଇବାକୁ ଅଭିନେତ୍ରୀ ସନି ଲିଓନିଙ୍କୁ ୭୨ ଘଣ୍ଟା ସମୟ ଦେଇଛନ୍ତି ମଧ୍ୟପ୍ରଦେଶ ମନ୍ତ୍ରୀ ନରୋତ୍ତମ ମିଶ୍ର।

୦୨

୦୮

## କ୍ରିଷ୍ଣା ନାଗରଙ୍କୁ ୩ ସ୍ୱର୍ଣ୍ଣ

ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ପାରାଲିମ୍ପିକ ଚାମ୍ପିୟନ କ୍ରିଷ୍ଣା ନାଗର ୩ ସ୍ୱର୍ଣ୍ଣ ପଦକ ପାଇଛନ୍ତି।



# ଆଉ ୪ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ

- ୨ ନାଇଜେରିଆ, ୨ ୟୁଏଇ ଫେରନ୍ତା
- ନାଇଜେରିଆ ଫେରନ୍ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ରିପୋର୍ଟ ନେଗେଟିଭ୍
- ରାଜ୍ୟରେ ପୁଣି ୧୧୨ କରୋନା ପଜିଟିଭ୍

ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ)

କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ ଓଡ଼ିଶାରେ ଧୀରେ ଧୀରେ ତା'ର ପ୍ରଭାବ ବିସ୍ତାର କରିବାରେ ଲାଗିଛି। ପୂର୍ବରୁ ୪ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଥିବାବେଳେ ଏବେ ଆଉ ୪ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଆଇଏଲ୍‌ଏସ୍ ନିର୍ଦ୍ଦେଶକ ଅଜୟ ପରିଡ଼ା ସୂଚନା ଦେଇଛନ୍ତି। ଫଳରେ ରାଜ୍ୟରେ ମୋଟ୍ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣ ନାଇଜେରିଆ ଓ ଆଉ ୨ଜଣ ୟୁଏଇ ଫେରନ୍ତା ଅଛନ୍ତି। ସମସ୍ତ ୪ଜଣ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ଏଥିସହ ଏମାନଙ୍କ ମଧ୍ୟରୁ ଜଣେ ସଂକ୍ରମିତ ସୁସ୍ଥ ହୋଇ ସାରିଲେଣି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ଅପରପକ୍ଷେ ସମସ୍ତ ସଂକ୍ରମିତଙ୍କ କଣ୍ଟାକ୍ଟ ଟ୍ରେସିଂ ସରିଛି। ନାଇଜେରିଆ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କର ଆର୍‌ଟିପିସିଆର୍ ରିପୋର୍ଟ ନେଗେଟିଭ୍ ଆସିଥିବାବେଳେ ୟୁଏଇ ଫେରନ୍ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କର ରିପୋର୍ଟ ଏପର୍ଯ୍ୟନ୍ତ ଆସିନାହିଁ। ବାହାର ରାଜ୍ୟରୁ ଆସୁଥିବା ସମସ୍ତ ବ୍ୟକ୍ତିଙ୍କର ଟେଷ୍ଟ କରାଯାଉଛି। ପଜିଟିଭ୍ ଆସିଲେ ସେମାନଙ୍କର ନମୁନା ଜିନମ୍ ସିକ୍ୱେନ୍ସିଂ ପାଇଁ ପଠାଯାଉଛି। ତେବେ ଓମିକ୍ରନ୍‌କୁ ନେଇ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ଡା. ମହାପାତ୍ର ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ☞ପୃଷ୍ଠା-୬

# ୧୦୦ ଟ୍ରିଲିୟନ୍ ଡଲାର ଟପିବ ବିଶ୍ୱ ଅର୍ଥନୀତି



**କୋଭିଡ୍-୧୯ ମହାମାରୀ ସାରା ବିଶ୍ୱର ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଥିବାବେଳେ ରାଷ୍ଟ୍ରଗୁଡ଼ିକ ଏବେ ଅଣ୍ଟା ସଳଖି ଛିଡ଼ାହେବା ଆରମ୍ଭ କରିଛନ୍ତି। ହେଲେ କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି ଓ ଜଳବାୟୁ ପରିବର୍ତ୍ତନର ନକାରାତ୍ମକ ପ୍ରଭାବ ଏଥିରେ ବାଧକ ସାଜିଛି। ତେବେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣକୁ ଅଣାଯାଇ ପାରିଲେ ବୈଶ୍ୱିକ ମୋଟ ଘରୋଇ ଉତ୍ପାଦ ବୃଦ୍ଧି ପାଇବା ସହ ୨୦୨୨ ସୁଦ୍ଧା ବିଶ୍ୱ ଅର୍ଥନୀତି ୧୦୦ ଟ୍ରିଲିୟନ୍ ଡଲାର ଅତିକ୍ରମ କରିବ। କିନ୍ତୁ ଦରଦାମ ନିୟନ୍ତ୍ରଣରେ ଲଗାମ ଲଗାଯାଇ ନ ପାରିଲେ ବିଶ୍ୱ ୨୦୨୩-୨୪ରେ ଆଉ ଏକ ମାନ୍ଦାବସ୍ଥାକୁ ସାମ୍ନା କରିବ ବୋଲି ରବିବାର ବ୍ରିଟିଶ୍ ଥିଙ୍କ୍‌ଟ୍ୟାଙ୍କ ସେଣ୍ଟର ଫର୍ ଇକୋନୋମିକ୍ସ ଆଣ୍ଡ ବିଜ୍‌ନେସ ରିସର୍ଚ୍ଚ (ସିଇବିଆର୍) ସତର୍କ କରାଇଛି।**

## ୨୦୨୨ରେ ଫ୍ରାନ୍ସକୁ ପଛରେ ପକାଇବ ଭାରତ: ସିଇବିଆର୍



ଲଣ୍ଡନ,୨୬।୧୨

୨୦୨୨ରେ ବିଶ୍ୱ ଅର୍ଥନୀତି ପ୍ରଥମ ଥର ପାଇଁ ୧୦୦ ଟ୍ରିଲିୟନ୍ ଡଲାର ଟପିବ। ଏଥିଲାଗି ୨୦୨୪ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି ପୂର୍ବରୁ ଆକଳନ କରାଯାଇଥିବାବେଳେ ଏହାର ଦୁଇବର୍ଷ ପୂର୍ବରୁ ବିଶ୍ୱ ଏହି ସଫଳତା ହାସଲ କରିବାକୁ ଯାଉଛି। ଆମେରିକା ଓ ଚାଇନା ମଧ୍ୟରେ ବିଶ୍ୱର ସର୍ବବୃହତ୍ ଅର୍ଥନୀତି ସାଜିବା ପାଇଁ ଚାଲିଥିବା ପ୍ରତିଦ୍ୱନ୍ଦ୍ୱିତା ତୀବ୍ରତର ହେଉଥିବାବେଳେ ବେଜିଂକୁ ୧ ନମ୍ବରରେ ପହଞ୍ଚିବାକୁ ଆଉ କିଛି ବର୍ଷ ଲାଗିବ। ସେହିପରି ଭାରତ ମଧ୍ୟ ଆସନ୍ତା ବର୍ଷ ଫ୍ରାନ୍ସକୁ ପଛରେ ପକାଇ ୨୦୨୩ରେ ବ୍ରିଟେନକୁ ଟପିବ। ଏଥିସହ ଭାରତ ବିଶ୍ୱର ଷଷ୍ଠ ବୃହତ୍ ଅର୍ଥନୀତିର ମାନ୍ୟତା ବଜାୟ ରଖିବ। ବ୍ରିଟେନର ସେଣ୍ଟର ଫର୍ ଇକୋନୋମିକ୍ସ ଆଣ୍ଡ ବିଜ୍‌ନେସ ରିସର୍ଚ୍ଚ (ସିଇବିଆର୍)ର ସଦ୍ୟ ପ୍ରକାଶିତ ବାର୍ଷିକ ରିପୋର୍ଟରେ ଏହି ବିଷୟ କୁହାଯାଇଛି।

ବ୍ରିଟିଶ୍ କନ୍‌ସଲ୍‌ଟାନ୍ସି ଥିଙ୍କ୍‌ଟ୍ୟାଙ୍କ ସିଇଆର୍‌ବି ପକ୍ଷରୁ ରବିବାର ପ୍ରକାଶିତ ୱାର୍ଲ୍ଡ ଇକୋନୋମିକ୍ ଲିଗ୍ ଟେବୁଲ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଚାଇନା ୨୦୨୮ ସୁଦ୍ଧା ଆମେରିକାକୁ ଟପିବ ବୋଲି ଗତବର୍ଷ ଆକଳନ କରାଯାଇଥିଲା। ତେବେ ଏହି ସଫଳତା ହାସଲ ପାଇଁ ଚାଇନାକୁ ୨୦୩୦ ମସିହା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଭାରତକୁ ବିଶ୍ୱର ଷଷ୍ଠ ବୃହତ୍ ଅର୍ଥନୀତି ସ୍ଥାନ ବଜାୟ ରଖିବା ପାଇଁ ୨୦୨୨ରେ ଫ୍ରାନ୍ସକୁ ପଛରେ ପକାଇ ୨୦୨୩ରେ ବ୍ରିଟେନକୁ ଟପିବାକୁ ପଡ଼ିବ। ଉକ୍ତ ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଜର୍ମାନୀ ଆର୍ଥିକ ଉତ୍ପାଦନ କ୍ଷେତ୍ରରେ ୨୦୩୩ରେ ଜାପାନକୁ ପଛରେ ପକାଇବାକୁ ଯାଉଛି। ସେହିପରି ୨୦୩୬ ସୁଦ୍ଧା ରୁଷିଆ ସବୁଠୁ ୧୦ ବୃହତ୍ ଅର୍ଥନୀତି ମଧ୍ୟରେ ରହିବ। ଏହି ତାଲିକାର ନବମ ସ୍ଥାନ ଅଧିକାର ଲାଗି ଇଣ୍ଡୋନେସିଆକୁ ୨୦୩୪ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ବେକ୍‌ଜିଟ୍ ସତ୍ତ୍ୱେ ୨୦୩୬ ସୁଦ୍ଧା ଫ୍ରାନ୍ସଠାରୁ ୧୬% ବୃହତ୍ ଅର୍ଥନୀତି ହେବା ଲାଗି ବ୍ରିଟେନ ଉଦ୍ୟମ କରୁଛି। ବିଶ୍ୱର ଅର୍ଥନୀତିଗୁଡ଼ିକ ମୁଦ୍ରାସ୍ଫୀତିର କିପରି ମୁକାବିଲା କରିପାରୁଛନ୍ତି ତାହା ହେଉଛି ୨୦୨୦ ଦଶକ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଆମେରିକାରେ ମୁଦ୍ରାସ୍ଫୀତି ୬.୮%କୁ ବୃଦ୍ଧି ପାଇଥିବାରୁ ଅଧିକାଂଶ ଦେଶ ପ୍ରଭାବିତ ହୋଇଛନ୍ତି ବୋଲି ସିଇଆର୍‌ବି ଉପାଧ୍ୟକ୍ଷ ଡୋଗ୍‌ଲାସ୍ ମେକ୍ ୱିଲିୟମ୍ସ ସୂଚନା ଦେଇଛନ୍ତି। ଦରଦାମ ବୃଦ୍ଧି ଉପରେ ଲଗାମ ଲଗାଯାଇ ନ ପାରିଲେ ୨୦୨୩-୨୪ରେ ବିଶ୍ୱ ଆଉ ଏକ ମାନ୍ଦାବସ୍ଥାକୁ ସାମ୍ନା କରିବ ବୋଲି ସେ ସତର୍କ କରାଇଛନ୍ତି। ପ୍ରକାଶ ଯେ, ବର୍ତ୍ତମାନ ବିଶ୍ୱ ଅର୍ଥନୀତି ପ୍ରାୟ ୯୪ ଟ୍ରିଲିୟନ୍ ଡଲାରରେ ପହଞ୍ଚିଥିବା ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି।

## ଖ୍ରୀଷ୍ଟମାସ ସପ୍ତାହାନ୍ତକୁ ଓମିକ୍ରନ୍ ମାଡ଼

# ବିଶ୍ୱରେ ୬,୩୦୦ ବିମାନ ବାତିଲ




ନ୍ୟୁୟର୍କ,୨୬।୧୨

ବର୍ଷ ୨୦୨୧ କ୍ୟାଲେଣ୍ଡରର ପୃଷ୍ଠାରୁ ଅପସରିଯିବାକୁ ବସିଥିବାବେଳେ ଖ୍ରୀଷ୍ଟମାସକୁ ନେଇ ସାରା ବିଶ୍ୱ ଉତ୍ସବମୁଖର। ତେବେ ଲୋକଙ୍କ ହର୍ଷୋଲ୍ଲାସରେ ବ୍ରେକ୍ ଲଗାଇଛି କୋଭିଡ୍-୧୯ ମହାମାରୀ। ଦକ୍ଷିଣ ଆଫ୍ରିକୀୟ ଭାରିଆଣ୍ଟ ଓମିକ୍ରନ୍ ଯୋଗୁ ବିଶ୍ୱରେ ଅନ୍ୟୂନ ୬,୩୦୦ ବିମାନକୁ ବାତିଲ କରାଯାଇଥିବାବେଳେ ହଜାର ହଜାର ଫ୍ଲାଇଟ୍ ଚଳାଚଳ ବିଳମ୍ବିତ ହୋଇଛି। ବିମାନ ଚଳାଚଳ ଉପରେ ଟ୍ରାକିଂ କରୁଥିବା 'ଫ୍ଲାଇଟ୍ ଏୱାର ଡଟ୍ କମ୍' ୱେବ୍‌ସାଇଟ୍‌ରେ ରବିବାର ଏନେଇ ଏକ ରିପୋର୍ଟ ପ୍ରକାଶ ପାଇଛି।

ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଓମିକ୍ରନ୍ ଭାରିଆଣ୍ଟ ଖ୍ରୀଷ୍ଟମାସ ଛୁଟିଦିନ ପାଇଁ ଯାତ୍ରା କରିବାକୁ ଚାହୁଁଥିବା ଲୋକଙ୍କ ମୁଣ୍ଡବ୍ୟଥା ବଢ଼ାଇଦେଇଛି। କେବଳ ଖ୍ରୀଷ୍ଟମାସ ଦିନ (ଶୁକ୍ରବାର) ☞ପୃଷ୍ଠା-୬



ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଦର୍ଶନ ପାଇଁ ରବିବାର ଶ୍ରଦ୍ଧାଳୁଙ୍କ ଭିଡ଼।

# ସମାନତା ସଂଗ୍ରାମୀ ଡେସ୍‌ମଣ୍ଡ ଟୁଟୁଙ୍କ ପରଲୋକ

## ବର୍ଣ୍ଣଭେଦ ବିରୋଧୀ ଲଢ଼େଇରେ ପାଇଥିଲେ ନୋବେଲ



**ଜୋହାନ୍ସବର୍ଗ, ୨୬।୧୨:** ବର୍ଣ୍ଣଭେଦ ଦୂର ସହ ସମାନତା ପାଇଁ ଆଜୀବନ ସଂଗ୍ରାମ କରିଥିବା ଦକ୍ଷିଣ ଆଫ୍ରିକାର ସାମାଜିକ କାର୍ଯ୍ୟକର୍ତ୍ତା ତଥା ନୋବେଲ ବିଜୟୀ ଡେସ୍‌ମଣ୍ଡ ଟୁଟୁଙ୍କ ରବିବାର ପରଲୋକ ଘଟିଛି। ତାଙ୍କୁ ୯୦ ବର୍ଷ ହୋଇଥିଲା। ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା ଏହୁ ସୂଚନା ଦେବା ସହ ଶୋକବ୍ୟକ୍ତ କରିଛନ୍ତି। ତେବେ ବିବୃତିରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। ୧୯୯୭ରୁ ସେ ପ୍ରୋଷ୍ଟେଟ୍ କ୍ୟାନ୍ସରରେ ପୀଡ଼ିତ ଥିଲେ। ବର୍ଣ୍ଣଭେଦ ନୀତି ବିରୋଧୀ ଏବଂ ଏଲ୍‌ଜିବିଟିଙ୍କ ଅଧିକାର ପାଇଁ ଲଢ଼େଇରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ କେପ୍‌ଟାଉନ୍‌ର ଅବସରପ୍ରାପ୍ତ ଆଙ୍ଗଲିକାନ୍ ☞ପୃଷ୍ଠା-୬

# ୧୨ ବର୍ଷରେ ୩୦ ଗୁଣ ଠିକାଦାର ବୃଦ୍ଧି

## ପୂର୍ତ୍ତ ବିଭାଗରେ କମୁଛି ମାନ

### ନିର୍ଦ୍ଦିଷ୍ଟ ଠିକାସଂସ୍ଥାକୁ ଅନୁକମ୍ପା

ଯାଜପୁର ଅଫିସ,୨୬।୧୨

ରାଜ୍ୟ ପୂର୍ତ୍ତ ବିଭାଗରେ ସରକାରୀ ସ୍ୱୀକୃତିପ୍ରାପ୍ତ ମୋଟ ଠିକାଦାର ସଂଖ୍ୟା ୪୧,୨୩୭ ରହିଥିବାବେଳେ ସେଥିରୁ ୪୨୨ ଜଣ ରାଜ୍ୟ ବାହାରର ଠିକାଦାର ଅଛନ୍ତି। ଗତ ୧୨ ବର୍ଷରେ ୩୦ ଗୁଣରୁ ଅଧିକ ଠିକାଦାର ସଂଖ୍ୟା ବୃଦ୍ଧି ପାଇଛି। ତେବେ ଗତ ୫ ବର୍ଷ ମଧ୍ୟରେ ଅଣଓଡ଼ିଆ ଠିକାଦାରଙ୍କୁ ସର୍ବାଧିକ ମୂଲ୍ୟରେ କାମ ମିଳିଆସୁଛି। ଗତ ବିଧାନସଭାର ଏକ ପ୍ରଶ୍ନର ଉତ୍ତରରେ ନିର୍ମାଣ, ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷେ ଚିଫ୍ ଇଞ୍ଜିନିୟର ୱାଲ୍ଡ ବ୍ୟାଙ୍କ ପ୍ରୋଜେକ୍ଟ(ଡବ୍ଲ୍ୟୁବିପି)ରେ ଠିକାସଂସ୍ଥା ଆଶୀର୍ବାଦ କନଷ୍ଟ୍ରକ୍ସନକୁ ଅଧିକ ଟଙ୍କାର କାମ ଦିଆଯାଇଥିବା ରିପୋର୍ଟରୁ ଜଣାପଡୁଛି। ଏହାବାଦ୍ ଡବ୍ଲ୍ୟୁବିପିରେ ଆବଣ୍ଟିତ ଅନୁଦାନର ସିଂହଭାଗ ଅର୍ଥ ବାଟମାରଣା ହେଉଥିବା ବିଭିନ୍ନ ସ୍ତରରେ ଅଭିଯୋଗ ହୋଇ ଆସୁଛି। ଠିକାଦାରି ସଂଖ୍ୟା ବୃଦ୍ଧି ପାଇଥିଲେ ହେଁ ନିମ୍ନମାନର କାମ ଯୋଗୁ ଅନେକ ରାସ୍ତା ଅଳ୍ପଦିନରେ ଶୋଚନୀୟ ହୋଇପଡୁଛି, ଯାହାର ଉଦାହରଣ ରାଜ୍ୟର ଯେକୌଣସି ରାସ୍ତାକୁ ନିଆଯାଇପାରେ। ସେହିପରି ଭୁବନେଶ୍ୱର ବମିଖାଲ ଫ୍ଲାଏଓଭର ଭଳି କେତେକ ପ୍ରକଳ୍ପ ନିର୍ମାଣାଧୀନ ଅବସ୍ଥାରେ ଭୁଶୁଡ଼ି ପଡ଼ିଥିବା ନଜିର ରହିଛି।

ରିପୋର୍ଟ ଅନୁସାରେ ୨୦୦୯-୧୦ ବର୍ଷରେ ପୂର୍ତ୍ତ ବିଭାଗ ଅଧୀନରେ ୧,୩୪୯ ଜଣ ଠିକାଦାର ପଞ୍ଜୀକୃତ ହୋଇଥିଲେ। ୨୦୨୧-୨୨ ବର୍ଷରେ ଏହି ସଂଖ୍ୟା ୪୧,୨୩୭ରେ ପହଞ୍ଚିଛି। ଏଥିରେ ସୁପରକ୍ଲାସ୍ ୪୧୬, ସ୍ପେଶାଲ କ୍ଲାସ୍ ୮୪୭, ଏ କ୍ଲାସ୍ ୫,୦୨୦, ବି କ୍ଲାସ୍ ୯,୯୫୬, ସି କ୍ଲାସ୍ ୨୪,୫୩୭ ଏବଂ ଡି କ୍ଲାସ୍ ୪୫୧ ଜଣ ଠିକାଦାର ରହିଛନ୍ତି। ସମୁଦାୟ ଠିକାଦାରଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୪,୧୬୨ ଜଣ ଅଛନ୍ତି। ଏଠାରେ ୱାଲ୍ଡ ବ୍ୟାଙ୍କ ପ୍ରୋଜେକ୍ଟରେ ୧୦ ଜଣ ଠିକାଦାରଙ୍କ ମଧ୍ୟରୁ ଆଶୀର୍ବାଦ କନଷ୍ଟ୍ରକ୍ସନକୁ ସର୍ବାଧିକ ୩୬,୧୫୩ ଲକ୍ଷ ଟଙ୍କାର କାମ ମିଳିଛି। ଏଥିରେ ସୁନ୍ଦରଗଡ଼ ଜିଲାର କୋଇଡ଼ା-ଦେଙ୍ଗୁଳା-ଟେନସା-ବରସୁଆଁ-କୋଲେଇପଷି ରାସ୍ତାରେ ୨ଟି ପ୍ରକଳ୍ପ ଓ କୋଇଡ଼ା-ବାଇପାସ ରୋଡ, ବାଲେଶ୍ୱର ଜିଲାର ଜଳେଶ୍ୱର-ଅମର୍ଦ୍ଦା ରୋଡ ରେଳଷ୍ଟେଶନ ରୋଡ୍ ଓଭରବ୍ରିଜ ଓ ଜଳେଶ୍ୱର-ଲକ୍ଷ୍ମଣନାଥ ରୋଡ୍ ରେଳଷ୍ଟେଶନ ରାସ୍ତା ଓଭରବ୍ରିଜ୍, ଯାଜପୁର ଜିଲାର ବୈତରଣୀ ନଦୀର ଲାଲବାଗ-ନୂଆପାଟଣା-ଦଉପୁର ରାସ୍ତାରେ ହାଇଲେଭଲ ବ୍ରିଜ୍, ସୁକିନ୍ଦା ରୋଡ୍ ଷ୍ଟେଶନ ନିକଟ ମାନଗୋବିନ୍ଦପୁରଠାରେ ରାସ୍ତା ଓଭରବ୍ରିଜ, କୁଟାସିଂହା-କପସିରା ରାସ୍ତାରେ ହାଇଲେଭଲ ବ୍ରିଜ୍ ଇତ୍ୟାଦି କାର୍ଯ୍ୟ ରହିଛି। ଏଷ୍ଟିମେଟ ଅନୁସାରେ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇ ନ ଥିବାରୁ ପ୍ରକଳ୍ପଗୁଡିକର ଦୀର୍ଘସ୍ଥାୟୀ ନେଇ ପ୍ରଶ୍ନ ଉଠିଛି। ଏହାବାଦ ୱାଲ୍ଡ ବ୍ୟାଙ୍କ ପ୍ରକଳ୍ପରେ ଏସ.ପି. ସିଙ୍ଗଲା କନଷ୍ଟ୍ରକ୍ସନକୁ ୧୮,୩୪୬ ଲକ୍ଷ ଟଙ୍କା, ଏଲ ଆଣ୍ଡ ଟି ଜିଓ-ଏଲ ଆଣ୍ଡ ଟି ୟୁଜେଭିକୁ ୧୭,୪୦୪ ଲକ୍ଷ ଟଙ୍କା, ରଞ୍ଜିତ ବିଲ୍ଡକନକୁ ୧୬,୮୯୧ ଲକ୍ଷ ଟଙ୍କା, ରାଜଲକ୍ଷ୍ମୀ କନ୍‌ଷ୍ଟ୍ରକ୍ସନକୁ ୩ ପ୍ରକଳ୍ପରେ ୧୭,୨୯୮ ଲକ୍ଷ, ବିରଜା କନଷ୍ଟ୍ରକ୍ସନକୁ ୫ଟି ପ୍ରକଳ୍ପରେ ୧୯,୦୫୧ ଲକ୍ଷ, ବ୍ରିଜେଶ ଅଗ୍ରୱାଲକୁ ୨ଟି ପ୍ରକଳ୍ପରେ ୬,୪୮୨ ଲକ୍ଷ, ଏଆରଏସଏସ୍‌କୁ ୩ଟି ପ୍ରକଳ୍ପରେ ୮୯୬୯ ଲକ୍ଷ, ଶ୍ରୀଦୁର୍ଗା ଠିକାସଂସ୍ଥାକୁ ୬ଟି ପ୍ରକଳ୍ପରେ ୧୪୮୨୭ ଲକ୍ଷ, ଶ୍ରୀ ବାଲାଜୀ ଇଞ୍ଜିକନ୍ସକୁ ୪ଟି ପ୍ରକଳ୍ପରେ ୧୦୯୪୧ ଲକ୍ଷ ଟଙ୍କାର ବିଭିନ୍ନ କାମ ଦିଆଯାଇଛି। ଏହାବାଦ ୨୦୧୮-୧୯ ବର୍ଷରୁ ଏଯାଏ ଭଦ୍ରକ, ସୁନ୍ଦରଗଡ଼, ନୂଆପଡ଼ା, କଳାହାଣ୍ଡି, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ବିଜୁ ଏକ୍ସପ୍ରେସ, ଡିଏମ୍‌ଏଫ୍, ଏମ୍‌ସିଏଲ ଆଦି ଯୋଜନାରେ ୧୦ଟି ରାସ୍ତା କାର୍ଯ୍ୟରେ ସର୍ବାଧିକ ୧,୧୭,୨୨୪.୫୮ ଲକ୍ଷ ଟଙ୍କା ଚୁକ୍ତି ହୋଇଛି। ସେଥିରୁ ଗୋଟିଏ ବି ରାସ୍ତା କାର୍ଯ୍ୟ ଏଯାଏ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଏହାବାଦ ୨୦୧୯-୨୦ ବର୍ଷରୁ ଆରମ୍ଭ ହୋଇଥିବା କୋରାପୁଟ ମେଡିକାଲ କଲେଜ, ଯାଜପୁର ମେଡିକାଲ କଲେଜ, ପୁରୀ ମେଡିକାଲ କଲେଜ, ଯାଜପୁର ଜିଲା ସଦର ଡାକ୍ତରଖାନା, ବାଲେଶ୍ୱର ମେଡିକାଲ କଲେଜ, କେନ୍ଦୁଝର ଜିଲା ସଦର ମେଡିକାଲ, ଝାରସୁଗୁଡ଼ା ନୂତନ ବସଷ୍ଟାଣ୍ଡ, କଳିଙ୍ଗ ଷ୍ଟାଡିୟମ ପରିସରରେ ସୁଇମିଂ ପୁଲ ଇତ୍ୟାଦି କାର୍ଯ୍ୟରେ ସୁପର ଓ ସ୍ପେଶିଆଲ କ୍ଲାସ୍ ଠିକାଦାରମାନଙ୍କୁ ନିଯୁକ୍ତ କରାଯାଇଥିଲେ ହେଁ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପଗୁଡ଼ିକ ଶେଷ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ତେବେ ବିଭିନ୍ନସ୍ତରରେ ଠିକାଦାର ସଂଖ୍ୟା ବୃଦ୍ଧି ହୋଇଥିଲେ ହେଁ କାର୍ଯ୍ୟର ମାନ ଉପରେ ସର୍ବଦା ଅଙ୍ଗୁଳି ନିର୍ଦ୍ଦେଶ ହେଉଥିବାରୁ ବିଭାଗୀୟ କାର୍ଯ୍ୟଦକ୍ଷତା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

# ନାଗାଲାଣ୍ଡରୁ ଏଏଫ୍‌ଏସ୍‌ପିଏ ହଟିବା ନେଇ ଗଠନ ହେବ କମିଟି

## ୪୫ ଦିନ ମଧ୍ୟରେ କମିଟି ରିପୋର୍ଟ ଦାଖଲ କରିବ

ନୂଆଦିଲ୍ଲୀ, ୨୬।୧୨

ନାଗାଲାଣ୍ଡରୁ ବିବାଦୀୟ ସଶସ୍ତ୍ର ବଳ (ସ୍ୱତନ୍ତ୍ର କ୍ଷମତା) ଆଇନ (ଏଏଫ୍‌ଏସ୍‌ପିଏ) ପ୍ରତ୍ୟାହାର କରାଯାଇ ପାରିବ କି ନାହିଁ ତାହା ଉପରେ ଅନୁଧ୍ୟାନ କରିବା ଲାଗି କେନ୍ଦ୍ର ସରକାର ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ନିଷ୍ପତ୍ତି ନେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହିତ ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଇଫିଉ ରିଓଙ୍କ ବୈଠକ ପରେ ଏହି ସୂଚନା ଦିଆଯାଇଛି। ଗଠିତ ହେବାକୁ ଥିବା କମିଟିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଶାସନିକ ଅଧିକାରୀ ଏବଂ ରାଜ୍ୟ ପୋଲିସ ରହିବେ। ୪୫ ଦିନ ମଧ୍ୟରେ କମିଟି ରିପୋର୍ଟ ଦାଖଲ କରିବା ପରେ ଏହାର ସୁପାରିସ ଆଧାରରେ ଏଏଫ୍‌ଏସ୍‌ପିଏ ପ୍ରତ୍ୟାହାର ସମ୍ପର୍କରେ ନିଷ୍ପତ୍ତି ନିଆଯିବ।

ଡିସେମ୍ବର ୫ରେ ନାଗାଲାଣ୍ଡର ମୋନ୍ ଜିଲାରେ ସେନା ଗୁଳିରେ ୧୪ ଜଣ ନିରୀହ ଲୋକଙ୍କ ମୃତ୍ୟୁକୁ ନେଇ ରାଜ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ବିବାଦୀୟ ସଶସ୍ତ୍ର ବଳ (ସ୍ୱତନ୍ତ୍ର କ୍ଷମତା) ଆଇନ (ଏଏଫ୍‌ଏସ୍‌ପିଏ) ପ୍ରତ୍ୟାହାର ଦାବି ଜୋର୍ ଧରିଛି। ଏହି ଆଇନ ବଳରେ ସେନାକୁ ମିଳୁଥିବା ସ୍ୱତନ୍ତ୍ର କ୍ଷମତାକୁ ବିରୋଧ କରି ରାଜଧାନୀ କୋହିମା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ ଶୋଭାଯାତ୍ରା ବାହାରିଥିଲା। ଏଏଫ୍‌ଏସ୍‌ପିଏ ପ୍ରତ୍ୟାହାର ଦାବିରେ ଗତ ସପ୍ତାହରେ ନାଗାଲାଣ୍ଡ ବିଧାନସଭାରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା।

ବିବାଦୀୟ ଆଇନ ପ୍ରତ୍ୟାହାର ଦାବିକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଥିବା ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶାନ୍ତି ରକ୍ଷା କରିବା ଲାଗି ସେ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ଅମିତ୍ ଶାହାଙ୍କ ସହ ବୈଠକରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଧ୍ୟ ଉପସ୍ଥିତ ଥିଲେ। ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ସେନା ୟୁନିଟ ଏବଂ ଯବାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗି କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନଙ୍କ ବିରୋଧରେ ତଦନ୍ତ ହେବ ସେମାନଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବନ କରାଯିବ ବୋଲି ସରକାରଙ୍କ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ, ବଳାତ୍କାର ପରେ ହତ୍ୟା

**ମୋରଦାବାଦ, ୨୬।୧୨:** ଉତ୍ତରପ୍ରଦେଶର ମୋରଦାବାଦରେ ଜଣେ ୭ ବର୍ଷର ଝିଅଙ୍କୁ ଅପହରଣ କରାଯାଇ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଝିଅଟି ନିଖୋଜ ହେବାର ୪ ଦିନ ପରେ ଆଖୁକ୍ଷେତରୁ ତାଙ୍କ ମୃତଦେହ ମିଳିଛି। ଶୁକ୍ରବାର ଜଣେ ଚାଷୀ ତାଙ୍କ କ୍ଷେତକୁ ଯାଉଥିବାବେଳେ ନାବାଳିକାଙ୍କ ମୃତଦେହ ପାଇ ତାଙ୍କ ଘରେ ଜଣାଇଥିଲେ। ୨୨ ତାରିଖରେ ନାବାଳିକା ଜଣକ ତାଙ୍କ ଘର ବାହାରେ ଖେଳୁଥିବାବେଳେ ନିଖୋଜ ହୋଇଯାଇଥିଲେ। ବୁଧବାର ସନ୍ଧ୍ୟାରେ ପରିବାର ପକ୍ଷରୁ ଥାନାରେ ନିଖୋଜ ଅଭିଯୋଗ କରାଯାଇଥିଲା। ତାଙ୍କୁ ଖୋଜି ବାହାର କରିବା ଲାଗି ପୋଲିସ ପକ୍ଷରୁ ଦୁଇଟି ଟିମ୍ ଗଢ଼ାଯାଇଥିଲା। ଘରଠାରୁ ୨ କିଲୋମିଟର ଦୂର ଆଖୁକ୍ଷେତରୁ ମୃତଦେହ ମିଳିବା ପରେ ରବିବାର ବ୍ୟବଚ୍ଛେଦ କରାଯାଇଛି। ପୀଡ଼ିତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଛି ବୋଲି ପୋଲିସ କହିଛି।

### ଦିଲ୍ଲୀରେ ଆଜିଠାରୁ ରାତି କର୍ଫ୍ୟୁ

**ନୂଆଦିଲ୍ଲୀ, ୨୬।୧୨:** ଦିଲ୍ଲୀରେ କରୋନା ସଂକ୍ରମଣ ବଢୁଥିବାରୁ ସୋମବାରଠାରୁ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ରାତି ୧୧ରୁ ଭୋର ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ରହିବ। ଓମିକ୍ରନ୍ ଭାରିଆଣ୍ଟ ଆସିବା ପରେ ଦିଲ୍ଲୀରେ ଦୈନିକ କୋଭିଡ୍ ସଂକ୍ରମଣ ରବିବାର ୨୯୦ରେ ପହଞ୍ଚିଛି, ଯାହାକି ଗତ ୬ ମାସ ମଧ୍ୟରେ ସର୍ବାଧିକ। ସେହିପରି ପଜିଟିଭିଟି ହାର ୦.୫୫ ପ୍ରତିଶତକୁ ବୃଦ୍ଧି ପାଇଛି। ନୂଆ ସଂକ୍ରମଣକୁ ମିଶାଇ ଦିଲ୍ଲୀରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୪,୪୩,୩୫୨ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୨୫,୧୦୫ ହୋଇଛି। ସକ୍ରିୟ ମାମଲା ସଂଖ୍ୟା ୧,୧୦୩ ଥିବାବେଳେ ୫୮୩ ରୋଗୀ ହୋମ୍ ଆଇସୋଲେଶନରେ ରହିଛନ୍ତି। ସେହିପରି ମୁମ୍ବାଇରେ ୨୪ ଘଣ୍ଟା ମଧ୍ୟରେ ୯୨୨ ନୂଆ ମାମଲା ଚିହ୍ନଟ ହେବା ସହ ୨ ଜଣଙ୍କ ଜୀବନ ଯାଇଛି। ଦିଲ୍ଲୀକୁ ମିଶାଇ ୮ ରାଜ୍ୟରେ ନାଇଟ୍ କର୍ଫ୍ୟୁ ଲାଗୁ ହେଲାଣି।

### ଦ୍ୱିତୀୟ୍ ଓ ବୁଷ୍ଟର ଡୋଜ୍ ମଧ୍ୟରେ ୯-୧୨ ମାସ ବ୍ୟବଧାନ ରହିପାରେ

**ନୂଆଦିଲ୍ଲୀ, ୨୬।୧୨:** କୋଭିଡ୍-୧୯ ଟିକାର ଦ୍ୱିତୀୟ ଡୋଜ୍ ଏବଂ ପ୍ରିକଶନ ବା ବୁଷ୍ଟର ଡୋଜ୍ ମଧ୍ୟରେ ୯ରୁ ୧୨ ମାସ ବ୍ୟବଧାନ ରହିପାରେ। କେତେଦିନ ବ୍ୟବଧାନରେ ପ୍ରିକଶନ ଡୋଜ ଦିଆଯିବ ତାହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ଖୁବ୍‌ଶୀଘ୍ର ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଶନିବାର ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେଲିଭିଜନ ଯୋଗେ ଦେଶବାସୀଙ୍କୁ ସମ୍ବୋଧିତ କରି ଜାନୁୟାରୀ ୩ରୁ ୧୫ରୁ ୧୮ ବର୍ଷ ବୟସବର୍ଗର କିଶୋରଙ୍କୁ କୋଭିଡ୍ ଟିକା ଦିଆଯିବ ବୋଲି ଘୋଷଣା କରିଥିଲେ। ଏଥିସହିତ ଜାନୁୟାରୀ ୧୦ରୁ ସ୍ୱାସ୍ଥ୍ୟସେବା କର୍ମଚାରୀ, ସମ୍ମୁଖ ଯୋଦ୍ଧା ଏବଂ ବହୁବିଧ ରୋଗ ଥିବା ବରିଷ୍ଠ ନାଗରିକଙ୍କୁ ପ୍ରିକଶନ ଡୋଜ୍ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

# ଲିବ୍ୟା ତଟରେ ୨୭ ମୃତଦେହ

**କାଇରୋ, ୨୬।୧୨**



## ସଙ୍କଟରେ ଶରଣାର୍ଥୀ

- ହିଂସାରୁ ବର୍ତ୍ତିବା ଲାଗି ବିପଜ୍ଜନକ ଯାତ୍ରା
- ପାଣିରେ ଗଲାଣି ୧୫ ଶହ ଜୀବନ

ଶାନ୍ତି ଓ ଖୁସିର ସନ୍ଧାନରେ ୟୁରୋପ ମୁହାଁ ଶରଣାର୍ଥୀଙ୍କ ଜୀବନ କେତେ ବିପଦପୂର୍ଣ୍ଣ ତାହା ଦେଖିବାକୁ ମିଳିଛି ଲିବ୍ୟା ତଟରେ। ପଶ୍ଚିମ ଲିବ୍ୟା ଖୋମସ୍ ସହର ଦୁଇ ପୃଥକ ସ୍ଥାନରେ ଶନିବାର ଜଣେ ଶିଶୁ ଏବଂ ଦୁଇ ମହିଳାଙ୍କ ସମେତ ୨୭ ଶରଣାର୍ଥୀଙ୍କ ମୃତଦେହ ମିଳିଛି। ଆଉ ୩ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନ୍ୟମାନଙ୍କୁ ସନ୍ଧାନ କରାଯାଉଛି। ରେଡ୍ କ୍ରସ୍ ଭଳି ଏକ ମୁସଲମାନ ସଙ୍ଗଠନ ରେଡ୍ କ୍ରେସେଣ୍ଟ ଭୂମଧ୍ୟସାଗରରେ ମୃତଦେହଗୁଡ଼ିକ ଭାସୁଥିବାର ଫଟୋ ପ୍ରଥମେ ପୋଷ୍ଟ କରିଥିଲା। କେତେକ ଲୋକ ମୃତଦେହଗୁଡ଼ିକୁ ବ୍ୟାଗ୍‌ରେ ଭର୍ତ୍ତି କରୁଥିବା ସେଥିରେ ଦେଖିବାକୁ ମିଳିଥିଲା।

ନିକଟରେ ଲିବ୍ୟା ଉପକୂଳରେ ଜାହାଜ ଦୁର୍ଘଟଣା ଯୋଗୁ ଶରଣାର୍ଥୀମାନେ ବୁଡ଼ିଯାଇଥିବା କୁହାଯାଉଛି। ଏଥିରେ ହିଁ ସେମାନଙ୍କ ମୃତ୍ୟୁ ଘଟିଥାଇପାରେ। ରାଜଧାନୀ ତ୍ରିପୋଲିରେ ଶରଣାର୍ଥୀଙ୍କ ଉପରେ ଆକ୍ରମଣ, ଅତ୍ୟାଚାର ବୃଦ୍ଧି ଏବଂ ଅନେକ କଟକଣା ଯୋଗୁ ସେମାନେ ଲିବ୍ୟା ସୀମା ପାର୍ ହେବାକୁ ଅନବରତ ଉଦ୍ୟମ ଚଳାଇଛନ୍ତି। ଜାତିସଂଘର ମାଇଗ୍ରେସନ୍ ଏଜେନ୍ସି ଅନୁଯାୟୀ, ଚଳିତ ବର୍ଷ କେନ୍ଦ୍ରୀୟ ଭୂମଧ୍ୟସାଗରରେ ବହୁସଂଖ୍ୟାରେ ଜାହାଜ ଦୁର୍ଘଟଣା, ବୋଟ୍ ବୁଡ଼ି ଯୋଗୁ ପ୍ରାୟ ୧୫ଶହ ଶରଣାର୍ଥୀ ପ୍ରାଣ ହରାଇଛନ୍ତି। ଡିସେମ୍ବର ପ୍ରାରମ୍ଭରେ ଉତ୍ତର ଆଫ୍ରିକୀୟ ଦେଶରୁ ଦୁଇଟି ପୃଥକ୍ ଜାହାଜରେ ଆସୁଥିବା ୧୬୦ରୁ ଅଧିକ ଶରଣାର୍ଥୀ ଦୁର୍ଘଟଣାର ଶିକାର ହୋଇ ବୁଡ଼ି ଯାଇଥିଲେ। ମୃତକଙ୍କ ମଧ୍ୟରେ ଅନେକ ଶିଶୁ ମଧ୍ୟ ରହିଛନ୍ତି। ଏକଚ୍ଛତ୍ରବାଦୀ ଶାସକ ମୋଆମ୍ମର ଗଦ୍ଦାଫିଙ୍କ ମୃତ୍ୟୁ ପରେ ଲିବ୍ୟାରେ ଅଶାନ୍ତି ଲାଗି ରହିଛି। ୨୦୧୧ ଆରବ ବିପ୍ଳବବେଳେ ଗଦ୍ଦାଫିଙ୍କୁ ହତ୍ୟା କରାଯାଇଥିଲା। ସେବେଠାରୁ ୟୁରୋପ ମଧ୍ୟରେ ପ୍ରବେଶ ପାଇଁ ସବୁଠୁ ଜଣାଶୁଣା ଏବଂ ବିପଜ୍ଜନକ ମାର୍ଗ ପାଲଟିଛି। ଆଫ୍ରିକା ଏବଂ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକର ଲୋକେ ଯୁଦ୍ଧ, ହିଂସା, ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ଲିବ୍ୟା ଦେଇ ୟୁରୋପ ଯିବାକୁ ଉଦ୍ୟମ କରୁଛନ୍ତି। ତୈଳରେ ସମୃଦ୍ଧ ଦେଶ ଲିବ୍ୟାରେ ଲାଗି ରହିଥିବା ବିଶୃଙ୍ଖଳା ଏବଂ ୬ଟି ଦେଶ ସହ ଏହାର ସୀମା ସଂଲଗ୍ନ ଯୋଗୁ ମାଫିଆମାନେ ମାନବ ଚାଲାଣରେ ମାତିଛନ୍ତି। ସେମାନେ ଭୂମଧ୍ୟସାଗର ଦେଇ ଶରଣାର୍ଥୀଙ୍କୁ ବିପଜ୍ଜନକ ଅବସ୍ଥାରେ ପଠାଉଛନ୍ତି। ବର୍ତ୍ତି ଯାଉଥିବା ଲୋକଙ୍କୁ ବନ୍ଦୀ ଅବସ୍ଥାରେ ରଖାଯାଇ ସେମାନଙ୍କୁ ଜବରଦସ୍ତ ବିନା ପାରିଶ୍ରମିକରେ କାମରେ ଲଗାଯାଉଛି। ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ସହ ମହିଳାଙ୍କୁ ଚୋରା ଚାଲାଣ, ବଳାତ୍କାର କରାଯାଉଛି।

## 'ଭାରତକୁ କେହି ଖରାପ ନଜରରେ ନ ଦେଖିବା ପାଇଁ ବ୍ରହ୍ମୋସ ନିର୍ମାଣ କରୁଛୁ'



ରାଜନାଥ ସିଂ

**ଲକ୍ଷ୍ନୌ, ୨୬।୧୨**

ଭାରତ କୌଣସି ଦେଶ ଉପରେ ଆକ୍ରମଣ କରିବା ପାଇଁ ବ୍ରହ୍ମୋସ କ୍ଷେପଣାସ୍ତ୍ର ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବାକୁ ଚାହେଁ ନାହିଁ। କାହା ଉପରେ ଆକ୍ରମଣ କରିବା କିମ୍ବା କୌଣସି ଦେଶର ଇଞ୍ଚେ ବି ଜମି ଦଖଲ କରିବା ଭାରତର ଚରିତ୍ର ନୁହେଁ। ତେବେ ଅନ୍ୟ କୌଣସି ଦେଶ ଭାରତ ଉପରେ ଖରାପ ନଜର ପକାଇବାର ଧୃଷ୍ଟତା ନ କରୁ, ସେଥିପାଇଁ ଆମେ ବ୍ରହ୍ମୋସ୍ ନିର୍ମାଣ କରିବାକୁ ଚାହୁଁଛୁ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ରବିବାର କହିଛନ୍ତି। ଆଣବିକ ପ୍ରତିରୋଧ କ୍ଷମତାର ଆବଶ୍ୟକତା ଉପରେ ପ୍ରତିରକ୍ଷା ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଆଣବିକ ଅସ୍ତ୍ର ବହନ କରି ଶତ୍ରୁ ପକ୍ଷକୁ ଟାର୍ଗେଟ କରିବା କ୍ଷମତା ବ୍ରହ୍ମୋସର ରହିଛି। ପ୍ରତିରକ୍ଷା ମନ୍ତ୍ରୀ ରବିବାର ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ପ୍ରତିରକ୍ଷା ପ୍ରଯୁକ୍ତି ଓ ପରୀକ୍ଷା କେନ୍ଦ୍ର ଏବଂ ବ୍ରହ୍ମୋସ୍ ଉତ୍ପାଦନ କେନ୍ଦ୍ରର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉପସ୍ଥିତ ଥିଲେ। ଏକ ପଡୋଶୀ ଦେଶ କିଛିବର୍ଷ ପୂର୍ବରୁ ଭାରତଠାରୁ ଅଲଗା ହୋଇଥିଲା। ଭାରତ ପ୍ରତି ଏହାର ସବୁବେଳେ ମନ୍ଦ ଉଦ୍ଦେଶ୍ୟ କ'ଣ ପାଇଁ ତାହା ଜଣାନାହିଁ। ଉରି ଏବଂ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ସେହି ଦେଶ କରାଇଥିଲା ବୋଲି ପାକିସ୍ତାନର ନାଁ ନ ନେଇ ରାଜନାଥ କହିଥିଲେ। ପରେ ଉକ୍ତ ଦେଶ ଉପରେ ସର୍ଜିକାଲ ଷ୍ଟ୍ରାଇକ୍ କରାଯାଇ ଆତଙ୍କବାଦୀଙ୍କ ଆଡ୍ଡାକୁ ଧ୍ୱଂସ କରାଯାଇଥିଲା। କେହି ଆମ ଉପରେ ଖରାପ ନଜର ପକାଇଲେ କେବଳ ଆମ ପାର୍ଶ୍ୱରେ ନୁହେଁ ଅନ୍ୟ ପାର୍ଶ୍ୱକୁ ଯାଇ ଆକ୍ରମଣ କରିପାରୁ ବୋଲି ଭାରତ ବାର୍ତ୍ତା ଦେଇଥିବା ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି।

# କୃଷି ଆଇନ ଫେରାଇ ଆଣିବା ଯୋଜନା ନାହିଁ

**ନୂଆଦିଲ୍ଲୀ, ୨୬।୧୨**



ନରେନ୍ଦ୍ର ସିଂ ତୋମାର

## ତୋମାରଙ୍କ ୟୁ-ଟର୍ନ

ନିକଟରେ ରଦ୍ଦ ହୋଇଥିବା କୃଷି ଆଇନକୁ ପୁଣିଥରେ ଫେରାଇ ଆଣିବାର କୌଣସି ଯୋଜନା ସରକାରଙ୍କର ନାହିଁ ବୋଲି କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ରବିବାର କହିଛନ୍ତି। ଚାଷୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ କୃଷି ସଂସ୍କାର ଆଇନ ପ୍ରତ୍ୟାହାର ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଷ୍ପତ୍ତି ନେଇଥିଲେ। କଂଗ୍ରେସ ଏହାର ବିଫଳତାକୁ ଘୋଡାଇବା ପାଇଁ ଭୁଲ୍ ପ୍ରଚାର କରୁଛି। ଚାଷୀମାନେ ଏଥିପ୍ରତି ସତର୍କ ରହିବାକୁ କୃଷିମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ତୋମାର ଶୁକ୍ରବାର ମହାରାଷ୍ଟ୍ରର ନାଗପୁରଠାରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରତ୍ୟାହୃତ କୃଷି ଆଇନକୁ ପରବର୍ତ୍ତୀ ସମୟରେ କାର୍ଯ୍ୟକାରୀ କରାଯାଇପାରେ ବୋଲି ସୂଚନା ଦେଇଥିଲେ। ତାଙ୍କର ଏଭଳି ମନ୍ତବ୍ୟକୁ ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ କଂଗ୍ରେସ ପ୍ରଶ୍ନ ଉଠାଇବା ପରେ ତୋମାର ମତ ବଦଳାଇଛନ୍ତି। ତାଙ୍କ ମନ୍ତବ୍ୟକୁ ଭୁଲ୍ ଉପସ୍ଥାପନ କରାଯାଇଛି। କୃଷକଙ୍କ କଲ୍ୟାଣ ପାଇଁ ସରକାର ସବୁବେଳେ ଆଗକୁ ଚାଲିବେ ବୋଲି ସେ କହିଥିବା ସଫେଇ ଦେଇଛନ୍ତି।



ନୂଆଦିଲ୍ଲୀର ଯମୁନା ଘାଟ ନିକଟରେ ବିଦେଶୀ ପକ୍ଷୀଙ୍କ ସମାଗମ ମଧ୍ୟରେ ଲୋକମାନେ ବୋଟିଂ କରୁଛନ୍ତି।

# ବଏଲର ବିସ୍ଫୋରଣ: ୭ ମୃତ

**ପାଟନା, ୨୬।୧୨**



ବିହାରର ମୁଜାଫରପୁର ଜିଲାରେ ଏକ ନୁଡୁଲ୍ସ କାରଖାନାର ବଏଲରରେ ବିସ୍ଫୋରଣ ହେବାରୁ ୭ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ କେତେଜଣ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଶନିବାର ରାତି ୧୦ଟାରେ ଘଟିଥିବା ଏହି ବିସ୍ଫୋରଣ ୫ କିଲୋମିଟର ପର୍ଯ୍ୟନ୍ତ ଶୁଣାଯାଇଥିଲା। ଏହାର ପ୍ରଭାବରେ ପାଖରେ ଥିବା ଏକ ଫ୍ଲୋର୍ ମିଲ୍ କ୍ଷତିଗ୍ରସ୍ତ ହୋଇଛି ଓ ସେଠାରେ ଶୋଇଥିବା ୨ ଶ୍ରମିକ ଆହତ ହୋଇଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବିସ୍ଫୋରଣ ଘଟଣାରେ ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ରାମସୁରତ ରାୟ କହିଛନ୍ତି।

# ୭୨ ଘଣ୍ଟା ଭିତରେ ଭିଡିଓ ହଟାଅ

**ଭୋପାଳ, ୨୬।୧୨**



## ସନି ଲିଓନିଙ୍କୁ ମନ୍ତ୍ରୀଙ୍କ ଚେତାବନୀ

'ମଧୁବନ ମେ ରାଧିକା ନାଚେ..' ଗୀତକୁ ନେଇ ବଲିଉଡ୍ ବେବି ଡଲ୍ ସନି ଲିଓନିଙ୍କ ଅଡୁଆ ବଢ଼ିଛି। ୧୯୬୦ ମସିହାର ଫିଲ୍ମ 'କୋହିନୂର'ର ଏହି ଗୀତର ନୂଆ ଭର୍ସନରେ ସନି ଅଶ୍ଳୀଳ ନୃତ୍ୟ କରୁଥିବା ନେଇ ମଧ୍ୟପ୍ରଦେଶର ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର ତାଙ୍କୁ ଏବଂ ମ୍ୟୁଜିକ୍ କମ୍ପୋଜର ସାକିବ୍ ତୋଶୀଙ୍କୁ ଚେତାବନୀ ଦେଇଛନ୍ତି। ୭୨ ଘଣ୍ଟା ମଧ୍ୟରେ ସମସ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ଏହି ଭିଡିଓ ନ ହଟାଇଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। କିଛି ଲୋକ କ୍ରମାଗତ ଭାବେ ହିନ୍ଦୁ ଭାବାବେଗକୁ ଆଘାତ ଦେଉଛନ୍ତି। ଦେବୀ ରାଧାଙ୍କୁ ପୂଜା କରାଯାଏ। ସାକିବ୍ ତୋଶୀଙ୍କ ଏହି ସଙ୍ଗୀତ ଆମକୁ ଅପମାନିତ କରୁଛି। ତେଣୁ ୩ ଦିନରେ ଭିଡିଓ ନ ହଟିଲେ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନଗତ ପରାମର୍ଶ ଏବଂ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ପୂର୍ବରୁ ଉତ୍ତରପ୍ରଦେଶର ସନ୍ଥମାନେ ମଧ୍ୟ ଏହି ଗୀତକୁ ବିରୋଧ କରି ସନି ଲିଓନି ଏବଂ ସାକିବ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# 'ବିଚାରପତିଙ୍କ ଦ୍ୱାରା ବିଚାରପତି ନିଯୁକ୍ତି ଏକ ପ୍ରଚାରିତ ଧାରଣା'

**ହାଇଦ୍ରାବାଦ, ୨୬।୧୨**



ଜଷ୍ଟିସ୍ ଏନ୍.ଭି. ରମନା

## ମାମଲା ଶୁଣାଣିରେ ମିଡିଆ ଟ୍ରାଏଲ୍ ମାର୍ଗଦର୍ଶକ ହୋଇପାରିବ ନାହିଁ: ସିଜେଆଇ

ବିଚାରପତିମାନେ ନିଜେ ବିଚାରପତିଙ୍କୁ ନିଯୁକ୍ତ କରିଥାନ୍ତି ଏଭଳି ଏକ ଧାରଣା ପ୍ରଚାରିତ ହୋଇଛି। ତେବେ ବାସ୍ତବରେ ନ୍ୟାୟିକ ଅଧିକାରୀମାନଙ୍କ ଚୟନ ପ୍ରକ୍ରିୟାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ବିଚାରପତି ଅନ୍ୟତମ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ରବିବାର କହିଛନ୍ତି। ବିଜୟୱାଡାର ସିଦ୍ଧାର୍ଥ ଆଇନ ମହାବିଦ୍ୟାଳୟରେ 'ଭାରତୀୟ ନ୍ୟାୟପାଳିକା–ଭବିଷ୍ୟତର ଚ୍ୟାଲେଞ୍ଜ' ଶୀର୍ଷକ ଉପରେ ପଞ୍ଚମ ଶ୍ରୀ ଲାଭୁ ଭେଙ୍କଟେଶ୍ୱରଲୁ ଏଣ୍ଡାଓମେଣ୍ଟ ବକ୍ତୃତାରେ ଅଂଶଗ୍ରହଣ କରି ଜଷ୍ଟିସ ରମନା ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସେ ଆହୁରି କହିଛନ୍ତି ବର୍ତ୍ତମାନ ସମୟରେ ନ୍ୟାୟିକ ଅଧିକାରୀମାନଙ୍କୁ ଉପରେ ଶାରୀରିକ ଆକ୍ରମଣ ବଢ଼ିଚାଲିଛି। ଏପରିକି କୌଣସି ପକ୍ଷଙ୍କ ସପକ୍ଷରେ ରାୟ ନ ଗଲେ, ଛାପା ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ବିଚାରପତିଙ୍କ ବିରୋଧରେ ସମ୍ମିଳିତ ଅଭିଯାନ ଆରମ୍ଭ ହୋଇଯାଉଛି। ଏହିସବୁ ଆକ୍ରମଣ ପ୍ରାୟୋଜିତ ଓ ସମକାଳିକ ଭଳି ପ୍ରତୀତ ହେଉଥିବା ସିଜେଆଇ କହିଛନ୍ତି।

ସରକାରୀ ଓକିଲମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ମିଳିବା ଆବଶ୍ୟକ ଏବଂ ସେମାନେ କେବଳ ଅଦାଲତ ନିକଟରେ ଉତ୍ତରଦାୟୀ ରହିବା ଉଚିତ ବୋଲି ଜଷ୍ଟିସ୍ ରମନା ମତ ଦେଇଛନ୍ତି। ବିଚାରପତି ନିଯୁକ୍ତି ପ୍ରକ୍ରିୟାକୁ ନେଇ ଭୁଲ୍ ପ୍ରଚାର କରାଯାଉଛି। ପାର୍ଲାମେଣ୍ଟରେ ହାଇକୋର୍ଟ ଓ ସୁପ୍ରିମକୋର୍ଟ ବିଚାରପତି (ବେତନ ଓ ସେବା ସର୍ତ୍ତାବଳୀ) ସଂଶୋଧନ ବିଲ୍, ୨୦୨୧ ଆଲୋଚନା ବେଳେ ବିଚାରପତି ବିଚାରପତିଙ୍କୁ ନିଯୁକ୍ତ କରୁଥିବା କେରଳ ଏମ୍‌ପି ଜନ୍ ବ୍ରିଟ୍ଟାସ୍ କହିଥିଲେ। ନିଯୁକ୍ତି ପ୍ରକ୍ରିୟାରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ, ରାଜ୍ୟ ସରକାର, ରାଜ୍ୟପାଳ, ହାଇକୋର୍ଟ କଲେଜିୟମ୍, ଗୋଇନ୍ଦା ବ୍ୟୁରୋ ଏବଂ ସର୍ବୋଚ୍ଚ କାର୍ଯ୍ୟନିର୍ବାହୀ ସାମିଲ ହୋଇଥାନ୍ତି। ଜଣେ ପ୍ରାର୍ଥୀ କେତେ ଉପଯୁକ୍ତ ତାହା ଯାଞ୍ଚ କରିବା ଅଧିକାର ସମସ୍ତଙ୍କୁ ମିଳିଛି। କିନ୍ତୁ ଦୁଃଖର ସହ କହିବାକୁ ପଡୁଛି, ଜଣେ ବିଜ୍ଞ ବ୍ୟକ୍ତି ମଧ୍ୟ ଏକ ଭ୍ରାନ୍ତ ଧାରଣାର ପ୍ରଚାର କରୁଛନ୍ତି ବୋଲି ସିଜେଆଇ କହିଥିଲେ। କେନ୍ଦ୍ର ସରକାର ଅଧିକ ବିଚାରପତି ନିଯୁକ୍ତି ଦେଇଥିବାରୁ ଜଷ୍ଟିସ୍ ରମନା ଏହାର ପ୍ରଶଂସା କରିଥିଲେ। ତେବେ ହାଇକୋର୍ଟଗୁଡ଼ିକ କରିଥିବା କେତେକ ସୁପାରିସ ସମ୍ପର୍କରେ ଆଇନ ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ ସୁପ୍ରିମକୋର୍ଟକୁ ଜଣାଇନାହିଁ। ମଲିକ ମଝାର ମାମଲାରେ ଧାର୍ଯ୍ୟ ସମୟସୀମାକୁ ସରକାର କଡ଼ାକଡ଼ି ପାଳନ କରିବା ଆଶା କରାଯାଉଛି।

ନ୍ୟାୟପାଳିକା ଉପରେ ହେଉଥିବା ଦୁର୍ଭାବନାପୂର୍ଣ୍ଣ ଆକ୍ରମଣ ବିରୋଧରେ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ସାଧାରଣତଃ ଅଦାଲତ ହସ୍ତକ୍ଷେପ ନ କଲେ କିମ୍ବା ରାୟ ନ ଦେଲେ କର୍ତ୍ତୃପକ୍ଷ ତଦନ୍ତ ପ୍ରକ୍ରିୟାରେ ଅଗ୍ରସର ନ ହେବା ଦୁର୍ଭାଗ୍ୟଜନକ ବୋଲି ସିଜେଆଇ କହିଛନ୍ତି। ବିଚାରପତି ଏବଂ ନ୍ୟାୟିକ ଅଧିକାରୀମାନେ ଭୟଶୂନ୍ୟ ଭାବେ କାର୍ଯ୍ୟ କରିବା ଲାଗି ସରକାର ସୁରକ୍ଷିତ ବାତାବରଣ ସୃଷ୍ଟି କରିବା ଆଶା କରାଯାଏ ଓ ଏହା ସେମାନଙ୍କର କର୍ତ୍ତବ୍ୟ ବୋଲି ଜଷ୍ଟିସ୍ ରମନା କହିଛନ୍ତି। ସିଜେଆଇଙ୍କ ମତରେ କୌଣସି ପ୍ରସଙ୍ଗକୁ ଅତିରଞ୍ଜିତ କରିବା ସାମର୍ଥ୍ୟ ନ୍ୟୁ ମିଡିଆର ରହିଛି। ତେବେ ଏହା ଠିକ୍ ଭୁଲ୍, ଭଲମନ୍ଦ ଏବଂ ବାସ୍ତବ ଓ ନକଲି ମଧ୍ୟରେ ପ୍ରଭେଦ ଜାଣିବାର କ୍ଷମତା ହରାଇଥିବା ମନେହେଉଛି। ମାମଲା ବିଚାରରେ ମିଡିଆ ଟ୍ରାଏଲ୍ ମାର୍ଗଦର୍ଶକ ହୋଇପାରିବ ନାହିଁ ବୋଲି ସିଜେଆଇ ମତ ଦେଇଛନ୍ତି। ଏହା ଦେଖାଯାଇଛି ଯେ ଭାରତରେ ସରକାରୀ ଓକିଲମାନେ ସରକାରଙ୍କ ନିୟନ୍ତ୍ରଣରେ ରହିଥାନ୍ତି। ତେଣୁ ସେମାନେ ନିରପେକ୍ଷ ନ ହେବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଅଯୋଗ୍ୟ ମାମଲାଗୁଡ଼ିକ କୋର୍ଟକୁ ଯିବାରେ ସେମାନେ ଅଟକାଇ ନ ଥାନ୍ତି। ସେମାନେ ସ୍ୱାଧୀନ ଭାବେ ମୁଣ୍ଡ ନ ଖଟାଇ ଜାମିନ ଆବେଦନକୁ ସ୍ୱତଃ ବିରୋଧ କରିଥାନ୍ତି। ଏଥିସହିତ ବିଚାର ସମୟରେ ସେମାନେ ପ୍ରମାଣ ଚାପିଦେବାର ଉଦ୍ୟମ କରିଥାନ୍ତି, ଯାହା ଅଭିଯୁକ୍ତଙ୍କୁ ଫାଇଦା ଦେଇପାରେ ବୋଲି ଜଷ୍ଟିସ୍ ରମନା କହିଛନ୍ତି। ତେଣୁ ସରକାରୀ ଓକିଲମାନଙ୍କୁ ଏଥିରୁ ନିବୃତ୍ତ କରିବାକୁ ହେଲେ ସେମାନଙ୍କ ନିଯୁକ୍ତି ପାଇଁ ଏକ ନିରପେକ୍ଷ ଚୟନ କମିଟି ଗଢ଼ାଯାଇପାରେ ବୋଲି ସେ ମତ ଦେଇଛନ୍ତି।

# 'ସତର୍କତା, ଶୃଙ୍ଖଳା ଦେଶର ବଡ଼ ଶକ୍ତି'

**ନୂଆଦିଲ୍ଲୀ, ୨୬।୧୨**



## କୋଭିଡ୍‌ର ନୂଆ ଭାରିଆଣ୍ଟକୁ ନେଇ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

ନୂଆ ଭାରିଆଣ୍ଟ ଓମିକ୍ରନ୍ ଆସିବା ପରେ ଦେଶରେ କୋଭିଡ୍ ସଂକ୍ରମଣ ବଢ଼ିଚାଲିଛି। ନୂଆ ଭାରିଆଣ୍ଟର ମୁକାବିଲା ନିମନ୍ତେ ବ୍ୟକ୍ତି ସତର୍କତା ଓ ଶୃଙ୍ଖଳା ଦେଶର ବଡ଼ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କୀ ବାତ୍ ରେଡିଓ କାର୍ଯ୍ୟକ୍ରମରେ କହିଛନ୍ତି। କୋଭିଡ୍ ଟିକାକରଣରେ ଭାରତ ଅଭୂତପୂର୍ବ ସଫଳତା ହାସଲ କରିଛି। ଟିକାକରଣ ୧୪୦ କୋଟି ଡୋଜ୍ ଅତିକ୍ରମ କରିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସଫଳତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ନୂଆ ଭାରିଆଣ୍ଟ ପାଇଁ ସତର୍କ ରହିବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ବୈଜ୍ଞାନିକମାନେ ଓମିକ୍ରନ୍ ଭାରିଆଣ୍ଟ ଉପରେ ନିୟମିତ ସମୀକ୍ଷା କରୁଛନ୍ତି। ପ୍ରତିଦିନ ନୂଆ ତଥ୍ୟ ମିଳୁଛି ଏବଂ ସେମାନଙ୍କ ପରାମର୍ଶକ୍ରମେ ପଦକ୍ଷେପ ନିଆଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ନାଗରିକ ଭାବେ ଆମର ଉଦ୍ୟମ ବିଶ୍ୱ ମହାମାରୀକୁ ପରାସ୍ତ କରିବାରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଏହା ଗତ ଦୁଇବର୍ଷର ଅଭିଜ୍ଞତାରୁ ସ୍ପଷ୍ଟ ହୋଇଛି। ସାମୂହିକ ଶକ୍ତି ବଳରେ ଆମେ କରୋନାକୁ ପରାସ୍ତ କରିପାରିବା। ସେହି ଚିନ୍ତାଧାରା ଓ ଦାୟିତ୍ୱ ସହ ଆମେ ୨୦୨୨ରେ ପ୍ରବେଶ କରିବା ବୋଲି ମୋଦି କହିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଗ୍ରୁପ୍ କ୍ୟାପଟେନ ବରୁଣ ସିଂଙ୍କୁ ମନେ ପକାଇଥିଲେ। ତାମିଲନାଡୁର କୁନୁରଠାରେ ବାୟୁସେନା ହେଲିକପ୍ଟର ଦୁର୍ଘଟଣାରେ ସିଡିଏସ୍ ବିପିନ ରାୱତ୍, ତାଙ୍କ ସ୍ତ୍ରୀଙ୍କ ସମେତ ୧୩ ଜଣଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ବେଙ୍ଗାଲୁରୁର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବରୁଣ ପରେ ଆଖି ବୁଜିଥିଲେ। ବରୁଣ ଗତ ଅଗଷ୍ଟରେ ଶୌର୍ଯ୍ୟ ଚକ୍ର ସମ୍ମାନ ପାଇଥିଲେ। ଏହା ପରେ ସେ ତାଙ୍କ ସ୍କୁଲ୍ ପ୍ରିନ୍ସିପାଲଙ୍କୁ ଲେଖିଥିବା ଚିଠି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଯାହା ତାଙ୍କ ହୃଦୟକୁ ଛୁଇଁଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଆସନ୍ତା ବର୍ଷ ପିଲାମାନଙ୍କ ସହ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଜାରି ରଖିବେ ବୋଲି କହିଛନ୍ତି। ଏଥିପାଇଁ ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ଏକ ଅନ୍‌ଲାଇନ ପ୍ରତିଯୋଗିତା ଆୟୋଜନ କରାଯିବ।

Dr. Juneja's
ପେଟ ସଫା ®
Natural Laxative Granules & Tablets

କୋଷ୍ଠକାଠିନ୍ୟ ରୁ ଉପଶମ
ଗ୍ୟାସ୍ ରୁ ମୁକ୍ତି
ଏସିଡିଟି ରୁ ଆରାମ
ପେଟ ସଫା... ତ ସବୁ ରୋଗ ଦଫା
24x7 Helpline: 91197 88888 • www.petsaffa.com
ଚମତ୍କାରୀ ଫାଇଦା
ଯଦି କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା ଆପଣଙ୍କୁ ମଧ ଘେରିରହିଛି, ତେବେ ଆଜି ହିଁ ନିଅନ୍ତୁ, ଆୟୁର୍ବେଦିକ ପେଟ ସଫା ଗ୍ରାନ୍ୟୁଲ୍ସ । ଏହା ପ୍ରଥମ ଦିନରୁ ପ୍ରଭାବ ଦେଖାଏ, ପାଟିରେ ଲାଖିରହେ ନାହିଁ ଏବଂ ଏହା ଅଭ୍ୟାସରେ ମଧ ପରିଣତ ହୁଏନାହିଁ ।



## ଉଭୟ ପକ୍ଷର ଶୁଣାଣି ଆଜି

### ସୁମିତ-ତପସ୍ୱିନୀ ମାମଲା

ବ୍ରହ୍ମପୁର ଅଫିସ,୨୬।୧୨: ଡା.ସୁମିତ ସାହୁ-ତପସ୍ୱିନୀ ଦାଶ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ଏହାର ଶୁଣାଣି ଆସନ୍ତା ୨୭ ତାରିଖ ଅର୍ଥାତ୍ ସୋମବାରକୁ ଧାର୍ଯ୍ୟ କରାଯାଇଛି। ତପସ୍ୱିନୀଙ୍କ ତରଫରୁ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ରୁଜୁ ହୋଇଥିବା ପିଟିଶନରେ ତପସ୍ୱିନୀ ଶ୍ୱଶୁର ଘରେ ରହିବା ପାଇଁ ଆବେଦନ କରିଥିଲେ। ବିଚାରପତି ଏହାର ଶୁଣାଣି କରି ସୁମିତ ତପସ୍ୱିନୀଙ୍କୁ ଭଡାଘର ନେଇ ରଖିବା ଏବଂ ତାଙ୍କ ଯାବତୀୟ ଖର୍ଚ୍ଚ ବହନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ରହ୍ମପୁର ଏସ୍‌ଡିଜେଏମ୍ ଗତ ୨ ଓ ୯ ତାରିଖରେ ଦେଇଥିବା ନିର୍ଦ୍ଦେଶକୁ ଚାଲେଞ୍ଜ କରି ଜିଲାଜଜ୍ କୋର୍ଟରେ ଅପିଲ୍ କରାଯାଇ ଏସ୍‌ଡିଜେଏମ୍ ଦେଇଥିବା ନିର୍ଦ୍ଦେଶ ଖାରଜ କରିବା ପାଇଁ ଅନୁରୋଧ କରାଯାଇଛି। ତପସ୍ୱିନୀ ବଧୂ ନିର୍ଯାତନା ମାମଲା ରୁଜୁ କରିଛନ୍ତି। ସେପଟେ କୋର୍ଟରେ ଛାଡ଼ପତ୍ର ମାମଲା ମଧ ବିଚାରାଧୀନ ରହିଛି। ଏଣୁ ତପସ୍ୱିନୀ ସୁମିତଙ୍କ ସହିତ ରହିବା କେତେଦୂର ସମୀଚୀନ ହେବ ସେ ଦିଗରେ ବିଚାର କରିବାକୁ ଆବେଦନ କରାଯାଇଛି। ସେହିପରି ସୁମିତ ଓ ତପସ୍ୱିନୀଙ୍କ ଛାଡ଼ପତ୍ର ହୋଇନାହିଁ। ବର୍ତ୍ତମାନ ପରିବାର କୋର୍ଟରେ ମାମଲା ବିଚାରାଧୀନ ରହିଛି। ଏଣୁ ଆଇନ ଅନୁସାରେ ତପସ୍ୱିନୀଙ୍କୁ ତାଙ୍କ ଶାଶୁଘରେ ରହିବାକୁ ଅନୁମତି ଦେବା ପାଇଁ ଜିଲା ଜଜ୍ କୋର୍ଟରେ ଅପିଲ୍ କରାଯାଇଛି ବୋଲି ତପସ୍ୱିନୀଙ୍କ ଓକିଲ ପ୍ରଦୀପ କୁମାର ବେହେରା କହିଛନ୍ତି।

# କେମ୍‌କନ୍-୨୦୨୧ ଉଦ୍‌ଘାଟିତ

### ମେଟାଲ, ମିନେରାଲ କ୍ଷେତ୍ରକୁ ବ୍ୟବହାର କରି ଓଡ଼ିଶା ଶିଳ୍ପ ବିକାଶ ଶକ୍ତି ଭାବେ ଆଗକୁ ବଢି ଚାଲିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୧୨(ବ୍ୟୁରୋ)

ରସାୟନ ଓ ଖଣିଜ ସମ୍ପଦର ଦୀର୍ଘକାଳୀନ ବ୍ୟବହାର ରାଜ୍ୟ ସରକାରଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ତଥା ଲୋକମାନଙ୍କର ବିକାଶ ପାଇଁ ପ୍ରାକୃତିକ ସମ୍ପଦର ଦୀର୍ଘକାଳୀନ ଉପଯୋଗ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ମେଟାଲ ଓ ମିନେରାଲ କ୍ଷେତ୍ରକୁ ବ୍ୟବହାର କରି ଓଡ଼ିଶା ଶିଳ୍ପ ବିକାଶ ଶକ୍ତି ଭାବେ ଆଗକୁ ବଢ଼ିଚାଲିଛି। ଭିତ୍ତିଭୂମି ପୁଞ୍ଜିନିବେଶ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ନିରନ୍ତର ଆଗରେ ରହିଛି। ଆଗାମୀ ଭବିଷ୍ୟତକୁ ଲକ୍ଷ୍ୟ ରଖି ରାଜ୍ୟରେ ବିବିଧ ଶିଳ୍ପ କ୍ଷେତ୍ର ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ରବିବାର ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପକ୍ଷରୁ ଆରମ୍ଭ କରାଯାଇଥିବା ଇଣ୍ଡିଆନ କେମିକାଲ ଇଞ୍ଜିନିୟରିଂ କଂଗ୍ରେସ ଏବଂ ଆଇଆଇସିଏଚ୍‌ଇର ୭୪ତମ ବାର୍ଷିକ ଅଧିବେଶନ 'କେମକନ୍-୨୦୨୧'ର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ଭିତ୍ତିଭୂମିଭିତ୍ତିକ ବିକାଶକୁ ମନ୍ତ୍ର ଭାବେ ଗ୍ରହଣ କରିଛନ୍ତି। ପାରାଦୀପରେ ଆମେ ପେଟ୍ରୋଲିୟମ, କେମିକାଲ ଏବଂ ପେଟ୍ରୋକେମିକାଲ ପୁଞ୍ଜିନିବେଶକୁ ଗୁରୁତ୍ୱ ଦେଉଛୁ। ସେହିପରି ଧାମରା ଓ ଗୋପାଳପୁରରେ ବନ୍ଦରଭିତ୍ତିକ ଶିଳ୍ପ କମ୍ପ୍ଲେକ୍ସ କରାଯାଇଛି, ଯାହାକି ରାଜ୍ୟରେ କେମିକାଲ ସେକ୍ଟର ବିକାଶରେ ସହାୟକ ହେବ। ଓଡ଼ିଶାକୁ ରସାୟନ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ରାଜ୍ୟରେ ପରିଣତ କରିବାରେ କେମକନ୍-୨୦୨୧ ନୂଆ ଦିଗ ଦେଖାଇବ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଉଦ୍ୟୋଗୀମାନେ ଓଡ଼ିଶାର ନୂଆ ସମ୍ଭାବନାକୁ ଖୋଜିବାରେ ସହାୟକ ହେବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଏ ଦିଗରେ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି 'ରାସାୟନିକ ଏବଂ ଖଣିଜ କ୍ଷେତ୍ର ପାଇଁ ସମ୍ବଳର ନିରନ୍ତର ବ୍ୟବହାର', ଯାହାକି ଓଡ଼ିଶା ସରକାରଙ୍କ ପାଇଁ ମଧ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟିତ ଏହି କାର୍ଯ୍ୟକ୍ରମରେ ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟି ନିର୍ଦ୍ଦେଶକ ପ୍ରଫେସର ଶୁଦ୍ଧସତ୍ୱ ବାସୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ୫ ଦିନିଆ କାର୍ଯ୍ୟକ୍ରମ ଆଇଆଇସିଏଚ୍‌ଇ-ଭୁବନେଶ୍ୱର ରିଜିଓନାଲ ସେଣ୍ଟର ଏବଂ ସିଏସ୍‌ଆଇଆ୍ର-ଆଇଆଇଏମ୍‌ଏମ୍‌ଟି, ଭୁବନେଶ୍ୱର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ କେମିକାଲ ଟେକ୍ନୋଲୋଜି-ଇଣ୍ଡିଆନ ଅଏଲ ମିଳିତ ଭାବେ ଆୟୋଜନ କରିଛନ୍ତି। କେମ୍‌କନ୍-୨୦୨୧ରେ ମେମୋରିଆଲ ଲେକ୍ଚର, ପ୍ଲେନାରୀ ଲେକ୍ଚର, ସେମିନାର, ଅନ୍ତର୍ଜାତୀୟ ସମ୍ମିଳନୀ, ପ୍ୟାନେଲ ଡିସ୍କସନ ଏବଂ ପ୍ରଦର୍ଶନୀ ଆଦି ଆୟୋଜନ ହେବ।

ସମ୍ମାନିତ ଅତିଥି ଭାବେ ସିଏସ୍‌ଆଇଆର ମହାନିର୍ଦ୍ଦେଶକ ଡ. ଶେଖର ସି. ମାଣ୍ଡେ ଯୋଗଦେଇ କହିଲେ, କୋଭିଡ୍ ମହାମାରୀ ଯୋଗୁ ଅନେକ ଲୋକଙ୍କ ମୃତ୍ୟୁ ଖୁବ୍ ଦୁଃଖଦାୟକ। କେମ୍‌କନ୍-୨୦୨୧ ଭଳି କାର୍ଯ୍ୟକ୍ରମକୁ କୋଭିଡ୍ କଟକଣା ମଧରେ ଆୟୋଜନ କରାଯାଇଛି। ଅଂଶଗ୍ରହଣକାରୀଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ। ଆଇଓସିଏଲ୍‌ର ସିଏମ୍‌ଡି, ଏସ୍.ଏମ୍.ବୈଦ୍ୟ, ଆଦିତ୍ୟ ବିର୍ଲା କେମିକାଲ୍ସର ଡାଇରେକ୍ଟର ଡ. ସନ୍ତୃପ୍ତ ମିଶ୍ର, ଏକ୍ସେଲ ଇଣ୍ଡଷ୍ଟ୍ରିର ଚେୟାରମ୍ୟାନ ଅଶ୍ୱିନୀ ସ୍ରଫ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅର୍ଗାନାଇଜିଂ କମିଟିର ସଭାପତି ସି. ଈଶ୍ୱରିଆ, ଜି.କେ. ରାୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ଭୁବନେଶ୍ୱର ଆଇଏମ୍‌ଏମ୍‌ଟିଠାରେ ଇଣ୍ଡିଆନ କେମିକାଲ ଇଂଜିନିୟରିଂ କଂଗ୍ରେସ(କେମ୍‌କନ୍)-୨୦୨୧କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଉଦ୍‌ଘାଟନ କରୁଛନ୍ତି।

## ଭଟ୍ଟାରିକା, ସିଂହନାଥ ମନ୍ଦିରରେ ୧୪୪

ବଡ଼ମ୍ବା,୨୬।୧୨(ଡି.ଏନ୍.ଏ.)

କଟକ ଜିଲା ବଡ଼ମ୍ବାର ପ୍ରସିଦ୍ଧ ଶୈବପୀଠ ସିଂହନାଥ ମନ୍ଦିର ଏବଂ ମା' ଭଟ୍ଟାରିକା ମନ୍ଦିରରେ ୧୪୪ ଧାରା ଜାରି ହୋଇଛି। କରୋନା ତୃତୀୟ ଲହର ଆସିବାର ଆଶଙ୍କା ଥିବାବେଳେ ନୂଆବର୍ଷରେ ଉଭୟ ମନ୍ଦିରରେ ଅଧିକ ଭିଡ଼ ହେବାର ସମ୍ଭାବନା ରହିଛି। ଏନେଇ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଭାରପ୍ରାପ୍ତ ତହସିଲଦାର ତପନ କୁମାର ପରିଡା ସୂଚନା ଦେଇଛନ୍ତି। ଜାନୁୟାରୀ ୨ ତାରିଖ ପର୍ଯ୍ୟନ୍ତ ଏହି ଧାରା ବଳବତ୍ତର ରହିବ। କେବଳ ସେବାୟତଙ୍କ ଦ୍ୱାରା ଉଭୟ ମନ୍ଦିରରେ ପୂଜାନୀତି ସମ୍ପନ୍ନ କରାଯିବ ବୋଲି ପରିଡ଼ା ସୂଚନା ଦେଇଛନ୍ତି।

## ପିଲାଙ୍କ ଟିକାକରଣ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୬।୧୨ (ବ୍ୟୁରୋ)

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଟିକାକରଣ ଏବଂ ଗାଇଡ୍‌ଲାଇନ୍ ପାଳନକୁ ଗୁରୁତ୍ୱ ଦିଆଯାଉଛି। ଓମିକ୍ରନ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଦେଶରେ ୧୫ରୁ ୧୮ ବର୍ଷ ବୟସର ପିଲାଙ୍କୁ ଟିକାକରଣ ଓ ବୁଷ୍ଟର ଡୋଜ୍ ଟିକା ବ୍ୟବସ୍ଥା କରିବା ପାଇଁ ପ୍ରଧାନମନ୍ତ୍ରୀ କହିଛନ୍ତି। ତେବେ ରାଜ୍ୟରେ ପିଲାଙ୍କ ଟିକାକରଣ ପାଇଁ କୌଣସି ସମସ୍ୟା ହେବ ନାହିଁ। ଏଥିପାଇଁ ରାଜ୍ୟ ସରକାର ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଯଥେଷ୍ଟ ମାନବ ସମ୍ବଳ ରଖାଯାଇଛି। ଆବଶ୍ୟକ ପଡିଲେ ଅଧିକ ଲୋକଙ୍କୁ ଟିକାକରଣ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି। ଟିକାକରଣ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିବାରୁ ସରକାର ଏଥିପ୍ରତି ଅଧିକ ଯତ୍ନବାନ ଅଛନ୍ତି। ଟିକାକରଣରେ ରାଜ୍ୟର ଭଲ ପ୍ରଦର୍ଶନ ରହିଛି। ପିଲାମାନଙ୍କ କ୍ଷେତ୍ରରେ ମଧ ଟାର୍ଗେଟ ଜନସଂଖ୍ୟା ଅନୁଯାୟୀ ଟିକାକରଣ କରାଯିବ। ଏଥିପାଇଁ ପ୍ରତ୍ୟେକ ଜିଲାକୁ ୧୫ରୁ ୧୮ବର୍ଷ ବୟସର ପିଲାମାନଙ୍କ ତଥ୍ୟ ମଗାଯାଇଥିବା ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଶନିବାର ପ୍ରଧାନମନ୍ତ୍ରୀ କରୋନା ସମ୍ପର୍କରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ପିଲାଙ୍କ ଟିକାକରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜାନୁୟାରୀ ୩ରୁ ଛୋଟ ପିଲାଙ୍କୁ ଟିକା ଏବଂ ୧୦ ତାରିଖରୁ ବିଭିନ୍ନ ରୋଗରେ ପୀଡିତ ଥିବା ୬୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି, ସମ୍ମୁଖ ଯୋଦ୍ଧା ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ବୁଷ୍ଟର ଡୋଜ୍ ଦିଆଯିବ।


# ଓଡ଼ିଶା କୃଷି : ନୂଆ ଦିଶା ଓ ସମ୍ଭାବନା

DSPL-351

ଓଡ଼ିଶା ଏକ ଗ୍ରାମୀଣ କୃଷି ଅର୍ଥନୀତି ଭିତ୍ତିକ ରାଜ୍ୟ। ଆମ ରାଜ୍ୟରେ ୬୧.୮୦ ଲକ୍ଷ ହେକ୍ଟର ଚାଷ ଉପଯୋଗୀ ଜମି ଅଛି। ରାଜ୍ୟର ଜନସଂଖ୍ୟା ୪ କୋଟି ୭୬ଲକ୍ଷ ଥିଲାବେଳେ ରାଜ୍ୟର ସମୁଦାୟ ଚାଷୀ ସଂଖ୍ୟା ୩କୋଟି ୨୮ ଲକ୍ଷ। ସେଥିମଧ୍ୟରୁ ଶତକଡ଼ା ୯୩ ଭାଗ ଚାଷୀ କ୍ଷୁଦ୍ର ଓ ନାମମାତ୍ର। ଏଥିରୁ ପ୍ରାୟ ୪୮.୮ ଭାଗ ଜନସାଧାରଣ ସାଧାସଳଖ କୃଷି କ୍ଷେତ୍ରରେ ନିୟୋଜିତ ହୋଇ ସେମାନଙ୍କର ଜୀବନ ଜୀବିକା ନିର୍ବାହ କରନ୍ତି। ଓଡ଼ିଶା ଅର୍ଥନୈତିକ ସର୍ଭେ ୨୦୨୦-୨୧ ଅନୁଯାୟୀ ରାଜ୍ୟରେ ମୋଟ ମୂଲ୍ୟଯୁକ୍ତ ଉତ୍ପାଦ (GSVA) ୨୧.୩୭% ଆକଳନ କରାଯାଇଛି। ଭୌଗୋଳିକ ସ୍ଥିତି, ପାଣିପାଗ ଦୃଷ୍ଟିରୁ ଅଣ ରାଜ୍ୟରେ ୧୦ଗୋଟି କୃଷି ଜଳବାୟୁ ଭିତ୍ତିକ ମଣ୍ଡଳ ଦେଖାଯାଏ। ପ୍ରାକୃତିକ ଦୁର୍ବିପାକ ଆମ ରାଜ୍ୟର କୃଷି ପ୍ରଗତିରେ ସର୍ବଦା ବାଧକ ସାଜିଛି। ତଥାପି ଆମ ରାଜ୍ୟ କୃଷି କ୍ଷେତ୍ରରେ ଅନେକ ଗୁଡ଼ିଏ ଆଖିଦୃଶିଆ ସଫଳତା ହାସଲ କରିପାରିଛି।

ଆମ ରାଜ୍ୟରେ ୨୦୨୦-୨୧ ବର୍ଷରେ ୧୨୭ଲକ୍ଷ ମେଟ୍ରିକ ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦିତ ହୋଇଛି। ଚାଉଳ ଉତ୍ପାଦନରେ ଆମ ରାଜ୍ୟ ଏକ ବଳାକା ରାଜ୍ୟ ଭାବେ ପରିଗଣିତ ହୋଇଛି। ଦୁଇ ଦଶନ୍ଧି ମଧ୍ୟରେ ଡାଲି ଉତ୍ପାଦନ ଶତକଡ଼ା ୧୦୮ଗୁଣ, ତୈଳବୀଜ ଉତ୍ପାଦନ ଶତକଡ଼ା ୪୦ଭାଗ, କପା ଉତ୍ପାଦନ ଶତକଡ଼ା ୬୦୦ଗୁଣ ବୃଦ୍ଧି ପାଇଛି।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ, ସମୟୋପଯୋଗୀ ସମୁଚିତ ପଦକ୍ଷେପ ଓ ଚାଷୀମାନଙ୍କୁ ପ୍ରୋତ୍ସାହନ ଓ ସହାୟତା ଓ କୃଷି ଓ କୃଷକର ସର୍ବାଙ୍ଗିନ ବିକାଶ ପାଇଁ ବିଗତ ବର୍ଷ ଗୁଡ଼ିକରେ ଅନେକ ଗୁଡ଼ିଏ କୃଷକ କଲ୍ୟାଣକାରୀ କାର୍ଯ୍ୟକ୍ରମ ରାଜ୍ୟର କୃଷିକୁ ଏକ ନୂତନ ଦିଗନ୍ତ ଦେଇଛି। ଚାଷୀର ପ୍ରାଥମିକ ଚାଷ କାର୍ଯ୍ୟଠାରୁ ଆରମ୍ଭ କରି ଚାଷର ଅମଳ ଓ ଅମଳ ପରବର୍ତ୍ତୀ ଯତ୍ନ ନିମନ୍ତେ ରାଜ୍ୟ ସରକାର ଅନେକ ଗୁଡ଼ିଏ ଯୋଜନା ଓ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି। ତନ୍ମଧ୍ୟରୁ କାଳିଆ, ବଳରାମ, ବିଭିନ୍ନ ଫସଲ ଉତ୍ପାଦନ ଭିତ୍ତିକ ଯୋଜନା, ଜଳସେଚନର କ୍ଷେତ୍ର ପ୍ରସାର, ବିଭିନ୍ନ କୃଷି ସାମଗ୍ରୀରେ ବଣ୍ଟନରେ ରିହାତି ତଥା ପ୍ରୋତ୍ସାହନ, ସମୟାନୁସାରେ ଉନ୍ନତ ମାନର ବିହନ ଯୋଗାଣ, ସାର, ଜୈବସାର ଜୀବନାଶକ ଯୋଗାଣ, ଠିକ୍ ସମୟରେ ଋଣ ଯୋଗାଣ, କୃଷି ଯାନ୍ତ୍ରିକରଣରେ ପ୍ରାଧାନ୍ୟ, ଜୈବିକ ଚାଷର ଆୟତନ ବୃଦ୍ଧି, ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଆଯାଇ ଅନଲାଇନ୍ ସରଭିସ୍ ଓ ଡିବିଟି ମାଧ୍ୟମରେ କୃଷି ସାମଗ୍ରୀ ବିତରଣ, ଲାଇସେନ୍ସ ନବୀକରଣ ଓ ନୂତନ ଲାଇସେନ୍ସ ପ୍ରାପ୍ତି, ଇ-ରୋଗପୋକ ସର୍ବେକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇ କୃଷି ଓ କୃଷକର ଉନ୍ନତି କରାଯାଇ ପାରିଛି।

## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ

### ମାର୍ଗଦର୍ଶୀ ପ୍ରୟାସ ଓ ଦୂରଦର୍ଶୀ ଦିଗ୍‌ଦର୍ଶନ ରାଜ୍ୟରେ କୃଷି କ୍ଷେତ୍ରରେ ଆଣିଛି ଅନେକ ପ୍ରଗତି

## କୃଷି ପ୍ରଗତିରେ ଓଡ଼ିଶା ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନା

### କାଳିଆ (ଜୀବିକା ଓ ଆୟ ବୃଦ୍ଧି ନିମିତ୍ତ କୃଷକଙ୍କୁ ସହାୟତା)

କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ମାନଙ୍କୁ ପ୍ରତ୍ୟେକ ଫସଲ ଋତୁରେ କୃଷି କାର୍ଯ୍ୟ ଓ କୃଷି ସାମଗ୍ରୀ ଯଥା ବିହନ, ସାର, କୀଟନାଶକ କ୍ରୟ ପାଇଁ ପ୍ରାଥମିକ ସହାୟତା। ଭୂମିହୀନ କୃଷି ପରିବାରଙ୍କୁ ଆନୁସଙ୍ଗିକ କୃଷି କାର୍ଯ୍ୟ ଯଥା ଗୋପାଳନ, ଛେଳି ପାଳନ, ମେଣ୍ଢା ପାଳନ, କୁକୁଡ଼ା ପାଳନ, ଛତୁ ଚାଷ, ମହୁଚାଷ, ମାଛ ଚାଷ ଓ ରେଶମ ଚାଷ ଆଦି କାର୍ଯ୍ୟ ପାଇଁ ସହାୟତା। ଅଦ୍ୟାବଧି ୫୬ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଓ ଭୂମିହୀନ ଚାଷୀ ପରିବାରଙ୍କୁ କାଳିଆ ସହାୟତା ଡିବିଟି ମାଧ୍ୟମରେ ବଣ୍ଟନ କରାଯାଉଛି।

### ବଳରାମ (ଭୂମିହୀନ ଭାଗଚାଷୀ କୃଷିଜୀବିଙ୍କୁ ଋଣ ଦ୍ୱାରା ସମ୍ବଳ ବୃଦ୍ଧିର ଆଦର୍ଶିକା)

ଭାଗଚାଷୀମାନଙ୍କୁ ବିତ୍ତିୟ ସଂସ୍ଥା ଯଥା ବ୍ୟାଙ୍କ/ ସେବା ସମବାୟ ସମିତି ମାଧ୍ୟମରେ ସହଜ ଓ ସୁବିଧାରେ କୃଷି ଋଣ ବ୍ୟବସ୍ଥା। ୨ବର୍ଷ ମଧ୍ୟରେ ୧ଲକ୍ଷ ମିଳିତ ଦେୟ ଗୋଷ୍ଠୀ (JLG) ଗଠନ କରି ୫ଲକ୍ଷ ଭାଗଚାଷୀଙ୍କୁ ଋଣ ପ୍ରଦାନର ଲକ୍ଷ୍ୟ। ମିଳିତ ଦେୟ ଗୋଷ୍ଠୀ ପ୍ରତି ସର୍ବାଧିକ ୧୬୦୦୦୦ ଟଙ୍କା ଋଣର ବ୍ୟବସ୍ଥା। ରାଜ୍ୟ ସରକାର ଓ ନାବାର୍ଡର ମିଳିତ ସହଯୋଗରେ ବଳରାମ ଯୋଜନା କାର୍ଯ୍ୟକାରୀ ହେଉଛି।

### ସମନ୍ୱିତ କୃଷି

ଫସଲ ପ୍ରଣାଳୀ ସହିତ ପଶୁପାଳନ, ମତ୍ସ୍ୟଚାଷ ଏବଂ କୃଷି ବନୀକରଣକୁ ଅନ୍ତର୍ଭୁକ୍ତ କରିବା।

ଅଣଧାନ, ଉଚ୍ଚ ମୂଲ୍ୟ ଏବଂ ଜଳବାୟୁ ସହଣୀ ଫସଲ ପାଇଁ ଫସଲର ବିବିଧତା।

ପୁଷ୍ଟି ବଗିଚା ମାଧ୍ୟମରେ ଖାଦ୍ୟପେୟରେ ବିବିଧତାକୁ ଉନ୍ନତ କରିବା।

ମୃତ୍ତିକାର ସ୍ୱାସ୍ଥ୍ୟରେ ଉନ୍ନତି ପାଇବା ପାଇଁ ଜୈବିକ ଓ ଅନ୍ତଃ ଫସଲ ଚାଷ କରାଇବା

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବା କୃଷକ ଉତ୍ପାଦକ ସଂଘ ସହାୟତାରେ ଅମଳ ପରବର୍ତ୍ତୀ କାର୍ଯ୍ୟକ୍ରମ, ପ୍ରକ୍ରିୟାକରଣ, ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି, ବଜାରୀ କରଣ ଏବଂ ଉଦ୍ୟାଗକୁ ପ୍ରୋତ୍ସାହନ

### କୃଷି ଯାନ୍ତ୍ରିକୀକରଣ, ଜଳନିଧି ଓ ସୌର ଜଳନିଧି, ବ୍ୟବସାୟିକ କୃଷି ଉଦ୍ୟୋଗ ପ୍ରତିଷ୍ଠା

କୃଷିରେ କୃଷି ଯନ୍ତ୍ରପାତିର ବ୍ୟବହାର ଓ ସେଚାଞ୍ଚଳ ବୃଦ୍ଧି ଓ ବ୍ୟବସାୟିକ କୃଷି ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ରିହାତି ଦରରେ କୃଷକମାନଙ୍କୁ ପ୍ରୋତ୍ସାହିତ କରାଯାଉଛି।

### ବୃହତ ଉଠା ଜଳସେଚନ ପ୍ରକଳ୍ପରେ ଫସଲ ବିବିଧିକରଣ

ଫସଲ ବିବିଧିକରଣ କରିଥିବା ଚାଷୀମାନଙ୍କୁ ୩ବର୍ଷ ପାଇଁ ଡିବିଟି ମାଧ୍ୟମରେ ପ୍ରୋତ୍ସାହନ ରାଶି ପ୍ରଦାନ।

ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ କୃଷକମାନଙ୍କୁ ତାଲିମ ପ୍ରଦାନ।

ଜୈବିକ କୃଷି ସାମଗ୍ରୀ ଉତ୍ପାଦନ, ଅମଳ ପରବର୍ତ୍ତୀ କାର୍ଯ୍ୟ, ପ୍ରାଥମିକ ପ୍ରକ୍ରିୟାକରଣ, ମୂଲ୍ୟଯୁକ୍ତ ଦ୍ରବ୍ୟ ପ୍ରସ୍ତୁତ ଏବଂ ବିପଣନ କାର୍ଯ୍ୟ ପାଇଁ ୩୬ଗୋଟି ଗୋଷ୍ଠୀଭିତ୍ତିକ ସଂଗଠନ ଯଥା- କୃଷକ ଉତ୍ପାଦନକାରୀ ସଂଘ/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ / ପାଣି ପଞ୍ଚାୟତ ଓ କୃଷି ଉଦ୍ୟୋଗମାନଙ୍କୁ ପ୍ରୋତ୍ସାହିତ କରାଯିବ।

### ଓଡ଼ିଶା ମିଲେଟ ମିଶନ

୨୦୧୭-୧୮ ମସିହାରେ ଆରମ୍ଭ ହୋଇଥିବା ଓଡ଼ିଶା ମିଲେଟ ମିଶନ ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ। ପାରିବାରିକ ସ୍ତରରେ ପୁଷ୍ଟି ନିରାପତ୍ତାକୁ ବୃଦ୍ଧି କରିବା, ପୁଷ୍ଟି ଶସ୍ୟଗୁଡ଼ିକର ଚାହିଦା ସୃଷ୍ଟି କରିବା ପଞ୍ଚାୟତ ଓ ବ୍ଲକସ୍ତରରେ ପୁଷ୍ଟି ଶସ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା, ମହିଳା ଉଦ୍ୟୋଗୀମାନଙ୍କ ଉପରେ ବିଶେଷ ଧ୍ୟାନ ଦେଇ ଗ୍ରାମ ଓ ସହରାଞ୍ଚଳରେ ପୁଷ୍ଟ ଶସ୍ୟ ଉଦ୍ୟୋଗ ଗୁଡ଼ିକର ବିକାଶ ଓ ବଜାର ସୃଷ୍ଟି କରିବା ଆଦି ଲକ୍ଷ୍ୟ ନେଇ ଓଡ଼ିଶା ମିଲେଟ ମିଶନ କାର୍ଯ୍ୟ କରୁଛି। ଏହା ଓଡ଼ିଶାର ୧୫ଟି ଜିଲ୍ଲାର ୮୪ଟି ବ୍ଲକରେ କାର୍ଯ୍ୟ କରୁଅଛି। ଚଳିତ ବର୍ଷ ଉନ୍ନତ କୃଷି ପ୍ରଣାଳୀରେ ୬୩୦୦୦ ହେକ୍ଟରରେ ଲଘୁଶସ୍ୟ ଚାଷ କରାଯିବ।

### ଆମ କୃଷି (ଆଇ.ଭି.ଆର. ଭିତ୍ତିକ ମୋବାଇଲ ଫୋନ୍ କୃଷି ପରାମର୍ଶ ସେବା)

୨୦୧୮ ମସିହାରେ ଆମ ରାଜ୍ୟର କୃଷକ ଭାଇମାନଙ୍କୁ କୃଷି ସମ୍ବନ୍ଧୀୟ ଉପଦେଶ ପ୍ରଦାନ କରିବା ପାଇଁ ଆମ କୃଷି ଏକ ନିଶୁଳ୍କ ମୋବାଇଲ ଫୋନ୍ କୃଷି ପରାମର୍ଶ ସେବା ଆରମ୍ଭ କରାଯାଇଥିଲା । ବର୍ତ୍ତମାନ ଓଡ଼ିଶାର ୩୧୪ଗୋଟି ବ୍ଲକର ୧୬୦୦୦୦୦ କୃଷକ ଓ ୧୪ ହଜାର ସଂପ୍ରସାରଣ କର୍ମୀଙ୍କୁ କୃଷିଭିତ୍ତିକ ସୂଚନା ଯୋଗାଇ ଦିଆଯାଉଛି। ଓଡ଼ିଶାର କୃଷକ ମାନଙ୍କୁ ଉଭୟ ଓଡ଼ିଆ ଓ ସମ୍ବଲପୁରୀ ଭାଷାରେ ସାପ୍ତାହିକ କୃଷି ସୂଚନା ପ୍ରଦାନ କରାଯାଉଛି। ଆମ କୃଷି, ପ୍ରାଣୀ ସଂପଦ ଓ ମତ୍ସ୍ୟ ବିଭାଗର ସୂଚନା ମଧ୍ୟ ପ୍ରଦାନ କରୁଛି। ଆମ କୃଷି ସେବା ପାଇବାକୁ ହେଲେ ୧୫୫୩୩୩କୁ ଫୋନ୍ କରି ପ୍ରଶ୍ନ ପଚାରିପାରିବେ ଓ ୪୮ଘଣ୍ଟା ମଧ୍ୟରେ ଉତ୍ତର ପାଇପାରିବେ।

## ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର ଉନ୍ନୟନମୂଳକ ଯୋଜନା

### କ୍ଷେତ ପୋଖରୀ ଖନନ : ଫାର୍ମ ପଣ୍ଡ ପ୍ଲସ୍

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର କୃଷକ କଲ୍ୟାଣ ଯୋଜନାରେ ୫ବର୍ଷ ମଧ୍ୟରେ ୫ଲକ୍ଷ କ୍ଷେତ ପୋଖରୀ ଖୋଳାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହାଦ୍ୱାରା ବର୍ଷା ଜଳ ଅଭାବରୁ ଚାଷୀ ଆଉ ଫସଲ ଉତ୍ପାଦନ କରିବାରେ ଅସୁବିଧା ଭୋଗିବ ନାହିଁ। କେବଳ ଫସଲ ପାଇଁ ପାଣି ନୁହେଁ, କ୍ଷେତ ପୋଖରୀ ହୁଡ଼ାରେ ତୈଳବୀଜ ଫସଲ, ଡାଲି ଜାତୀୟ ଫସଲ, କଦଳୀ ଚାଷ ଆଦି କରିହେବ। ପୋଖରୀରେ ମଧ୍ୟ ମାଛ, ବତକ ଚାଷ କରିହେବ। ଏହି ଯୋଜନା ଅନ୍ତର୍ଗତ ମାଛ ଚାଷ ପାଇଁ ସହାୟତା ରାଶି, ବତକ ଚିଆଁ ଯୋଗାଣ, ପନିପରିବା ଚାଷ, ତୈଳବୀଜ ଫସଲ, ଡାଲି ଜାତୀୟ ଫସଲ ଇତ୍ୟାଦି ପାଇଁ ବିହନ ପୁଡ଼ିଆ ଚାଷୀ ଭାଇ ଓ ଭଉଣୀଙ୍କୁ ଯୋଗାଇ ଦିଆଯିବ। ଏହି ସମନ୍ୱିତ କୃଷି ପଦ୍ଧତି ମାଧ୍ୟମରେ ଚାଷୀଭାଇମାନଙ୍କର ଆୟ ଦ୍ୱିଗୁଣିତ ବା ବହୁଗୁଣିତ ହୋଇପାରିବ।

୨୦୧୯-୨୦ ଓ ୨୦୨୦-୨୧ ରେ ଯଥାକ୍ରମେ ୯୭୩୯ ଓ ୫୫୭୧୦ ଗୋଟି ମନରେଗା ଯୋଜନାରେ କ୍ଷେତ ପୋଖରୀ ଖନନ କରାଯାଇସାରିଛି।

୨୦୨୧-୨୨ରେ ୧୬୩୮୦୨ଗୋଟି କ୍ଷେତ ପୋଖରୀ ଖନନ କରିବା ପାଇଁ ୧୬୩୮କୋଟି ଟଙ୍କାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ବର୍ତ୍ତମାନ ସୁଦ୍ଧା ଏଥିପାଇଁ ୯୦୬୨୭ଜଣ ହିତାଧିକାରୀ ଚୟନ ହୋଇଛନ୍ତି ଏବଂ ୩୮୫୨ଗୋଟି କ୍ଷେତ ପୋଖରୀ ଖନନର କାର୍ଯ୍ୟାନ୍ୱୟନର ଅର୍ଥାଦେଶ ମଞ୍ଜୁର କରାଯାଇଛି। ବର୍ତ୍ତମାନ ସୁଦ୍ଧା ୫୬୩ ଗୋଟି କ୍ଷେତ ପୋଖରୀ ଖନନ କରାଯାଇ ୦.୪୫କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।

### ବୃଷ୍ଟିପୁଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନା

ବୃଷ୍ଟିପୁଷ୍ଟ ଅଞ୍ଚଳର ଉନ୍ନତିକରଣ ନିମନ୍ତେ ରାଜ୍ୟର ୧୫ଗୋଟି ଜିଲ୍ଲାରେ ୨୦୨୧-୨୨ ଆର୍ଥିକ ବର୍ଷରେ ବୃଷ୍ଟିପୁଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରାଯିବ। ଏହି ଯୋଜନାରେ ସମନ୍ୱିତ କୃଷିକୁ ପ୍ରାଧାନ୍ୟ ଦିଆଯିବ। ଏହି ଯୋଜନାରେ ସୂକ୍ଷ୍ମ ଜଳସେଚନକୁ ପ୍ରୋତ୍ସାହନ ଦିଆଯିବ। ଏହାଦ୍ୱାରା ଚାଷୀଭାଇ ଭଉଣୀଙ୍କର ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହେବା ସହିତ ତାଙ୍କର ଜୀବିକାରେ ମଧ୍ୟ ଉନ୍ନତି ଘଟିପାରିବ।

### ଫସଲ ବନୀକରଣ ନିମନ୍ତେ Submission on Agroforestry

ଚାଷ ଜମି ହୁଡ଼ାରେ ଓ ଏହା ଆଖପାଖରେ ବନୀକରଣ କରିବା ନିମନ୍ତେ Submission on Agroforestry ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନା ମାଧ୍ୟମରେ ନର୍ସରୀ ସ୍ଥାପନ କରାଯିବ, ଯାହାଫଳରେ ଉନ୍ନତ ମାନର ଚାରା ପ୍ରସ୍ତୁତ ହୋଇପାରିବ। ଗୋଟିଏ ନର୍ସରୀରୁ ବାର୍ଷିକ ୨୫,୦୦୦ ଚାରା ଉତ୍ପାଦନ କରାଯାଇପାରିବ, ଏହି ଭଳି ୯ଗୋଟି ନର୍ସରୀ ସ୍ଥାପନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ।

ଆସନ୍ତୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ପ୍ରଣୀତ ଯୋଜନା ଓ ସହାୟତାକୁ ଉତ୍ତମ ଭାବରେ ଉପଯୋଗ କରି ବୈଜ୍ଞାନିକ ପ୍ରଣାଳୀରେ ଚାଷକାର୍ଯ୍ୟ କରି ରାଜ୍ୟକୁ ଏକ କୃଷି ଉନ୍ନତ ରାଜ୍ୟ ରୂପେ ଗଢ଼ି ତୋଳିବା ଏବଂ ରାଜ୍ୟର କୃଷିକୁ ଏକ ନୂତନ ଦିଶା ଦେବା।

OIPR-01034/13/0041/2122

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୭ ଡିସେମ୍ବର, ୨୦୨୧

## ସତ୍ୟସାଇ ସେବା ସମିତିର ସୁବର୍ଣ୍ଣ ଜୟନ୍ତୀ

ସମ୍ବଲପୁର,(ବ୍ୟୁରୋ): ଶ୍ରୀ ସତ୍ୟସାଇ ସେବା ସମିତିର ସୁବର୍ଣ୍ଣ ଜୟନ୍ତୀ ରବିବାର ସମ୍ବଲପୁର ଭୁତାପଡାସ୍ଥିତ ସମ୍ମିଳନୀ କକ୍ଷଠାରେ ପାଳିତ ହୋଇଯାଇଛି। ସେବାଦଳ ପ୍ରଶିକ୍ଷଣ ଶିବିରରେ କ୍ଷୀରୋଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ସଚ୍ଚିଦାନନ୍ଦ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ରାଧେଶ୍ୟାମ ଲେଙ୍କା, ବସନ୍ତ କୁମାର ନାଥ, ଭାଷ୍କର କୁମାର ଦେବ, ଚିନ୍ତାମଣୀ ଷଡଙ୍ଗୀ, ଜିଲା ସଭାପତି ସୁନୀଲ କୁମାର ପଣ୍ଡା ଆଲୋଚନାରେ ଭାଗ ନେଇଥିଲେ। ସମିତି ଜିଲା ଆବାହକ ଦିଲିପ କୁମାର ପରମାର ଧନ୍ୟବାଦ ଦେଇଥିଲେ।



## ଆଜି କ'ଣ କେଉଁଠି

ସମ୍ବଲପୁର

- ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଚତୁର୍ଥ ଦିବସ, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### କମ୍ପ୍ୟୁଟର ଶିକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ନାକଟିଦେଉଳ,୨୬।୧୨(ଡି.ଏନ୍.ଏ.): ନାକଟିଦେଉଳ ବ୍ଲକ ସଦରସ୍ଥିତ ନାଇସ କମ୍ପ୍ୟୁଟର କେନ୍ଦ୍ରଠାରେ ରବିବାର ମାଗଣା କମ୍ପ୍ୟୁଟର ଶିକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବକେନ୍ଦ୍ର ସମ୍ବଲପୁର ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ନେହେରୁ ଯୁବକେନ୍ଦ୍ରର ପୂର୍ବତନ ସ୍ୱେଚ୍ଛାସେବୀ ପ୍ରଦୀପ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ନାକଟିଦେଉଳ ଯୁକ୍ତ୨ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଉଦୟନାଥ ଗଡ଼ନାୟକ ମୁଖ୍ୟ ଅତିଥି ଓ ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧାପିକା ପୁଷ୍ପାଞ୍ଜଳି ରବଣା, ନାଇସ କମ୍ପ୍ୟୁଟର କେନ୍ଦ୍ରର ପ୍ରଶିକ୍ଷକ ଜ୍ଞାନେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ତିନିମାସ ଧରି ଚାଲିବାକୁ ଥିବା ଶିବିରରେ ବ୍ଲକର ୨୫ ଯୁବତୀଯୁବକ ଅଂଶ ଗ୍ରହଣ କରି ତାଲିମ ଗ୍ରହଣ କରୁଛନ୍ତି।

### କୋଶଳ ବିକାଶ କେନ୍ଦ୍ରରେ ସ୍ନାତକ ପ୍ରାପ୍ତି ଦିବସ

ସମ୍ବଲପୁର,୨୬।୧୨(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ ଭତରାସ୍ଥିତ ଆଦିତ୍ୟ ବିର୍ଲା କୋଶଳ ବିକାଶ କେନ୍ଦ୍ରଠାରେ ପ୍ରଥମ ସ୍ନାତକ ପ୍ରାପ୍ତି ଦିବସ ପାଳିତ ହୋଇଯାଇଛି। ଚକବନ୍ଦୀ ବିଭାଗ ଅତିରିକ୍ତ କମିଶନର ସୁକାନ୍ତ ତ୍ରିପାଠୀ ମୁଖ୍ୟଅତିଥି, ହିରାକୁଦ ହିଣ୍ଡାଲ୍‌କୋ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢୀ, ପାରପାର୍ଶ୍ୱିକ ବିଭାଗ ଅଧିକାରୀ ଜଗଦୀଶ ମିଶ୍ର, ସୁକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ତାଲିମପ୍ରାପ୍ତ ୨ଶହ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ପ୍ରଶିକ୍ଷକ ଓ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଅଶ୍ୱିନୀ କୁମାର ପାଢୀ ସଭା ପରିଚାଳନା କରିଥିବାବେଳେ ମନୋରଞ୍ଜନ ମହାକୁଡ ଧନ୍ୟବାଦ ଦେଇଥିଲେ। ହୀରାକୁଦ ହିଣ୍ଡାଲକୋ ଇଣ୍ଡଷ୍ଟ୍ରି ଲିମିଟେଡ ସିଏସ୍‌ଆର୍ ଅନୁଦାନରେ ଏହି ତାଲିମ କେନ୍ଦ୍ର ପରିଚାଳିତ ହେଉଛି। ଦଶମ ଶ୍ରେଣୀରୁ ଉର୍ଦ୍ଧ୍ୱ ପାଠ ପଢିଥିବା ଯୁବତୀଯୁବକଙ୍କୁ ରୋଜଗାରକ୍ଷମ କରିବାକୁ ଧନ୍ଦାମୂଳକ ତାଲିମ ଦିଆଯାଉଛି।

### ସମଲେଇ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ପ୍ରସ୍ତୁତି

ସମ୍ବଲପୁର,୨୬।୧୨(ବ୍ୟୁରୋ): ଯୁଯୁମୁରା ବ୍ଲକ ହିରୋ ଗ୍ରାମରେ ସମଲେଇ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଫେବୃୟାରୀ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ହେବ। ଏଥିପାଇଁ ଏକ କମିଟି ଗଠନ କରାଯାଇଛି। ଏଥିରେ ମୁରଲିଧର ଛତର ଅଧକ୍ଷ, ଭୋଲାରାମ ମହୋତ୍ତମ ସଭାପତି, ଉଜ୍ୱଳ ମହାକୁର କାର୍ଯ୍ୟକାରୀ ସଭାପତି, ବିଶ୍ୱାମିତ୍ର ନାଗ ଓ ଜୟକିଶୋର ଜାଲ ଉପସଭାପତି, ସୁରେନ୍ଦ୍ର କୁମାର ବଗର୍ତ୍ତି ସାଧାରଣ ସମ୍ପାଦକ, ଗୋବର୍ଦ୍ଧନ ସାଲିମା ଓ ପ୍ରମୋଦ ବାଘ ସମ୍ପାଦକ, ବୁଧୁରାମ ଦୀପ କୋଷାଧକ୍ଷ, ସଜୀବ ଷଣ୍ଡ ସହ କୋଷାଧକ୍ଷ ରହିଛନ୍ତ। କୃଷ୍ଣଚନ୍ଦ୍ର ବାଗଙ୍କୁ ସାଂସ୍କୃତିକ ସମ୍ପାଦକ ଭାବେ ମନୋନୟନ କରାଯାଇଛି।

### ଶତାୟୁ ମହିଳାଙ୍କ ପରଲୋକ

ବଡ଼ଗାଁ, ୨୬।୧୨(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲି ଗ୍ରାମର ଶତାୟୁ ମହିଳା ମନଭାଙ୍ଗି ନାଏକଙ୍କ ରବିବାର ଅପରାହ୍ନରେ ପରଲୋକ ଘଟିଛି।


ମନଭାଙ୍ଗି ନାଏକ (ଫାଇଲ ଫଟୋ)।

୧୧୨ବର୍ଷ ବୟସରେ ଦେହାନ୍ତ ଘଟିଥିବା ମନଭାଙ୍ଗିଙ୍କ ୫ପୁଅ, ୨ଝିଅ, ୧୭ନାତିନାତୁଣୀ, ୨୪ଅଣ ନାତିନାତୁଣୀ, ୭ପଣ ନାତିନାତୁଣୀ ଅଛନ୍ତି। ତାଙ୍କ ଅନ୍ତିମ ସଂସ୍କାରରେ ପୁଅ ରୋହିତ(୮୧), ଲାଲମୋହନ(୭୨), ନୀଳମଣି(୭୦), ବସନ୍ତ(୬୩), ଗଣେଶ(୫୮) ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି। ସେ କର୍ମଠ ଓ ମେଳାପି ଥିଲେ।



ସମ୍ବଲପୁର ଜିଲା ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।



ଝାରସୁଗୁଡାଠାରେ ଚାଲିଥିବା ପ୍ରତିଷ୍ଠା ଦିବସ ସଭା।

# ଦଳର ନୀତିଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ଝାରସୁଗୁଡ଼ା ଅଫିସ,୨୬।୧୨

ଝାରସୁଗୁଡ଼ା ଜିଲା ବିଜେଡି ତରଫରୁ ରବିବାର ଦଳର ୨୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ବଡମାଲସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଓ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ସ୍ଥାନୀୟ କାଳୀମନ୍ଦିର ରୋଡ୍ ରାଉତରାୟ ବଗିଚାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ଦାସ ମୁଖ୍ୟଅତିଥି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତାପସ ରାୟ ଚୌଧୁରୀ, ରବି ସିଂହ, ଗଙ୍ଗାଧର ଗଡନାୟକ, ଟାଉନ ସଭାପତି ସନ୍ଦିପ ଅଗସ୍ତି, ରାଜ୍ୟ ସମ୍ପାଦକ ତ୍ରିନାଥ ଗୁଆଲ, ଜିଲା ଉପସଭାପତି ମନୋରଞ୍ଜନ ମହାପାତ୍ର, ଜିଲା ଉପସଭାପତି ରାଜୁ ପାଣିଗ୍ରାହୀ, ଜିଲା ମହିଳା ସଭାନେତ୍ରୀ ଜୟ କୁମାରୀ ପଟେଲ, ଜିଲା ସଂଖ୍ୟାଲଘୁ ସଭାପତି ଜାହିଦ୍ କୁରେସୀ ପ୍ରମୁଖ ଯୋଗଦେଇ ଦଳର ନୀତିଆଦର୍ଶ ସମ୍ପର୍କରେ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣକରି ଜିଲାର ଉନ୍ନତି କରିବା ସହିତ ବିଜୁ ବାବୁ ଦେଖିଥିବା ସ୍ୱପ୍ନର ଓଡ଼ିଶା ଗଠନ ପାଇଁ ସଙ୍କଳ୍ପବଦ୍ଧ ହେବାକୁ ବକ୍ତବ୍ୟ ରଖିଥିଲେ। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସନ୍ଦିପ ଅଗସ୍ତୀ ପରିଚାଳନା କରିଥିଲେ। ଏଥିରେ ପିଣ୍ଟୁ ପାଢୀ, ସିଦ୍ଧାର୍ଥ ସରକାର, ଗୋବିନ୍ଦ ସିଙ୍ଘାଣିଆ, ତୁଳସୀ ଦାସ, ସୁବାସ କେଡିଆ, ସରିତା ଅଗ୍ରୱାଲ, ରୁବିନା ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ। ଲଖନପୁର ଖେଳପଡିଆରେ ବ୍ଲକ୍ ସଭାପତି ରବିରତ୍ନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ମହାନ୍ତି, ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ଜିଲାପରିଷଦ ଉପାଧ୍ୟକ୍ଷା ପଙ୍କଜିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ବ୍ରଜରାଜନଗର,(ଡି.ଏନ.ଏ.): ବ୍ରଜରାଜନଗର ସହରାଞ୍ଚଳରେ

## ବିଜେଡିର ପ୍ରତିଷ୍ଠା ଦିବସ

ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ନଗର ସଭାପତି ରାଧାକାନ୍ତ ପ୍ରଧାନ ପରିଚାଳନା କରିଥିଲେ। ସ୍ଥାନୀୟ ବିଧାୟକ କିଶୋର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳର ଆଭିମୁଖ୍ୟ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ଉପରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ସହରର ବହୁ ପୁରାତନ ସଦସ୍ୟ ଯୋଗଦେଇ ନିଜର ମତ ରଖିଥିଲେ।

## ସମ୍ବଲପୁର ଜିଲାସ୍ତରୀୟ ପ୍ରତିଷ୍ଠା ଦିବସ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ବିଜେଡି ପକ୍ଷରୁ ୨୫ତମ ପ୍ରତିଷ୍ଠା ଦିବସ ଜିଲା ସଭାପତି ସିଦ୍ଧାର୍ଥ ଦାସଙ୍କ ସଂଯୋଜନାରେ ପାଳିତ ହୋଇଯାଇଛି। ରେମେଡସ୍ଥିତ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରମିଳା ବହିଦାର, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ତଥା ମୁଖପାତ୍ର ସଞ୍ଜୟ ବାବୁ, ଜିଲା ବିଜେଡି ଉପସଭାପତି ଅଶୋକ କୁମାର ମହାକୁର, ସାଧାରଣ ସମ୍ପାଦକ ଦେବାଶିଷ ନନ୍ଦ, ସୁଭାଶିଷ ପଣ୍ଡା, ସମ୍ପାଦକ ଦିଲୀପ ଦାଶ, ସୁଧୀର ପାଣିଗ୍ରାହୀ, ରାଜ୍ୟ ବିଜୁ ମହିଳା ଜନତା ଦଳ ଉପସଭାନେତ୍ରୀ କବିତା ପୁରୋହିତ, ସିପ୍ରା ମହାନ୍ତି, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଯୁବ ବିଜେଡି ରାଜ୍ୟ ସମ୍ପାଦକ ମନୋଜ ମହାପାତ୍ର, ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର, ଜିଲା ଛାତ୍ର ବିଜେଡି ସଭାପତି ସିଦ୍ଧାନ୍ତ ମହାନ୍ତି, ଜିଲା ମହିଳା ବିଜେଡି ସଭାପତି ବନ୍ଦିତାରାଣୀ ମିଶ୍ର ପ୍ରମୁଖ ଯୋଗଦେଇ ଦଳର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ।

ଯୁଯୁମୁରା ବ୍ଲକ ବିଜେଡି ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଭାପତି ବିନୋଦ ବଡପଣ୍ଡା ଅଧ୍ୟକ୍ଷତା କରିଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଦଳର ଆଭିମୁଖ୍ୟ ନେଇ ଆଲୋଚନା ହୋଇଥିଲା। ସରକାରଙ୍କ ଲୋକାଭିମୁଖି ଯୋଜନା କିଭଳି ଲୋକଙ୍କ ପାଖରେ ପହଞ୍ଚିବ ସେ ନେଇ କର୍ମକର୍ତ୍ତା ମତ ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ଶରତ ସାହୁ, ପୂର୍ବତନ ସରପଞ୍ଚ ତଥା ଜିଲା ଉପସଭାପତି ଚିତ୍ତରଞ୍ଜନ ପ୍ରଧାନ, ବରୁଣ ଦେହୁରି, ଟେମଣି ପ୍ରଧାନ ଉଦ୍‌ବୋଧନ ଦେଇଥିଲେ।

ସେହିପରି ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ କୁମାର ଗୁରୁଙ୍କ ସଭାପତିତ୍ୱରେ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ବିଜେଡି ଜିଲା ସମ୍ପାଦକ ଏମ ବି ସୂର୍ଯ୍ୟନ, ବିଜେଡି ଛାତ୍ର ସଭାପତି ବାବୁଲୁ ରାଉତ, ମହିଳା ବିଜେଡି ସଭାପତି ସନ୍ତୋସିନି ନାଏକ, ବ୍ଲକ ଭାଇସ ଚେୟାରମ୍ୟାନ ସୂର୍ଯ୍ୟ ନାରାୟଣ ଅଗ୍ରୱାଲ, ଯୁବବିଜେଡିସଭାପତିଦୟାନିଧି ଭଏଁସାଲ ପ୍ରମୁଖ ମଞ୍ଚସୀନ ଥିଲେ।

## ଅଗ୍ନିକାଣ୍ଡରେ ଆହତ ଶ୍ରମିକଙ୍କ ମୃତ୍ୟୁ

ସମ୍ବଲପୁର,୨୬।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପରଧିଆପାଲି ଗ୍ରାମ ନିକଟରେ ଥିବା ଗୁଟ୍‌ଖା କାରଖାନାରେ ଗତ ୨୦ତାରିଖରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୨୭ ଜଣ ଶ୍ରମିକ ଆହତ ହୋଇଥିବାବେଳେ ୧୧ ଜଣ ଗୁରୁତର ହୋଇ ରାଉରକେଲା ଆଇଜିଏଚ୍‌ରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାମରାଜ ସିଂ (୩୨) ନାମକ ଶ୍ରମିକଙ୍କ ରବିବାର ମୃତ୍ୟୁ ଘଟିଛି। ଅନ୍ୟ ଶ୍ରମିକମାନେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡା ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅଗ୍ନିଶମ, ଶ୍ରମ, ପ୍ରଦୂଷଣ, ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗର ରିପୋର୍ଟ ପୋଲିସ ପାଖକୁ ଆସି ନାହିଁ। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଉଦ୍‌ଘାଟନୀ ମ୍ୟାଚ୍ ଜିତିଲା ଦେଓଗାଁ

ରାଉରକେଲା ଅଫିସ,୨୬।୧୨

ରାଉରକେଲା ଦେଓଗାଁ ସ୍ଥିତ ଗାନ୍ଧୀ ମହାବିଦ୍ୟାଳୟ ପରିସରରେ ତୃତୀୟ ଚନ୍ଦନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଗାନ୍ଧୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ବରାଳ, ଡକ୍ଟର ଅଶୋକ କକ୍କର, ଅଞ୍ଜୁ କକ୍କର, କୁମାର ବେହେରା, ସାରଦାକାନ୍ତ ଦାସ, ଦେବାଶିଷ ମହାନ୍ତି, ଉପ ଦାସ, ବଳଦୀପ ସିଂ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଦେଓଗାଁ ଓ ଫର୍ଟିଲାଇଜର ଦଳ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ଦେଓଗାଁ ଦଳ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୨୧୦ ରନ୍ କରିଥିଲା। ଜବାବରେ ଫର୍ଟିଲାଇଜର ଦଳ ୧୧୧ ରନ୍‌ରେ ଅଲଆଉଟ ହୋଇଥିଲା। ଶମ୍ଭୁନାଇ ଯାଦବ ଓ ବଣ୍ଟି ସିଂ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ ୩୨ଟି ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

## ମ୍ୟୁଜିକ ସର୍କଲରେ ବିଜୟା ଉତ୍ସବ

ରାଉରକେଲା ଅଫିସ,୨୬।୧୨

ରାଉରକେଲାର ସାଂସ୍କୃତିକ ଅନୁଷ୍ଠାନ ମ୍ୟୁଜିକ ସର୍କଲ ପରିସରରେ ରବିବାର ବିଜୟା ଉତ୍ସବ ଇଂ. ପ୍ରତାପ ରାୟଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ହୃଷିକେଶ ରାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଭବେଶ ଚନ୍ଦ୍ର ସାହୁଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ୍ତର କୃପାସିନ୍ଧୁ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦିକା ଅଲକା ଚାନ୍ଦ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆଲୋଚ୍ୟ ବିଷୟ 'ଆଧୁନିକ ଜୀବନ ପରିପ୍ରେକ୍ଷୀରେ ସଂସ୍କୃତିର ଭୂମିକା' ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଡଃ. କିଶୋରୀ ଦାଶଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ପରେ ସୁଦେଷ୍ଣାରାଣୀ ରାଉତଙ୍କ ନିର୍ଦ୍ଦେଶନାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବାବାଜି ଚରଣ ବିଶ୍ୱାଳ, ଦୀପକ ରାଉତ, ବାପିନା ନାୟକ, ଅଙ୍କିତା ବେହେରା, ଚନ୍ଦ୍ରଶେଖର ରାଓ, ବିବେକାନନ୍ଦ ପଣ୍ଡା ସହଯୋଗ କରିଥିଲେ।

## ସ୍ତ୍ରୀଙ୍କ ଗଳା କାଟି ହତ୍ୟା: ସ୍ୱାମୀ ଗିରଫ

ସମ୍ବଲପୁର,୨୬।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଧମା ଥାନା ବଡେମୁରା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀ ଲକ୍ଷ୍ମୀ ରାକସ (୩୨)ଙ୍କ ଗଳା କାଟି ସ୍ୱାମୀ ଆନନ୍ଦ ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ଆନନ୍ଦଙ୍କୁ ଗିରଫ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବୁର୍ଲା ଭିମ୍‌ସାରକୁ ପଠାଇ ଦିଆଯାଇଛି। ଏ ନେଇ ମୃତା ଲକ୍ଷ୍ମୀଙ୍କ ଭାଇ ସିନ୍ଦୂରପଙ୍କ ନିବାସୀ ସଞ୍ଜିତ କୁମ୍ଭାରଙ୍କ ଅଭିଯୋଗ କ୍ରମେ ଧମା ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଲକ୍ଷ୍ମୀ ପ୍ରତିଦିନ ଭଳି ଗ୍ରାମ ନିକଟ ବିରି ପଡିଆକୁ ଛେଳି ଚରାଇବାକୁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଆନନ୍ଦ ସେଠାରେ ପହଞ୍ଚିଥିଲେ। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଆନନ୍ଦ ପାଖରେ ରଖିଥିବା ଏକ ଦା'ରେ ଲକ୍ଷ୍ମୀଙ୍କ ଗଳା କାଟିଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହତ୍ୟାର ପ୍ରକୃତ କାରଣ ଜଣାପଡି ନ ଥିବାବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।


ରବିବାର ସକାଳେ ସମ୍ବଲପୁର ସହରକୁ ଘନ କୁହୁଡି ଆଚ୍ଛାଦିତ କରିଛି।

## ତଲସରା ଫୁଟ୍‌ବଲ: କୁଚିଣ୍ଡା ଚାମ୍ପିୟନ


ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

କୁଚିଣ୍ଡା,୨୬।୧୨(ଡି.ଏନ.ଏ.)

ବାମରା ବ୍ଲକ ମହୁଲପାଲି ପଞ୍ଚାୟତ ତଲସରା ଖେଳ ପଡ଼ିଆରେ ଗୁଡ୍‌ମର୍ଣ୍ଣିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଦଳ ଭାଗନେଇଥିଲେ। ଫାଇନାଲ ମ୍ୟାଚ ବନ୍ଧକାନି ଓ କୁଚିଣ୍ଡା ମଧ୍ୟରେ ହୋଇଥିବାବେଳେ ଟାଇବ୍ରେକର ଜରିଆରେ କୁଚିଣ୍ଡା ଚାମ୍ପିୟନ ହୋଇଥିଲା। ରେଫରି ଭାବେ ଜୀବନ ବୁଦୁଲା, ରାଜେଶ ମଣ୍ଡଳ, ସରୋଜ ବେହେରା, ଶ୍ୟାମସୁନ୍ଦର କିସାନ ଓ ରାଜେଶ ଜୟପୁରିଆ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କେଶାଇବାହାଲ ସମିତି ସଭ୍ୟ ପଦ୍ମ ଚରଣ ଗୁରୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫିସହ ୧୫ହଜାର ଓ ରନର୍ସଅପ ଦଳକୁ ଟ୍ରଫିସହ ୧୦ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୋଳାରାମ ସାହୁ, ସୁକମଣି ଧୁରୁଆ, କରନ ଶର୍ମା, ଚନ୍ଦନ ସାହୁ ପ୍ରମୁଖ ଯୋଗଦେଇଥିଲେ।

## କବିତା ଝଙ୍କାରର ବାର୍ଷିକ ମହୋତ୍ସବ

ସମ୍ବଲପୁର,୨୬।୧୨(ବ୍ୟୁରୋ)

ସମ୍ବଲପୁର ସାଂସ୍କୃତିକ ସମାଜ ଭବନଠାରେ 'କବିତା ଝଙ୍କାର ସାହିତ୍ୟ ସଂସଦ'ର ବାର୍ଷିକ ମହୋତ୍ସବ ରବିବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ରଙ୍କ ଅଧକ୍ଷତାରେ ଓଡିଶା ଅର୍ଥ ସେବାର ଉପଶାସନ ସଚିବ ଡା. ସଂଗ୍ରାମ କେଶରୀ ସାମନ୍ତରାୟ ମୁଖ୍ୟଅତିଥି ଓ ଲେଖକ ରାମ ନାରାୟଣ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ କବି ତଥା ନାଟ୍ୟକାର ବିନୋଦ କୁମାର ପଶାୟତଙ୍କୁ ପୂଜ୍ୟପିତା ରୂପେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ପ୍ରୟାଗ', କବି କୃଷ୍ଣ ଚନ୍ଦ୍ର ବାରିକଙ୍କ 'ଶଠ ଶବରୀ', ଡା. ସଂଗ୍ରାମ କେଶରୀ ସାମନ୍ତରାୟଙ୍କ 'ପରିବର୍ତ୍ତନ କବିତା ସମ୍ଭାର' ଓ କବୟତ୍ରୀ ଯଶୋବନ୍ତୀ ବାରିକଙ୍କ 'ଅହଲ୍ୟାର ଆର୍ତ୍ତସ୍ୱର' କବିତା ସଙ୍କଳନ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମ୍ପାଦକ ଶିବାତ୍ମକ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। କବି ଦୁର୍ଯ୍ୟୋଧନ ପଶାୟତଙ୍କ ସଭାପତିତ୍ୱରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ କବି ପ୍ରଫୁଲ୍ଲ ପଧାନ, ପବିତ୍ର ବେହେରା, ରୋନିସ ବହିଦାର, କବୟିତ୍ରୀ ଶିବାନୀ ପଣ୍ଡା, ତୁନିଲ କୁମାର ଗଙ୍ଗଦେବ କବିତା ପାଠ କରିଥିଲେ।

## ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ସମ୍ବଲପୁର,୨୬।୧୨(ବ୍ୟୁରୋ)

ସମ୍ବଲପୁର ଲଜପତ ରାୟ ଆଇନ କଲେଜ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କିନ୍ତୁ ପରିତାପର ବିଷୟ ସମ୍ପ୍ରତି ଏହି କଲେଜ ବହୁବିଧ ସମାସ୍ୟା ଦେଇ ଗତିକରୁଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ଅଧୀନରେ ଥିବା କଲେଜରେ ୩ ଅଧ୍ୟାପକ ଓ ୧୬ କର୍ମଚାରୀ ପଦବୀ ଖାଲି ପଡିଛି। ଏ ନେଇ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଛନ୍ତି। ଜାଣିଶୁଣି କର୍ତ୍ତୃପକ୍ଷ କଲେଜ ପ୍ରତି ଅବହେଳା କରୁଛନ୍ତି। ଏପରି କି ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ବେଖାତିର କରୁଛନ୍ତି। ସମସ୍ୟା ସମାଧାନ କରା ନ ଗଲେ ଆଗକୁ ଆନ୍ଦୋଳନ ହେବ। ରବିବାର ଲଜପତ ରାୟ ଆଇନ କଲେଜ ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଲୁମ୍‌ନି ଆସୋସିଏଶନ କର୍ମକର୍ତ୍ତା ଏହା କହିଛନ୍ତି। ଆସୋସିଏଶନ ସଭାପତି ସତ୍ୟନାରାୟଣ ପଣ୍ଡା, ସମ୍ପାଦକ ଦୁର୍ଗା ପାଢ଼ୀ, ପ୍ରକାଶ ଶତପଥି, ଚନ୍ଦ୍ରକାନ୍ତ ମହାନ୍ତି, ଅନୁପ ତରିଆ, ଅରୁନ କୁମାର, ଭଗତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।


ଆଇନ କଲେଜ ସଭା କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀ।

# ଜଣେ ବ୍ୟକ୍ତି ନୁହେଁ ଥିଲେ ଏକ ଅନୁଷ୍ଠାନ

ଝାରସୁଗୁଡ଼ା ଅଫିସ,୨୬।୧୨

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ଅଢାପଡାସ୍ଥିତ ପ୍ରସନ୍ନ ଭବନରେ ରବିବାର ପ୍ରସନ୍ନ ପଣ୍ଡା ସ୍ମୃତି କମିଟି ତରଫରୁ କମ୍ୟୁନିଷ୍ଟ ନେତା ତଥା ପୂର୍ବତନ ବିଧାୟକ ଜନନେତା ପ୍ରସନ୍ନ ପଣ୍ଡାଙ୍କ ୨୪ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ବଡକଣ୍ଟା ନିକଟ ତାଙ୍କ ସମାଧିପୀଠରେ ପୂଜାର୍ଚ୍ଚନା ପରେ ବାସଭବନ ସମ୍ମୁଖ ପ୍ରତିମୂର୍ତ୍ତି ନିକଟରେ ସ୍ମୃତି କମିଟି ତରଫରୁ କମ୍ୟୁନିଷ୍ଟ ନେତା ରମେଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ମୁଖ୍ୟଅତିଥି, ସହ ସମ୍ପାଦକ କ୍ଷୀରୋଦ ସିଂହଦେଓ ମୁଖ୍ୟବକ୍ତା, ଜିଲା ସମ୍ପାଦକ ଅନିତ ଚକ୍ରବର୍ତ୍ତୀ, ସହସମ୍ପାଦକ ସାରଙ୍ଗଧର ମିଶ୍ର, ଶିକ୍ଷାବିତ ପ୍ରଣତି ସିଂହଦେଓ, ଚାଷୀନେତା ବିରଞ୍ଚି ସାହୁ, ପୂର୍ବତନ ସରପଞ୍ଚ ରଘୁମଣି ପ୍ରଧାନ, ଯୁବନେତା ରଘୁନନ୍ଦନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ସ୍ୱର୍ଗତ ପଣ୍ଡା ଜଣେ ବ୍ରହ୍ମଚାରୀ ହୋଇ ଲୋକଙ୍କ ସେବାରେ ନିଜକୁ ସମର୍ପିତ କରିଥିଲେ। ସେ କାର୍ଲମାକ୍ସଙ୍କ ନୀତି ଆଦର୍ଶରେ ଶ୍ରମିକ, ବିସ୍ଥାପିତ, କ୍ଷତିଗ୍ରସ୍ତ, ଗରିବ ଖଟିଖିଆଙ୍କ ପାଇଁ ଲଢେଇ କରୁଥିଲେ। ସେ ଜଣେ ବ୍ୟକ୍ତି ନ ଥିଲେ ଥିଲେ ଏକ ଅନୁଷ୍ଠାନ। ତାଙ୍କ ଜୀବନକାଳ ମଧ୍ୟରେ ହୀରାକୁଦ ନଦୀବନ୍ଧ ଯୋଜନା, ଓପିଜିସି ପ୍ରକଳ୍ପ, ଓରିଏଣ୍ଟ କାଗଜକଳ, ବିଟିଏମ୍ ସୂତାକଳ, ଏମ୍‌ସିଏଲ୍ ଆଦି ଶିଳ୍ପାନୁଷ୍ଠାନ ବିସ୍ଥାପିତ ଓ ଶ୍ରମିକ ସମସ୍ୟାକୁ ନେଇ ଲଢେଇ କରୁଥିଲେ। ତାଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ଯୁବପିଢି କାମକଲେ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୩୫ଜଣ ସଂଗ୍ରାମୀ ନେତାଙ୍କ ପରିବାରକୁ ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୂର୍ବାହ୍ନରେ ଝାରସୁଗୁଡା ବଟିଏମ୍ ବାଇପାସ୍ ନିକଟ ସ୍ୱର୍ଗତ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ବିଧାୟକ କିଶୋର ମହାନ୍ତି, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାସ, ମହେନ୍ଦ୍ର ନାୟକ, ମନମୋହନ ପଣ୍ଡିତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ପ୍ରସନ୍ନ ଭବନରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭା।

## ଜନନେତା ପ୍ରସନ୍ନ ପଣ୍ଡାଙ୍କ ଶ୍ରାଦ୍ଧ ବାର୍ଷିକୀ

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୭ ଡିସେମ୍ବର, ୨୦୨୧



## ଆମ୍ବୁଲାନ୍ସ ଲୋକାର୍ପଣ, ରକ୍ତଦାନ ଶିବିର

ବଡ଼ଗାଁ, (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ରବିବାର ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ଆମ୍ବୁଲାନ୍ସ ଲୋକାର୍ପଣ ଓ ରକ୍ତଦାନ ଶିବିର ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଜିଲା ବିଜେଡି ସଭାପତି ବିନୟ ଟପ୍ପୋ ଆମ୍ବୁଲାନ୍ସକୁ ଲୋକାର୍ପଣ କରିଥିଲେ। ଏହା ପରେ ଭର୍ଚୁଆଲରେ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ପରିବେଷଣ କରାଯାଇଥିଲା। ଆୟୋଜିତ ସଭାରେ ରାଜ୍ୟ ବିଜେଡି କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ଜିଲା କର୍ମକର୍ତ୍ତା ଦେବେନ୍ଦ୍ର ପ୍ରସାଦ ମାଝି, ବେନେଡିକ ତିର୍କୀ, ଦେବାଶିଷ ମିଶ୍ର, ବିସ୍ମୟ ପଟ୍ଟନାୟକ, ଶିବାଜି ନାଏକ, ଅରୁଣ ଦିକ୍ଷୀତ, ଉତ୍କଳ ମହାପାତ୍ର, କୁଞ୍ଜଲତା ଭିତ୍ରିଆ, ହାରୁନ ରସିଦ, ସୁଦାମ ଭୋଇ, ତାପସ ପଣ୍ଡା, ଆଲୋକ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

**ସଂକ୍ଷେପରେ**

### ଘର ତାଲା ଭାଙ୍ଗି ଚୋରି

**କୁଆଁରମୁଣ୍ଡା,୨୬।୧୨(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ସିଟି ସ୍କୁଲ ରୋଡର ବିବେକାନନ୍ଦ କଲୋନୀରେ ଭଡାରେ ରହୁଥିବା ଜିନୀତ୍ ଗୁଲ୍‌ଗୁଙ୍କ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବଡ଼ ଏଲସିଡ଼ି, ଲାପଟପ୍, ସୁନା କାନଫୁଲ ଇତ୍ୟାଦି ଚୋରି କରି ନେଇଛନ୍ତି। ଏ ନେଇ ସେ ରବିବାର କୁଆଁରମୁଣ୍ଡା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଜିନୀତ କୁଆଁରମୁଣ୍ଡା ଜୀବିକା ମିଶନର ଝାରବେଡ଼ା ପଞ୍ଚାୟତର ଏମ୍‌ବିକେ ଭାବେ କାର୍ଯ୍ୟ କରୁଥିବାବେଳେ ଗତ ୨ ଦିନ ତଳେ ସେ ନିଜ ଘର ବୀରମିତ୍ରପୁରକୁ ବୁଲିବାକୁ ଯାଇଥିଲେ। ରବିବାର କୁଆଁରମୁଣ୍ଡାସ୍ଥିତ ଭଡା ଘରକୁ ଆସି ଦେଖିବାରୁ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଚୋରି କରିଥିବା ଜାଣିବାକୁ ପାଇ ପୋଲିସକୁ ସୂଚନା ଦେଇଥିଲେ। ସୂଚନାଥାଉ କି, କୁଆଁରମୁଣ୍ଡା ଅଞ୍ଚଳରେ ଗତ କିଛି ଦିନ ହେଲା ବିଭିନ୍ନ ସ୍ଥାନରେ ଚୋରି ହେଉଥିଲାବେଳେ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂକୁ ଜୋର୍‌ଦାର୍ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ରିଆମାଳ ବ୍ଲକକୁ ପୋଲିସ ସବ୍‌ଡିଭିଜନ ଦାବିରେ ସ୍ମାରକପତ୍ର

**ରିଆମାଳ,୨୬।୧୨(ଡି.ଏନ.ଏ):** ରିଆମାଳ ବ୍ଲକକୁ ଏକ ପୋଲିସ ସବ୍‌ଡିଭିଜନର ମାନ୍ୟତା ଦିଆଯିବା ସହ ବ୍ଲକ ସଦର ମହକୁମାଠାରେ ଏସ୍‌ଡିପିଓ ଅଫିସ୍ ଖୋଲିବାକୁ ପୂର୍ବତନ ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ସାହୁ ଦାବି ଜଣାଇଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡିଛି। ଦେବଗଡ଼ ଜିଲାରେ ଦେବଗଡ, ରିଆମାଳ, ବାରକୋଟ ଓ କୁଣ୍ଡେଇଗୋଳା ଆଦି ମୋଟ ୪ଟି ଥାନା ରହିଥିବା ବେଳେ ରିଆମାଳ ବ୍ଲକରେ ରିଆମାଳ ଓ କୁଣ୍ଡେଇଗୋଳା ଥାନା ସମେତ ଖଇରପାଲି ଫାଣ୍ଡି ଓ ବୁଢାପାଳ ବିଟ ହାଉସ ମଧ ରହିଛି। ଅନ୍ୟପକ୍ଷରେ ତିଲେଇବଣି ବ୍ଲକରେ ୬ଟି ଗ୍ରାମ ପଞ୍ଚାୟତ ନିମନ୍ତେ ରହିଥିବା କଂସର ଫାଣ୍ଡି ମଧ ରିଆମାଳ ଥାନା ଅଧିନରେ ରହିଛି। ଜିଲାର ସମୁଦାୟ ଥାନା ସଂଖ୍ୟାର ୫୦ ପ୍ରତିଶତ ରିଆମାଳ ବ୍ଲକରେ ରହିଥିବାବେଳେ ରିଆମାଳ ବ୍ଲକର ୨୬ଟି ଗ୍ରାମ ପଞ୍ଚାୟତ ଓ ତିଲେଇବଣି ବ୍ଲକର ୬ଟି ଗ୍ରାମ ପଞ୍ଚାୟତ ମିଶି ୩୨ଟି ଗ୍ରାମ ପଞ୍ଚାୟତ ଜିଲାର ରିଆମାଳ ଏବଂ କୁଣ୍ଡେଇଗୋଳା ଥାନା ଅଧିନରେ ରହିଛି। ଦୂରତା ଦୃଷ୍ଟିରୁ ମଧ ଉପରୋକ୍ତ ଅଞ୍ଚଳଗୁଡିକ ଜିଲା ସଦର ମହକୁମାଠାରୁ ବହୁ ଦୂର ଏବଂ ଦୁର୍ଗମ ସ୍ଥାନରେ ରହିଛି। ଏଣୁ ଏହିସବୁ ଦୃଷ୍ଟିରୁ ରିଆମାଳ ବ୍ଲକକୁ ଏକ ପୋଲିସ ସବଡିଭିଜନର ମାନ୍ୟତା ଦିଆଯିବା ସହ ବ୍ଲକ ସଦର ମହକୁମା ଠାରେ ଏସଡିପିଓ ଅଫିସ ଖୋଲିବାକୁ ପୂର୍ବତନ ଜିଲାପରିଷଦ ସଦସ୍ୟ ସାହୁ ଲିଖିତ ଦାବି କରିଥିବା ଜଣାପଡିଛି।

### ଲହୁଣୀପଡ଼ା ବ୍ଲକସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ

**ଲହୁଣୀପଡ଼ା,୨୬।୧୨(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ବିଜୁ ଜନତା ଦଳ ତରଫରୁ ଦଳର ପ୍ରତିଷ୍ଠା ଦିବସ ପ୍ରତ୍ୟେକ ପଞ୍ଚାୟତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଲହୁଣୀପଡ଼ାସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଏହି ପ୍ରତିଷ୍ଠା ଦିବସ ପାଳନ କରାଯାଇଥିବାବେଳେ ଏଥିରେ ବିଜେଡି ଜିଲା ସାଧାରଣ ସମ୍ପାଦକ ତଥା ବିଜୁ ଶ୍ରମିକ ସାମ୍ମୁଖ୍ୟ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଜିଲା ପରିଷଦ ସଦସ୍ୟା ଲକ୍ଷ୍ମୀ କିଷାନ, ସରପଞ୍ଚ ଜୁଲିଆନି କାଣ୍ଡିର, ପୂର୍ବତନ ସରପଞ୍ଚ ସରୋଜ ମୁଣ୍ଡା ମୁଖପାତ୍ର ସୁନ୍ଦରମଣି ପ୍ରଧାନ, ସଂଯୋଜକ ଗୁରୁ ଚରଣ ସାଇଁ, ମହିଳା ସଭାନେତ୍ରୀ ଜୟନ୍ତୀ ମାହାନ୍ତ ଯୋଗଦେଇଥିବା ବେଳେ ପ୍ୟାରା ବାର୍ଲା ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିବା ସହିତ ବିଜେଡ଼ି ପ୍ରତିଷ୍ଠା ଦିବସ ଏବଂ ନବୀନ ପଟ୍ଟନାୟକ ସରକାରଙ୍କ ସଫଳ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତବର୍ଷ ବିଜୁ ଜନତା ଦଳ ୨୫ ବର୍ଷରେ ପାଦ ଦେଇଥିବା ହେତୁ ଏହି ପ୍ରତିଷ୍ଠା ଦିବସକୁ ରୌପ୍ୟ ଜୟନ୍ତୀ ଭାବରେ ଦଳ ତରଫରୁ ପ୍ରତ୍ୟେକ ପଞ୍ଚାୟତରେ ପାଳନ କରିବା ପାଇଁ ଦଳ ତରଫରୁ ନିଷ୍ପତ୍ତି ନିଆଯାଇଥିଲା। ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ୧୭ଟି ପଞ୍ଚାୟତର ୨୨ଟି ସ୍ଥାନରେ ଏହି ପ୍ରତିଷ୍ଠା ଦିବସ ପାଳିତ ହୋଇଥିବା ଜଣାପଡିଛି। ପୂର୍ବତନ ଜିଲା ପରିଷଦ ଅଧକ୍ଷ ରଣଜିତ କିଷାନ, ପୂର୍ବତନ ଜିଲା ପରିଷଦ ଉପାଧକ୍ଷା ସରସ୍ୱତୀ ନାଏକ, ପୂର୍ବତନ ବ୍ଲକ ଅଧକ୍ଷା କୁନି ମୁଣ୍ଡା, ଜିଲା ପରିଷଦ ସଦସ୍ୟ କେଦାର କୁମାର ମାହାନ୍ତ, ସରପଞ୍ଚ ଅଜୟ୍ କୁମାର ନାଏକ, ବୈଲୋଚନ ନାଏକ, ହରିହର ମାହାନ୍ତ, ଉମେଶ ରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରତିଷ୍ଠା ଦିବସ ପାଳିତ ହୋଇଥିବା ଜଣାପଡିଛି।

# ଅବହେଳିତ ଗାଁ ଢବାଖୋଲ

- ଗ୍ରାମବାସୀଙ୍କୁ ଭେଟିଲେ ସୁନ୍ଦରଗଡ଼ ବିଧାୟିକା କୁସୁମ
- ଲୋକଙ୍କ ସମସ୍ୟା ଶୁଣି ପ୍ରତିକାର ପ୍ରତିଶ୍ରୁତି ଦେଲେ

**ସୁନ୍ଦରଗଡ଼, ୨୬।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଳି ବ୍ଲକ ଅନ୍ତର୍ଗତ ରତନପୁର ପଞ୍ଚାୟତର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ବଡ଼ ଢବାଖୋଲ ଗ୍ରାମ। ଏହି ଗ୍ରାମ ଦୀର୍ଘ ଦିନ ଧରି ଅବହେଳିତ ହୋଇରହିଛି। ଏଠାରେ ଦୁଇଟି ବସ୍ତିରେ ବସବାସ କରନ୍ତି ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପରିବାର। ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ ଏହି ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବର୍ତ୍ତମାନ ସମାଜ ଇଣ୍ଟରନେଟ ଯୁଗରେ ଆଗକୁ ବଢୁଥିଲାବେଳେ ଏହି ଗ୍ରାମବାସୀଙ୍କ ପାଇଁ ଶିକ୍ଷା, ବିଜୁଳି, ପାନୀୟଜଳ, ରାସ୍ତାଘାଟ, ସ୍ୱାସ୍ଥ୍ୟସେବା ସ୍ୱପ୍ନ। ପ୍ରତିଦିନ ନିଜର ଜୀବନଜୀବିକା ପାଇଁ ସଂଘର୍ଷ କରିବାକୁ ପଡେ ଗ୍ରାମବାସୀମାନଙ୍କୁ। ରବିବାର ପାହାଡିଆ ରାସ୍ତାରେ ଗାଡି ରଖି ଚାଲିଚାଲି ଗ୍ରାମବାସୀଙ୍କ ଅଭିଯୋଗ ଶୁଣିବାକୁ ପହଞ୍ଚିଥିଲେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ। ନିଜର ବିଧାୟିକାଙ୍କୁ ପାଖରେ ପାଇ ଗ୍ରାମବାସୀ ନିଜର ଗୋଟି ଗୋଟି ଦୁଃଖ ବଖାଣି ଥିଲେ। ଏକ ମାତ୍ର ନଳକୂପ ଖରାପ ହୋଇପଡି ରହିଛି। ପିଇବାକୁ ପାଣି ପାଇଁ ସେମାନଙ୍କୁ ଗ୍ରାମର ଏକ ଚୁଆ ଉପରେ ଭରସା କରିବାକୁ ପଡୁଛି। ଗ୍ରାମକୁ ବିଜୁଳି ସଂଯୋଗ ଆସିଛି, ମାତ୍ର କେବେ ଠାରୁ ଟ୍ରାନ୍ସଫର୍ମର ଖରାପ ହୋଇ ପଡ଼ିରହିଛି। ନିରୀହ ଗ୍ରାମବାସୀଙ୍କୁ ବିଦ୍ୟୁତ୍ ବିଭାଗ କର୍ମଚାରୀ ମାସ ମାସ ଧରି ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି। ଆଜିବି ସେମାନେ ଅନ୍ଧାରରେ ଜୀବନ କଟାଉଛନ୍ତି। ମୁଖ୍ୟ ରାସ୍ତାକୁ ଆସିବାକୁ ହେଲେ ସେମାନଙ୍କୁ ଚାରି କିଲୋମିଟର ରାସ୍ତା ଆସିବାକୁ ପଡେ। କୌଣସି ଗ୍ରାମବାସୀ ରୋଗରେ ପଡିଲେ ଖଟରେ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ବୋହିକି ଆଣିବାକୁ ପଡେ। ପକ୍କା ରାସ୍ତା ଖଣ୍ଡିଏ ନାହିଁ। ଅଙ୍ଗନବାଡି କେନ୍ଦ୍ର ଭାଙ୍ଗିରୁଜି ଯାଇଛି। ନିଜର ଛୁଆମାନଙ୍କୁ ଶିକ୍ଷା ଦେବା ପାଇଁ ୨କିଲୋମିଟର ଯିବାକୁ ପଡୁଛି ବୋଲି ଗ୍ରାମବାସୀ ବିଧାୟିକାଙ୍କୁ ଜଣାଇଥିଲେ। ବିଧାୟିକା ଏନେଇ ଶୀଘ୍ର ଜିଲାପାଳଙ୍କ ସହିତ ଆଲୋଚନା କରି ଗ୍ରାମବାସୀଙ୍କ ସମସ୍ତ ସମସ୍ୟା ଦୂର କରିବେ ବୋଲି ପ୍ରତିଶ୍ରୁତି ଦେବା ସହ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଶୀଘ୍ର ଟ୍ରାନ୍ସଫର୍ମର ଠିକ୍ କରିବାକୁ ତାଗିଦ କରିଥିଲେ ବୋଲି ଜଣାପଡିଛି।



ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

## ମାଇନ୍ସରେ ପଡ଼ିରହିଛି ଯୁବକଙ୍କ ମୃତଦେହ

**ରାଜଗାଙ୍ଗପୁର, ୨୬।୧୨(ଡି.ଏନ.ଏ.)**

**ରାଜଗାଙ୍ଗପୁର ପୋଲିସର ତଦନ୍ତ ଜାରି**

ରାଜଗାଙ୍ଗପୁର ଥାନା କାଂଶବାହାଲ ଫାଣ୍ଡି ଅଧିନସ୍ଥ ରାମଲତା ଗ୍ରାମ ନିକଟସ୍ଥ ଏକ ମାଇନ୍ସରେ ରବିବାର ଅପରାହ୍ନରେ କ୍ଷତବିକ୍ଷତ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ପଡ଼ିରହିଥିବା ଦେଖିବାକୁ ମିଳିଥିଲା। ଖବରପାଇ ରାଜଗାଙ୍ଗପୁର ଏସ୍‌ଡିପିଓ ଡାକ୍ତର ଶଶାଙ୍କ ଶେଖର ବେହୁରା, ଥାନା ଅଧିକାରୀ ବିଭସ ପ୍ରଧାନ ଓ ସାଇଣ୍ଟିଫିକ୍ ଟିମ୍ ସନ୍ଧ୍ୟାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଯୁବକଙ୍କ ମୋବାଇଲରୁ ଜଣାପଡିଥିଲା ଯେ, ସେ ରାଉରକେଲା କୋଇଲିନଗର ଅଞ୍ଚଳରେ ବସବାସ କରୁଥିବା ଗୋପାଳ ମହାକୁଡ (୪୫)। ମୃତକଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଛି। ରାଉରକେଲାର ଏକ ପ୍ରାନ୍ତରେ ରହୁଥିବା ଯୁବକଙ୍କ ମୃତଦେହ ରାଜଗାଙ୍ଗପୁରର ରାମଲତା ଭଳି ଏକ ନିର୍ଜନ ଅଞ୍ଚଳର ମାଇନ୍ସରେ ପଡ଼ିରହିବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ନାଳରୁ ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ

**ଲହୁଣୀପଡ଼ା, ୨୬।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ବାରସୁଆଁ କୁରାଡ଼ୀ ନାଳରେ ପଡ଼ିଥିବା ମୃତଦେହକୁ ରବିବାର ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରିବା ସହିତ ତଦନ୍ତ ଜାରି ରଖିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଲହୁଣୀପଡ଼ା ଥାନା ଅନ୍ତର୍ଗତ ବାରସୁଆଁ ମାଷ୍ଟର କଲୋନୀ ନିକଟସ୍ଥ କୁରାଡ଼ୀ ନାଳରେ ମୃତଦେହ ଭାସୁଥିବା କେତେକ ଲୋକ ଦେଖି ଗ୍ରାମକୁ ସୂଚନା ଦେବା ସହିତ ପୋଲିସକୁ ଖବର ଦେଇଥିଲେ। ଖବରପାଇ ଲହୁଣୀପଡ଼ା ଥାନା ଅଧିକାରୀ ଜୟ କୁମାର ବିହାରୀ, ଟେନ୍‌ସା ଫାଣ୍ଡି ଅଧିକାରୀ ଅଶୋକ କୁମାର ବେହେରା ସାଇଣ୍ଟିଫିକ୍ ଦଳ ଘଟଣା ସ୍ଥଳରେ ପହଞ୍ଚି କୁରାଡ଼ୀ ନାଳରୁ ମୃତଦେହ ଉଦ୍ଧାର କରିଥିଲେ। ମୃତବ୍ୟକ୍ତି ବାରସୁଆଁ ମାଷ୍ଟର କଲୋନୀର ସନ୍ତୋଷ ହରୋ (୫୦) ବୋଲି ଜଣାପଡିଛି।

# ସେବା ଦ୍ୱାରା ବ୍ୟକ୍ତିତ୍ୱର ବିକାଶ ହୋଇପାରିବ

**କୁଆଁରମୁଣ୍ଡା,୨୬।୧୨(ଡି.ଏନ.ଏ.)**

ସେବା ମାଧ୍ୟମରେ ସମାଜର ଉନ୍ନତି ହେବା ସଙ୍ଗେ ସଙ୍ଗେ ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ଘଟିଥାଏ ବୋଲି ଶନିବାର କୁଆଁରମୁଣ୍ଡା ବ୍ଲକ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ଜାତୀୟ ସେବା ଯୋଜନାର ୭ ଦିନିଆ ସ୍ୱତନ୍ତ୍ର ଶୀତକାଳୀନ ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କୁଆଁରମୁଣ୍ଡା ବିଡିଓ ବିକାଶ ଚନ୍ଦ୍ର ସାହୁ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସେହିପରି ସୁସ୍ଥ ପରିବେଶ ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି ମୁଖ୍ୟବକ୍ତା ପ୍ରଫେସର ଡା.ସୁବାସ ଚନ୍ଦ୍ର ଲେଙ୍କା କହିଛନ୍ତି। ବେଦବ୍ୟାସସ୍ଥିତ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ମାଧ୍ୟମରେ ଶିବିର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡା.ଉମାକାନ୍ତ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ସୁନୀତା ଅହିର, ଜ୍ୟୋସ୍ନାରାଣୀ ଦାସ, ଡିଜିଟାଲ ଇଣ୍ଡିଆର ପ୍ରତିନିଧି ମୀନାକ୍ଷୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ୫୦ଜଣ ସ୍ୱେଚ୍ଛାସେବୀ, ୨ଜଣ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ନେଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲୁରହିବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ପଣ୍ଡା ସୂଚନା ଦେଇଛନ୍ତି।



 କୁଆଁରମୁଣ୍ଡା ବିଡିଓ ବିକାଶ ଚନ୍ଦ୍ର ସାହୁ ଉଦ୍‌ବୋଧନ ଦେଉଛନ୍ତି।

## ବିଜେଡିର ପ୍ରତିଷ୍ଠା ଦିବସରେ ରୋଗୀଙ୍କୁ ଫଳ ବଣ୍ଟନ

**ରାଜଗାଙ୍ଗପୁର, ୨୬।୧୨ (ଡି.ଏନ.ଏ.)**

ରାଜଗାଙ୍ଗପୁର ଟାଉନ ବିଜେଡିର ସଭାପତି ରାଜେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସହରର ବିଜେଡି ନେତୃବୃନ୍ଦ ଓ କର୍ମୀ ବିଜୁ ପଟ୍ଟନାୟକ ଛକରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍ଥାନୀୟ ସରକାରୀ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ରାଜଗାଙ୍ଗପୁର ବ୍ଲକସ୍ତରରେ ବ୍ଲକ ବିଜେଡିର ସଭାପତି ରାମଚନ୍ଦ୍ର କୁଜୁରଙ୍କ ନେତୃତ୍ୱରେ ଜାମପାଲିଠାରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ରାଜଗାଙ୍ଗପୁର ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ସଭାପତି ମଙ୍ଗଳା କିଷାନ, ରାଜଗାଙ୍ଗପୁର ବ୍ଲକ ଅଧକ୍ଷ ବସନ୍ତ ଟପ୍ପୋ, ଲୋଚନ କୁଜୁର, ଜିତୁ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟତଃ ବିଜେଡିର ସୁଭଦ୍ରା ଷଡଙ୍ଗୀ, ମାଧୁରୀ ଲୁଗୁନ, ସୋଏବ ଆଲମ, ଗୌତମ ମହାରଥୀ, ପ୍ରଦୀପ ପଟ୍ଟନାୟକ, ସଂଜୟ ବିନୋଦ,ରଞ୍ଜିତା ଦଣ୍ଡସନା ଓ ଅନ୍ୟମାନେ ରହିଥିଲେ।

## ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ଦେବଗଡ଼, ୨୬।୧୨ (ଡି.ଏନ୍.ଏ.)**

ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ରବିବାର ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦର ୩୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସାହିତ୍ୟ ସଂସଦର ସଭାପତି ଡକ୍ଟର ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ଅଧିବେସନରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଡକ୍ଟର ବିଜୟ କୁମାର ମହାରଣା, ଡକ୍ଟର ସୁଜିତ କୁମାର ନାଥ, ମୁଖ୍ୟବକ୍ତା ଭାବେ ସନ୍ତୋଷ କୁମାର ଦେବତା, ସମ୍ମାନିତ ବକ୍ତା ଭାବେ ଦିଲ୍ଲୀପ କୁମାର ଗୁରୁ ଯୋଗଦେଇଥିଲେ। ସଂସଦର ସମ୍ପାଦକ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଡକ୍ଟର ଭାରତ ଭୂଷଣ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ୮ଗୋଟି ନୂତନ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସେହିପରି ସାରସ୍ୱତ ସାଧନା ନିମନ୍ତେ ସଂସଦ ପକ୍ଷରୁ ଯୋଗେଶ ଚନ୍ଦ୍ର ଦଳବେହେରାଙ୍କ ସମେତ ୧୨ଜଣଙ୍କୁ ବିଭିନ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସଂସଦର ଉପସଭାପତି ନିରଞ୍ଜନ ଦ୍ୱିବେଦୀଙ୍କ ସଭାପତିତ୍ୱ ଏବଂ ଉପସଭାପତି ରାମଚନ୍ଦ୍ର ମହାପାତ୍ରଙ୍କ ଆବାହକତ୍ୱରେ ଏକ କବି ସମ୍ମିଳନୀ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ସଂସଦର ସଦସ୍ୟ ଡକ୍ଟର ଭାରତ ଭୂଷଣ ନନ୍ଦ ଯୋଗଦେଇଥିଲେ। କବୟିତ୍ରୀ ସୁମିତ୍ରା ପୁରୋହିତ ଓ ପଦ୍ମିନୀ ଦାଶ ମହାପାତ୍ର କବିତାଗୁଡିକୁ ସଂଯୋଜନା କରିଥିଲେ।

# ବିଜୁବାବୁଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଦାବି

**ଦେବଗଡ଼ରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ**

**ଦେବଗଡ଼,୨୬।୧୨(ଡି.ଏନ.ଏ)**

ଦେବଗଡ଼ ଜିଲାରେ ରବିବାର ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଦେବଗଡ଼ ଜିଲା ସଦର ମହକୁମା ସମେତ ବାରକୋଟ ଓ ରିଆମାଳ ବ୍ଲକ ମୁଖ୍ୟାଳୟ ଠାରେ ମଧ୍ୟ ବିଜେଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରବିବାର ପ୍ରଧାନପାଟ ଶିଶୁ ଉଦ୍ୟାନଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡରେ ଥିବା ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସେହିପରି ଦଳ ପକ୍ଷରୁ ତିଳେଇବଣିଠାରେ ବିଭିନ୍ନ ଲୋକ କଳାକାରଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା । ଅପରାହ୍ନରେ ସ୍ଥାନୀୟ ଟାଉନ ହଲ ଠାରେ ବିଜେଡି ନଗର ସଭାପତି ଶୁକଦେବ ଭଞ୍ଜଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ କଲେଜ ପ୍ରାଧାପକ ଡକ୍ଟର ଶରତ ଚନ୍ଦ୍ର ମେହେର ଓ ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗଦେଇ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ବାରକୋଟ ବ୍ଲକରେ ଜିଲା ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ରିଆମାଳ ବ୍ଲକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରିଆମାଳ ପଞ୍ଚାୟତ ସରପଞ୍ଚ ତରଣୀସେନ ପ୍ରଧାନଙ୍କ ଅଧକ୍ଷତାରେ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବରିଷ୍ଠ ଆଇନଜୀବୀ ତଥା ଜିଲା ବିଜେଡି ନିର୍ବାଚନ ଅଧିକାରୀ କାମାକ୍ଷାପ୍ରାସାଦ ଗଙ୍ଗଦେବଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ତିଳେଇବଣି ବ୍ଲକ ବିଜେଡି ସଭାପତି ବାବୁଲାଲ ପୃସେଠ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ସମ୍ବଲପୁର ଜିଲା ସମବାୟ ଗ୍ରାମ୍ୟ ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ବରିଷ୍ଠ ନେତା ବିଭୂତି ଗଙ୍ଗଦେବ, ଭୁପେନ୍ଦ୍ର ପ୍ରାସାଦ ନାୟକ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ସୁଷମା ବେହେରାଙ୍କ ସମେତ ବହୁ ପୁରୁଷ ଓ ମହିଳା ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

## ନୂତନ ରାସ୍ତା ନିର୍ମାଣ ଲାଗି ଶୁଭ

**ବଡ଼ଗାଁ,୨୬।୧୨(ଡି.ଏନ୍.ଏ.):** ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ଦେଇ ରାସ୍ତା ନିର୍ମାଣକୁ ସ୍କୁଲ କମିଟି ବିରୋଧ କରିବା ପରେ ପ୍ରାଣୀ ଚିକିତ୍ସାଳୟ ପାର୍ଶ୍ୱରେ ପୂର୍ବରୁ ଥିବା ଧରସା ରାସ୍ତାକୁ ଫୁଲବାରୀ ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ କରାଯିବ। ପିଡବ୍ଲୁଡି ବିଭାଗ ଦ୍ୱାରା ଏହି ରାସ୍ତା ନିର୍ମାଣ କରାଯିବ। ରବିବାର ନୂତନ ରାସ୍ତା ନିର୍ମାଣ ପାଇଁ ଶୁଭ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଫୁଲବାରୀ ସରପଞ୍ଚ ଅହଲ୍ୟା ଲାକ୍ରା, ରବିନ୍ଦ୍ର ପଟେଲ, ଉପାଧ୍ୟାୟ ପାଣିଗ୍ରାହୀ, ସତ୍ୟନାରାୟଣ ନାୟକ, ବ୍ରହ୍ମାନନ୍ଦ ପାଣିଗ୍ରାହୀ, ବାବୁଲି କର୍ଷେଲ, ଘୁପୁଲୁ ପାଣିଗ୍ରାହୀ ପ୍ରମୁଖଙ୍କ ଉପସ୍ଥିତିରେ ସରପଞ୍ଚ ଲାକ୍ରା ଉଦ୍‌ଘାଟନ କରିଥିଲେ। ରାସ୍ତା ନର୍ମାଣ ହେଲେ ଆମ୍ବୁଲାନ୍ସ ଗ୍ରାମାଞ୍ଚଳକୁ ସୁବିଧାରେ ଯାଇପାରିବ।

**ODISHA LIFT IRRIGATION CORPORATION LIMITED**
(A Government of Orissa Undertaking)
**OFFICE OF THE EXECUTIVE ENG!NEER, LIFT IRRIGATION DIVISION, SAMBALPUR**
E-Mail- eeolicsbp@qmail.com
**Tender Call Notice No. 09/ 2021-22 / OLIC, SBP Dated: 22.12.2021**
No. CAD-2469:- Sealed tenders are invited from reputed manpower agencies/ service providers having valid labour licence to provide the services of Junior Engineer- 03 Nos. (01 No. of J.E. (Mech) and 02 Nos. of J.E. (Elect.) for a period of one year w.e.f. dt.. 01.02.2022 to dt 31.01.2023 on contract basis for day to day field works & official works.
The detailed information for out sourcing the services of the aforesaid personnel has been given in the tender document which can be obtained in person from the Office of Executive Engineer, Lift Irrigation Division, Sambalpur on any working day from 27.12.2021 at 11.00 A.M. to 14.01.2022 at 04.00 P.M. by depositing Rs.2000/- (Rupees Two thousand) only in shape of B.D. to be drawn in favour of the Executive Engineer, Lift Irrigation Division, Sambalpur towards cost of tender paper and the GST-18% to be deposited in shape of E-Challan vide GSTIN No. 21AAACO5986G1ZF (Non-Refundable). The last date and time for submission of tender document is 15.01.2022 by 1 P.M. The tender will be opened on same day at 03.00 P.M.
Sd./- Executive Engineer
Lift Irrigation Division, Sambalpur
OIPR-32142/11/0007/2122

# ବାମଣ୍ଡା କପ୍ କ୍ରିକେଟ:ରାଇଜିଂ ଷ୍ଟୁଡେଣ୍ଟ ଫାଇନାଲରେ

**ଦେବଗଡ଼, ୨୬।୧୨(ଡି.ଏନ୍.ଏ.)**

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ୩୧ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ ଗ୍ରୁପ 'ଏ'ର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରବିବାର ମ୍ୟାଚରେ କଟକ ରାଇଜିଂ ଷ୍ଟୁଡେଣ୍ଟ ଦଳ ସମ୍ବଲପୁର ଜଗନ୍ନାଥ କ୍ରିକେଟ କ୍ଲବକୁ ୩ରନ୍‌ରେ ପରାସ୍ତ କରି ବିଜୟୀ ହେବା ସହ ଫାଇନାଲକୁ ପ୍ରବେଶ କରିଛି। କଟକ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୪ ରନ୍ କରିଥିଲା। ଦଳ ପକ୍ଷରୁ ଅଭିନାଶ ନାୟକ ୪୨, ଅରବିନ୍ଦ ସିଂ ୧୮ ରନ୍ କରିଥିଲେ। ସମ୍ବଲପୁର ଦଳର ପ୍ରଶାନ୍ତ ଦାସ ୩, ଅଭିନାଶ ନନ୍ଦ ଓ ପ୍ରଦୀପ ପ୍ରଧାନ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ସମ୍ବଲପୁର ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୨୧ ରନ୍ କରି ପରାଜୟ ବରଣ କରିଥିଲେ। ଦଳ ପକ୍ଷରୁ ଅମନ ବେହେରା ୪୫ , ପ୍ରଶାନ୍ତ ଦାସ ୨୧ ରନ୍ କରିଥିଲେ। କଟକ ଦଳର ଅଭିଜିତ ଘାନା ୩ ଓ ଅରବିନ୍ଦ ସିଂ ୨ଟି ଉଇକେଟ ନେଇଥିଲେ। କଟକ ଦଳର ଅଭିଜିତ ଘାନାଙ୍କୁ ମ୍ୟାଚର ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଛି। ପ୍ରସନ୍ନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ପରାସର ବିଶ୍ୱାଳ ଓ ସତ୍ୟ ରଥ ଖେଳ ପରିଚାଳନା କରିଥିଲେ। ଦିଲ୍ଲୁ ଦସଭାୟା, ନରେନ୍ଦ୍ର ଗୁମାନସିଂ ସ୍କୋରର, ବେଣୁ ଗଡ଼ନାୟକ ଓ ରମାକାନ୍ତ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ସୋମବାର ମ୍ୟାଚ ନବ କିଶୋର କ୍ରିକେଟ କ୍ଲବ, ବଲାଙ୍ଗୀର ଓ ପ୍ରୋଗ୍ରେସିଭ ଦଳ ଝାରସୁଗୁଡା ମଧ୍ୟରେ ଗ୍ରୁପ 'ବି'ର ପ୍ରଥମ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ଲବ ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।




ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ODISHA POLICE**
**DISTRICT HEAD QUARTER**
**GANJAM, CHATRAPUR**
**Address: Superintendent of Police, Ganjam, Chatrapur**
**Contact No.: 06811263366**
**E-mail: spgjm.orpol@nic.in**
No.3151/R.O. Date: 26.12.2021
**TENDER CALL NOTICE FOR HIRING OF VEHICLES FOR NH PATROLING**
Sealed tenders are invited from registered travel agencies for hiring of commercial light vehicles on monthly basis. Details regarding eligibility criteria, terms & conditions and the formats of submission of tender (Technical & Financial bid) are mentioned in the tender document which may be downloaded from the **ganjam.nic.in** website. Interested agencies may submit their tenders in a sealed envelope with superscribing on the top of the sealed envelopes as Tender for Hiring of Vehicles for NH Patrol on monthly basis to Supdt. of Police, Ganjam.
The tender should reach the office of the undersigned by **02.01.2022** (till 5.30 P.M.). The tenders will be opened on **04.02.2022** at **DPO, GANJAM** for finalization of Technical Bid. The Financial Bid will be opened on **05.02.2022** at **DPO, GANJAM**. The undersigned reserves the right to reject any or all the tenders without assigning any reason thereof.
**Sd./- Superintendent of Police**
**Ganjam**

**ସଂକ୍ଷେପରେ**

## ବାପାଙ୍କ ଲୁହାନଳୀ ମାଡ଼ରେ ପୁଅ ମୃତ

**ଦେବଗଡ଼, ୨୬।୧୨(ଡି.ଏନ୍.ଏ.):** ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ଔିତଳ ଗ୍ରାମରେ ରବିବାର ଏକ ହତ୍ୟାକାଣ୍ଡ ଘଟିଛି। ବାପା ତ୍ରିବାନ ମୁଣ୍ଡା(୫୦)ଙ୍କ ଲୁହାନଳୀ ମାଡ଼ରେ ପୁଅ ରବି(୨୪)ଙ୍କ ମୃତ୍ୟୁ ହୋଇଛି। ବାରକୋଟ ଥାନା ପୋଲିସ ତ୍ରିବାନଙ୍କୁ ଗିରଫ କରିଛି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି। ସକାଳେ କୌଣସି କାରଣକୁ ନେଇ ବାପପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ତ୍ରିବାନ ଘରେ ଥିବା ଏକ ଲୁହାନଳୀ ସାହାଯ୍ୟରେ ରବି ମୁଣ୍ଡରେ ପ୍ରହାର କରିଥିଲେ। ପ୍ରବଳ ରକ୍ତସ୍ରାବ ଘଟି ରବି ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ବାରକୋଟ ଓ ପରେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ରବିଙ୍କ ମୃତ୍ୟୁ ଘଟିଥିଲା। ସୂଚନାପାଇ ପୋଲିସ ମୃତଦେହ ଜବତ କରିଛି।


ଗିରଫ ତ୍ରିବାନ ମୁଣ୍ଡା

# ଉପାନ୍ତକୁ ଅଣଦେଖା

## ବରଗଡ଼ରେ ଧାନ କିଣାବିକା ସମସ୍ୟା


ପଦ୍ମପୁର ଉପଖଣ୍ଡ ଝାରବନ୍ଧ ମଣ୍ଡିରେ ବିକ୍ରି ଅପେକ୍ଷାରେ ପଡ଼ିଥିବା ଧାନ।

**ବରଗଡ଼ ଅଫିସ୍/ଝାରବନ୍ଧ/ଅମ୍ବାଭୋନା,୨୬।୧୨**

ଖରିଫ ଧାନ ସଂଗ୍ରହରେ ବରଗଡ଼ ଜିଲାର ଉପାନ୍ତ ଅଞ୍ଚଳଗୁଡ଼ିକୁ ଅଣଦେଖା କରାଯାଉଛି। ମଣ୍ଡିରେ ପଡ଼ିଥିବା ଧାନ ଉଠାଯାଉନାହିଁ। ଫଳରେ ଚାଷୀମାନେ ଶୀତ, କାକରରେ ଜଗି ରହିଛନ୍ତି। ଅନ୍ୟପଟେ ଧାନ ବିକ୍ରି ହୋଇ ନ ପାରିବାରୁ ଅମଳରେ ନିୟୋଜିତ ଶ୍ରମିକଙ୍କୁ ସେମାନଙ୍କ ପାରିଶ୍ରମିକ ଦେବାରେ ଚାଷୀ ହଟହଟା ହେଉଛି। ସେହିପରି ପରବର୍ତ୍ତୀ ଫସଲ ପାଇଁ ମଧ୍ୟ ପ୍ରସ୍ତୁତି କରିପାରୁନାହିଁ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ନଭେମ୍ବର ୨୫ରୁ ବରଗଡ଼ ଜିଲାରେ ଧାନ କିଣାବିକା ଆରମ୍ଭ ହୋଇଛି। ସମୁଦାୟ ୧୯୩ଟି ମଣ୍ଡି ଖୋଲିଥିବା ବେଳେ ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆରଏମ୍ସି) ଅଧୀନରେ ୬୭, ଅତାବିରା ଆରଏମସି ଅଧୀନରେ ୫୩ ଏବଂ ପଦ୍ମପୁର ଆରଏମ୍ସି ଅଧୀନରେ ୭୩ଟି ମଣ୍ଡି ରହିଛି। ଅନ୍ୟବର୍ଷ ତୁଳନାରେ ଏଥର ୨ସପ୍ତାହ ବିଳମ୍ବରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିପାଇଁ ଚାଷୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ଧାନ ଉଠାଣ ମନ୍ଥର ହୋଇଥିବା ବେଳେ ଟୋକନ କଟକଣା ଯୋଗୁ ଚାଷୀଙ୍କ ଧାନ ବିକ୍ରି ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି। ପଦ୍ମପୁର ଉପଖଣ୍ଡ କୋତନା ଗ୍ରାମର ଜଣେ ଚାଷୀ ବୀରେନ୍ଦ୍ର ପ୍ରଧାନ କହିଛନ୍ତି, ଗତ ୧୨ତାରିଖରୁ ସେ ମଣ୍ଡିକୁ ଧାନ ନେଇଛନ୍ତି। ମାତ୍ର ଏପର୍ଯ୍ୟନ୍ତ ତାହା ଉଠିନାହିଁ। ସେହିପରି ପଗାରପାଣି ଗ୍ରାମର ଅନ୍ୟ ଜଣେ ଚାଷୀ ଚକ୍ରଧର ସାଗର ଗତ ୧୨ତାରିଖରୁ ମଣ୍ଡିକୁ ଧାନ ନେଇଛନ୍ତି। କିନ୍ତୁ ସପ୍ତାହେ ବିତିଯାଇଥିବା ସତ୍ତ୍ୱେ ଧାନ ଉଠି ନ ଥିବା ସେ କହିଛନ୍ତି। ଅନୁରୂପ ଭାବେ ଜିଲାର ଅମ୍ବାଭୋନା, ପାଇକମାଳ ଆଦି ବ୍ଲକର ଉପାନ୍ତ ଅଞ୍ଚଳରେ ଏହି ସମସ୍ୟା ଲାଗିରହିଛି। ଅମ୍ବାଭୋନା ବ୍ଲକ ଭୁକ୍ତା ମଣ୍ଡିରେ ୪୮,୧୮୩ ପ୍ୟାକେଟ୍ ଧାନ ପଡ଼ି ରହିଥିବା ସୂଚନା ମିଳିଛି। ସେହିପରି କଣ୍ଡପଲା ପ୍ୟାକ୍ସ ଅଧୀନ ମଣ୍ଡିଗୁଡ଼ିକରେ ୨୭ ହଜାର ପ୍ୟାକେଟ୍ ଧାନ ଖୋଲା ଆକାଶତଳେ ପଡ଼ି ରହିଛି। ଏହି ମଣ୍ଡି ଗୁଡ଼ିକ କେବଳ ଗୋଟିଏ ଲେଖାଏଁ ଦୃଷ୍ଟାନ୍ତ। ଜିଲାର ପ୍ରାୟ ସବୁ ବ୍ଲକର ମଣ୍ଡିରେ ଏଭଳି ସ୍ଥିତି ଦେଖାଯାଇଛି। ଏ ସମ୍ପର୍କରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କ ମତାମତ ମିଳିପାରି ନାହିଁ।

# ଦୁଇ ମାଲବାହୀ ଟ୍ରେନ୍ ମୁହାଁମୁହିଁ ଧକ୍କା


ଦୁଇ ମାଲବାହୀ ଟ୍ରେନ୍ ମୁହାଁମୁହିଁ ଧକ୍କା

**ରାଉରକେଲା ଅଫିସ,୨୬।୧୨**

ଝାଡ଼ଖଣ୍ଡର ହଟିଆ ଓ ରାଉରକେଲା ବନ୍ଧମୁଣ୍ଡା ରେଲୱେ ଲାଇନର କୁରକୁରା ଷ୍ଟେଶନ ନିକଟରେ ଶନିବାର ବିଳମ୍ବିତ ରାତିରେ ଦୁଇଟି ମାଲବାହୀ ଟ୍ରେନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣା ଯୋଗୁ ଉଭୟ ଟ୍ରେନ୍ ଲାଇନଚ୍ୟୁତ ହେବା ସହ ଡ୍ରାଇଭରଙ୍କ ସମେତ ୩ଜଣ କର୍ମଚାରୀ ଆହତ ହୋଇଛନ୍ତି। ରାଉରକେଲା ବନ୍ଧମୁଣ୍ଡାରୁ ଏକ ରିଲିଫ ଟ୍ରେନ ସହ ମେଡିକାଲ ଟିମ୍ ସେଠାକୁ ଯାଇ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଏ ନେଇ ସୂଚନା ପାଇବା ପରେ ରେଲୱେର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁସାରେ, ଏକ ମାଲବାହୀ ଟ୍ରେନ୍ କୁରକୁରା ଷ୍ଟେଶନର ୩ ନଂ. ଲାଇନରେ ରାଞ୍ଚି ଯାଉଥିଲା। ଏହି ସମୟରେ ରାଉରକେଲାରୁ ରାଞ୍ଚି ଯାଉଥିବା ଅନ୍ୟ ଏକ ମାଲବାହୀ ଟ୍ରେନ୍ ବ୍ରେକ୍ ଫେଲ ଯୋଗୁ ସିଗ୍ନାଲ ଭାଙ୍ଗି ୩ ନଂ. ଲାଇନରେ ପଶିଯାଇଥିଲା। ଫଳରେ ଉଭୟ ଟ୍ରେନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା।

## କମିଲା ଶୀତ

### ୧୧ ଜିଲାରେ କୁହୁଡ଼ି ସମ୍ଭାବନା

**ଭୁବନେଶ୍ୱର,୨୬।୧୨(ବ୍ୟୁରୋ)**

ଗତ କିଛିଦିନ ଧରି ରାଜ୍ୟରେ ପ୍ରବଳ ଜାଡ଼ ହେଉଥିବା ବେଳେ ହଠାତ୍ କମିଯାଇଛି। ଯଦିଓ ଥଣ୍ଡା ଅନୁଭୂତ ହେଉଛି ତେବେ ଆଉ ଦେହ ଥରାଇବା ଭଳି ଶୀତ ନାହିଁ। ରାତ୍ରିର ତାପମାତ୍ର ୪ରୁ୫ ଡିଗ୍ରୀ ସେଲ୍ସିୟସ ବଢ଼ିଯାଇଛି। ଶୀତ କମିବା ସହ ରାଜ୍ୟରେ ମେଘୁଆ ପାଗ ସାଙ୍ଗକୁ କୁହୁଡ଼ି ଆରମ୍ଭ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କନ୍ଧମାଳ, ଗଞ୍ଜାମ, କଳାହାଣ୍ଡି, ମାଲକାନଗିରି ଏବଂ କୋରାପୁଟ ଜିଲାର କେତେକ ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ଯାନବାହନ ଚଳାଇବା ବେଳେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଶୀତ କମିଯାଇଥିବାରୁ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍ସିୟସ ଉପରକୁ ଚାଲିଯାଇଛି।

## ଗୋଳାବାରୁଦ ବୋଝେଇ କଣ୍ଟେନର ଓଲଟିଲା


ଦୁର୍ଘଟଣାଗ୍ରସ୍ତ କଣ୍ଟେନର।

**ଜଳେଶ୍ୱର,୨୬।୧୨(ଡି.ଏନ.ଏ)**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ୬୦ନଂ. ଜାତୀୟ ରାଜପଥର ହୋଟେଲ ରାଜପଥ ନିକଟରେ ରବିବାର ଭୋର ସମୟରେ ସାମରିକ ବାହିନୀର ଏକ ଗୋଳାବାରୁଦ ବୋଝେଇ କଣ୍ଟେନର ଓଲଟି ପଡ଼ିଛି। ଖବରପାଇ ସିଆଇଏସ୍ଏଫର ଜବାନମାନେ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଟିକୁ ନିଜ ଅକ୍ତିଆର୍‌ରେ ରଖିଥିଲେ। ସେଥିରେ ଥିବା ଗୋଳାବାରୁଦ ଓ ସରଞ୍ଜାମ ସମ୍ପର୍କରେ ସେମାନେ କିଛି ସୂଚନା ଦେବାକୁ ମନା କରି ଦେଇଥିଲେ। ଭାରତୀୟ ସାମରିକ ବାହିନୀର ୧୯ଟି କଣ୍ଟେନର କର୍ଣ୍ଣାଟକରୁ ଖଡଗପୁର ଗଲାବେଳେ ସେଥି ମଧ୍ୟରୁ ଏନ୍.ଏଲ-୦୧-ଏବି-୮୭୧୨ ନମ୍ବର ବିଶିଷ୍ଟ ଗୋଟିଏ କଣ୍ଟେନର ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଦୁର୍ଘଟଣା ଯୋଗୁ କଣ୍ଟେନରରେ ଥିବା ଗୋଳାବାରୁଦ ବିସ୍ଫୋରଣ ହୋଇ ନ ଥିବା ଏବଂ ଏକ ବଡ଼ଧରଣର ବିପଦ ଟଳି ଯାଇଥିବା ସୂଚନା ମିଳିଛି।

# ‘ଭବିଷ୍ୟତ ଲକ୍ଷ୍ୟ ଏବେଠୁ ସ୍ଥିର କର’

## ରେଭେନ୍ସା ୱେଷ୍ଟ ହଷ୍ଟେଲ ଶତବାର୍ଷିକ ଉତ୍ସବ

**କଟକ ଅଫିସ, ୨୬।୧୨**

ଭବିଷ୍ୟତରେ ଛାତ୍ରୀଛାତ୍ର କ’ଣ ହେବାକୁ ଚାହୁଁଛନ୍ତି, କ’ଣ ଲକ୍ଷ୍ୟ ରଖିଛନ୍ତି ତାହା ଏବେଠାରୁ ସ୍ଥିର କରିବା ଆବଶ୍ୟକ। ଜୀବନରେ ଏଭଳି କାର୍ଯ୍ୟ କର ଲୋକେ ତୁମକୁ ମନେ ରଖିବେ। ତୁମ ଅନୁପସ୍ଥିତିରେ ସେମାନେ ତୁମ ବିଷୟରେ ଆଲୋଚନା କରିବେ। ଉକ୍ତ କାର୍ଯ୍ୟରୁ ଆତ୍ମସନ୍ତୋଷ ମିଳୁଥିବା ଦରକାର ବୋଲି ରେଭେନ୍ସା ବିଶ୍ୱବିଦ୍ୟାଳୟ ୱେଷ୍ଟ ହଷ୍ଟେଲର ଶତବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଗୋକୁଳ ପଟ୍ଟନାୟକ ଯୋଗଦେଇ ଏହା କହିଥିଲେ। ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର ଅଫ ଉଇଜ୍‌ଡମରେ ରବିବାର ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ କୁଳପତି ସଞ୍ଜୟ କୁମାର ନାୟକ ଯୋଗଦେଇ କହିଥିଲେ, ଏହି ଛାତ୍ରାବାସର ଶତବାର୍ଷିକୀ ଉତ୍ସବ ପାଳନ ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଇଁ ଏକ ଐତିହାସିକ ଦିନ। ଏହା କେବଳ ରେଭେନ୍ସା ସହ ଜଡିତ ନୁହଁ, ଏହା ଓଡ଼ିଶାର ଇତିହାସ ସହ ଜଡିତ। ଏହି ଛାତ୍ରାବାସରେ ରହି ପଢିଥିବା ଅନେକ ବ୍ୟକ୍ତି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠାଲାଭ କରିଛନ୍ତି। ବିଶିଷ୍ଟ ଅତିଥିଭାବରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଥିଲେ, ବିଶ୍ୱବିଦ୍ୟାଳୟ ବାହ୍ୟ ପରିବେଶକୁ ପ୍ରଭାବିତ କରିବା ଆବଶ୍ୟକ। ହେଲେ ବର୍ତ୍ତମାନ ବାହ୍ୟର ତତ୍ତ୍ୱ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିୟନ୍ତ୍ରିତ କରିବା ସହ ନିଜ ଅଧୀନରେ ରଖି ପ୍ରଭାବିତ କରିବା ପାଇଁ ଚେଷ୍ଟା କରୁଛନ୍ତି। ଏଥିପାଇଁ ସମସ୍ତଙ୍କୁ ସତର୍କ ରହିବାକୁ ପଡିବ ବୋଲି ପଟ୍ଟନାୟକ କହିଥିଲେ। ଏହି ଅବସରରେ ଛାତ୍ରାବାସର ସ୍ମରଣିକା ‘ଊର୍ମି’ ଉନ୍ମୋଚିତ ହୋଇଥିଲା। ହଷ୍ଟେଲ ୱାର୍ଡେନ ଶରତ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଏଥିସହ ଛାତ୍ରାବାସ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ୬ ଜଣଙ୍କୁ ପରିଜା ପେନସିଲ ସମ୍ମାନ, ଜଣଙ୍କୁ ମାୟାଧର ମାନସିଂହ ସମ୍ମାନ ଓ ଅନ୍ୟଜଣଙ୍କୁ ଊର୍ମି ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ଆଲୁମ୍ନି ଆସୋସିଏଶନ ସଭାପତି ମାନସ କୁମାର ଜେନା, ସଞ୍ଜୀବ ହୋତା, ଜି.ସି. ପତି, ସୁବାସ ଖୁଣ୍ଟିଆ, ଦୀପକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଲୁମ୍ନି ଆସୋସିଏଶନ ସମ୍ପାଦକ ସୁଶାନ୍ତ କୁମାର ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

## ଆଉ ୪ ଓମିକ୍ରନ...

ପ୍ରଥମ ପୃଷ୍ଠାରୁ...

୨୧ ତାରିଖରେ ରାଜ୍ୟରୁ ପ୍ରଥମ କରି ୨ଜଣ ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏହାପରେ ୨୩ତାରିଖରେ ଆଉ ୨ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିଲା। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ରାଜ୍ୟରୁ ଆଉ ୧୧୨ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୮ବର୍ଷ ମଧ୍ୟରେ ୧୭ଜଣ ଶିଶୁ ଓ କିଶୋର ଅଛନ୍ତି। ସେହିପରି ସଂକ୍ରମିତଙ୍କ ମଧ୍ୟରୁ ୬୭ଜଣ କ୍ୱାରାଣ୍ଟାଇନ୍‌ରୁ ଥିବାବେଳେ ୪୫ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରୁ ଏଯାବତ୍ ୧୦ଲକ୍ଷ ୫୩ହଜାର ୮୮୧ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ୨୪ ଘଣ୍ଟାରେ ୧୪୪ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ଫଳରେ ମୋଟ୍ ଆରୋଗ୍ୟଙ୍କ ସଂଖ୍ୟା ୧୦ଲକ୍ଷ ୪୩ହଜାର ୯୨୬କୁ ବୃଦ୍ଧି ପାଇଛି।

## ବିଶ୍ୱରେ ୬,୩୦୦...

ସାରା ବିଶ୍ୱରେ ପ୍ରାୟ ୨,୪୦୦ ବିମାନ ଚଳାଚଳ ବାତିଲ ଓ ୧୧,୦୦୦ ଫ୍ଲାଇଟ୍ ବିଳମ୍ବିତ ହୋଇଥିଲା। ସେଥିରୁ ୮୭୦ଟି ବିମାନ ଆମେରିକାରୁ ବାହାରିଥାଆନ୍ତା କିମ୍ବା ଅନ୍ୟ ଦେଶରୁ ଉଡ଼ାଣ କରି ଆମେରିକାର ବିମାନବନ୍ଦରଗୁଡ଼ିକୁ ଆସିଥାଆନ୍ତା। ସେହିପରି ଶନିବାର ୨,୮୦୦ ବିମାନ ଉଡ଼ାଣ ବାତିଲ କରାଯାଇଥିବାବେଳେ ୮,୦୦୦ ଫ୍ଲାଇଟ୍ ବିଳମ୍ବିତ ହୋଇଥିଲା। ରବିବାର ମଧ୍ୟ ହଜାର ହଜାର ବିମାନ ଚଳାଚଳ ବନ୍ଦ ଓ ଉଡ଼ାଣରେ ବିଳମ୍ବ ହୋଇଛି। କୋଭିଡ୍ ସଂକ୍ରମିତ ହେବା ପରେ ପାଇଲଟ, ଫ୍ଲାଇଟ୍ ଆଟେଣ୍ଡାଣ୍ଟ ଓ ଅନ୍ୟ କର୍ମଚାରୀମାନଙ୍କୁ ଚିକିତ୍ସା କରାଯାଉଛି କିମ୍ବା କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡୁଛି। ଏଥିଯୋଗୁ ଲୁଫ୍‌ସାନା, ଡେଲ୍ଟା, ୟୁନାଇଟେଡ୍ ଏୟାରଲାଇନ୍ସ, ଜେଟ୍‌ବ୍ଲୁ ଭଳି କମ୍ ଷ୍ଟାଫ୍ ଥିବା ଅନେକ କ୍ୟାରିୟର୍ ନୂଆବର୍ଷର ଅବ୍ୟବହିତ ପୂର୍ବରୁ ଉଡ଼ାଣ କରିପାରି ନାହାନ୍ତି। ଚାଇନାର ଏୟାରଲାଇନ୍ସଗୁଡ଼ିକ ଏଥିରେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। କୋଭିଡ୍ ସଂକ୍ରମଣ ବୃଦ୍ଧି ଯୋଗୁ କେବଳ ପୂର୍ବ ଚାଇନାରେ ୧,୦୦୦ ବିମାନ ଉଡ଼ାଣ କରିପାରିନାହିଁ। ଏଥିଲାଗି ବିମାନ ଚଳାଚଳ ସଂସ୍ଥାଗୁଡ଼ିକ ଯାତ୍ରୀମାନଙ୍କୁ କ୍ଷମା ମାଗିଛନ୍ତି।

## ସମାନତା ସଂଗ୍ରାମୀ...

ଆର୍କବିଶପ୍ ଟୁଟୁଙ୍କୁ ୧୯୮୪ରେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଶୋକ ପ୍ରକାଶ କରିଛନ୍ତି। ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଶୋକବ୍ୟକ୍ତ କରି ଏକ ଟୁଇଟ କରିଛନ୍ତି। ଆର୍କବିଶପ୍ ଏମିରିଟସ୍ ଡେସ୍‌ମଣ୍ଡ ଟୁଟୁ ଅଗଣିତ ଲୋକଙ୍କ ପାଇଁ ମାର୍ଗଦର୍ଶକ ଥିଲେ। ପ୍ରତ୍ୟେକ ମଣିଷର ମର୍ଯ୍ୟାଦା ଏବଂ ସମାନତା ଉପରେ ତାଙ୍କର ଗୁରୁତ୍ୱ ସବୁଦିନ ସ୍ମରଣୀୟ ହୋଇ ରହିବ ବୋଲି ମୋଦି ଲେଖିଛନ୍ତି। ଟୁଟୁ ୨୦୦୭ରେ ଭାରତର ଗାନ୍ଧୀ ଶାନ୍ତି ପୁରସ୍କାର ମଧ୍ୟ ହାସଲ କରିଛନ୍ତି। ଡେସ୍‌ମଣ୍ଡ ଟୁଟୁ ଜୋହାନ୍ସବର୍ଗର ପ୍ରଥମ ଅଶ୍ୱେତ ବିଶପ୍ ଏବଂ ପରେ କେପ୍‌ଟାଉନର ଆର୍କବିଶପ୍ ହୋଇଥିଲେ। ଏହି ସମୟରେ ସେ ନିଜର ମଞ୍ଚକୁ ଅନ୍ତର୍ଜାତୀୟ ସ୍ତରରେ ବର୍ଣ୍ଣଗତ ଅସମାନତା ବିରୋଧରେ ଜନମତ ଦୃଢ଼ କରିବା ନିମନ୍ତେ ବ୍ୟବହାର କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ପାଇଁ ଅଶ୍ୱେତ ନାଗରିକଙ୍କ ଦଶନ୍ଧି ଧରି ଲଢ଼େଇବେଳେ ସେ ଚର୍ଚ୍ଚର ନେତୃତ୍ୱ ନେଇଥିଲେ। ଅହିଂସା ମାଧ୍ୟମରେ ବର୍ଣ୍ଣଭେଦ ଦୂର ପାଇଁ ପ୍ରଭାବୀ କାର୍ଯ୍ୟ ପାଇଁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ୧୯୯୦ ଦଶକରେ ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ନେଲସନ ମାଣ୍ଡେଲା ଜେଲରୁ ବାହାରିଥିଲେ ଏବଂ ବର୍ଣ୍ଣଭେଦ ନୀତିକୁ ଶେଷ କରାଯାଇଥିଲା। ପ୍ରାରମ୍ଭରେ ଦେଶ ଗଣତାନ୍ତ୍ରିକ ହେବା ପରେ ଡେସ୍‌ମଣ୍ଡ ଟୁଟୁ ଶ୍ୱେତ ଏବଂ ଅଶ୍ୱେତ ଲୋକଙ୍କ ମଧ୍ୟରେ ନୂଆ ସମ୍ପର୍କ ସ୍ଥାପନ କରିବାକୁ ପ୍ରେରିତ କରିଥିଲେ। ୧୯୮୦ ଦଶକରେ ବର୍ଣ୍ଣଭେଦ ନୀତି ବିରୋଧରେ ସଂଗ୍ରାମ କରୁଥିବା ମାଣ୍ଡେଲା ଜେଲରେ ଥିବାବେଳେ ଟୁଟୁ ଏହି ବିପ୍ଳବର ପ୍ରମୁଖ ଚେହେରା ପାଲଟିଥିଲେ। ୧୯୯୪ରେ ମାଣ୍ଡେଲା ରାଷ୍ଟ୍ରପତି ନିର୍ବାଚନ ଜିତିବା ପରେ ବର୍ଣ୍ଣଭେଦ ସମୟରେ ମାନବାଧିକାର ଉଲ୍ଲଂଘନ ଓ ଅପରାଧର ଯାଞ୍ଚ ପାଇଁ ଟ୍ରୁଥ୍ ଏବଂ ରିକନସିଲିଏଶନ କମିଶନ ଗଠନ ହୋଇଥିଲା। ଟୁଟୁ ଏହି କମିଶନର ଅଧ୍ୟକ୍ଷ ହୋଇଥିଲେ। ସଂଖ୍ୟାଲଘୁ ଶ୍ୱେତ ନାଗରିକଙ୍କ ଅତ୍ୟାଚାର ବିରୋଧରେ ପ୍ରଚାର କରିବା ସହ ଦକ୍ଷିଣ ଆଫ୍ରିକାକୁ ଏକ ନିରପେକ୍ଷ ଦେଶ ଭାବେ ଗଢ଼ିତୋଳିବାକୁ ସେ ଆଜୀବନ ସଂଗ୍ରାମ କରିଥିଲେ। ଦକ୍ଷିଣ ଆଫ୍ରିକାକୁ ‘ରେନ୍‌ବୋ ନେଶନ’ରେ ପରିଣତ କରିବାର ସ୍ୱପ୍ନ ପୂରଣ ହୋଇ ପାରି ନ ଥିବା ନେଇ ନିକଟରେ ସେ ପ୍ରକାଶ କରିଥିଲେ।

# ସ୍ୱାମୀ, ପୁଅକୁ ବନ୍ଧୁକ ଦେଖାଇ ମହିଳାଙ୍କୁ ଗଣବଳାତ୍କାର

**ଜୟପୁର, ୨୬।୧୨ (ନି.ପ୍ର.)**

ସ୍ୱାମୀ ଓ ପୁଅକୁ ବନ୍ଧୁକ ଦେଖାଇ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବା ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୧୦୬/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି। ଖବରରୁ ଜଣାପଡିଛି ଜୟପୁର ସଦର ଥାନା ଅନ୍ତର୍ଗତ ବାମୁଣି ଗ୍ରାମରେ ନିଜ ଘରେ ଶନିବାର ରାତିରେ ଏକ ପରିବାରର ସ୍ୱାମୀ, ସ୍ତ୍ରୀ ଓ ପୁଅ ଶୋଇଥିବା ବେଳେ ୨ ଜଣ ଦୁର୍ବୃତ୍ତ ଘର ପଛପଟେ ପଶି ସ୍ୱାମୀଙ୍କୁ ନିସ୍ଥୁକ ମାଡ ମାରିଥିଲେ। ପୁଅକୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପରେ ଜଣେ ବନ୍ଧୁକ ଦେଖାଇ ପୁଅକୁ ଅଟକାଇ ରଖିଥିବା ବେଳେ ଅନ୍ୟ ଜଣେ ମହିଳା (୨୫)ଙ୍କୁ ବଳାତ୍କାର କରିଥିଲେ। ପରେ ଅନ୍ୟ ଜଣେ ଯୁବକ ଆସିବା ପରେ ସେ ମଧ୍ୟ ବନ୍ଧୁକ ଦେଖାଇ ମହିଳାଙ୍କୁ ବଳାତ୍କାର କରିଥିଲେ। ମହିଳା ଜଣକ ବିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ମାଡ଼ ମାରିଥିଲେ ବୋଲି ମହିଳାଙ୍କ ସ୍ୱାମୀ କହିଛନ୍ତି। ଏନେଇ ଦମ୍ପତି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀଙ୍କ ସହ ଉଭୟେ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୀଡିତାଙ୍କୁ ଜୟପୁର ଜିଲା ଚିକିତ୍ସାଳୟରେ ଡାକ୍ତରୀ ମାଇନା କରାଯାଇଛି। ରବିବାର ପୀଡିତାଙ୍କ ଘରକୁ ଯାଇ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରି ଫେରିଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା କହିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କୁ ଧରିବାକୁ ପୀଡିତାଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି।

# କଳା ମୁଗୁନିପଥର ଆଣିବା ଦାୟିତ୍ୱରେ ଥିଲେ ଖେମୁଣ୍ଡି ରାଜା




**ଡ. ସୁରେନ୍ଦ୍ର କୁମାର ମିଶ୍ର**

- ଭାବର ଆଦାନପ୍ରଦାନ ପାଇଁ ନିଯୁକ୍ତ ଥିଲେ ୧୧ ଚିଟାଉକରଣ
- ପଥର ଚିହ୍ନଟକାରୀ ରାଜପ୍ରତିନିଧି ଭାବରେ ପାଇଥିଲେ ପରିଚିତି
- ଗଡ଼ନାୟକଙ୍କ ବାରିକ ଆସୁଥିଲେ ପଥର ମଣତି ଦେବାକୁ

ପୁରୁଷୋତ୍ତମ କ୍ଷେତ୍ର ପୁରୀରୁ କୋଣାଦିତ୍ୟ (କୋଣାର୍କ) କ୍ଷେତ୍ରକୁ ଯିବାଆସିବା କରିବା ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସମୟରେ ଆଜିପରି ସହଜ ନ ଥିଲା। ପୂର୍ବରୁ ଆମେ ଜାଣିଛେ କେଉଁଠି ବାଲିପନ୍ତରା, କେଉଁଠି ଅଗନାଅଗନି ବନସ୍ତ, ନଈନାଳ ପୁଣି ତା’ ଭିତରେ ଜନ୍ତୁଜୁନ୍ତା ଭୟ। ସବୁଠାରୁ ସମସ୍ୟା ରାସ୍ତା ଚିହ୍ନଟ କରି ଗଲେ ମଧ୍ୟ ବାଟରେ ପାଣିର ସୁବିଧା ସେପରି ନ ଥିଲା। ଏଥିପାଇଁ ଦୁଇଟି ପୋଖରୀ ଆବଶ୍ୟକତା ଅନୁଯାୟୀ ଖୋଳାଯାଇଥିଲା।

ମନ୍ଦିର ନିର୍ମାଣ ସମୟରେ ବିଭିନ୍ନ ଦାୟିତ୍ୱ ଭିନ୍ନ ଭିନ୍ନ ବ୍ୟକ୍ତିବିଶେଷଙ୍କୁ ଦିଆଯାଇଥିଲା। ‘ଚିଟାଉକରଣ’ ଭାବରେ ୧୧ ଜଣ ନିଯୁକ୍ତି ପାଇଥିଲେ ଚିଠି (ଚିଟାଉ) ଆଦାନପ୍ରଦାନ ପାଇଁ। ପୋଖରୀ ଖୋଳିବା କାର୍ଯ୍ୟ ହେଉ କିମ୍ବା ଅସ୍ଥାୟୀ କେନାଲ ଖୋଳା ପାଇଁ ହେଉ ଚିଟାଉବାହକଙ୍କ ଭୂମିକା ଏଥିରେ ରହୁଥିଲା। ଏମାନେ ସୂତ୍ରଧର ମାର୍ଫତରେ କାର୍ଯ୍ୟ କରୁଥିଲେ। ଚିଟାଉ ନେଇ ଶିଳ୍ପୀମାନଙ୍କ ଘରକୁ ଏଇମାନେ ଯାଉଥିଲେ, ଫେରି ଆସି କାମରେ ଯୋଗ ଦେବାପାଇଁ। ସୂତ୍ରଧରଙ୍କ ମାର୍ଫତରେ ସିଧାସଳଖ ୬ ଜଣ କାର୍ଯ୍ୟକର୍ତ୍ତା ରହୁଥିଲେ। ଯେଉଁମାନେ କି ସୂତ୍ରଧରଙ୍କ ଜରିଆରେ ସେମାନଙ୍କ ପାଉଣା ପାଉଥିଲେ। ସେମାନେ ହେଲେ- ଉପାଧି ନାୟକ, ମୁଖ୍ୟ ଭାସ୍କର୍ଯ୍ୟ ଶିଳ୍ପୀ ମୂର୍ତ୍ତିକାର ନାୟକ, ଅଙ୍ଗାଇ ନାୟକ, ଚିଟାଉକରଣ, ସୁନାପଥୁରିଆଣି (ଯେଉଁମାନେ ଭାସ୍କର୍ଯ୍ୟ ଖୋଦେଇ କରୁଥିଲେ) ଏବଂ ମୁଖ୍ୟ ହାତୀଆଳ (ମାହୁନ୍ତ)।

କାର୍ଯ୍ୟ ପରିଚାଳନା ପାଇଁ ଶୃଙ୍ଖଳିତ ବ୍ୟବସ୍ଥା ଚାଲିଥିବାବେଳେ ପଥର ଓ ପଥୁରିଆ ଉଭୟେ ପହଞ୍ଚୁଥିଲେ କାର୍ଯ୍ୟସ୍ଥଳରେ।

– କେରାଣ୍ଡିମାଳ ଓ ଘଣ୍ଟଶିଳା ପାହାଡ଼ ଖଣିରୁ ପଥର ଆସିବା ଦାୟିତ୍ୱ ନେଇଥିଲେ ବୁଢ଼ାଲେଙ୍କା।

– ତଦନୁଯାୟୀ ଘଣ୍ଟଶିଳାରୁ ଆସିଲା ୧୩୦ ଶଗଡ଼ ପଥର। ମଳାଗୁଣି ନଦୀପଥରେ ଆସି ପହଞ୍ଚିଲା।

ପଥର ଆସିବାର ପ୍ରମାଣ ତ ଆମେ ଆଲୋଚନା କରିବା। କିନ୍ତୁ ଜାଣିବା ପଥର ଆସିବା ପୂର୍ବରୁ ପଥରଖଣି ଚିହ୍ନଟ ଓ ଆସିବା ରାସ୍ତା ଚିହ୍ନଟ କାର୍ଯ୍ୟ ପ୍ରଥମେ ହେବାପରେ ପଥର କାଟିବା ଲୋକେ ଯାଉଥିଲେ। ଯେଉଁମାନେ ପଥର ଚିହ୍ନଟ କରିବାକୁ ଯାଉଥିଲେ, ସେମାନଙ୍କ ପରିଚୟ ହେଉଥିଲା ‘ରାଜପ୍ରତିନିଧି’। ଦାମୋଦର ଜେନା, ଅଙ୍ଗାଇ ନାୟକ, ପରମ ବିଶୋଇ ଓ ମଣି ବିଶୋଇ ଏଇ ଚାରିଜଣ ମୁଖ୍ୟ ପଥର ଚିହ୍ନଟକାରୀ ଥିଲେ। ଚିହ୍ନଟକାରୀଙ୍କ ସମ୍ମତିକ୍ରମେ ପଥରକଟାଳି ଦଳ ପହଞ୍ଚୁଥିଲେ ଚିହ୍ନିତ ପାହାଡ଼ ପାଖରେ।

– ତାପଙ୍ଗରେ ପଥରକଟାଳି ପଥର ବୋଝେଇ କଲେ ୪୧ଟି ଚାପରେ।

– ତା’ ପରେ ପରେ ଅରାଗଡ଼ ପାହାଡ଼ରୁ ୪୦୦ ଚାପ ଓ ୪ଟି ବୋଇତରେ ଆସି ପହଞ୍ଚିଲା ୮୨୮ ପଥର।

ପଥରକଟାଳି ପଥର ବୋଝେଇ କରୁ ନ ଥିଲେ। ବୋଝେଇବାଲା ଚାପ ବାହୁ ନ ଥିଲେ। ବାହିବାବାଲା କୂଳରେ ଚାପ ଲାଗିବା ପରେ ପଥର ବୋହୁ ନ ଥିଲେ। ବୋହିବା ପାଇଁ ଅଲଗା ଶଗଡ଼ିଆ। କେବଳ ପଥର ପହଞ୍ଚିବା ବେଳକୁ-

ପଥର ଚିହ୍ନଟକାରୀ, ପଥର କଟାଳି, ପଥର ବୋଝିଆ, ପଥର ଚାପ ବାହକ, ପଥରବୁହା ଶଗଡ଼ିଆ ଏହିପରି ୫ଟି ଗୋଷ୍ଠୀ ଜଡ଼ିତ ରହୁଥିଲେ। ଏହି କାର୍ଯ୍ୟଗୁଡ଼ିକ ଗୋଷ୍ଠୀଗତ କାର୍ଯ୍ୟ। ମିଳିତ ଭାବରେ ସମାନ ଭାବନାରେ କାର୍ଯ୍ୟ ସମାପ୍ତ କରିବାକୁ ହୁଏ।

– ଗଞ୍ଜାମର ଖେମୁଣ୍ଡି ରାଜା ମଧ୍ୟ ପଥର ସଂଗ୍ରହ କାର୍ଯ୍ୟରେ ସହଯୋଗର ହାତ ବଢ଼ାଇଥିବା ପୋଥିରୁ ମିଳେ। ସେ ନୀଳଗିରିରୁ କଳା ମୁଗୁନି ପଥର ଆଣିବା ଦାୟିତ୍ୱ ନେଇଥିଲେ। ୩୩ଟି ବଡ଼ କଳା ମୁଗୁନି ପଥର ସେ ଲୋକ ଲଗାଇ ଆଣି କୋଣାର୍କରେ ପହଞ୍ଚାଇଲେ। ସେ ଖର୍ଚ୍ଚ ବାବଦ ଯାହା ନେଇଥିଲେ (୨,୧୧୦ ମାଢ଼ ସୁନା) ତାହା ଅନୁଶୀଳନ କଲେ ଜଣାପଡୁଛି କେତେ ଶ୍ରମ ଲାଗିଥିବ ବଡ଼ ବଡ଼ କଳା ମୁଗୁନି ଆସି ପହଞ୍ଚିବାକୁ!

– ସେହିପରି ଆଉ ଏକ କିସମର ପଥର ହେଲା ରେଗେଡ଼ା କୁଣ୍ଡା ଅର୍ଥାତ୍ କୁଣ୍ଡା ପଥର (ଶିଳ୍ପୀଙ୍କ ଭାଷାରେ ବାଲୁକା ଶିଳା)। ୨୭୦ ଖଣ୍ଡ ରେଗେଡ଼ା କୁଣ୍ଡା ପଥର ଗୋପୀନାଥ ବଡ଼ଜେନା ତାପଙ୍ଗ ଗଡ଼ରୁ ପଠାଇଥିଲେ।

ପାଇଟିଆଳଙ୍କ ସାଙ୍ଗରେ ଗଡ଼ନାୟକଙ୍କ ବାରିକ ଆସିଥିଲେ ମଣତି ଦେବାକୁ। ତାଙ୍କୁ ସସମ୍ମାନେ ରଖାଗଲା। ଗଡ଼ନାୟକଙ୍କ ପାଇଁ ଉପହାର ପଠାଗଲା ବାରିକ ହାତରେ ଏକଯୋଡ଼ା ପାଟ, ହଳେ ସୁନାର ଫୁଲଝରି ଓ ବାରିକକୁ ପାଛୁଡ଼ା ସହ ଧୋତି।

ବିଚାର କରିବା କଥା ଗଜପତିଙ୍କ କାର୍ଯ୍ୟ ଏହା ନ ଥିଲା। ସହଯୋଗ ସମସ୍ତଙ୍କର। ସେ ହେଲେ ଉଦ୍ୟୋକ୍ତା। ଖବର ପାଇ ଚିଟାଉକରଣଠାରୁ ଗଡ଼ନାୟକେ ଯେମିତି ସହଯୋଗ କଲେ, ଠିକ୍ ସେମିତି ତାଙ୍କୁ ସମ୍ମାନ ଦେବାରେ ଊଣା କରାଯାଇ ନ ଥିଲା। ଓଡ଼ିଶାର ଏହା ମହନୀୟ ପରମ୍ପରାର ଗୋଟିଏ ଧାଡ଼ି ମାତ୍ର।


ନୀଳଗିରି ପାହାଡ଼ (ଫଟୋ: ପ୍ରଶାନ୍ତ ବିଶ୍ୱାଳ)

# ଦିଗନ୍ତ

ଶେଷ ପାଦରେ ଉପନୀତ ୨୦୨୧। ଏବର୍ଷ ସ୍ୱାସ୍ଥ୍ୟ ଓ ବିଜ୍ଞାନ କ୍ଷେତ୍ରରେ ଘଟିଥିବା ଉଲ୍ଲେଖନୀୟ ଘଟଣାବଳୀକୁ ନେଇ ଉପସ୍ଥାପନା....



## ଶେଷାର୍ଦ୍ଧରେ ଓମିକ୍ରନ୍ ଆତଙ୍କ



ଗତ ଦୁଇ ବର୍ଷ ଧରି ସମଗ୍ର ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି ମହାମାରୀ କରୋନା। ଯଦିଓ ଏହାକୁ ନିୟନ୍ତ୍ରଣକୁ ଆଣିବା ଲାଗି ଟିକା ଆବିଷ୍କୃତ ହୋଇସାରିଛି ତେବେ ଏହା ସମ୍ପୂର୍ଣ୍ଣ ଭାବରେ ଅପସରି ଯାଇନାହିଁ। ଚଳିତ ବର୍ଷ ଶେଷାର୍ଦ୍ଧରେ ଏହାର ଆଉ ଏକ ଭାରିଆଣ୍ଟ ବିଶ୍ୱରେ ପୁଣି ଥରେ ଆତଙ୍କ ସୃଷ୍ଟି କରିଛି। 'ଓମିକ୍ରନ୍' ନାମରେ ନାମିତ ଏହି ଭାରିଆଣ୍ଟ ମାତ୍ର କେତୋଟି ସପ୍ତାହରେ ଭାରତ ସମେତ ୧୦୦ରୁ ଅଧିକ ଦେଶ ଏହାର କବଳକୁ ଆସିସାରିଲେଣି। କେବଳ ସେତିକି ନୁହେଁ, ଇଂଲଣ୍ଡରେ ଏହି ଭାରିଆଣ୍ଟ ତାହାର ପ୍ରଥମ ଶିକାର କରିସାରିଛି। ଏହାର ବୈଜ୍ଞାନିକ ନାମ ହେଉଛି 'B. 1.1.529'। ସବୁଠାରୁ ଖାସ୍ କଥା ହେଲା, କରୋନା ଭୂତାଣୁର ଏହି ଭାରିଆଣ୍ଟକୁ ସବୁଠାରୁ ଭୟାନକ ପ୍ରଜାତି ବୋଲି ବିବେଚନା କରାଯାଉଛି।

## ଡାଟା ଟ୍ରାନ୍ସଫରର ନୂଆ ଉପାୟ



ସାଧାରଣତଃ ଗୋଟିଏ ଚିପ୍ସରୁ ଅନ୍ୟ ଏକ ଚିପ୍ସକୁ ଡାଟା ଟ୍ରାନ୍ସଫର କରିବାକୁ ବିଦ୍ୟୁତ୍‌ର ଆବଶ୍ୟକତା ରହିଛି। ହେଲେ ଏଣିକି ବିଦ୍ୟୁତ ବିନା ଏହି କାମକୁ ସହଜରେ ସମ୍ପାଦନ କରିହେବ। ଆମେରିକାସ୍ଥିତ ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ ଆଲୋକ ମାଧ୍ୟମରେ ଡାଟା ଟ୍ରାନ୍ସଫର କରିବାରେ ସକ୍ଷମ ହୋଇଛନ୍ତି। ଏଥିପାଇଁ ସେମାନେ ବ୍ୟବହାର କରିଥିବା ଚିପ୍‌ରେ ଆଲୋକ ଏତେ ଶକ୍ତିଶାଳୀ ଥିଲା ଯେ ସେଥିରେ ଥିବା ଡାଟାଗୁଡିକର ସହଜରେ ଅନ୍ୟ ଚିପ୍‌କୁ ଟ୍ରାନ୍ସଫର ହୋଇଯାଇଥିଲା।

## ଦୃଷ୍ଟିଶକ୍ତି ବଢ଼ାଇବ ଡିଭାଇସ୍

ଦୃଷ୍ଟିଶକ୍ତିଜନିତ ସମସ୍ୟାର ଏଣିକି ଡିଭାଇସ୍ ଦ୍ୱାରା ଉପଚାର କରାଯାଇପାରିବ। ଚାଇନାର ବୈଜ୍ଞାନିକମାନେ ଏ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି। ଏଥିପାଇଁ ସେମାନେ ଏକ ଉନ୍ନତ ଜ୍ଞାନକୌଶଳ ବିଶିଷ୍ଟ ଡିଭାଇସ୍ ପ୍ରସ୍ତୁତ କରିଥିଲେ। ଏହି ସୂକ୍ଷ୍ମ ଡିଭାଇସ୍‌କୁ ଲେନ୍‌ସରେ ସଂଯୋଜିତ କରାଯାଇଥାଏ। ତା'ପରେ ଉକ୍ତ ଲେନ୍ସକୁ ଆଖିରେ ଲଗାଇବା ପରେ ତାହା ଦୃଷ୍ଟି ଶକ୍ତିକୁ ପୂର୍ବାପେକ୍ଷା ବଢ଼ାଇବାରେ ସକ୍ଷମ ହୋଇଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ମଙ୍ଗଳରେ ଅମ୍ଳଜାନ ଉତ୍ପାଦନ

ସୌରଜଗତ ମଧ୍ୟରେ କେବଳ ପୃଥିବୀ ପୃଷ୍ଠରେ ହିଁ ଜୀବଜଗତ ରହିଛି। ତେବେ ମଙ୍ଗଳ ଗ୍ରହରେ ମନୁଷ୍ୟ ବସବାସ କରିବା ପାଇଁ ପରିବେଶ ସୃଷ୍ଟି କରିବାକୁ ପ୍ରୟାସ ଆରମ୍ଭ କରିଛି ଆମେରିକାର 'ସ୍ପେଶଏକ୍ସ' ନାମକ ଏକ ଘରୋଇ ସଂସ୍ଥା। ଅନ୍ୟପକ୍ଷରେ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା' ପକ୍ଷରୁ ମଙ୍ଗଳ ଗ୍ରହକୁ ପଠାଯାଇଥିବା 'ପର୍ସିଭିୟରେନ୍‌ସ' ରୋଭରେ 'ମାକ୍ସି' ନାମକ ଗୋଟିଏ ଅମ୍ଳଜାନ ଉତ୍ପାଦନକାରୀ ଯନ୍ତ୍ରଟିଏ ରହିଛି। ଖାସ୍ କଥା ହେଲା, ଏହି ରୋଭର ସେଠାରେ ପରୀକ୍ଷାମୂଳକ ଭାବରେ ଅମ୍ଳଜାନ ପ୍ରସ୍ତୁତ କରିଛି।

## କରୋନା ବୃଦ୍ଧି କରିପାରେ କିଡ୍‌ନୀ ସଂକ୍ରମଣ



କୋଭିଡ୍-୧୯ର ଭୟାବହତା ଏବେ ମଧ୍ୟ ଦୂର ହୋଇନାହିଁ। ସାର୍ସ-କୋଭ୍-୨ ପରେ ଏବେ ଓମିକ୍ରନ୍ ଭାରିଆଣ୍ଟ ଏବେ ପୁଣି ଥରେ ସମଗ୍ର ବିଶ୍ୱରେ ଆତଙ୍କ ଖେଳାଇ ଦେଇଛି। କରୋନାରେ ଆକ୍ରାନ୍ତ ହେଲେ କିଡ୍‌ନୀ ସଂକ୍ରମଣ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ୟୁନିଭର୍ସିଟି ଅଫ୍ ୱାଶିଂଟନ୍ ସ୍କୁଲ୍ ଅଫ୍ ମେଡ଼ିସିନ୍ ତରଫରୁ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। ସେମାନଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, କୋଭିଡ୍-୧୯ରେ ସଂକ୍ରମିତ ହୋଇଥିବା ପ୍ରାୟ ୨୫ ପ୍ରତିଶତ ଲୋକଙ୍କର ଗୁରୁତର କିଡ୍‌ନୀ ସମସ୍ୟା ଦେଖାଦେଇଛି ଏପରି କି କେତେକଙ୍କର କିଡ୍‌ନୀ ନଷ୍ଟ ହୋଇଛି।

## କ୍ୟାମେରାଯୁକ୍ତ ସିରିଞ୍ଜ

ସାଧାରଣତଃ ଇଞ୍ଜେକଶନ ଦେବା ପାଇଁ ଏବଂ ନମୁନା ପରୀକ୍ଷା ପାଇଁ ରକ୍ତ ସଂଗ୍ରହ କରିବା ଲାଗି ସିରିଞ୍ଜର ବ୍ୟବହାର କରାଯାଇଥାଏ। ନିକଟରେ ଜର୍ମାନୀର ବୈଜ୍ଞାନିକମାନେ ଏକ କ୍ୟାମେରାଯୁକ୍ତ ସିରିଞ୍ଜ ତିଆରି କରିଛନ୍ତି। ଏଥିରେ ଏକ ସୂକ୍ଷ୍ମ କ୍ୟାମେରା ସଂଯୋଗ କରାଯାଇଛି। ଏହି ସିରିଞ୍ଜରେ ତିନୋଟି ଲେନ୍ସ ରହିଛି। ଏହି କ୍ୟାମେରା ଦ୍ୱାରା ଉଠାଯାଇଥିବା ଫଟୋକୁ ଅନୁଧ୍ୟାନ କରି ରୋଗ ନିରୂପଣ କରାଯାଇପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସାମୁଦ୍ରିକ ତଥ୍ୟ ଦେବ ରୋବୋ

କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ 'ବେନିଥିବ ରୋଭର-୨' ନାମକ ଏକ ହାଇଟେକ ରୋବୋ ପ୍ରସ୍ତୁତ କରିଛନ୍ତି, ଯାହା ସାମୁଦ୍ରିକ ତଥ୍ୟ ପ୍ରଦାନ କରିପାରିବ। ଏହି ରୋବୋ ସମୁଦ୍ର ପାଣି ଭିତରେ ୪୦୦୦ମିଟର ପର୍ଯ୍ୟନ୍ତ ନିରୀକ୍ଷଣ କରି ସମୁଦ୍ର ସମ୍ପର୍କରେ ତଥ୍ୟ ସଂଗ୍ରହ କରିପାରିବ। ଏସବୁ ତଥ୍ୟ ଏହି ରୋବୋରେ ସଂଯୋଜିତ ମନିଟରରେ ଆପେ ଆପେ ଲିପିବଦ୍ଧ ହୋଇଯିବ।

## ହାଇଟେକ୍ ଇଲେକ୍‌ଟ୍ରୋନିକ୍ କାର୍

ଯୁକ୍ତରାଷ୍ଟ୍ର ଆମେରିକାରେ 'ଅ।ଇଡି.୪ ଇଭି' ନାମକ ଏକ ହାଇଟେକ୍ ଇଲେକ୍‌ଟ୍ରୋନିକ୍ କାର୍ ପ୍ରସ୍ତୁତ କରାଯାଇଛି। ପ୍ରସ୍ତୁତକାରୀ ସଂସ୍ଥା 'ହାର୍ଟିଙ୍ଗ୍ ଆମେରିକା'ର ମ୍ୟାନେଜିଙ୍ଗ୍ ଡିରେକ୍ଟର ଜନ୍ ଡି ସୁଜୋ ଏ ସମ୍ପର୍କରେ କହନ୍ତି, ଥରେ ଚାର୍ଜ ହେଲେ ଏହା ଅନାୟାସରେ ପୁଣି ଥରେ ଚାର୍ଜ ହେବା ପର୍ଯ୍ୟନ୍ତ ପାଖାପାଖି ୫୫,୦୦୦ କିମିରୁ ଅଧିକ ବାଟ ଅକ୍ଲେଶରେ ଚାଲିପାରେ। ଏହି କାର୍‌ରୁ ଅଙ୍ଗାରକାମ୍ଳ ଗ୍ୟାସ୍ କମ୍ ନିର୍ଗତ ହେଉଥିବାରୁ ତାହା ପରିବେଶକୁ ପ୍ରଦୂଷିତ କରି ନ ଥାଏ। ତେବେ ଚାଲିବା ସମୟରେ ଯେପରି କୌଣସି ଯାନ୍ତ୍ରିକ ତ୍ରୁଟି ଦେଖା ନ ଯିବ ସେଥିପାଇଁ ଅଧିକ ଗୁରୁତ୍ୱ ଦିଆଯାଇଛି।

## ହାଇଟେକ୍ ବ୍ରେସ୍‌ଲେଟ୍

ଚଳିତବର୍ଷ ଜର୍ମାନୀର ବୈଜ୍ଞାନିକମାନେ ଏକ ହାଇଟେକ୍ ବ୍ରେସ୍‌ଲେଟ୍ ତିଆରି କରିଛନ୍ତି। ଏହି ଉନ୍ନତ ଜ୍ଞାନକୌଶଳ ବିଶିଷ୍ଟ ବ୍ରେସଲେଟ୍ ଦ୍ୱାରା ବ୍ଲଡପ୍ରେସର, ରକ୍ତରେ ସୁଗାର



ପରିମାଣକୁ ସହଜରେ ମାପି ହେବ। କେବଳ ସେତିକି ନୁହେଁ, ଶରୀର ତାପମାତ୍ରା ବିଷୟରେ ଏହା ମଧ୍ୟ ସୂଚନା ପ୍ରଦାନ କରିପାରିବ। ଏହାକୁ ବାହୁରେ ପିନ୍ଧିବା ପରେ ତାହା ଟଚ୍ ସ୍କ୍ରିନ୍ ପରି କାମ କରିଥାଏ।

## ଅଗ୍ନି ପ୍ରାଇମ୍‌ର ସଫଳ ପରୀକ୍ଷଣ



ଭଦ୍ରକ ଜିଲା ଧାମରାସ୍ଥିତ ଡ. ଏପି.ଜେ ଅବଦୁଲ କାଲାମ ଦ୍ୱୀପରୁ 'ଅଗ୍ନି ପ୍ରାଇମ୍' (ଅଗ୍ନି-ପି) କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ରରେ ଆଣବିକ କ୍ଷମତା ରହିଛି ଏବଂ ଏହାକୁ ନୂଆ ପିଢ଼ୀର କ୍ଷେପଣାସ୍ତ୍ର ଭାବରେ ଗଣନା କରାଯାଉଛି। 'ଅଗ୍ନି-ପି' ହେଉଛି ଦୁଇ ପର୍ଯ୍ୟାୟବିଶିଷ୍ଟ କ୍ୟାନିଷ୍ଟାଇଜଡ୍ କଠିନ୍ ପ୍ରୋପେଲାଣ୍ଟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର। ଏହି ଉନ୍ନତ ଜ୍ଞାନକୌଶଳବିଶିଷ୍ଟ କ୍ଷେପଣାସ୍ତ୍ର ଶତ୍ରୁ ପକ୍ଷ ପାଇଁ ସତର୍କ ଘଣ୍ଟି ସଦୃଶ।

## ଡାର୍ଟ ଅଭିଯାନ



କୌଣସି ଗ୍ରହାଣୁ ପୃଥିବୀ ଆଡ଼କୁ ଆସି ଧକ୍କା ହେବାର ସମ୍ଭାବନା ଜଣାଗଲେ ଗୋଟିଏ କୃତ୍ରିମ ଉପଗ୍ରହ ପଠାଇ ତାହା ସହିତ ସଂଘର୍ଷ କରାଇ ତାହାର ଗତିପଥ ବଦଳାଇ ଦେବା ହେଉଛି ଗୋଟିଏ ଉତ୍ତମ ପନ୍ଥା। ଏଥିପାଇଁ ନାସା ପରୀକ୍ଷା ଆରମ୍ଭ କରିଦେଇଛି। ଏହା ୨୪ ନଭେମ୍ବର, ୨୦୨୧ ମସିହାରେ କାଲିଫର୍ନିଆର ମହାକାଶ ଉତ୍‌କ୍ଷେପଣ ଘାଟିରୁ 'ସ୍ପେସ୍‌ଏକ୍ସ ଫାଲ୍‌କନ୍-୯' ରକେଟ୍ ସାହାଯ୍ୟରେ ଅନ୍ତରୀକ୍ଷକୁ ଗୋଟିଏ ମହାକାଶ ଯାନ ପଠାଇଛି। ଏହି ଅଭିଯାନର ନାମ ରଖାଯାଇଛି ଡାର୍ଟ (DART)। ଏହାର ପୂରା ନାମ ହେଉଛି 'ଡବଲ୍ ଆଷ୍ଟରଏଡ୍ ରିଡିରେକ୍‌ସନ୍ ଟେଷ୍ଟ' ('ଦ୍ୱୈତ-ଗ୍ରହାଣୁ ଦିଗ ପରିବର୍ତ୍ତନ ପରୀକ୍ଷା')। ଏହି ଅଭିଯାନରେ ମହାକାଶ ଯାନ ଦ୍ୱୈତ-ଗ୍ରହାଣୁ ମଧ୍ୟରୁ ଗୋଟିଏ ଗ୍ରହାଣୁ ସହ ସଂଘର୍ଷ କରି ତାହାର ବେଗକୁ ବଦଳାଇଦେବ।

# ନୋବେଲ ବିଜ୍ଞାନୀ

## ଭେଷଜ ବିଜ୍ଞାନ

ଭେଷଜ ବିଜ୍ଞାନ ପାଇଁ ଚଳିତ ବର୍ଷର ନୋବେଲ ପୁରସ୍କାର ଦୁଇ ଜଣ ଆମେରିକୀୟ ବୈଜ୍ଞାନିକ ଡେଭିଡ୍ ଜୁଲିୟସ୍ ଏବଂ ଆର୍ଡେମ ପାଟାପୌଟିଆନ୍‌ଙ୍କୁ ପ୍ରଦାନ କରାଯାଇଛି। ଆମେ ଗରମ, ଥଣ୍ଡା, ସ୍ପର୍ଶ, ଯନ୍ତ୍ରଣା ଏବଂ କମ୍ପନ ଚର୍ମ ଦ୍ୱାରା ଜାଣିପାରୁ। ତେବେ ଏଗୁଡିକ ଚର୍ମର ସ୍ନାୟୁରେ ଜାତ କରୁଥିବା ଉଦ୍ଦୀପନା ବିଷୟକୁ ବେଶ୍ ସରଳ ଭାବରେ ସମାଧାନ କରିପାରିଛନ୍ତି ଏହି ବୈଜ୍ଞାନିକଦ୍ୱୟ। ୬୫ବର୍ଷ ବୟସ୍କ ଜୁଲିୟସ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ଶରୀର ବିଜ୍ଞାନ ପ୍ରଫେସର ଭାବରେ କାର୍ଯ୍ୟରତ। ୫୪ ବର୍ଷ ବୟସ୍କ ପ୍ରଫେସର ପାଟପୌଟିଆନ୍ କାଲିଫର୍ନିଆସ୍ଥିତ ସ୍କ୍ରିପ୍ସ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରେ ଗବେଷଣା ଜାରି ରଖିଛନ୍ତି।



ଡେଭିଡ୍ ଜୁଲିୟସ୍



ଆର୍ଡେମ ପାଟାପୌଟିଆନ୍

## ରସାୟନ ବିଜ୍ଞାନ

ଦୀର୍ଘ ଦିନ ଧରି ରସାୟନିକ ପ୍ରତିକ୍ରିୟାମାନଙ୍କରେ ଉତ୍‌ପ୍ରେରକ ରୂପେ ବ୍ୟବହୃତ ହୋଇଆସୁଥିଲା କେତେକ ଧାତୁ ଓ ଏନ୍‌ଜାଇମ୍। ତେବେ ଏକ ତୃତୀୟ ଶ୍ରେଣୀର ଉତ୍‌ପ୍ରେରକ ଆବିଷ୍କାର ପାଇଁ ଚଳିତ ବର୍ଷର ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ରସାୟନ ବିଜ୍ଞାନ କ୍ଷେତ୍ରରେ ଏପରି ଉଲ୍ଲେଖନୀୟ ଗବେଷଣା ପାଇଁ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ଜର୍ମାନୀର ବେଞ୍ଜାମିନ୍ ଲିଷ୍ଟ ଏବଂ ଡାଭିଡ୍ ମ୍ୟାକ୍‌ମିଲନ୍। ବେଞ୍ଜାମିନ୍ ଜର୍ମାନୀର ମାକର ପ୍ଲାଙ୍କ୍ ପ୍ରତିଷ୍ଠାନରେ କାର୍ଯ୍ୟରତ ଥିବା ବେଳେ ଡାଭିଡ୍ ଆମେରିକାର ପ୍ରିନ୍‌ସେଟନ୍ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି।



ବେଞ୍ଜାମିନ୍ ଲିଷ୍ଟ



ଡାଭିଡ୍ ମ୍ୟାକ୍‌ମିଲନ୍

## ପଦାର୍ଥ ବିଜ୍ଞାନ

ଜଳବାୟୁ ପରିବର୍ତ୍ତନ ହେଉଛି ପୃଥିବୀର ଏକ ବଡ ପରିବେଶଗତ ସମସ୍ୟା। ଏହାର ଗୁରୁତ୍ୱ ଦୃଷ୍ଟିରୁ ଏହା ଉପରେ କାର୍ଯ୍ୟ କରୁଥିବା କେତେକ ବ୍ୟକ୍ତିଙ୍କୁ ପୂର୍ବରୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଜଳବାୟୁ ପୂର୍ବାନୁମାନ ଉପରେ ନୂତନ ତଥ୍ୟ ଆବିଷ୍କାର କରିଥିବାରୁ ଚଳିତ ବର୍ଷର ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ତିନି ଜଣ ବୈଜ୍ଞାନିକଙ୍କୁ ପ୍ରଦାନ କରାଯାଇଛି। ସେମାନେ ହେଲେ ଜାପାନରେ ଜନ୍ମିତ ଆମେରିକୀୟ ପଦାର୍ଥବିତ୍ ସ୍ୟୁକୋରୋ ମାନାବେ (୯୦ବର୍ଷ), ଜର୍ମାନୀର କ୍ଲସ ହାସେଲମାନ୍ (୮୯ ବର୍ଷ) ଏବଂ ଇଟାଲିର ୭୩ ବର୍ଷ ବୟସ୍କ ଜିଓର୍ଜିଓ ପାରିସି।



ସ୍ୟୁକୋରୋ ମାନାବେ



କ୍ଲସ ହାସେଲମାନ୍



ଜିଓର୍ଜିଓ ପାରିସି

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ୨୭ ଡିସେମ୍ବର, ୨୦୨୧ Sambalpur, Monday, December 27/2021

# ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

ଭୁବନେଶ୍ୱର, ୨୬।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଚତୁର୍ଥ ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଟୋକିଓ ପାରାଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜେତା ପ୍ରମୋଦ ଭଗତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ରବବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ପୁରୁଷ ଏସ୍ଏଲ୍-୩ ବର୍ଗ ସେମିଫାଇନାଲରେ ହରିୟାଣାର ନୀତେଶ କୁମାର ୨୧-୧୭,୨୧-୧୯ରେ ପ୍ରମୋଦଙ୍କୁ ପରାସ୍ତ କରିଛନ୍ତି। ମାତ୍ର ୨୦ ମିନିଟ୍ ମଧ୍ୟରେ ପ୍ରମୋଦ ପରାସ୍ତ ହୋଇଥିଲେ।

**କ୍ରିଷ୍ଣା ନାଗରଙ୍କୁ ୩ ସ୍ୱର୍ଣ୍ଣ**

ପାରାଲିମ୍ପିକ ଚାମ୍ପିୟନ କ୍ରିଷ୍ଣା ନାଗର ନିଜର ଜବରଦସ୍ତ ଫର୍ମ ବଜାୟ ରଖି ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେର ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଅଂଶଗ୍ରହଣ କରିଥିବା ୩ଟି ବର୍ଗର ଇଭେଣ୍ଟରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଏଥିସହ ୨୦୧୯ ସଫଳତାକୁ ସେ ଦୋହରାଇଛନ୍ତି। ପୁରୁଷ ସିଙ୍ଗଲ୍ସ


ନୁରୁଲ ହୋସେନ ଖାଁ

ଏସ୍ଏଚ୍୬ ବର୍ଗରେ ସେ ସୁଦର୍ଶନଙ୍କୁ ୨୧-୧୨, ୨୧-୧୨ରେ ମାତ୍ର ୨୦ ମିନିଟ୍ ମଧ୍ୟରେ ପରାସ୍ତ କରି ସ୍ୱର୍ଣ୍ଣ ଜିତିଛନ୍ତି। ସେହିପରି ମିକ୍ସଡ ଡବଲ୍ସରେ ନାଗର ଓ ନିତ୍ୟ ଶ୍ରେ ୧୭ ମିନିଟ୍‌ରେ ପ୍ରତିପକ୍ଷ ଯୋଡି ଧ୍ୱିନାଗରନ ଓ ଲତାତାଇ ଉମରେକରଙ୍କୁ ପରାସ୍ତ କରିଛନ୍ତି। ସେହିପରି ପୁରଷ ଡବଲ୍ସରେ ସେ ଓ ରାଜ ମାଗୋତ୍ରା ୩୫ ମିନିଟ୍‌ରେ ଧ୍ୱିନାଗରନ ଓ ଶିବରଞ୍ଜନଙ୍କୁ ୨୧-୧୫, ୨୧-୧୫ରେ ହରାଇ ବାଜି ମାରିଛନ୍ତି। ଉଚ୍ଚତା କମ୍ ହେଉଛି ନାଗରଙ୍କ ଦିବ୍ୟାଙ୍ଗ ବର୍ଗ। ୩ଟି ବର୍ଗରେ ସ୍ୱର୍ଣ୍ଣ ଜିତିଥିବାରୁ ନାଗର ଖୁସି ଜାହିର କରିଛନ୍ତି। କ୍ରମାଗତ ଭାବେ ଜାତୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ଏହା ମୋ ପାଇଁ ଏକ ବଡ଼ ଉପଲବ୍ଧି। ଏହି ସଫଳତା ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟ ହେବ ଓ ଆଗାମୀ ଟୁର୍ନାମେଣ୍ଟଗୁଡିକରେ ପ୍ରସ୍ତୁତିରେ ବେଶ ସହାୟ ହେବ ବୋଲି ନାଗର କହିଛନ୍ତି।

**ନୁରୁଲ ପ୍ରଥମ ଓଡ଼ିଆ ପଦକ ବିଜେତା**

ଏହି ମେଗା ଇଭେଣ୍ଟରେ ନୁରୁଲ ହୋସେନ ଖାଁ ପ୍ରଥମ ଓଡ଼ିଆ ଭାବେ ପଦକ ଜିତିଛନ୍ତି। ସେ ହ୍ୱିଲଚେୟାର-୨ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଉତ୍ତର ପ୍ରଦେଶର ଅବୁ ହୁବେଦା ଏହି ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି।

## ଓଡ଼ିଶା ରନର୍ସଅପ୍

ଭୁବନେଶ୍ୱର, ୨୬।୧୨(କ୍ରୀଡ଼ା ପ୍ରତିନିଧି)

ବାରାଣସୀଠାରେ ରବିବାର ଶେଷ ହୋଇଥିବା ଅଟଳ-ଅଜିତ ସ୍ମାରକୀ ସର୍ବଭାରତୀୟ ଦିବ୍ୟାଙ୍ଗ ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ରନର୍ସଅପ୍ ହୋଇଛି। ଫାଇନାଲରେ ଉତ୍ତରପ୍ରଦେଶଠାରୁ ଓଡ଼ିଶା ହାରିଯାଇଛି। ଓଡ଼ିଶା ଦଳର ଅଧିନାୟକ ପୁନିଲ ମାନସିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୮୯ ରନ କରିଥିଲା। ଦଳ ପକ୍ଷରୁ ଭରତ ପଣ୍ଡା ସର୍ବାଧିକ ୩୫ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ମହମ୍ମଦ ସଲମନ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ଜବାବରେ ଉତ୍ତର ପ୍ରଦେଶ ୧୫ ଓଭରରେ ୧ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୫,୦୦୦ ଓ ରନର୍ସଅପ୍‌କୁ ୨୦,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଉତ୍ତର ପ୍ରଦେଶର ସୋନୁ ଗୌତମଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ସିରିଜ ବିବେଚିତ କରାଯାଇଥିଲା। ରନର୍ସଅପ୍ ହୋଇଥିବାରୁ ଓଡ଼ିଶା ଦଳର ଖେଳାଳିମାନଙ୍କୁ ଆଶ୍ରୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସମ୍ପାଦିକା ନମିତା ସାହୁ ଅଭିନନ୍ଦନ ଜଣାଇଛନ୍ତି।

## କାର୍ନିଭାଲ ଡି ଟେନିସ
## କଳିଙ୍ଗ କ୍ଲବ ଚାମ୍ପିୟନ


ଟୁର୍ନାମେଣ୍ଟ ଅବସରରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ଅନ୍ୟମାନେ।

ଭୁବନେଶ୍ୱର,୨୬।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ରୁଦ୍ରପୁରସ୍ଥିତ ହାଇୱେ ହୋଣ୍ଡା ଟେନିସ କମ୍ପ୍ଲେକ୍ସଠାରେ ପ୍ରଥମଥର ପାଇଁ ଏକ ଭିନ୍ନ ଧରଣର ଟେନିସ ଟୁର୍ନାମେଣ୍ଟ କାର୍ନିଭାଲ ଡି ଟେନିସ ଅନୁଷ୍ଠିତ ହୋଇଛି। ଏହି ଦିନିକିଆ ଆନ୍ତଃ କ୍ଲବ ଟେନିସ ଟୁର୍ନାମେଣ୍ଟ ରବିବାର ଆୟୋଜିତ ହୋଇଛି। ଟୁଇନ୍‌ସିଟି ଭୁବନେଶ୍ୱର ଓ କଟକର ୪ଟି କ୍ଲବର ୨୪ଜଣ ଟେନିସ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରର କଳିଙ୍ଗ କ୍ଲବ ଚାମ୍ପିୟନ ବିବେଚିତ ହୋଇଥିବା ବେଳେ କଟକର ସିଡିଟିଏ (କଟକ ଜିଲା ଟେନିସ ଆସୋସିଏଶନ) ରନର୍ସଅପ ବିବେଚିତ ହୋଇଥିଲା। ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ, ବରିଷ୍ଠ ପ୍ରଶାସକ ତଥା ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ସଭାପତି ଅସିତ ତ୍ରିପାଠୀ ସମ୍ମାନିତ ଅତିଥିରୂପେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଓଟିଏ ସମ୍ପାଦକ ତଥା ଆଇପିଏସ୍ ସତ୍ୟଜିତ ମହାନ୍ତି ଏହି ଟୁର୍ନାମେଣ୍ଟରେ ସିଡିଟିଏ ତରଫରୁ ଅଂଶଗ୍ରହଣ କରିଥିଲେ ଓ ଆୟୋଜକମାନେ ଏଭଳି ଟୁର୍ନାମେଣ୍ଟ ଆୟୋଜନ କରିଥିବାରୁ ପ୍ରଶଂସା କରିଥିଲେ।

# ହିମାଚଳ ପ୍ରଦେଶକୁ ହରାଇଲା ଓଡ଼ିଶା

**ଜାତୀୟ ଜୁନିୟର ଭଲିବଲ ଚାମ୍ପିୟନଶିପ୍**

ଭୁବନେଶ୍ୱର,୨୬।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ପଶ୍ଚିମବଙ୍ଗ ଭଲିବଲ୍ ଆସୋସିଏଶନ ସହଯୋଗରେ ଭଲିବଲ ଫେଡେରେଶନ ଅଫ୍‌ଇଣ୍ଡିଆ (ଭିଏଫ୍‌ଆଇ) ଆନୁକୂଲ୍ୟରେ ବର୍ଦ୍ଧମାନରେ ଚାଲିଥିବା ୪୭ତମ ଜାତୀୟ ଜୁନିୟର ଭଲିବଲ ଚାମ୍ପିୟନଶିପ୍ (ବାଳିକା ଓ ବାଳକ)ରେ ଓଡ଼ିଶା ବାଳିକା ଦଳ ବିଜୟ ଅଭିଯାନ ଆରମ୍ଭ କରିଛି। ଦଳ ଏହାର ପ୍ରିଲିମିନାରୀ ଲିଗ୍‌ରେ ୩:୦ ସେଟ୍ (୨୫-୧୮, ୨୫-୧୨, ୨୫-୨୧)ରେ ହିମାଚଳ ପ୍ରଦେଶକୁ ପରାସ୍ତ କରିଛି। ଦଳ ଆହୁରି ମଧ୍ୟ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ବିପକ୍ଷ ଏହାର ଦ୍ୱିତୀୟ ମ୍ୟାଚରେ ସମାନ ୩:୦ ସେଟ୍ (୨୫-୧୬, ୨୫-୧୬ ଓ ୨୫-୨୦)ରେ ବିଜୟ ଲାଭ କରିଛି। ଏହି ଅବସରରେ ଭିଏଫ୍‌ଆଇ ସଭାପତି ତଥା କନ୍ଧମାଳ ଏମ୍‌ପି ଅଚ୍ୟୁତସାମନ୍ତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଅବଶିଷ୍ଟ ମ୍ୟାଚଗୁଡ଼ିକରେ ଭଲ ପ୍ରଦର୍ଶନ ପାଇଁ ଶୁଭକାମନା କରିଥିବା ଓଡ଼ିଶା ଭଲିବଲ ଆସୋସିଏଶନ ସାଧାରଣ ସମ୍ପାଦକ ଗଗନେନ୍ଦୁ ଦାଶ ପ୍ରକାଶ କରିଛନ୍ତି।


ଓଡ଼ିଶା ଜୁନିୟର ବାଳିକା ଭଲିବଲ ଦଳ କର୍ମକର୍ତ୍ତାଙ୍କ ସହ।

## ଜୁଭେନାଇଲ କ୍ରିକେଟ ଏକାଡେମୀ ବିଜୟୀ

ଭୁବନେଶ୍ୱର, ୨୬।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ପାରାମାଉଣ୍ଟ ସ୍ପୋର୍ଟିଙ୍ଗ୍ସ ଆନୁକୂଲ୍ୟରେ ୧୩ ବର୍ଷରୁ କମ୍ ସିଦ୍ଧାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ରବିବାର ଉଦ୍‌ଘାଟନୀ ମ୍ୟାଚ କଟକର ଜୁଭେନାଇଲ କ୍ରିକେଟ ଏକାଡେମୀ ଓ ଭୁବନେଶ୍ୱରର ଗ୍ରୀନ୍ସ କ୍ରିକେଟ ଆସୋସିଏଶନ ମଧ୍ୟରେ ହୋଇଥିଲା। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜୁଭେନାଇଲ ଦଳ ନିର୍ଦ୍ଧାରିତ ୩୫ ଓଭରରେ ୭ ଉଇକେଟ ବିନିମୟରେ ୨୧୯ ରନ କରିଥିଲା। ଦଳ ପକ୍ଷରୁ ବୈଭବ ମହାନ୍ତି ୭୭ ବଲ୍‌ରୁ ୯୪ ରନ କରିଥିଲେ। ଜବାବରେ ଗ୍ରୀନ୍ସ କ୍ରିକେଟ ଆସୋସିଏଶନ ୧୭ ଓଭରରେ ମାତ୍ର ୪୦ରନ କରି ଅଲଆଉଟ ହୋଇଯାଇଥିଲା। ଜୁଭେନାଇଲର ଦେବରାଜ ସାଗର ତାଙ୍କ ୩.୪ ଓଭର ବୋଲିଂରେ ୧୦ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରି ଗ୍ରୀନ୍ସ କ୍ରିକେଟ ଆସୋସିଏଶନର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଶେଷରେ ପାରାମାଉଣ୍ଟ କ୍ଲବର ବରିଷ୍ଠ ଖେଳାଳି ଚିତ୍ତରଞ୍ଜନ ସ୍ୱାଇଁ ବିଜୟୀ ଦଳର ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ବୈଭବ ମହାନ୍ତିଙ୍କୁ ପୁରସ୍କୃତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ମୁଖ୍ୟ ଅତିଥି, ଦିଗନ୍ତ ପଟ୍ଟନାୟକ ଓ ସିଦ୍ଧାନ୍ତଙ୍କ ମା' ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଭାପତି ପ୍ରତାପ ଜେନା ଓ ସମ୍ପାଦକ ଅଶୋକ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍,**

# ତହସିଫ, ଶ୍ରୁତି ଚାମ୍ପିୟନ


କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର,୨୬।୧୨(ସ୍ପୋର୍ଟ୍ସ ବ୍ୟୁରୋ)

କିଟ୍ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଗତ ୨୩ ତାରିଖରୁ ଆରମ୍ଭ ହୋଇଥିବା ଓଡ଼ିଶା ଷ୍ଟେଟ୍ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ଓଏସ୍‌ବିଏ) ସିନିୟର ପୁରୁଷ ଓ ମହିଳା ଷ୍ଟେଟ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ପୁରୁଷ ସିଙ୍ଗଲ୍ସରେ ତହସିଫ୍ ଖାଁ, ମହିଳା ସିଙ୍ଗଲ୍ସରେ ଶ୍ରୁତି ସ୍ୱାଇଁ ଟାଇଟଲ ହାସଲ କରିଛନ୍ତି।

ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସମ୍ବଲପୁରର ତହସିଫ୍ ୧୯-୨୧, ୨୧-୧୨, ୨୧-୧୦ରେ ଭୁବନେଶ୍ୱରର ସ୍ୱାଧୀନ ଗୌଡ଼ାଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ସେହିପରି ମହିଳା ସିଙ୍ଗଲ୍ସ ଫାଇନାଲରେ କଟକର ଶ୍ରୁତି ସ୍ୱାଇଁ ୨୧-୭, ୨୧-୧୩ରେ ଭୁବନେଶ୍ୱରର ହର୍ଷିତା ରାଉତଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ପୁରୁଷ ଡବଲ୍ସ ଫାଇନାଲ ମୁକାବିଲାରେ ଅନୁଗୋଳର ଅବିନାଶ ମହାନ୍ତି ଓ ମୟୂରଭଞ୍ଜର ଆୟୁଷ ପଟ୍ଟନାୟକ ୨୧-୧୦, ୨୧-୧୩ରେ ଭୁବନେଶ୍ୱରର ରଞ୍ଜିତ କୁମାର ବନ୍ଧା ଓ ସୁଶାନ୍ତ କୁମାର ରାଉତଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସ ଫାଇନାଲରେ ଭୁବନେଶ୍ୱରର ହର୍ଷିତା ରାଉତ ଓ କଟକର ଶ୍ରୁତି ସ୍ୱାଇଁ ଫାଇନାଲରେ ଅନୁଗୋଳର ଅଞ୍ଜୁ ଦାସ ମହାପାତ୍ର ଓ ସମ୍ବଲପୁରର ପୂର୍ବ ପ୍ରତ୍ୟାଶା ପଣ୍ଡାଙ୍କୁ ୨୧-୧୧, ୧୬- ୨୧ ଓ ୨୧-୧୭ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଅନ୍ୟପଟେ ମିକ୍ସଡ ଡବଲ୍ସ ଫାଇନାଲରେ ମୟୂରଭଞ୍ଜର ଆୟୁଷ ପଟ୍ଟନାୟକ ଓ ସମ୍ବଲପୁରର ପୂର୍ବ ପ୍ରତ୍ୟାଶା ପଣ୍ଡା ୨୧-୧୧, ୨୧-୧୪ରେ ଅନୁଗୋଳର ଅବିନାଶ ମହାନ୍ତି ଓ ଅନୁଗୋଳର ଅଞ୍ଜୁ ଦାସ ମହାପାତ୍ରଙ୍କୁ ହରାଇ ଟାଇଟଲ ଜିତିଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ଯୁଗ୍ମ ସମ୍ପାଦକ ତଥା ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଡିଆ ଅଧ୍ୟକ୍ଷ ପ୍ରଭାକର ରାଓ, ସମ୍ମାନିତ ଅତିଥି ଭାବେ 'ବାଇ' ଯୁଗ୍ମ ସମ୍ପାଦକ ମୟୂର ପାରିଖ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଅନୁଶାସନ ସଚିବ ରାଜେନ୍ଦ୍ର ପ୍ରସାଦ ପାଣି ଓ ଓଏସ୍‌ବିଏ ସମ୍ପାଦକ ନୀଳିନ କୁମାର ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ହିମାଚଳକୁ ପ୍ରଥମ ଟାଇଟଲ

ଜୟପୁର,୨୬।୧୨

**ବିଜୟ ହଜାରେ ଟ୍ରଫି**

ଦେଶର ସର୍ବବୃହତ୍ ଘରୋଇ ଦିନିକିଆ ଟୁର୍ନାମେଣ୍ଟ ବିଜୟ ହଜାରେ ଟ୍ରଫିରେ ଏଥର ହିମାଚଳ ପ୍ରଦେଶ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ତାମିଲନାଡୁକୁ ହରାଇ ହିମାଚଳ ପ୍ରଥମଥର ପାଇଁ ଟାଇଟଲ ଜିତିଛି। ତାମିଲନାଡୁ ଅଭିଜ୍ଞ ବ୍ୟାଟର ଦୀନେଶ କାର୍ତ୍ତିକଙ୍କ ଦ୍ରୁତ ଶତକୀୟ ଇନିଂସ ଓ ବାବା ଅପରାଜିତଙ୍କ ଅର୍ଦ୍ଧଶତକ ବଳରେ ୪୯.୪ ଓଭରରେ ୩୧୪ ରନକରି ଅଲଆଉଟ ହୋଇଥିଲା। ଜବାବରେ ହିମାଚଳ ୪୭.୩ ଓଭରରେ ୪ ଉଇକେଟ ହରାଇ ୨୯୯ ରନକରି ବିଜୟ ଆଡକୁ ଅଗ୍ରସର ହେଉଥିବା ବେଳେ ଖରାପ ଆଲୋକ ଯୋଗୁ ଖେଳ ବନ୍ଦ ହୋଇଥିଲା। ଫଳରେ ଭିଜେଡି ମେଥଡ୍‌ରେ ହିମାଚଳ ୧୧ ରନରେ ବିଜୟୀ ହେବା ସହ ଚାମ୍ପିୟନ ଘୋଷିତ ହୋଇଥିଲା। ୧୩୧ ବଲରୁ ୧୩ ଚୌକା ଓ ୧ ଛକା ସହ ୧୩୬ ରନର ଅପରାଜିତ ଇନିଂସ ଖେଳିଥିବା ହିମାଚଳ ଓପନର ଶୁଭମ୍ ଆରୋରା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ତାମିଲନାଡୁ ୪୯.୪ ଓଭରରେ ୩୧୪ (କାର୍ତ୍ତିକ- ୧୧୬, ଇନ୍ଦ୍ରଜିତ- ୮୦, ଶାହରୁଖ- ୪୨, ଶଙ୍କର- ୨୨, ସାଇ କିଶୋର- ୧୮, ଜସୱାଲ- ୪/୫୯, ରିଷି- ୩/ ୬୨)। ହିମାଚଳ ପ୍ରଦେଶ ୪୭.୩ ଓଭରରେ ୨୯୯/୪ (ଶୁଭମ- ୧୩୬*, ଅମିତ- ୭୪, ରିଷି- ୪୨*)।

# ନିଲ୍‌ସୁ ଚାମ୍ପିୟନ, ଆଶୀର୍ବାଦ ଦ୍ୱିତୀୟ, ଶ୍ରୀନିବାସ ତୃତୀୟ

**ବଲାଙ୍ଗୀର ଫିଡେ ରେଟିଂ ଓପନ୍ ଚେସ୍**

ବଲାଙ୍ଗୀର ଅଫିସ,୨୬।୧୨

ବଲାଙ୍ଗୀର ଜିଲା ଚେସ୍ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ ବଲାଙ୍ଗୀର ଓପନ୍ ଫିଡେ ରେଟିଂ ଚେସ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହି ଟୁର୍ନାମେଣ୍ଟରେ ଶ୍ରେଷ୍ଠ ୨୫ ଜଣଙ୍କ ମଧ୍ୟରେ କଟକର ନିଲ୍‌ସୁ ପଟ୍ଟନାୟକ ସାଢ଼େ ୮ ପଏଣ୍ଟ ପାଇଁ ଚାୟିୟନ୍ ହୋଇଛନ୍ତି। ନୟାଗଡର ନୟାଗଡର ଆଶୀର୍ବାଦ ସ୍ୱାଇଁ ସାଢ଼େ ୭ ପଏଣ୍ଟ ପାଇ ଦ୍ୱିତୀୟ ବିବେଚିତ ହୋଇଛନ୍ତି। ଅନୁଗୋଳ ଜିଲାର ଶ୍ରୀନିବାସ ମିଶ୍ର ୭ ପଏଣ୍ଟ ପାଇ ତୃତୀୟ ସ୍ଥାନର ଅଧିକାର କରିଥିଲେ। ଖୋର୍ଦ୍ଧାର ଦାଶରଥି ସାହୁ ଓ ଓମ୍ ଆଦିତ୍ୟ ଖଡଙ୍ଗା ୭ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ବଲାଙ୍ଗୀର ଜିଲାର ମଧୁସୂଦନ ସାହୁ ୭ ପଏଣ୍ଟ ପାଇଁ ନବମ ସ୍ଥାନ ହାସଲ କରିଥିଲେ।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପୁରସ୍କାର ରାଶି ଦେଇ ପୁରସ୍କୃତ କରିଥିଲେ। ପ୍ରଥମ ସ୍ଥାନ ହାସଲ କରିଥିବା ନିଲ୍‌ସୁଙ୍କୁ ୧୭ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଆଶୀର୍ବାଦଙ୍କୁ ୧୧ ହଜାର ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ଶ୍ରୀନିବାସଙ୍କୁ ୭ ହଜାର ଟଙ୍କାର ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ମିଶ୍ର ବକ୍ତବ୍ୟ ରଖି ଚେସ୍ ଖେଳ ବୁଦ୍ଧି ଓ ଶୃଙ୍ଖଳା ବଢ଼ାଏ ବୋଲି କହିଥିଲେ। ରାଜ୍ୟସ୍ତରୀୟ ଚେସ୍ ଟୁର୍ନାମେଣ୍ଟ ପରେ ଜାତୀୟ ଚେସ୍ ଟୁର୍ନାମେଣ୍ଟ ପାଇଁ ବଲାଙ୍ଗୀର ଆୟୋଜକ ହେବା ପାଇଁ ସମସ୍ତ ସହଯୋଗ କରାଯିବ ବୋଲି ଘୋଷଣା କରିଥିଲେ। ଉତ୍ସବରେ ଅଲ୍ ଇଣ୍ଡିଆ ଚେସ୍ ଫେଡେରେସନ୍‌ର ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ଅଲ୍ ଓଡିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, ଚେସ୍ ସେଣ୍ଟରର ନିର୍ଦ୍ଦେଶକ ସତ୍ୟରଞ୍ଜନ ପଟ୍ଟନାୟକ, ଓଡିଶା ସଂଘ ଯୁଗ୍ମ ସମ୍ପାଦକ ବିଧୁଭୂଷଣ ମିଶ୍ର, ଶିଳ୍ପଦ୍ୟୋଗୀ କିଶୋର କୁମାର ରଥ, ବଲାଙ୍ଗୀର ଜିଲା ଚେସ୍ ସଂଘ ସଭାପତି ଶୁକଦେବ ଗୁରୁ, ସମ୍ପାଦକ ପ୍ରିୟବ୍ରତ ପଣ୍ଡା, କୈଳାଶ ମିଶ୍ର, ଉପସଭାପତି ବିଶ୍ୱରଞ୍ଜନ ଡାକୁଆ, ଯୁଗ୍ମ ସମ୍ପାଦକ ସରୋଜକାନ୍ତ ବେହେରା, ମନୋଜ କୁମାର ସାହୁ, କୋଷାଧ୍ୟକ୍ଷ ରାକେଶ ରଞ୍ଜନ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଏହି ଟୁର୍ନାମେଣ୍ଟକୁ ଚିପ୍ ଆର୍ବିଟର ଭବେଶ ମହାନ୍ତି, ଡେପୁଟି ଚିପ୍ ଆର୍ବିଟର ଜ୍ୟୋତି ଶଙ୍କର ନନ୍ଦ, ଓଡିଶା ଚେସ୍ ଆସୋସିଏଶନ୍‌ର ଅଫିସିଆଲ, ଜିଲା ଚେସ୍ ସଂଘ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ରାଜ୍ୟର ୨୨ଟି ଜିଲାରୁ ୧୬୫ ଜଣ ଚେସ୍ ଖେଳାଳି ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରେ ୭୧ ଜଣ ଆନ୍ତର୍ଜାତିକ ରେଟିଂ ଖେଳାଳି ଭାଗ ନେଇଥିଲେ ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ମହିଳା କ୍ରିକେଟ୍ କୋଚ୍ ଅରୁଣ ନାଏକ, କରାଟେ କୋଚ୍ ସରୋଜକାନ୍ତ ବେହେରା ଓ ସୁଦପଡା ଯୁବକ ସଂଘକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବକନିଷ୍ଠ ଖେଳାଳି ଭାବେ ଯୋଗଦେଇଥିବା ଭୁବନେଶ୍ୱରର ଅଦିତି ମହାରଣା (୫ବର୍ଷ)ଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବର୍ଗର ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିବର୍ଷ ଡିସେମ୍ବରରେ ବଲାଙ୍ଗୀରଠାରେ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ସମ୍ପାଦକ ଭଞ୍ଜ ଘୋଷଣା କରିଥିଲେ।


ଅତିଥିଙ୍କ ଗହଣରେ ବିଜୟୀ ଖେଳାଳିମାନେ।

# ଭୁବନେଶ୍ୱର ଦଳଗତ ଚାମ୍ପିୟନ

**ରାଜ୍ୟ ଜୁନିୟର, ସବ୍‌ଜୁନିୟର, କ୍ୟାଡେଟ୍ କରାଟେ**

ଭୁବନେଶ୍ୱର, ୨୬।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ରାଜ୍ୟ କରାଟେ ସଂଘ ଆନୁକୂଲ୍ୟରେ ଦୁଇଦିନିଆ ୩୩ତମ ରାଜ୍ୟ ଜୁନିୟର, ସବ୍‌ଜୁନିୟର ଓ କ୍ୟାଡେଟ୍ କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଦଳଗତ ଚାମ୍ପିୟନ ହୋଇଛି। ରାଜ୍ୟର ବିଭିନ୍ନ ଜିଲାରୁ ୪୦୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ୨୦ଜଣରୁ ଊର୍ଦ୍ଧ୍ୱ ଜାତୀୟ ରେଫରୀ, ଓ ଜଜ୍ ପ୍ରତିଯୋଗିତା ପରିଚାଳନା କରିଥିଲେ। ରାଜ୍ୟସଂଘର ସଭାପତି, ଉପସଭାପତି, ସମ୍ପାଦକ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ସଚିବ ଆର୍. ଭିନିଲ କ୍ରିଷ୍ଣା ମୁଖ୍ୟ ଅତିଥି ଏବଂ ହାଉସିଂ ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ଅବସରରେ ଅତିଥି କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା (ବାମରୁ ଦ୍ୱିତୀୟ)।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଧାନଖରି ପୋଡ଼ିଦେଲେ ଦୁର୍ବୃତ୍ତ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଲୁହାଖାନରେ ଶନିବାର ବିଳମ୍ବିତ ରାତିରେ ଜଣେ ଚାଷୀଙ୍କ ଧାନଖରିକୁ ଦୁର୍ବୃତ୍ତ ନିଆଁ ଲଗାଇ ପୋଡି ଦେଇଥିବା ଅଭିଯୋଗ ହୋଇଛି। ରବିବାର ସକାଳେ ଚାଷୀ ନରୋତ୍ତମ ଭାଟି ଚାଷଜମିରେ ପହଞ୍ଚିଲା ବେଳକୁ ଖରିରେ ନିଆଁ ଲାଗିଥିବା ଦେଖିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚିଲା ବେଳକୁ ଖରି ସମ୍ପୂର୍ଣ୍ଣ ଜଳିଯାଇଥିଲା । ନରୋତ୍ତମ ୨ ଏକର ଚାଷ ଜମିର ଧାନକୁ ଖରିରେ ରଖିଥିଲେ । ରବିବାର ସକାଳେ ଧାନ ମଡାଇବା ପାଇଁ ପ୍ରସ୍ତୁତି କରିଥିବା ବେଳେ ଏହିପରି ଘଟଣା ଘଟିଛି। ନରୋତ୍ତମ ବନ୍ଧପଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। କ୍ଷତିପୂରଣ ପାଇଁ ତହସିଲଦାରଙ୍କୁ ମଧ ଲିଖିତ ଭାବେ ଅନୁରୋଧ କହିଛନ୍ତି ।

## ସଂକ୍ଷେପରେ

### ମଦ ପାଉଚ ଜବତ, ଜଣେ ଗିରଫ

କଣ୍ଟାବାଞ୍ଜି,୨୬।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅବକାରୀ ବିଭାଗ ପକ୍ଷରୁ ରବିବାର ପାଟ୍ରୋଲିଂ ବେଳେ ରଜାମରା ଗ୍ରାମ ନିକଟରେ ଚଢାଉ କରି ପାଣ୍ଡବ ରଣାଙ୍କଠାରୁ ଦେଶି ମହୁଲି ୨୦୦ ପାଉଚ ଜବତ କରିଛି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ କର୍ମଚାରୀ ମମତା ବେହେରା, ଦେବାର୍ଚ୍ଚ ଭୁଏଁଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା।

### ପିକ୍‌ଅପ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଲାଠୋର,୨୬।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲାଠୋର ଥାନା କୁଲିହାମୁଣ୍ଡା ଛକରେ ରବିବାର ପିକ୍‌ଅପ୍‌ଭ୍ୟାନ ଧକ୍କାରେ ଜଣେ ବାଇକ୍‌ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅମବାହାଲି ଗ୍ରାମର ଶୁକଲ ବରିହା(୩୫)। ସମ୍ପର୍କୀୟଙ୍କ ଘରକୁ ଯାଇ ଅପରାହ୍ନରେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ରେଙ୍ଗାଲି ପଟୁ ଯାଉଥିବା ପିକ୍‌ଅପ୍ (ସିଜି-୨୨-ଏବି-୮୭୩) ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଶୁକଲଙ୍କର ମୃତ୍ୟୁ ଘଟିଥିଲା। ଡ୍ରାଇଭର ଫେରାର ହୋଇଯାଉଥିବା ବେଳେ ଡେଲେନପାଲି ନିକଟରେ ଗ୍ରାମବାସୀ ଅଟକାଇଥିଲେ। ହେଲେ ଗାଡିରୁ ଡ୍ରାଇଭର ଖସି ପଳାଇଥିବା ବେଳେ ହେଲ୍‌ପର କୁଲେଶ ଚୌହାନଙ୍କୁ ଲୋକେ ଧରିଥିଲେ। ଲାଠୋର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ୫ ବର୍ଷ ବିତିଲା, କାର୍ଯ୍ୟକ୍ଷମ ହୋଇନି

**କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର**



■ପୁରୁଣା ଗୃହରେ ଅସ୍ଥାୟୀ ଭାବେ କାର୍ଯ୍ୟ ଚାଲୁଛି

■ମାଟି ପରୀକ୍ଷାରେ ସମସ୍ୟା ଉପୁଜୁଛି

କେସିଙ୍ଗା,୨୬।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଦୀର୍ଘ ୫ ବର୍ଷ ବିତିଗଲା କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଛି। ଫଳରେ ଦୁଇ ମହଲା ବିଶିଷ୍ଟ ଏହି କେନ୍ଦ୍ର ବର୍ତ୍ତମାନ ଭୂତକୋଠି ହୋଇ ପଡିରହିଛି। ଏହି ବିଲ୍ଡିଂ ନିର୍ମାଣ ସମୟରେ ନିମ୍ନମାନର କାର୍ଯ୍ୟ କରାଯିବା ନେଇ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କ ନିକଟରେ ବହୁବାର ଅଭିଯୋଗ କରିଥିଲେ। ଦୀର୍ଘ ୬୦ ବର୍ଷ ହେଲା କେସିଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସହକାରୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଚାଲିଛି। ବ୍ଲକର ୨୬ ପଞ୍ଚାୟତ ଚାଷୀମାନେ ଏହି କାର୍ଯ୍ୟାଳୟକୁ ଚାଷ ସମ୍ବନ୍ଧୀୟ ସୂଚନା ଓ ପରାମର୍ଶ ପାଇଁ ଆସି ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏହି କେନ୍ଦ୍ରରେ ୨୫ ଜଣ ଚାଷୀଙ୍କ ବସିବା ପାଇଁ ସୁବିଧା ରହିଛି। କିନ୍ତୁ ମିଟିଂ ହଲ ପାଇଁ ଆବଶ୍ୟକତା ଅନୁସାରେ ବସିବାକୁ ଜାଗାନାହିଁ। ଚାଷୀମାନଙ୍କ ତାଲିମ କେନ୍ଦ୍ର, ପରୀକ୍ଷାଗାର, ଗୋଦାମ ଗୃହ, ବ୍ଲକ ଏଗ୍ରିକଲଚର କାର୍ଯ୍ୟାଳୟ ନ ଥିବାରୁ ବହୁପୁରୁଣା ଗୃହରେ ଅସ୍ଥାୟୀ ଭାବେ କାର୍ଯ୍ୟ ଚାଲି ଆସୁଛି। ଗାଦାମ ଗୃହ ନ ଥିବାରୁ ଉତ୍‌କେଲାଠାରେ ସୋରିଷ, ଧାନ, ମୁଗ, ଚିନାବାଦାମ, ବିରି, ରାସାୟନିକ ସାର ରଖାଯାଉଛି। କୃଷକମାନେ ବିହନ ନେବା ଆଣିବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ସମାଧାନ ପାଇଁ ଗତ ୨୦୧୬-୧୭ ଆର୍ଥିକ ବର୍ଷରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରୁ ୪୦ ଲକ୍ଷ ବ୍ୟୟରେ ଏହି ପରାମର୍ଶ କେନ୍ଦ୍ର ନିର୍ମାଣ ପାଇଁ ଅର୍ଥ ମଞ୍ଜୁରୀ ହୋଇଥିବା ବେଳେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଛି। ଏହି ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ଆଜି ଯାଏ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଚାଷୀମାନେ ଓ କୃଷି ଅଧିକାରୀ ଓ କର୍ମଚାରୀମାନେ ସମସ୍ୟା ସମ୍ମୁଖୀନ ହେବା ସହିତ ଚାଷୀଙ୍କ ମାଟି ପରୀକ୍ଷାରେ ମଧ ସମସ୍ୟା ଦେଖାଦେଇଛି। ସୂଚନାଯୋଗ୍ୟ ଯେ, ଜିଲାର ଅଧିକାଂଶ ବ୍ଲକରେ କୃଷି ପରାମର୍ଶ କେନ୍ଦ୍ର ବହୁ ବର୍ଷ ପୂର୍ବରୁ କାର୍ଯ୍ୟକ୍ଷମ ହୋଇଥିଲେ ସୁଦ୍ଧା ଏଠାରେ ଆଜି ଯାଏ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ସଂକ୍ରାନ୍ତରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ସାହୁଙ୍କୁ ପଚାରିବାରୁ ଅଳ୍ପ ଦିନ ଭିତରେ ଉଦ୍‌ଘାଟନ କରାଯାଇ କୃଷି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି କହିଥିଲେ। ଏ ନେଇ ବ୍ଲକ ଏଗ୍ରିକଲଚର ଅଫିସର ବିଶନାଥ ମହାପାତ୍ରଙ୍କୁ ପଚାରିବାରୁ ମାଟି ପରୀକ୍ଷା, ବିହନ ରଖିବାରେ ଅସୁବିଧା, ମିଟିଂ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛି ବୋଲି ପ୍ରକାଶ କରିଥିଲେ।

## ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ନେଇ ସଚେତନତା

କଣ୍ଟାବାଞ୍ଜି, ୨୬।୧୨(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ତୁରେକେଲା ପଞ୍ଚାୟତ ସମିତି ସଭାଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ କଣ୍ଟାବାଞ୍ଜି ରେଞ୍ଜ ଅନ୍ତର୍ଗତ ରାଜୁ, ଧୁଣ୍ଡେଲ, ପାଟପାଣି, ଛତରଦାଣ୍ଡି ଆଦି ସଂରକ୍ଷିତ ଅଞ୍ଚଳକୁ କିପରି ନିଆଁ ଦାଉରୁ ରକ୍ଷା କରାଯାଇପାରିବ ତାହା ଉପରେ ଆଲୋଚନା କରାଯାଇଥିଲା। ଏହା ସହ ରେଞ୍ଜ ଅଧୀନ ବନ ସୁରକ୍ଷା ସମିତି କର୍ମକର୍ତ୍ତା ଏବଂ ଜନସାଧାରଣଙ୍କୁ ଏ ନେଇ ସଚେତନ କରାଯିବାକୁ ତାଲିମ ଦିଆଯାଇଥିଲା । ସ୍ଥାନୀୟ ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ତୁରେକେଲା ବିଡିଓ ଦେବାଶିଷ ସାମଲ, କଣ୍ଟାବାଞ୍ଜି ତହସିଲଦାର ଯୋଗେଶ୍ୱର ଧରୁଆ, ଲାଠୋର ରେଞ୍ଜର ପ୍ରଭାତୀ ସେଠ, ବଙ୍ଗୋମୁଣ୍ଡା ଡେପୁଟି ରେଞ୍ଜର ଜନାର୍ଦ୍ଦନ ଠାକୁର, ତୁରେକେଲା ଥାନା ଆଇଆଇସି ପ୍ରଣୟ ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ । ସଭା ପରେ ବନ ସୁରକ୍ଷା ସମିତି ଦ୍ୱାରା ଏକ ସଚେତନତା ରାଲି କରାଯାଇଥିଲା । କଣ୍ଟାବାଞ୍ଜି ରେଞ୍ଜର ଶ୍ରଦ୍ଧାଦେବ ବଡ଼ମାଲିଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ସାହିତ୍ୟ ସଂସ୍କୃତି ସଙ୍ଗଠନର ନୂତନ କର୍ମକର୍ତ୍ତା

ଟିଟିଲାଗଡ଼, ୨୬।୧୨(ଡି.ଏନ.ଏ.)

ଟିଟିଲାଗଡ଼ର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସାହିତ୍ୟ ସଂସ୍କୃତିର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ରାଧେଶ୍ୟାମ ଅଗ୍ରୱାଲ ଏବଂ କୃଷ୍ଣଚନ୍ଦ୍ର ସାହୁ ନିର୍ବାଚନ ଅଧିକାରୀଭାବେ ଦାୟିତ୍ୱ ତୁଲାଇଥିଲେ । ଆଗାମୀ ଦୁଇ ବର୍ଷ ପାଇଁ ଡ. ଛାୟାକାନ୍ତ ଷଡ଼ଙ୍ଗୀ ସଭାପତି, ଡ. ଯୁଗଳ କିଶୋର ଷଡ଼ଙ୍ଗୀ ଉପସଭାପତି, ସତ୍ୟବ୍ରତ ପଣ୍ଡା ସମ୍ପାଦକ, ହିମାଂଶୁ ଶେଖର ଦାଶ ସହସମ୍ପାଦକ ଏବଂ ପ୍ରମୋଦ କୁମାର ପାଲ କୋଷାଧକ୍ଷ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ଏଥିସହ କାର୍ଯ୍ୟକାରୀ କମିଟି ଓ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ନିର୍ବାଚନ ପରେ ଆଗାମୀ ମକର ସଂକ୍ରାନ୍ତି ଓ ଫକୀରମୋହନ ଜୟନ୍ତୀ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ସିସିଏଙ୍କୁ ନିୟମିତ କର

ଲାଠୋର,୨୬।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରବିବାର ସିସିଏ (ରୋଷେୟା ସେବାୟତ) ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାପତି ଦୁର୍ଯ୍ୟୋଧନ ବରିହାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ଜିଲାର ବିଭିନ୍ନ ସ୍ଥାନରେ ଥିବା ୩୭ ସରକାରୀ ଆଶ୍ରମ, ସେବାଶ୍ରମ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ୧୨୦ ମହିଳା ପୁରୁଷ ସିସିଏ ଯୋଗଦେଇଥିଲେ। ଦୀର୍ଘ ୨୫ ବର୍ଷ ହେବ ଦିନରାତି ଅନ୍ତେବାସୀଙ୍କୁ ସେବା ଯୋଗାଇ ଆସୁଥିବା ସିସିଏମାନେ ମାସିକ୧୦ ହଜାର ଟଙ୍କା ପାରିଶ୍ରମିକରେ କାମ କରି ଆସୁଛନ୍ତି। ହେଲେ ଆଜିଯାଏ ସେମାନଙ୍କୁ ନିୟମିତ କରାଯାଇ ନାହିଁ। ବାର୍ଷିକ ୨ଟି ବର୍ଦ୍ଧିତ ମହଙ୍ଗା ଭତ୍ତା ପ୍ରଦାନର ନିୟମ ଥିଲେ ହେଁ ୨୦୧୯ରୁ ୨୦୨୧ ପର୍ଯ୍ୟନ୍ତ ତାହା ପ୍ରଦାନ କରଯାଇନାହିଁ। ଏହିସବୁ ସମସ୍ୟାର ସମାଧାନ କରିବାକୁ ଦାବିକରି ଆସୁଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଏହାର ପ୍ରତିବାଦରେ ମାଲପଡ଼ାଠାରେ ଜିଲାର ସମସ୍ତ ସିସିଏ ଏକତ୍ରିତ ହୋଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ ପାଇଁ ପ୍ରସ୍ତୁତ କରିଛନ୍ତି।

## ଆଞ୍ଚଳିକ ଖେଳ ଖବର

### ବ୍ଲକସ୍ତରୀୟ ସ୍ପୋର୍ଟ୍ସ ମିଟ୍ ଉଦ୍‌ଯାପିତ

ଲୋଇସିଂହା,୨୬।୧୨(ଡି.ଏନ.ଏ.)

ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ର ଏବଂ ଝାରମୁଣ୍ଡା ଆଥଲେଟିକ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଝାରମୁଣ୍ଡା ମିନିଷ୍ଟାୟମଠାରେ ଚାଲିଥିବା ବ୍ଲକସ୍ତରୀୟ ସ୍ପୋର୍ଟ୍ସ ମିଟ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଭଲିବଲରେ କୁଟୁରାପାଲିକୁ ହରାଇ ଆମ୍ବପାଲି ଚାମ୍ପିୟନ ହୋଇଛି। ଫୁଟ୍‌ବଲରେ ୧-୦ ଗୋଲରେ ସରଗାଡକୁ ହରାଇ ଯୋଗୀସର୍ଡା ଟାଇଟଲ ହାସଲ କରିଛି। ଶହେ ମିଟର ଦୌଡରେ ସୁଶୀଲ ବଗର୍ତ୍ତୀ, ସନାତନ ମଲ୍ଲିକ ଓ ରିତିକ କୁମାର ପଧାନ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ୨ଶହ ମିଟରରେ ମୁକୁନ୍ଦ ଦାସ, ଚମ୍ପକ ମହାକୁର ଓ ଚିନ୍ମୟ ଥନାପତି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ । ଚାରିଶହ ମିଟରରେ ପ୍ରଜ୍ଞାନନ୍ଦ ବିଶି ପ୍ରଥମ, ସିର୍ଦ୍ଧାଥ ରାଉତ ଦ୍ୱିତୀୟ ଓ କାହ୍ନା ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅନୁଷ୍ଠାନ ସଭାପତି ଶ୍ୟାମସୁନ୍ଦର ମେହେର ଅଧ୍ୟକ୍ଷତା କରିଥିଲେ। ସରପଞ୍ଚ ସୁନୀଲ କୁମାର ଅଗ୍ରୱାଲ ମୁଖ୍ୟଅତିଥି, ଆନନ୍ଦଚନ୍ଦ୍ର ସାହୁ, ଅଶ୍ୱିନୀ ନାଏକ, ଅଧ୍ୟାପକ ସୁବିଞ୍ଜ ଗଡତ୍ୟା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଓ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

### ବକ୍ରେନ ଫୁଟବଲ ଟୁର୍ନାମେଣ୍ଟ: ଯୁରାବନ୍ଧ ଚାମ୍ପିୟନ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

କଣ୍ଟାବାଞ୍ଜି, ୨୬।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଜୁରାବନ୍ଧ ଗ୍ରାମରେ ଚାଲିଥିବା ବକ୍ରେନ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ଯୁରାବନ୍ଧ ଓ ତେନ୍ତୁଲିମୁଣ୍ଡା ମଧରେ ହୋଇଥିଲା। ଯୁରାବନ୍ଧ ତେନ୍ତୁଲିମୁଣ୍ଡାକୁ ୪-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗଦେଇ ବିଜୟୀ ଯୁରାବନ୍ଧକୁ ନଗଦ ୧୦ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ତେନ୍ତୁଲିମୁଣ୍ଡାକୁ ନଗଦ ୭ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ମାମରାଜ ଜୈନ, ଭାଲୁମୁଣ୍ଡା ସରପଞ୍ଚ ଉପେନ୍ଦ୍ର ମେହେର, କମିଟି ଆୟୋଜକ ସଭାପତି ଚନ୍ଦ୍ରମଣି ସଗରିଆ, ଲିଙ୍ଗରାଜ ପୋଢ, ଶ୍ରଦ୍ଧାକର ପୁଟେଲ, ସଞ୍ଜୟ ସଗରିଆ ପ୍ରମୁଖ ମଞ୍ଚାସୀନ ଥିଲେ ।

### ସମଲେଶ୍ୱରୀ କ୍ରିକେଟ: ଫାଇନାଲରେ ମହଲାଇ

ଦେଓଗାଁ,୨୬।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡେଲ ରଙ୍ଗିଲା ଖେଳପଡ଼ିଆରେ ରବିବାର ସମଲେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ମହଲାଇ ଓ ସାଲେପାଲି ମଧରେ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ମହଲାଇ ଦଳ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଉଦ୍‌ଘାଟନୀ ଦିବସରେ ଅତିଥିଭାବେ ଆମ୍ ଆଦ୍‌ମୀ ପାର୍ଟି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଆଶିଷ କୁମାର ପାଣ୍ଡେ, ବ୍ଲକ ଆବାହକ ତଥା ଜିଲା ସମ୍ପାଦକ ଶଙ୍କର୍ଷଣ ମହାପାତ୍ର, ଯୁବନେତା ଅମନ ମହାପାତ୍ର, ରମାକାନ୍ତ ମହାପାତ୍ର, ରାଧେ ସାହୁ, ସମୀର ତ୍ରିପାଠୀ, ବିଶ୍ୱାମିତ୍ର ଭୋଇ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

### କଣ୍ଟାବାଞ୍ଜିକୁ ହରାଇ ଫାଇନାଲରେ ବଲାଙ୍ଗୀର




କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ପାଇକମାଳ,୨୬।୧୨(ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ବ୍ଲକ ଛିନ୍ଦେଇକେଲା ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ଟୁର୍ନାମେଣ୍ଟର ଶନିବାର ମ୍ୟାଚ୍‌ରେ କଣ୍ଟାବାଞ୍ଜିକୁ ହରାଇ ବଲାଙ୍ଗୀର ଫାଇନାଲରେ ପ୍ରବେଶ କରିଛି। ଖାଡିଆ ସାହୁ ଓ କୈଳାସ ସାହୁ ଅତିଥି ଭାବେ ଯୋଗ ଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। କଣ୍ଟାବାଞ୍ଜି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲା। ଜବାବରେ ବଲାଙ୍ଗୀର ଦଳ ୫ ଉଇକେଟ୍ ବିନିମୟରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଅମ୍ପାୟର ମୁହେଶ ମୁନସି ଓ ସଞ୍ଜୟ ନାୟକ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଶିକ୍ଷକ ପତିତପାବନ ସାହୁ ଓ ଶିକ୍ଷକ ସ୍ୱତନ୍ତ୍ର ସାହୁ ଅତିଥି ଭାବେ ଯୋଗ ଦେଇ ବଲାଙ୍ଗୀର ଦଳର ରାହୁଲ ସାହୁଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ସୋମବାର ଗ୍ରୁପ୍-ବି ପ୍ରଥମ ମ୍ୟାଚ୍ ଛିନ୍ଦେଇକେଲା ଓ ପାଟଣାଗଡ଼ ମଧରେ ହେବ ବୋଲି ଉପଦେଷ୍ଟା ପ୍ରମୋଦ ସାହୁ ସୂଚନା ଦେଇଛନ୍ତି।

### କ୍ରିକେଟ ଟୁର୍ନାମେଣ୍ଟ: ଖଲିଆ ଚାମ୍ପିୟନ

ଖପ୍ରାଖୋଲ,୨୬।୧୨(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ସାନଉଡେନଠାରେ ଜୟକିଷାନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜେକେସି କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ଖେଳ ଖଲିଆ ଏବଂ ସାନଉଡେନ ମଧ୍ୟରେ ହୋଇଥିଲା। ଖଲିଆ ବ୍ୟାଟିଂ କରି ୮ ଓଭରରେ ସମସ୍ତ ଉଇକେଟ ହରାଇ ୮୩ ରନ୍ ସଂଗ୍ରହ କରିଥିଲା । ସାନଉଡେନ ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୭୫ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ସନ୍ତୋଷିନୀ ବରିହା, ଦେବକାନ୍ତ ପାଣିଗ୍ରାହୀ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ୧ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

### ସୌରଭ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ନୂଆପଡ଼ା ଅଫିସ,୨୬।୧୨

ନୂଆପଡା ସଦରସ୍ଥିତ ସାର୍କିଟ ହାଉସ ଖେଳ ପଡିଆରେ ସୌରଭ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ଜିଲା କ୍ରିକେଟ ସଂଘ ସମ୍ପାଦକ ଭୈରବ ସାହୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଯୁବନେତା ରବି ମଙ୍ଗରାଜ, ଶିକ୍ଷାବିତ ସଞ୍ଜୟ ପଟ୍ଟନାୟକ, ଅଭିଜିତ ବୋଷ, ଅଭିଳାଷ ପଟ୍ଟନାୟକ, ଆକାଶ ପାଢୀ, ପ୍ରିୟବ୍ରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ନୂଆପଡା ବ୍ରୋକୋଡ ଓ ଝିଲମିଲା ୱାରିୟର୍ସ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନୂଆପଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯୬ ରନ ସଂଗ୍ରହ କରିଥିଲା। ଜବାବରେ ଝିଲମିଲା ୧୦ ଓଭରରେ ଧାର୍ଯ୍ୟ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଚାମ୍ପିୟନ ଓ ରନର୍ସ ୟଅଫ ଦଳକୁ ନଗଦ ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ସୁଦୀପ କୁମାର ସ୍କୋର ଦାୟିତ୍ୱରେ ଥିବା ବେଳେ ଭୀଷ୍ମ ମାଝି, ଶୁଭମ ମିଶ୍ର ଖେଳ ପରିଚାଳନା କରିଥିଲେ। ଆଦିତ୍ୟ ଠାକୁର ଧାରାବିବରଣି ଶୁଣାଇଥିଲେ। ଆୟୋଜନ କମିଟି ବୈଭବ ପଟ୍ଟନାୟକ, ମୋନାଲ ଦେବତା, ତରୁଣ କୁମାର, ପ୍ରତୀକ ପଟ୍ଟନାୟକ, ପ୍ରଭାସ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ସୁପର କିଙ୍ଗ୍ କ୍ରିକେଟ: ବେହେରା ଚାମ୍ପିୟନ

କୋକସରା,୨୬।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ହଂସପଡା ଖେଳ ପଡିଆରେ ସୁପର କିଙ୍ଗ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ବ୍ରାହ୍ମଣଛେଣ୍ଡିଆ ବନାମ ବେହେରା ଦଳ ମଧରେ ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ ବେହେରା ଟିମ ଚାମ୍ପିୟନ ହୋଇଛି। ମଧୁସୂଦନ ବେଶ୍ରା, ପୁନିତ କୁମାର ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ଚାମ୍ପିୟନ ବେହେରା ଟିମକୁ ୨୦ ହଜାର ଟଙ୍କା ପୁରସ୍କାର ରାଶି ଓ ଉପବିଜେତା ବ୍ରାହ୍ମଣ ଛେଣ୍ଡିଆ ଟିମକୁ ୧୫ ହଜାର ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଛି। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ବିଜେଡି ସମ୍ପାଦକ ହରଜିନ୍ଦର ସିଂ, ମୁଖ୍ୟବକ୍ତା ଶିକ୍ଷାବିତ୍ ଅଶୋକ କୁମାର ଦାସ, ସମ୍ମାନିତ ଅତିଥି ଟେମରା ସରପଞ୍ଚ ଗୌରୀ ଦଳପତି, ସମିତି ସଭ୍ୟ ରାଜେନ୍ଦ୍ର ନାଏକ, କ୍ଷେତିରାମ ପାତ୍ର, ସନ୍ତୋଷ କୁମାର ଆଚାର୍ଯ୍ୟ, ଶିଶିର ପାତ୍ର, କଣ୍ଠ ପ୍ରସାଦ ପାଣିଗ୍ରାହୀ, କୃପାସିନ୍ଧୁ ସୁନାନୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସୁପର କିଙ୍ଗ କ୍ରିକେଟର ସଭାପତି ଶଙ୍କର ପ୍ରସାଦ ସତନାମି, କ୍ଲବ ସଭାପତି ରୋହିତ କୁମାର ପାଣିଗ୍ରାହୀ, ସମ୍ପାଦକ ପ୍ରଭାତ ରଞ୍ଜନ ସତନାମୀ, କୋଷାଧକ୍ଷ ସନ୍ତ ସତନାମୀଙ୍କ ସମେତ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

### ଏନ୍‌ଏନ୍‌ଏସ୍ ଆଲ୍ଲାହାବାଦ ସେମିରେ

**ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ କପ୍**

ଅମରପାଲି, ୨୬।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୨୫ତମ ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ କପ୍ ପୁଲ୍-ବି ର ପ୍ରଥମ ମ୍ୟାଚରେ ସିସିଏ ଧାନବାଦକୁ ହରାଇ ଏନ୍‌ଏନ୍‌ଏସ୍ ଆଲ୍ଲାହାବାଦ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ଆଲ୍ଲାହାବାଦ ଦଳ ଟସ୍ ଜିଣି ପ୍ରଥମ ଫର୍ମାଟରେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୫ ରନ କରିଥିଲା। ଦଳର ବିକାଶ ପଲ ୪୧ରନ କରିଥିଲେ। ଧାନବାଦର ଅଖଣ୍ଡ ପ୍ରତାପ ସିଂ ୩ଟି ଉଇକେଟ ନେଇଥିଲେ। ଜବାବରେ ଧାନବାଦ ଦଳ ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ ରନ କରିଥିଲା। ଦଳର ସିଭମ ଯାଦବ ୨୫, ଆକାଶ ପ୍ରତାପ ୨୩ ଓ ହର୍ଷ ଯାଦବ ୨୧ ରନ କରିଥିଲେ। ଆଲ୍ଲାହାବାଦ ଦଳରୁ କ୍ରିଷ୍ଣା ସରୋଜ ୪ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ଆଲ୍ଲାହାବାଦ ଦଳ ନିର୍ଦ୍ଧାରିତ ୧୦ଓଭରରେ ୮ଉଇକେଟ ହରାଇ ୯୩ରନ କରିଥିଲା। ଦଳର ଆଶିଷ ରତ୍ନମ ସର୍ବାଧିକ ୩୭ରନ କରିଥିଲେ। ଧାନବାଦର କରନ ପଲ ୩ଟି ଉଇକେଟ ନେଇଥିଲେ। ଜବାବରେ ଧାନବାଦ ଦଳ ୧୦ ଓଭରରେ ୮ ଉଇକେଟ ହରାଇ ୮୧ରନ କରିଥିଲା। ଫଳରେ ଉଭୟ ଫର୍ମାଟରେ ବିଜୟୀ ହୋଇ ଆଲ୍ଲାହାବାଦ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଡ.ଅମିତ ମୁଦୁଲି, ଶିକ୍ଷାବିତ ମନୋରଞ୍ଜନ ଦାଶ, ପ୍ରୟାସ ସଂଗଠନ ସଭାପତି ରାଧେଶ୍ୟାମ ମିଶ୍ର, ବହଳପଦର ସିଆର୍‌ସିସି ପ୍ରଦୀପ ଜଗଦଲା ଅତିଥିଭାବେ ଯୋଗଦେଇଥିଲେ। ଆଲ୍ଲାହାବାଦର କ୍ରିଷ୍ଣା ସରୋଜଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଖେଳକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟର ଶ୍ୟାମସୁନ୍ଦର ପଣ୍ଡା ଓ ଚୂଡ଼ାମଣି ପାଢୀ ପରିଚାଳନା କରିଥିଲେ। ବାଙ୍କବିହାରୀ ମହାକୁର ସ୍କୋରିଂ, ଚମାରୁ ମହାକୁର ଅନ୍‌ଲାଇନ ସ୍କୋରିଂ ଏବଂ ଆଲୋକ ଦେଓ, ଆଶିଷ ଦେଓ ଓ ପ୍ରାଣବନ୍ଧୁ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ସୋମବାର ସେଲ୍ ରାଞ୍ଚି ଓ କୋଲକତା ମଧରେ ଖେଳ ହେବ ବୋଲି ଆୟୋଜକ ଟୁଟୁ ମହାକୁର ପ୍ରକାଶ କରିଛନ୍ତି।




ଆଲ୍ଲାହାବାଦର କ୍ରିଷ୍ଣା ସରୋଜଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚଭାବେ ପୁରସ୍କୃତ କରାଯାଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୭ ଡିସେମ୍ବର, ୨୦୨୧

## ଧାନଖରି ପୋଡ଼ିଦେଲେ ଦୁର୍ବୃତ୍ତ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଲୁହାଖାନରେ ଶନିବାର ବିଳମ୍ବିତ ରାତିରେ ଜଣେ ଚାଷୀଙ୍କ ଧାନଖରିକୁ ଦୁର୍ବୃତ୍ତ ନିଆଁ ଲଗାଇ ପୋଡି ଦେଇଥିବା ଅଭିଯୋଗ ହୋଇଛି। ରବିବାର ସକାଳେ ଚାଷୀ ନରୋତ୍ତମ ଭାଟି ଚାଷଜମିରେ ପହଞ୍ଚିଲା ବେଳକୁ ଖରିରେ ନିଆଁ ଲାଗିଥିବା ଦେଖିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚିଲା ବେଳକୁ ଖରି ସମ୍ପୂର୍ଣ୍ଣ ଜଳିଯାଇଥିଲା । ନରୋତ୍ତମ ୨ ଏକର ଚାଷ ଜମିର ଧାନକୁ ଖରିରେ ରଖିଥିଲେ । ରବିବାର ସକାଳେ ଧାନ ମଡାଇବା ପାଇଁ ପ୍ରସ୍ତୁତି କରିଥିବା ବେଳେ ଏହିପରି ଘଟଣା ଘଟିଛି। ନରୋତ୍ତମ ବନ୍ଧପଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। କ୍ଷତିପୂରଣ ପାଇଁ ତହସିଲଦାରଙ୍କୁ ମଧ ଲିଖିତ ଭାବେ ଅନୁରୋଧ କହିଛନ୍ତି ।



## ସଂକ୍ଷେପରେ

### କୃଷକ ସଙ୍ଗଠନ ବୈଠକ

ଜାମଟିକ୍ରା,୨୬।୧୨(ଡି.ଏନ.ଏ): ଅତାବିରା ଏନଏସି ଅଧୀନ ଲାଦରପାଲି ରାମଚଣ୍ଡୀ ମନ୍ଦିରରେ ରାଜ୍ୟ କୃଷକ ସଙ୍ଗଠନ ବୈଠକ ଅନୁଷ୍ଠିତ ହୋଇଛି । ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚାଷୀଙ୍କ ଧାନ ବିକ୍ରି ସମସ୍ୟା ଓ ସାର କଳାବଜାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାର କଳାବଜାର ପ୍ରତିବାଦରେ ସୋମବାର ବ୍ଲକ କୃଷି ଓ ସୂଚନା ପରାମର୍ଶ କେନ୍ଦ୍ରଠାରେ ତାଲା ପକାଇବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ସଙ୍ଗଠନ ସମ୍ପାଦକ ସୁବାଷ ବିଶ୍ୱାଳ, କୀର୍ତ୍ତନ ବିଶ୍ୱାଳ, ସୁରେନ୍ଦ୍ର ସ୍ୱାଇଁ, ପାପା ରାଓ, ସୀତାରାମ ସାହୁ, ଟିକେଲାଲ ମିଶ୍ର, ଦଶରଥ ଭୋଇ, ବୁଦ୍ଧଦେବ ନନ୍ଦ, ଭୁବେନଶ୍ୱର ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ମଦ ପାଉଚ ଜବତ, ଜଣେ ଗିରଫ

କଣ୍ଟାବାଞ୍ଜି,୨୬।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅବକାରୀ ବିଭାଗ ପକ୍ଷରୁ ରବିବାର ପାଟ୍ରୋଲିଂ ବେଳେ ରଜାମରା ଗ୍ରାମ ନିକଟରେ ଚଢ଼ାଉ କରି ପାଣ୍ଡବ ରଣାଙ୍କଠାରୁ ଦେଶୀ ମହୁଲି ୨୦୦ ପାଉଚ ଜବତ କରିଛି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅବକାରୀ କର୍ମଚାରୀ ମମତା ବେହେରା, ଦେବାର୍ଚ୍ଚ ଭୁଏଁଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

# ଆଉ ଏକ ରକ୍ତତୀର୍ଥ ଚିତାଖାଇ

ବରଗଡ଼ ଅଫିସ୍,୨୬।୧୨

ବରଗଡ଼ ଜିଲା ସୋହେଲା ବ୍ଲକ ବାଉଁଶେନମୁରା ପଞ୍ଚାୟତ ଅନ୍ତର୍ଗତ ଚିତାଖାଇ ଗ୍ରାମ ସ୍ୱାଧୀନତା ସଂଗ୍ରାମରେ ଆଉ ଏକ ରକ୍ତତୀର୍ଥ । ଏଠାରେ ତତ୍କାଳୀନ ଭେଡ଼େନ ଜମିଦାର ମନୋହର ସିଂହଙ୍କ ସମେତ ୨୦ଜଣ ଶହୀଦ ହୋଇଥିଲେ। ନୂଆଦିଲ୍ଲୀର ଜାତୀୟ ଅଭିଲେଖାଗାର ଗ୍ରନ୍ଥାଗାରରୁ ଏଭଳି ଅନାଲୋଚିତ ତଥ୍ୟ ସାମ୍ନାକୁ ଆସିଛି ବୋଲି ଶନିବାର ବରଗଡ଼ ସାମ୍ବାଦିକ ଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଗବେଷକ ଡଃ ବିଭୁଦତ୍ତ ପ୍ରମୋଦ କୁମାର ମିଶ୍ର ସୂଚନା ଦେଇଛନ୍ତି।

ସେ କହିଛନ୍ତି, ତଥ୍ୟ ଅନୁସାରେ ଭେଡ଼େନ ଜମିଦାର ମନୋହର ସିଂହ ପିତା ଅବଧୂତଙ୍କ ଭଳି ଯୋଦ୍ଧା ଥିଲେ। ମନୋହରଙ୍କ ପିତା ଅବଧୂତ ୧୮୩୨ରେ ଇଂରେଜ ସମର୍ଥିତ




ରକ୍ତତୀର୍ଥ ଚିତାଖାଇରେ ଗବେଷକଙ୍କ ସହିତ ଗ୍ରାମବାସୀବୃନ୍ଦ ।

ରାଣୀଙ୍କ ଶାସନ ବିରୋଧରେ ସଂଗ୍ରାମ କରି ଇଂରେଜମାନଙ୍କୁ ଅସ୍ତବ୍ୟସ୍ତ କରି ପକାଇଥିଲେ। ଶେଷରେ କମିଶନର ଉଇଙ୍କିଲସନ୍‌ଙ୍କୁ ଅବଧୂତଙ୍କ ସହିତ ସନ୍ଧି କରି ତାଙ୍କ ଜମିଦାରୀ ଫେରାଇବାକୁ ପଡ଼ିଥିବା ମିଶ୍ର କହିଥିଲେ। ୧୮୫୭ରେ ମନୋହର ବୀର ସୁରେନ୍ଦ୍ର ସାଏଙ୍କ ଉଲଗୁଲାନରେ ତାଙ୍କ ସହଯୋଗୀ ଭାବେ କାର୍ଯ୍ୟ କରିଥିଲେ। ସେ ବାରପାହାଡ଼ର ଅଭେଦ୍ୟ ଜଙ୍ଗଲ ମଧ୍ୟରେ ଲୁଚି ରହି ଇଂରେଜ ବିରୋଧରେ ସଂଗ୍ରାମ ଜାରି ରଖିଥିଲେ ।

୧୮୫୮ ସେପ୍ଟେମ୍ବର ୧୬ରେ ମନୋହର ତାଙ୍କ ୬୦ ଜଣ ସହଯୋଗୀଙ୍କ ସହିତ ବାରପାହାଡ଼ରୁ ବାହାରି ଅନ୍ୟତ୍ର ଯାତ୍ରା କରୁଥିବା ସମୟରେ ଚିତାଖାଇର ଏକ ପୋଖରୀ କୂଳରେ ରାତିରେ ବିଶ୍ରାମ ନେଇଥିଲେ। ସୂଚନା ପାଇ କ୍ୟାପଟେନ ବାର୍ଜଙ୍କ ସୈନ୍ୟଦଳ ସେଠାରେ ଅତର୍କିତ ଆକ୍ରମଣ କରିଥିଲେ ଏବଂ ଏଥିରେ ମନୋହରଙ୍କ ସମେତ ୨୦ଜଣ ଶହୀଦ ହୋଇଥିବା ତଥ୍ୟରୁ ଜଣାପଡ଼ିଛି ବୋଲି ଗବେଷକ ମିଶ୍ର ସୂଚନା ଦେଇଥିଲେ। ଏହାର ଅଧିକ ଗବେଷଣା କରିବା ପାଇଁ ଶନିବାର ସମ୍ବଲପୁରର ଅନ୍ତର୍ଜାତୀୟ ବୀର ସୁରେନ୍ଦ୍ର ସାଏ ସ୍ମାରକୀ ଗବେଷଣା ସଂସ୍ଥା ପକ୍ଷରୁ ଗବେଷକ ମିଶ୍ରଙ୍କ ସମେତ ବରିଷ୍ଠ ଖବରଦାତା ପ୍ରଫୁଲ୍ଲ କୁମାର ଦାଶ, ଆଡ଼ଭୋକେଟ୍ ଅରବିନ୍ଦ ଦାଶ ପ୍ରମୁଖ ଚିତାଖାଇ ଗ୍ରାମକୁ ଯାଇଥିଲେ। ସେମାନେ ଗ୍ରାମର କଟାମୁଣ୍ଡାକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ସୈନିକ ସ୍କୁଲ ପାଇଁ କ୍ଷେତ୍ର ପରିଦର୍ଶନ



ସୈନିକ ସ୍କୁଲ ପାଇଁ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ପ୍ରଶାସନିକ ଅଧିକାରୀଙ୍କ ସହ ମୁର୍ଷୁଣ୍ଡୀରେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ଅମରପାଲି,୨୬।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ଏକ ସୈନିକ ସ୍କୁଲ ପ୍ରତିଷ୍ଠା ପାଇଁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ କ୍ଷେତ୍ର ପରିଦର୍ଶନ କରିଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ ସୈନିକ ସ୍କୁଲ ପ୍ରତିଷ୍ଠା ପାଇଁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ଉପସ୍ଥିତିରେ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ମହଦା, ଓ ମୁର୍ଷୁଣ୍ଡୀଠାରେ ଥିବା ସରକାରୀ ଜମି ବୁଲି ଦେଖିଥିଲେ। ଏହି ସମୟରେ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଉଲୁଣ୍ଡା ତହସିଲଦାର, ବୀରମହାରାଜପୁର ତହସିଲଦାର ବିଭୁଧ ଗଡ଼ନାୟକ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ମିତାଲି ମହାକୁର, ଜିଲା ସାଧାରଣ ସମ୍ପାଦକ ବେଣୁଧର ଦାଶ, ବିଶ୍ୱମ୍ଭର ମିଶ୍ର, କିଶୋର ହୋତା, ନଳିନୀ ପଣ୍ଡା, ରାଧାକାନ୍ତ ମହାକୁର, ଗାୟତ୍ରୀ ପାଣିଗ୍ରାହୀ, ଶରତ ଶତପଥୀ ଗସ୍ତ ସମୟରେ ଉପସ୍ଥିତ ଥିଲେ।

# ରାସ୍ତା, କଲ୍ୟାଣ ମଣ୍ଡପ ପାଇଁ ଶିଳାନ୍ୟାସ

ଗାଇସିଲେଟ୍,୨୬।୧୨(ଡି.ଏନ.ଏ)

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଫିରିଙ୍ଗିମାଲ ଗ୍ରାମ ଛିଦ୍ରାପାଲି ଛକ କଣ୍ଟାଝୁଡ଼ା ସଂକ୍ରାପାଣିରୁ ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଦମକିପାଲିକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ, ବିଜେପୁର ବିଧାୟିକା ରୀତା ସାହୁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ଗାଇସିଲେଟରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପଣ୍ଡିତ ଲଳିତ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ସୁନୀଲ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁ, କୀର୍ତ୍ତନ ଦାଶ, ଅମ୍ବିକା ପ୍ରସାଦ ତ୍ରିବେଦୀ, ଗ୍ରାମ କମିଟିର କନକ କଲେତ, ଶ୍ରୀକାନ୍ତ ଦାଶ, ପ୍ରବୀଣ ପାଣିଗ୍ରାହୀ, ଭାରତ ଦାଶ, ଗୋପାଳ ଦାଶ ମଞ୍ଚାସୀନ ଥିଲେ।



ଶିଳାନ୍ୟାସ କାର୍ଯ୍ୟକ୍ରମରେ ମନ୍ତ୍ରୀ ସୁଶାନ୍ତ ସିଂ ଉଦ୍‌ବୋଧନ ଦେଉଛନ୍ତି ।

## ଆଞ୍ଚଳିକ ଖେଳ ଖବର

### ବ୍ଲକସ୍ତରୀୟ ସ୍ପୋର୍ଟ୍ସ ମିଟ୍ ଉଦ୍‌ଯାପିତ

ଲୋଇସିଂହା,୨୬।୧୨(ଡି.ଏନ.ଏ.)

ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ର ଏବଂ ଝାରମୁଣ୍ଡା ଆଥଲେଟିକ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଝାରମୁଣ୍ଡା ମିନିଷ୍ଟାୟମଠାରେ ଚାଲିଥିବା ବ୍ଲକସ୍ତରୀୟ ସ୍ପୋର୍ଟ୍ସ ମିଟ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଭଲିବଲରେ କୁତୁରାପାଲିକୁ ହରାଇ ଆମ୍ରପାଲି ଚାମ୍ପିୟନ ହୋଇଛି। ଫୁଟ୍‌ବଲରେ ୧-୦ ଗୋଲରେ ସରଗାଡକୁ ହରାଇ ଯୋଗୀସର୍ଡା ଟାଇଟଲ ହାସଲ କରିଛି। ଶହେ ମିଟର ଦୌଡରେ ସୁଶୀଲ ବଗର୍ତ୍ତୀ, ସନାତନ ମଲ୍ଲିକ ଓ ରିତିକ କୁମାର ପଧାନ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ୨ଶହ ମିଟରରେ ମୁକୁନ୍ଦ ଦାସ, ଚମ୍ପକ ମହାକୁର ଓ ଚିନ୍ମୟ ଥନାପତି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଚାରିଶହ ମିଟରରେ ପ୍ରଜ୍ଞାନନ୍ଦ ବିଶି ପ୍ରଥମ, ସିର୍ଦ୍ଧାଥ ରାଉତ ଦ୍ୱିତୀୟ ଓ କାହ୍ନା ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅନୁଷ୍ଠାନ ସଭାପତି ଶ୍ୟାମସୁନ୍ଦର ମେହେର ଅଧ୍ୟକ୍ଷତା କରିଥିଲେ। ସରପଞ୍ଚ ସୁନୀଲ କୁମାର ଅଗ୍ରୱାଲ ମୁଖ୍ୟଅତିଥି, ଆନନ୍ଦଚନ୍ଦ୍ର ସାହୁ, ଅଶ୍ୱିନୀ ନାଏକ, ଅଧ୍ୟାପକ ସୁବିଙ୍ଗ ଗଡତ୍ୟା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଓ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

### ବନ୍ଧେନ ଫୁଟବଲ ଟୁର୍ନାମେଣ୍ଟ: ଯୁରାବନ୍ଧ ଚାମ୍ପିୟନ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

କଣ୍ଟାବାଞ୍ଜି, ୨୬।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଜୁରାବନ୍ଧ ଗ୍ରାମରେ ଚାଲିଥିବା ବନ୍ଧେନ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ଯୁରାବନ୍ଧ ଓ ତେନ୍ତୁଲିମୁଣ୍ଡା ମଧ୍ୟରେ ହୋଇଥିଲା। ଯୁରାବନ୍ଧ ତେନ୍ତୁଲିମୁଣ୍ଡାକୁ ୪-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗଦେଇ ବିଜୟୀ ଯୁରାବନ୍ଧକୁ ନଗଦ ୧୦ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ତେନ୍ତୁଲିମୁଣ୍ଡାକୁ ନଗଦ ୭ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ମାମରାଜ ଜୈନ, ଭାଲୁମୁଣ୍ଡା ସରପଞ୍ଚ ଉପେନ୍ଦ୍ର ମେହେର, କମିଟି ଆୟୋଜକ ସଭାପତି ଚନ୍ଦ୍ରମଣି ସଗରିଆ, ଲିଙ୍ଗରାଜ ପୋଢ, ଶ୍ରଦ୍ଧାକର ପୁଟେଲ, ସଞ୍ଜୟ ସଗରିଆ ପ୍ରମୁଖ ମଞ୍ଚାସୀନ ଥିଲେ ।

### ସମଲେଶ୍ୱରୀ କ୍ରିକେଟ: ଫାଇନାଲରେ ମହଲାଇ

ଦେଓଗାଁ,୨୬।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମହଲାଇ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡେଲ ରଙ୍ଗିଲା ଖେଳପଡ଼ିଆରେ ରବିବାର ସମଲେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ମହଲାଇ ଓ ସାଲେପାଲି ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ମହଲାଇ ଦଳ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଉଦ୍‌ଘାଟନୀ ଦିବସରେ ଅତିଥିଭାବେ ଆମ୍ ଆଦ୍‌ମୀ ପାର୍ଟି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଆଶିଷ କୁମାର ପାଣ୍ଡେ, ବ୍ଲକ ଆବାହକ ତଥା ଜିଲା ସମ୍ପାଦକ ଶଙ୍କର୍ଷଣ ମହାପାତ୍ର, ଯୁବନେତା ଅମନ ମହାପାତ୍ର, ରମାକାନ୍ତ ମହାପାତ୍ର, ରାଧେ ସାହୁ, ସମୀର ତ୍ରିପାଠୀ, ବିଶ୍ୱାମିତ୍ର ଭୋଇ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

### କଣ୍ଟାବାଞ୍ଜିକୁ ହରାଇ ଫାଇନାଲରେ ବଲାଙ୍ଗୀର




କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ପାଇକମାଳ,୨୬।୧୨(ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ବ୍ଲକ ଛିନ୍ଦେଇକେଲା ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ଟୁର୍ନାମେଣ୍ଟର ଶନିବାର ମ୍ୟାଚ୍‌ରେ କଣ୍ଟାବାଞ୍ଜିକୁ ହରାଇ ବଲାଙ୍ଗୀର ଫାଇନାଲରେ ପ୍ରବେଶ କରିଛି। ଖାଡିଆ ସାହୁ ଓ କୈଳାସ ସାହୁ ଅତିଥି ଭାବେ ଯୋଗ ଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। କଣ୍ଟାବାଞ୍ଜି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲା। ଜବାବରେ ବଲାଙ୍ଗୀର ଦଳ ୫ ଉଇକେଟ୍ ବିନିମୟରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଅମ୍ପାୟର ମୁହେଶ ମୁନସି ଓ ସଞ୍ଜୟ ନାୟକ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଶିକ୍ଷକ ପତିତପାବନ ସାହୁ ଓ ଶିକ୍ଷକ ସ୍ୱତନ୍ତ୍ର ସାହୁ ଅତିଥି ଭାବେ ଯୋଗ ଦେଇ ବଲାଙ୍ଗୀର ଦଳର ରାହୁଲ ସାହୁଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ସୋମବାର ଗ୍ରୁପ୍-ବି ପ୍ରଥମ ମ୍ୟାଚ୍ ଛିନ୍ଦେଇକେଲା ଓ ପାଟଣାଗଡ଼ ମଧ୍ୟରେ ହେବ ବୋଲି ଉପଦେଷ୍ଟା ପ୍ରମୋଦ ସାହୁ ସୂଚନା ଦେଇଛନ୍ତି।

### କ୍ରିକେଟ ଟୁର୍ନାମେଣ୍ଟ: ଖଲିଆ ଚାମ୍ପିୟନ

ଖପ୍ରାଖୋଲ,୨୬।୧୨(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ସାନଉଡେନଠାରେ ଜୟକିଷାନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜେକେସି କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ଖେଳ ଖଲିଆ ଏବଂ ସାନଉଡେନ ମଧ୍ୟରେ ହୋଇଥିଲା। ଖଲିଆ ବ୍ୟାଟିଂ କରି ୮ ଓଭରରେ ସମସ୍ତ ଉଇକେଟ ହରାଇ ୮୩ ରନ୍ ସଂଗ୍ରହ କରିଥିଲା । ସାନଉଡେନ ଦଳ ସମସ୍ତ ଉଇକେଟ ହରାଇ ମାତ୍ର ୭୫ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ସନ୍ତୋଷିନୀ ବରିହା, ଦେବକାନ୍ତ ପାଣିଗ୍ରାହୀ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୨୦ ହଜାର ୧ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

### ସୌରଭ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ନୂଆପଡ଼ା ଅଫିସ,୨୬।୧୨

ନୂଆପଡା ସଦରସ୍ଥିତ ସାର୍କିଟ ହାଉସ ଖେଳ ପଡିଆରେ ସୌରଭ ମମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ଜିଲା କ୍ରିକେଟ ସଂଘ ସମ୍ପାଦକ ଭୈରବ ସାହୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଯୁବନେତା ରବି ମଙ୍ଗରାଜ, ଶିକ୍ଷାବିତ ସଞ୍ଜୟ ପଟ୍ଟନାୟକ, ଅଭିଜିତ ବୋଷ, ଅଭିଲାଷ ପଟ୍ଟନାୟକ, ଆକାଶ ପାଢୀ, ପ୍ରିୟବ୍ରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ନୂଆପଡା ବ୍ରୋକୋଡ ଓ ଝିଲମିଲା ୱାରିୟାର୍ସ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନୂଆପଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯୬ ରନ ସଂଗ୍ରହ କରିଥିଲା। ଜବାବରେ ଝିଲମିଲା ୧୦ ଓଭରରେ ଧାର୍ଯ୍ୟ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଚାମ୍ପିୟନ ଓ ରନର୍ସ ୟଅଫ ଦଳକୁ ନଗଦ ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ସୁଦୀପ କୁମାର ସ୍କୋର ଦାୟିତ୍ୱରେ ଥିବା ବେଳେ ଭୀଷ୍ମ ମାଝି, ଶୁଭମ ମିଶ୍ର ଖେଳ ପରିଚାଳନା କରିଥିଲେ। ଆଦିତ୍ୟ ଠାକୁର ଧାରାବିବରଣି ଶୁଣାଇଥିଲେ। ଆୟୋଜନ କମିଟି ବୈଭବ ପଟ୍ଟନାୟକ, ମୋନାଲ ଦେବତା, ତରୁଣ କୁମାର, ପ୍ରତୀକ ପଟ୍ଟନାୟକ, ପ୍ରଭାସ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ସୁପର କିଙ୍ଗ୍ କ୍ରିକେଟ: ବେହେରା ଚାମ୍ପିୟନ

କୋକସରା,୨୬।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ହଂସପଡା ଖେଳ ପଡିଆରେ ସୁପର କିଙ୍ଗ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ବ୍ରାହ୍ମଣଛେଣ୍ଡିଆ ବନାମ ବେହେରା ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ ବେହେରା ଟିମ ଚାମ୍ପିୟନ ହୋଇଛି। ମଧୁସୂଦନ ବେଶ୍ରା, ପୁନିତ କୁମାର ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ଚାମ୍ପିୟନ ବେହେରା ଟିମକୁ ୨୦ ହଜାର ଟଙ୍କା ପୁରସ୍କାର ରାଶି ଓ ଉପବିଜେତା ବ୍ରାହ୍ମଣ ଛେଣ୍ଡିଆ ଟିମକୁ ୧୫ ହଜାର ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଛି। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ବିଜେଡି ସମ୍ପାଦକ ହରଜିନ୍ଦର ସିଂ, ମୁଖ୍ୟବକ୍ତା ଶିକ୍ଷାବିତ୍ ଅଶୋକ କୁମାର ଦାସ, ସମ୍ମାନିତ ଅତିଥି ଟେମରା ସରପଞ୍ଚ ଗୌରୀ ଦଳପତି, ସମିତି ସଭ୍ୟ ରାଜେନ୍ଦ୍ର ନାଏକ, କ୍ଷେତିରାମ ପାତ୍ର, ସନ୍ତୋଷ କୁମାର ଆଚାର୍ଯ୍ୟ, ଶିଶିର ପାତ୍ର, କଣ୍ଠ ପ୍ରସାଦ ପାଣିଗ୍ରାହୀ, କୃପାସିନ୍ଧୁ ସୁନାନୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସୁପର କିଙ୍ଗ କ୍ରିକେଟର ସଭାପତି ଶଙ୍କର ପ୍ରସାଦ ସତନାମି, କ୍ଲବ ସଭାପତି ରୋହିତ କୁମାର ପାଣିଗ୍ରାହୀ, ସମ୍ପାଦକ ପ୍ରଭାତ ରଞ୍ଜନ ସତନାମୀ, କୋଷାଧ୍ୟକ୍ଷ ସନ୍ତ ସତନାମୀଙ୍କ ସମେତ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

### ଏନ୍‌ଏନ୍‌ଏସ୍ ଆଲ୍ଲାହାବାଦ ସେମିରେ

#### ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍

ଅମରପାଲି, ୨୬।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୨୫ତମ ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍ ପୁଲ୍-ବି ର ପ୍ରଥମ ମ୍ୟାଚରେ ସିସିଏ ଧାନବାଦକୁ ହରାଇ ଏନ୍‌ଏନ୍‌ଏସ୍ ଆଲ୍ଲାହାବାଦ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ଆଲ୍ଲାହାବାଦ ଦଳ ଟସ୍ ଜିଣି ପ୍ରଥମ ଫର୍ମାଟରେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୫ ରନ କରିଥିଲା। ଦଳର ବିକାଶ ପଲ ୪୧ରନ କରିଥିଲେ। ଧାନବାଦର ଅଖଣ୍ଡ ପ୍ରତାପ ସିଂ ୩ଟି ଉଇକେଟ ନେଇଥିଲେ। ଜବାବରେ ଧାନବାଦ ଦଳ ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ ରନ କରିଥିଲା। ଦଳର ସିଭମ ଯାଦବ ୨୫, ଆକାଶ ପ୍ରତାପ ୨୩ ଓ ହର୍ଷ ଯାଦବ ୨୧ ରନ କରିଥିଲେ। ଆଲ୍ଲାହାବାଦ ଦଳରୁ କ୍ରିଷ୍ଣା ସରୋଜ ୪ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ଆଲ୍ଲାହାବାଦ ଦଳ ନିର୍ଦ୍ଧାରିତ ୧୦ଓଭରରେ ୮ଉଇକେଟ ହରାଇ ୯୩ରନ କରିଥିଲା। ଦଳର ଆଶିଷ ରତ୍ନମ ସର୍ବାଧିକ ୩୭ରନ କରିଥିଲେ। ଧାନବାଦର କରନ ପଲ ୩ଟି ଉଇକେଟ ନେଇଥିଲେ। ଜବାବରେ ଧାନବାଦ ଦଳ ୧୦ ଓଭରରେ ୮ ଉଇକେଟ ହରାଇ ୮୧ରନ କରିଥିଲା। ଫଳରେ ଉଭୟ ଫର୍ମାଟରେ ବିଜୟୀ ହୋଇ ଆଲ୍ଲାହାବାଦ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଡ.ଅମିତ ମୁଦୁଲି, ଶିକ୍ଷାବିତ ମନୋରଞ୍ଜନ ଦାଶ, ପ୍ରୟାସ ସଂଗଠନ ସଭାପତି ରାଧେଶ୍ୟାମ ମିଶ୍ର, ବହଳପଦର ସିଆର୍‌ସିସି ପ୍ରଦୀପ ଜଗଦଲା ଅତିଥିଭାବେ ଯୋଗଦେଇଥିଲେ। ଆଲ୍ଲାହାବାଦର କ୍ରିଷ୍ଣା ସରୋଜଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଖେଳକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟର ଶ୍ୟାମସୁନ୍ଦର ପଣ୍ଡା ଓ ଚୂଡ଼ାମଣି ପାଢୀ ପରିଚାଳନା କରିଥିଲେ। ବାଙ୍କବିହାରୀ ମହାକୁର ସ୍କୋରିଂ, ଚମାରୁ ମହାକୁର ଅନ୍‌ଲାଇନ ସ୍କୋରିଂ ଏବଂ ଆଲୋକ ଦେଓ, ଆଶିଷ ଦେଓ ଓ ପ୍ରାଣବନ୍ଧୁ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ସୋମବାର ସେଲ୍ ରାଞ୍ଚି ଓ କୋଲକତା ମଧ୍ୟରେ ଖେଳ ହେବ ବୋଲି ଆୟୋଜକ ଟୁଟୁ ମହାକୁର ପ୍ରକାଶ କରିଛନ୍ତି।




ଆଲ୍ଲାହାବାଦର କ୍ରିଷ୍ଣା ସରୋଜଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚଭାବେ ପୁରସ୍କୃତ କରାଯାଉଛି।

## ନୂତନ ବିଇଓଙ୍କ ଯୋଗଦାନ

ଜୁନାଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଶିକ୍ଷା ବିଭାଗରେ ନୂତନ ବିଇଓ ଭାବେ ଆରିଫା ସୁଲତାନା ଯୋଗଦେଇଛନ୍ତି। ତାଙ୍କୁ ଶିକ୍ଷାବିଭାଗରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ସମେତ ପ୍ରାଥମିକ ଶିକ୍ଷକ ସଂଘ (ହରିପୁର ରୋଡ)ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମୟରେ ଏବିଇଓ କ୍ଷିରୋଦ ଭୋଇ, ଦୁର୍ଗେ ମେହେର, ଜୁନାଗଡ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସରୋଜ ପଣ୍ଡା, ମୁଖ୍ୟ କିରାଣି ଜଗତରାମ ଗହୀର, ଶିକ୍ଷକ ସମରେନ୍ଦ୍ର ଶେଖର ଦାଶ, ଦିବସ କୁମାର ମୁଣ୍ଡ, ଏମଆଇଏସ ସଂଯୋଜକ ପ୍ରଭୁଦତ୍ତ ନାଏକ, ହିସାବ ରକ୍ଷକ ନରେଶ ସାହୁ, ଦେବରାଜ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଉପଖଣ୍ଡସ୍ତରୀୟ ସମନ୍ୱୟ ବୈଠକ

**ଖପ୍ରାଖୋଲ,୨୬।୧୨(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ହରିଶଙ୍କର ଫରେଷ୍ଟ ଡାକ ବଙ୍ଗଳାଠାରେ ପାଟଣାଗଡ ଉପଖଣ୍ଡସ୍ତରୀୟ ସମନ୍ୱୟ ବୈଠକ ଉପଜିଲାପାଳ ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାଟଣାଗଡ ସବଜଜ ଅରୁଣ ପଟ୍ଟନାୟକ, ଉପଖଣ୍ଡ ପୋଲିସ୍ ଅଧିକାରୀ ଜ୍ୟୋର୍ତିମୟ ଭୁକ୍ତା, ଖପ୍ରାଖୋଲ ବିଡିଓ ରଶ୍ମିରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ କୁମାର ମିଶ୍ର, ପାଟଣାଗଡ ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡା, ବେଲପଡା ତହସିଲଦାର ପ୍ରଶାନ୍ତି ପଧାନ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଉପଖଣ୍ଡସ୍ତରର ବିକାଶ ପାଇଁ ସବୁ ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଥିବା ଉପଜିଲାପାଳ କହିଥିଲେ। ବୈଠକରେ ଲାଠୋର ରେଞ୍ଜ ଅଧିକାରୀ ପ୍ରଭାତୀ ସେଠ, ଖପ୍ରାଖୋଲ ସିଡିପିଓ ସୁଜାତା ଦୋରା ଉପସ୍ଥିତ ଥିଲେ। ବୈଠକ ଆରମ୍ଭରେ ହରିଶଙ୍କରଠାରେ ସ୍ୱଚ୍ଛତା ସଚେତନତା ରାଲି ଆୟୋଜିତ ହୋଇଥିଲା।

### ସୁଶାସନ ଦିବସ ପାଳିତ

**ଲୋଇସିଂହା,୨୬।୧୨(ଡି.ଏନ.ଏ):** ଲୋଇସିଂହା ବ୍ଲକ କଶମେଲରେ ଭାଜପା ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ଜୟନ୍ତୀ ସୁଶାସନ ଦିବସଭାବେ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି କିଶୋର ପଟେଲଙ୍କ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅମରଜିତ ପଟେଲ, ଲେକ୍ସ ତ୍ରିପାଠୀ, ରଘୁ ସାହୁ, ମଣ୍ଟୁ ସାହୁ, ବିଘ୍ନରାଜ ପଧାନ ପ୍ରମୁଖ ଉପସ୍ଥିତ ରହି ବାଜପାୟୀଙ୍କ ସ୍ମୃତିଚାରଣ କରିଥିଲେ।

### ଜିଲା ପେସାଦାର ସାମ୍ବାଦିକ ସଂଘ ବୈଠକ

**ଲୋଇସିଂହା,୨୬।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଆଥଲେଟିକ ଆସୋସିଏସନ ସଭାଗୃହରେ ଜିଲା ପେସାଦାର ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଆନନ୍ଦ ଚନ୍ଦ୍ର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ବିମଳେନ୍ଦୁ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିବଂଗତ ସଦସ୍ୟ ସତ୍ୟନାରାୟଣ ବେହେରାଙ୍କ ସ୍ମୃତିରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମାଲକାନଗିରିରେ ୫ଜଣ ଖବରଦାତାଙ୍କ ଗିରଫ ଘଟଣାକୁ ବୈଠକରେ ନିନ୍ଦା କରାଯାଇଥିଲା। ଏହାବାଦ ଜିଲା ସଂଘର ତିନିଜଣ ସଦସ୍ୟଙ୍କ ବିରୋଧରେ ଜାରି ହୋଇଥିବା ଗିରଫ ପରୱାନା ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଅଶ୍ୱିନୀ ନାଏକ, ଶ୍ୟାମପ୍ରସାଦ ଗୁରୁ, ଦେବାଶିଷ ମିଶ୍ର, ଅଶୋକ ନାରାୟଣ ଭୋଇ, ବିରାଜନନ୍ଦ ପାଢୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା, ସରପଞ୍ଚ ସୁନୀଲ ଅଗ୍ରୱାଲ ଅତିଥିଭାବେ ଯୋଗଦେଇଥିଲେ। ସୁଶାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ମୃତ ଡ୍ରାଇଭରଙ୍କ ପରିବାରକୁ ସହାୟତା ପ୍ରଦାନ

**କୋକସରା,୨୬।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ଗ୍ରାମର ଡ୍ରାଇଭର ସ୍ୱର୍ଗତ ସଞ୍ଜୟ ଦାସ (କାଲିଆ)ଙ୍କ ପରିବାରକୁ କୋକସରା ବ୍ଲକ ଡ୍ରାଇଭର ମହା ସଂଘ ପକ୍ଷରୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ସୂଚନା ଅନୁସାରେ ଗତ ୧୪ ତାରିଖରେ ଆମପାଣିରୁ ଘରକୁ ଫେରୁଥିବା ବେଳେ ବିଜୁ ଏକ୍ସପ୍ରେସ ୱେ ବଡକେନ୍ଦୁଗୁଡା ନିକଟରେ ଦୁର୍ଘଟଣାରେ ସଞ୍ଜୟଙ୍କ ମୃତ୍ୟୁ ଘଟିଥିଲା। ସେ ଡ୍ରାଇଭର ଭାବେ କାର୍ଯ୍ୟ କରି ନିଜ ପରିବାର ପ୍ରତିପୋଷଣ କରି ଆସୁଥିଲେ। ପରିବାର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ପରିବାର ଦୁଃଖରେ ଭାଙ୍ଗି ପଡିଥିବା ବେଳେ କୋକସରା ଡ୍ରାଇଭର ସଂଘ ପକ୍ଷରୁ ତାଙ୍କ ପରିବାରକୁ ୨୦ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯାଇଛି। ଏହି ଅବସରରେ ଡ୍ରାଇଭର ସଂଘର ଭଗବାନ ପଟ୍ଟନାୟକ, ଚଇ ଗୋପାଳ, ବୃନ୍ଦାବନ ଦୁର୍ଗା, ଜଗନ୍ନାଥ ଦଳପତି, କାହ୍ନା ବାଗ, ଲାଲୁ ଯାଦବ, ତରୁଣ କୁମାର ନାଏକଙ୍କ ସମେତ ଡ୍ରାଇଭର ସଂଘ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାରକୁ ଆଶ୍ୱାସନା ଦେଇଥିଲେ।

# ‘ଜନାଭିମୁଖୀ କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚାଅ’


ବିଜେଡିରେ ନୂତନ ସଦସ୍ୟଙ୍କୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସ୍ୱାଗତ କରୁଛନ୍ତି।



ପ୍ରତିଷ୍ଠା ଦିବସ ସଭାରେ ମଞ୍ଚାସୀନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ଅନ୍ୟମାନେ।

**ବଲାଙ୍ଗୀର ଅଫିସ,୨୬।୧୨**

ବିଜେଡିର ୨୫ତମ ପ୍ରତିଷ୍ଠା ଉତ୍ସବ ବଲାଙ୍ଗୀର ମୀନା ଟେଣ୍ଟହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲ ମୋଡରେ ଉଦ୍‌ବୋଧନ ଦେଇ ନେତା, କର୍ମୀଙ୍କୁ ଉତ୍ସାହିତ କରିଥିଲେ। ପରେ ଜିଲା ବିଜେଡି ଯୁବ ସଭାପତି ରାଜେନ୍ଦ୍ର ପ୍ରସାଦ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଦଳର ଶୃଙ୍ଖଳା ଓ ବିଜେଡି ସରକାର କିଭଳି ଓଡିଶାର ବିକାଶମୂଳକ କାର୍ଯ୍ୟ ଜାରି ରଖିଛନ୍ତି କହିଥିଲେ। ନେତା ଓ କର୍ମୀ ସରକାରଙ୍କ ଜନାଭିମୁଖୀ କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚାଇବାକୁ କହିଥିଲେ। ଏହି ଅବସରରେ ସେ ଜିଲାର ପ୍ରଥମ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ଆଡଭୋକେଟ୍ ଅଶୋକ ମହାନ୍ତି, ବରିଷ୍ଠ ନେତା ଆଡଭୋକେଟ୍ ଓଁଙ୍କାର ନାୟକ, ସଦର ବ୍ଲକ୍ ଅଧ୍ୟକ୍ଷ ଗୋଲାପ ବାଗ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡିର ବିପୁଳ ବିଜୟ ପାଇଁ ଜନସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ସାଧାରଣ ସମ୍ପାଦକ କୈଳାସ ମହାନ୍ତି, ଭଗବାନ ବଗର୍ତ୍ତୀ, ସନ୍ତୋଷିନୀ ବେହେରା, ଦମୟନ୍ତୀ ବାଗ, ଲିପିଶ୍ରୀ ସାଏ, ଆଡଭୋକେଟ୍ ଜୟରାମ ମିଶ୍ର ବକ୍ତବ୍ୟ ରଖିଥିଲେ। ଟିଟିଲାଗଡ(ଡି.ଏନ.ଏ.): ଟିଟିଲାଗଡ ସହରର ବିଜୁ ପଟ୍ଟନାୟକ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ଟୁକୁନି ସାହୁ ଓ ବିଜେଡି ନେତାମାନେ ମାଲ୍ୟାର୍ପଣ କରିଥିଲେ। ପରେ ଗୋବିନ୍ଦ ବାଟିକାରେ ଏକ ସଭାରେ ମନ୍ତ୍ରୀ ସାହୁ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ବିଜୟୀ କରିବା ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରମୋଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଗୀତା ବିଶି ସ୍ୱାଗତ ଅଭିଭାଷଣ ରଖିଥିଲେ। **ଦେଓଗାଁ(ଡି.ଏନ.ଏ.):** ଦେଓଗାଁ ବଙ୍ଗଳାଠାରେ ବ୍ଲକ ବିଜେଡି ସଭାପତି ତଥା ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ପ୍ରତିଷ୍ଠା ଦିବସ ପାଳନ ସଭାରେ ଜିଲା ସାଧାରଣ ସମ୍ପାଦକ ଉମା ଶଙ୍କର ସିଂ, ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ଅନ୍ତର୍ଯ୍ୟାମୀ ଭୋଇ, ଧ୍ରୁବଚରଣ ସାହୁ, ଗୁରୁଦେବ ରଣା, ଜିଲା ମହିଳା ସମ୍ପାଦିକା ପ୍ରମୋଦିନୀ ନାଏକ, ବ୍ଲକ ମହିଳା ସଭାନେତ୍ରୀ ମମତା କୁମୁରା, ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ସପକ୍ଷରେ ଛିଡା ହୋଇଥିବା ପ୍ରାର୍ଥୀମାନଙ୍କୁ ବିଜୟୀ କରିବା ଦିଗରେ କାମ କରିବା ପାଇଁ ଏହି ଅବସରରେ ବରିଷ୍ଠ ନେତା ମେହେର ଆହ୍ୱାନ ଦେଇଥିଲେ। ଶୈଳେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। **ବୌଦ୍ଧ,(ସ୍ୱ.ପ୍ର.):** ବୌଦ୍ଧ ଟାଉନହଲଠାରେ ଜିଲା ଯୁବ ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ପ୍ରଦୀପ କୁମାର ଅମାତ ଯୋଗଦେଇ ବିଜେଡି ସରକାରର ଉପଲବ୍ଧି ବଖାଣିଥିଲେ। ବରିଷ୍ଠ ନେତା ଧୁରୀଣ କୁମାର ଦେହୁରୀ, ପୂର୍ବତନ ଏନଏସି ଅଧ୍ୟକ୍ଷା ଦିପ୍ତିପ୍ରଭା ସ୍ୱାଇଁ, ଛାତ୍ର କଂଗ୍ରେସ ସଭାପତି ସଂଗ୍ରାମ ଦାସଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। **କନ୍ଧମାଳ,(ଡି.ଏନ.ଏ.):** କନ୍ଧମାଳ ହାଇସ୍କୁଲଠାରେ ବିପିନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାଯକ୍ରମରେ ବିଧାୟକ ମହିଧର ରଣା, ପୂର୍ବତନ ବିଧାୟକ ଭଗବାନ କହଁର, କେଦାର ସାହୁ, ମମତା ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ ବକ୍ତବ୍ୟ ରଖିଥିଲେ। **ସୋନପୁର,(ନି.ପ୍ର.):** ସୋନପୁର ବ୍ଲକ ଓ ସୁବର୍ଣ୍ଣପୁର ମ୍ୟୁନିସିପାଲିଟିସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ଭୀମ ଭୋଇ କଳା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଗତ ୨୨ବର୍ଷ ଧରି ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ, ବିଭିନ୍ନ ଯୋଜନା, ଦଳର ନୀତି, ଆଦର୍ଶ ତଥା ଦଳର ନେତା ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଯୋଗୁଁ ସମ୍ଭବ ହୋଇପାରିଥିବା କହିଥିଲେ। ତେଣୁ ସେବା ମନୋଭାବ ବଳରେ ଲୋକଙ୍କ ବିଶ୍ୱାସ ଜିତିବାକୁ ମନ୍ତ୍ରୀ ପୂଜାରୀ ଦଳୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଟାଉନ ସଭାପତି ଜନ୍ମେଜୟ ପାତ୍ର, ଏସ୍‌ସି ମୋର୍ଚ୍ଚା ଜିଲା ସଭାପତି ରାଜ କୁମାର ସୁନା, ଜିଲା ଉପସଭାପତି କଇରୁ ସ୍ୱାଇଁ, ପ୍ରକାଶ ସାହୁ, ନୀଳାମ୍ବର ଶତପଥୀ, ଶଙ୍କର ପ୍ରସାଦ ସା, ସିଟୁ ମହାପାତ୍ର, ଶାଶ୍ୱତ କୁମାର ମିଶ୍ର, ଗୋପାଳ ବରେଇ, ମାନଭଞ୍ଜନ ବେଦବାକ ଉପସ୍ଥିତ ଥିଲେ। ଦଳରେ ଯୋଗ ଦେଇଥିବା ସଫଳ ଚାଷୀ କରମଚାନ୍ଦ ମହାନ୍ତିଙ୍କୁ ମନ୍ତ୍ରୀ ପୂଜାରୀ ଏହି ଅବସରରେ ବିଜୁ କୃଷକ ଜନତା ଦଳ ଜିଲା ସଭାପତିଭାବେ ଘୋଷଣା କରିଥିଲେ। ଏହି ଅବସରରେ ଗୌରୀଶଙ୍କର ମହାପାତ୍ର, ବିଜୟ ଶଙ୍କର ମହାପାତ୍ର, ବଦ୍ରି ନାରାୟଣ ମହାପାତ୍ର, ଆକାଶ ବିଶ୍ୱାଳ, ଡୋଳାମଣି ବଣିଆ, ଆଶିଷ ନାଏକ, ସ୍ୱାଗତମ ପାତ୍ର ଓ ମାଣିକ ମେହେର ବିଜେଡିରେ ଯୋଗ ଦେଇଥିଲେ। **ବିନିକା,(ଡି.ଏନ୍.ଏ):** ବିନିକ ସହରସ୍ଥିତ ଟାଉନ ହଲରେ ରବିବାର ନିର୍ବାଚନମଣ୍ଡଳସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପରିବହନ ମନ୍ତ୍ରୀ ତଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ରାଜ୍ୟର ସାମଗ୍ରିକ ବିକାଶ ବିଜେଡିର ଏକମାତ୍ର ଲକ୍ଷ୍ୟ ବୋଲି ସେ କହିଥିଲେ। ଜିଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦ, ବିନିକା ବ୍ଲକ ବିଜେଡି ସଭାପତି ଦ୍ୱାରିକାନାଥ ସାହୁ, ଏନ୍‌ଏସି ସଭାପତି ସୋମନାଥ ମିଶ୍ର, ରାଜ୍ୟ ପରିଷଦ ସଭ୍ୟ ଉତର କୁମାର ପାତ୍ର, ଜିଲା ବିଜେଡି ସମ୍ପାଦକ ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ଉଲୁଣ୍ଡା ବ୍ଲକ ବିଜେଡି ସଭାପତି ଝସକେତନ ବଘାର, ଜିଲା ମହିଳା ବିଜେଡି ସଭାପତି ପଦ୍ମିନୀ ବଘାର ମଞ୍ଚାସୀନ ଥିଲେ। ଏହି ଅବସରରେ ଜୀବନବନ୍ଧୁ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ମନ୍ତ୍ରୀ ବେହେରା ଉଦ୍‌ଘାଟନ କରିଥିଲେ। ବିନିକା ଟାଉନ ହଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୫୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜୀବନବିନ୍ଦୁ ଜିଲା ସଂଯୋଜକ ରଞ୍ଜିତ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା। **ତରଭା,(ଡି.ଏନ୍.ଏ.):** ତରଭା ବ୍ଲକ ସମ୍ମୁଖ କୃଷ୍ଣର୍ଜୁନ କଳାମଣ୍ଡପରେ ତରଭା ନଗର ଓ ବ୍ଲକସ୍ତରୀୟ ପ୍ରତିଷ୍ଠା ଦିବସ ଜିଲା ସଭାପତି ସରୋଜ କର୍ମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ନିରଞ୍ଜନ ପୂଜାରୀ କାର୍ଯ୍ୟକ୍ରମରେ ଯୋଗଦେଇ ଆଗାମୀ ଦିନରେ ଦଳକୁ ଆହୁରି ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଚାରଭଟା ସରପଞ୍ଚ ପ୍ରଭାତ ପାତ୍ର, ହେମନ୍ତ ମାଝୀ, ରାଜେନ୍ଦ୍ର ଝାଙ୍କର, ପ୍ରବିଣ ନାଗ ବକ୍ତବ୍ୟ ରଖିଥିଲେ। ସଭାକାର୍ଯ୍ୟକୁ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିଲେ। **ଭବାନୀପାଟଣା/ଜୁନାଗଡ,(ସ୍ୱ.ପ୍ର./ଡି.ଏନ.ଏ.):** ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପଠାରେ ଜିଲାସ୍ତରୀୟ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜୁନାଗଡ ସଂସ୍କୃତି ଭବନରେ ନଗର ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗଦେଇଥିଲେ। ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦିକା ବିଜୟା ଲକ୍ଷ୍ମୀ କନ୍ଦପାନ, ଯୁଗ୍ମ ସମ୍ପାଦିକା ମନିଷା ସାହୁ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ସୁଧାଂଶୁ ଶେଖର ବରାଡ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଶ୍ମି ରଞ୍ଜନ ନାୟକ, ନଗର ସଭାନେତ୍ରୀ ମନୋରମା ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମହେଶ ସାହୁ ପରିଚାଳନା କରିଥିଲେ। **କର୍ଲାମୁଣ୍ଡା,(ଡି.ଏନ.ଏ.):** କାର୍ଲାମୁଣ୍ଡା ବ୍ଲକ ସଦର ଆମ୍ବା ଅଫିସ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଭୂପିନ୍ଦର ସିଂ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଓ ବାବୁଲି ମଣ୍ଡଳ ଉପସ୍ଥିତ ଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ କିପରି ଦଳ ଭଲ ପ୍ରଦର୍ଶନ କରିବ ସେଥିପାଇଁ ସମସ୍ତେ ଏକାଠି ହୋଇ କାମ କରିବାକୁ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। **କୋକସରା,(ଡି.ଏନ.ଏ.):** କୋକସରା କଲ୍ୟାଣ ମଣ୍ଡପରେ ବ୍ଲକ ସଭାପତି ସୁଶାନ୍ତ ବେହେରାଙ୍କ ସଭାପତିତ୍ୱରେ ପର୍ଶୁରାମ ପ୍ରଧାନୀ, ପ୍ରମୋଦ କିଶୋର ଦାସ, ବିନୋଦ ବିହାରି ରାଉତ, ଅନୁସୂଚିତ ଜାତି ସେଲ ସଭାପତି ରମେଶ ଦୁର୍ଗା, ଛାତ୍ର ଜନତା ଦଳ ସଭାପତି ମାନସ ବେହେରା ଉପସ୍ଥିତ ଥିଲେ। **ଲାଞ୍ଜିଗଡ,(ଡି.ଏନ.ଏ.):** ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ରୋଡ ପଞ୍ଚାୟତରେ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଧାୟକ ପ୍ରଦିପ କୁମାର ଦିଶାରୀ, ପୂର୍ବତନ ବିଧାୟକ ଶିବାଜୀ ମାଝି, ବ୍ଲକ ଅଧ୍ୟକ୍ଷ ଫକୀର ମୋହନ ମାଝି, ଲାଞ୍ଜିଗଡ ରୋଡ ସରପଞ୍ଚ ଟଙ୍କଧର ମାଝି ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ କଂଗ୍ରେସ ଓ ଭାଜପାରୁ କର୍ମୀମାନେ ବିଜେଡିରେ ସାମିଲ ହୋଇଥିଲେ। **ନୂଆପଡ଼ା ଅଫିସ/ବୋଡେନ,(ଡି.ଏନ.ଏ.):** ସ୍ଥାନୀୟ ପୋଲିସ ପଡିଆରେ ବିଜେଡିର ପ୍ରତିଷ୍ଠା ଦିବସ ତଥା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁ ପ୍ରତାପ ସିଂ ମାଝି ଅଧ୍ୟକ୍ଷତା କରିଥିଲେ। ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ତତ୍ତ୍ୱାବଧାରରେ ସଭା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟ ଦଳର ବହୁ ପୁରୁଣା ନେତାମାନେ ବିଜେଡିରେ ଯୋଗଦାନ କରିଥିଲେ। ବୋଡେନ ହାଇସ୍କୁଲ ଖେଳ ପଡିଆଠାରେ ବ୍ଲକ ସଭାପତି ଲୋକନାଥ ଛତ୍ରିଆଙ୍କ ସଭାପତିତ୍ୱରେ ଜିଲା ଉପସଭାପତି ନୃପରାଜ ତାଣ୍ଡି, ଜିଲା ସହ ସମ୍ପାଦକ ଯୋଗେନ୍ଦ୍ରନାଥ ମାଝି, ବ୍ଲକ ଯୁବ ସଭାପତି ଦିକପାଳ ନାଗ ଉପସ୍ଥିତ ଥିଲେ।

## ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ପାଳିତ


ନୂଆପଡ଼ା ପ୍ରତିଷ୍ଠା ଦିବସରେ ମଞ୍ଚାସୀନ କର୍ମୀ ବୃନ୍ଦ।



ଜୁନାଗଡରେ ଅନୁଷ୍ଠିତ ବିଜେଡିର ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି।

# ଖୁଜେନପାଲି-ଉପରଝର ରାସ୍ତାର ଶିଳାନ୍ୟାସ

**ବଲାଙ୍ଗୀର ଅଫିସ, ୨୬।୧୨**


ବିଧାୟକ ନରସିଂହ ମିଶ୍ର ଖୁଜେନପାଲି-ଆଟଗାଁ-ଉପରଝର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ବଲାଙ୍ଗୀର ସଦର ବ୍ଲକ ପଣ୍ଡରାପିଟାଠାରେ ୧୩କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବାଖୁଜେନପାଲି-ଆଟଗାଁ-ଉପରଝର ପୂର୍ତ୍ତ ବିଭାଗ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ରବିବାର ସ୍ଥାନୀୟ ବିଧାୟକ ନରସିଂହ ମିଶ୍ରଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ଏହି ରାସ୍ତାକୁ ପୂର୍ତ୍ତ ବିଭାଗ ଅଧିନକୁ ଅଣାଯାଇଛି। ଦୀର୍ଘ ୧୧ କିମିରୁ ଉର୍ଦ୍ଧ୍ୱ ଥିବା ଏହି ରାସ୍ତା ବଲାଙ୍ଗୀର ସହରରୁ ଖୁଜେନପାଲି, ପଣ୍ଡରାପିଟା, ମାକରଚୁଆଁ ଦେଇ ଆଟଗାଁ, ଉପରଝର ପିଡବ୍ଲ୍ୟୁଡି ରାସ୍ତାକୁ ସଂଯୋଗ କରିବ। ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସଦର ବ୍ଲକ ଉପାଧ୍ୟକ୍ଷା ଯଶୋବନ୍ତୀ ବଘାର, ବିଧାୟକଙ୍କ ବ୍ଲକ ପ୍ରତିନିଧି କିଶୋର ସିଂ ନିନା, ଖୁଜେନପାଲି ସରପଞ୍ଚ ସତ୍ୟବାନ ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ଉପସ୍ଥିତ ଥିଲେ। ଏହା ସହିତ ବାଗଭାଡିଠାରେ ଅତିରିକ୍ତ ଶ୍ରେଣୀ ଗୃହ, ଖୁଜେନପାଲିଠାରେ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ, ଅଙ୍ଗନୱାଡି କେନ୍ଦ୍ରର ଉଦ୍‌ଘାଟନ ଓ କମ୍ୟୁନିଟି ସେଣ୍ଟର, କୁଦେଇପାଲିରୁ ବାଗଭାଡି ଯିବା ରାସ୍ତାରେ ଥିବା ନାଳ ଉପରେ ପୋଲ, ବରକାନୀ ଓ ଅଇଁଲାଚୁଆଁଠାରେ କମ୍ୟୁନିଟି ସେଣ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ବିଧାୟକ ମିଶ୍ର। ଏହି ଅବସରରେ ବରକାନି ଖେଳ ପଡିଆରେ ଅନୁଷ୍ଠିତ ଫୁଟବଲ ଖେଳର ପୁରସ୍କାର ବିତରଣୀ ଉତ୍ସବର ବିଜୟୀ ତଥା ଉପବିଜୟୀ ଦଳକୁ ବିଧାୟକ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ।

# ଭାଜପା ସମ୍ମିଳନୀରେ ୧୦ଟି ପ୍ରଶ୍ନ

**ନୂଆପଡ଼ା ଅଫିସ,୨୬।୧୨**



ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏମ୍‌ପି ସୂଚନା ଦେଉଛନ୍ତି।

ନୂଆପଡା ଜିଲା ଭାଜପା ପକ୍ଷରୁ ସ୍ଥାନୀୟ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସରକାରଙ୍କଠାରେ ୧୦ଟି ପ୍ରଶ୍ନ ରଖିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଗୃହକୁ ବିଜୁ ପକ୍କାଘର ନାମରେ ୨୬ ଲକ୍ଷ ୯୫ ହଜାର ୮୩୭ ଘର ଓଡିଶାରେ ପ୍ରଦାନ କରିଛନ୍ତି। ଆବାସ ପ୍ଲାସ ସାଇଟରେ କେନ୍ଦ୍ର ସରକାର ୬ ଥର ସମୟ ସୀମା ବୃଦ୍ଧି କରିଥିଲେ ମଧ୍ୟ ଓଡିଶାର ଲୋକେ ବଞ୍ଚିତ ହୋଇଛନ୍ତି। ମୋଦି ସରକାର ନିଜର ସେୟାର ଦେଉଥିବା ବେଳେ ରାଜ୍ୟ ସରକାର ନିଜ ସେୟାର ଦେଉ ନ ଥିବା ଅଭିଯୋଗ କରିଛନ୍ତି। ଆବାସ ଯୋଜନାରେ ଶହେ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଆଣିଥିଲେ। ଆବାସ ଗୃହରେ ହାତଗୁଞ୍ଜା, ଦୁର୍ନୀତିଲିପ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ସେ ଅଭିଯୋଗ ଆଣିଛନ୍ତି। ବିଜୁ ପକ୍କାଘର ହିତାଧିକାରୀଙ୍କ ତାଲିକା ସାର୍ବଜନିନ କରିବା ପାଇଁ ଦାବି କରିଛନ୍ତି। ୨୦୧୪-୧୯ ସୁଧା ମୁଣ୍ଡରେ ପକ୍କାଘର, ଭୂମିହୀନଙ୍କୁ ଜମି ପ୍ରଦାନ ଲକ୍ଷ୍ୟ ମଧ୍ୟ ପୂରଣ କରି ନ ଥିବା ଆଦି ବିଷୟ ଉପରେ ୧୦ଟି ପ୍ରଶ୍ନ ଦେଇଥିଲେ। ଖବରଦାତା ସମ୍ମିଳନୀରେ ଏମ୍‌ପିଙ୍କ ସମେତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ହରିଜନ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନିଜର ଆର୍ଯ୍ୟ, ଭାଜପା ଜିଲା ସମ୍ପାଦକ ଭଗତ ସିଂ, ଜିଲା କୋଷାଧ୍ୟକ୍ଷ ସୁଶାନ୍ତ ପତି, ନଗର ମଣ୍ଡଳ ସଭାପତିବିଜୟ ଚନ୍ଦ୍ରପାର, ସଦାନନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ମହୁଲପଡାରେ ଆଦିବାସୀ ମେଳି

**ଟିଟିଲାଗଡ଼,୨୬।୧୨ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ମହୁଲପଡାଠାରେ ଉତ୍କଳ କନ୍ଧ ସମାଜ ଏବଂ ଟୁପା ପ୍ରଗଣା ଡାକରାରେ ରବିବାର ଏକ ଆଦିବାସୀ ମେଳି ଅନୁଷ୍ଠିତ ହୋଇଛି। ଆଦିବାସୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ଭୋଇ ମୁଖ୍ୟଅତିଥି, ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ମହାସଚିବ ନିରଞ୍ଜନ ବିଶି ମୁଖ୍ୟବକ୍ତା. ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ଅବକାରୀ ଅଧିକ୍ଷକ ପୁରୁଷୋତ୍ତମ ଧରୁଆ, ବ୍ଲକ ସଭାପତି ପଦ୍ମନ ପ୍ରଧାନୀ, ଉପସଭାପତି ଶତ୍ରୁଘ୍ନ ମାଝୀ, ସାଙ୍ଗଠନିକ ସମ୍ପାଦକ ଜଗନ୍ନାଥ ମାଝୀ ଯୋଗଦେଇଥିଲେ। ଗାଁଗଣ୍ଡାରେ ଅନେକ ଘରୋଇ ମାଇକ୍ରୋଫାଇନାନ୍ସ କମ୍ପାନୀ ଚଢାସୁଧରେ ଋଣ ଦେଇ ଆଦିବାସୀ ମହିଳାଙ୍କୁ ଲୁଟ ବନ୍ଦ କରିବା, ପଞ୍ଚାୟତ ନିର୍ବାଚନରେ ଆଦିବାସୀଙ୍କ ପାଇଁ ଉଦ୍ଦିଷ୍ଟ ଆସନରେ ପ୍ରତିଦ୍ୱନ୍ଦ୍ୱିତା ବଦଳରେ ସହମତିରେ ଜଣେ ପ୍ରାର୍ଥୀଙ୍କୁ ଛିଡା କରିବା, ନକଲି ଆଦିବାସୀ ଚାକିରିଆଙ୍କୁ ତୁରନ୍ତ ବହିଷ୍କାର ଆଦିବାସୀ ମହାବିଦ୍ୟାଳୟ ପ୍ରତିଷ୍ଠା, ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବୃଦ୍ଧି କରିବାକୁ ଦାବି କରାଯାଇଛି। ଦାବି ଗୁଡିକ ସରକାର ପୂରଣ ନକଲେ ଆଦିବାସୀ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଥିଲେ।

# ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବେହେରା,୨୬।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ କଦଳୀମୁଣ୍ଡାଠାରେ ନବ ନିର୍ମିତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। କଦଳୀମୁଣ୍ଡା ସରପଞ୍ଚ କଳ୍ପନା ବୋଡକିଆଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ ଧର୍ମଗଡ ବିଧାୟକ ମୌସୁଧି ବାଗ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରୀ, ସମିତି ସଭ୍ୟା ଗୋଲାପି ବାଗ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିତରଞ୍ଜନ ପୂଝାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡ ସଭ୍ୟା ତଥା କଦଳୀମୁଣ୍ଡା, ହାତୀପଖାନ ଓ ତ୍ରିନାଥପୁର ଗ୍ରାମର ଅନେକ ବ୍ୟକ୍ତି ଉପସ୍ଥିତ ଥିଲେ।

**ODISHA LIFT IRRIGATION CORPORATION LIMITED**
(A Government of Orissa Undertaking)
**OFFICE OF THE EXECUTIVE ENG!NEER, LIFT IRRIGATION DIVISION, SAMBALPUR**
E-Mail- eeolicsbp@qmail.com
**Tender Call Notice No. 09/ 2021-22 / OLIC, SBP Dated: 22.12.2021**
No. CAD-2469:- Sealed tenders are invited from reputed manpower agencies/ service providers having valid labour licence to provide the services of Junior Engineer- 03 Nos. (01 No. of J.E. (Mech) and 02 Nos. of J.E. (Elect.) for a period of one year w.e.f. dt,. 01.02.2022 to dt. 31.01.2023 on contract basis for day to day field works & olficial works.
The detailed information for out sourcing the services of the aforesaid personnel has been given in the tender document which can be obtained in person from the Office of Executive Engineer, Lift Irrigation Division, Sambalpur on any working day from 27.12.2021. at 11.00 A.M. to 14.01.2022 at. 04.00 P.M. by depositing Rs.2000/- (Rupees Two thousand) only in shape of B.D. to be drawn in favour of the Executive Engineer, Lift Irrigation Division, Sambalpur towards cost of tender paper and the GST-18% to be deposited in shape of E-Challan vide GSTIN No. 21AAACO5986G1ZF (Non-Refundable). The last date and time for submission of tender document is 15.01.2022 by 1 P.M. The tender will be opened on same day at 03.00 P.M.
Sd./- Executive Engineer
Lift Irrigation Division, Sambalpur
OIPR-32142/11/0007/2122

**ODISHA POLICE DISTRICT HEAD QUARTER GANJAM, CHATRAPUR**
**Address: Superintendent of Police, Ganjam, Chatrapur**
**Contact No.: 06811263366**
**E-mail: spgjm.orpol@nic.in**
No.3151/R.O. Date: 26.12.2021
**TENDER CALL NOTICE FOR HIRING OF VEHICLES FOR NH PATROLING**
Sealed tenders are invited from registered travel agencies for hiring of commercial light vehicles on monthly basis. Details regarding eligibility criteria, terms & conditions and the formats of submission of tender (Technical & Financial bid) are mentioned in the tender document which may be downloaded from the **ganjam. nic.in** website. Interested agencies may submit their tenders in a sealed envelope with superscribing on the top of the sealed envelopes as Tender for Hiring of Vehicles for NH Patrol on monthly basis to Supdt. of Police, Ganjam.
The tender should reach the office of the undersigned by **02.01.2022** (till 5.30 P.M.). The tenders will be opened on **04.02.2022** at **DPO, GANJAM** for finalization of Technical Bid. The Financial Bid will be opened on **05.02.2022** at **DPO, GANJAM**. The undersigned reserves the right to reject any or all the tenders without assigning any reason thereof.
**Sd./- Superintendent of Police**
**Ganjam**

**ନୂତନ ବିଇଓଙ୍କ ଯୋଗଦାନ**

ଜୁନାଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଶିକ୍ଷା ବିଭାଗରେ ନୂତନ ବିଇଓ ଭାବେ ଆରିଫା ସୁଲତାନା ଯୋଗଦେଇଛନ୍ତି। ତାଙ୍କୁ ଶିକ୍ଷାବିଭାଗରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ସମେତ ପ୍ରାଥମିକ ଶିକ୍ଷକ ସଂଘ (ହରିପୁର ରୋଡ)ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମୟରେ ଏବିଇଓ କ୍ଷିରୋଦ ଭୋଇ, ଦୁର୍ଗେ ମେହେର, ଜୁନାଗଡ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସରୋଜ ପଣ୍ଡା, ମୁଖ୍ୟ କିରାଣି ଜଗତରାମ ଗହୀର, ଶିକ୍ଷକ ସମରେନ୍ଦ୍ର ଶେଖର ଦାଶ, ଦିବସ କୁମାର ମୁଣ୍ଡ, ଏମଆଇଏସ ସଂଯୋଜକ ପ୍ରଭୁଦତ୍ତ ନାଏକ, ହିସାବ ରକ୍ଷକ ନରେଶ ସାହୁ, ଦେବରାଜ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଥିଲେ ଦିଅ, ନ ଥିଲେ ନିଅ

**ବରଗଡ଼ ଅଫିସ୍,୨୬।୧୨:** ବରଗଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂକଳ୍ପ ପରିବାର ପକ୍ଷରୁ ଥିଲେ ଦିଅ ନ ଥିଲେ ନିଅ ଭଳି ଏକ ଅଭିନବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାରଠାରୁ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଶୀତବସ୍ତ୍ର ସଂଗ୍ରହ କରାଯିବା ସହିତ ଅସହାୟ ଲୋକଙ୍କୁ ତାହା ବଣ୍ଟନ କରାଯାଇଥିଲା। ସ୍ଥାନୀୟ ଟାଉନ ଥାନା ସମ୍ମୁଖରେ ଚାଲିଥିବା ଏହି କାର୍ଯ୍ୟକ୍ରମକୁ ଥାନାଧିକାରୀ ସଦାନନ୍ଦ ପୂଜାହାରୀ ଶୁଭାରମ୍ଭ କରିଥିଲେ। ବହୁ ବଦାନ୍ୟ ଲୋକ ସେଠାକୁ ପହଞ୍ଚି ଶୀତବସ୍ତ୍ର ଦାନ କରିଥିଲେ। ଅନ୍ୟପଟେ ସ୍ୱେଚ୍ଛାସେବୀମାନେ ସଂଗୃହୀତ ଶୀତବସ୍ତ୍ରକୁ ଅସହାୟ ଗରିବ ଲୋକଙ୍କୁ ବାଣ୍ଟିଥିଲେ। ଆଡ଼ଭୋକେଟ ଲିପ୍‌ସିତ ମିଶ୍ର ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିବା ସହିତ ଶୀତବସ୍ତ୍ର ବାଣ୍ଟିଥିଲେ। ସଂକଳ୍ପ ପରିବାର ସଭାପତି ରୋହିତ ଜୟସ୍ୱାଲ, ଉପସଭାପତି ଜି. ରମେଶ, କୋଷାଧ୍ୟକ୍ଷ ନିଧାନ ଦନ୍ତା ଏବଂ ଅନ୍ୟ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ ।

### ଘେଁସ କଲେଜରେ ପାଠଚକ୍ର

**ସୋହେଲା,୨୬।୧୨(ଡି.ଏନ.ଏ):** ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଘେଁସ ମହାବିଦ୍ୟାଳୟରେ ଶନିବାର ମୋ କଲେଜ ଅଭିଯାନ ଆନୁକୂଲ୍ୟରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଗଜାନନ ଭୋଇ ଭୋଇ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଜଗଦୀଶ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅନୁଷ୍ଠାନର ବିକାଶରେ ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। କଲେଜର ଗ୍ରନ୍ଥଗାରିକ ଶ୍ୟାମସୁନ୍ଦର ବେହେରା, ଅଧ୍ୟାପକ ଉମେଶ ଚନ୍ଦ୍ର ପ୍ରଧାନ, ସୁବ୍ରତ ମିଶ୍ର ପାଠଚକ୍ର ଉପରେ ମତ ଦେଇଥିଲେ। ମୋ କଲେଜ ଅଭିଯାନ ସଂଯୋଜକ ତଥା ଅଧ୍ୟାପକ ସବ୍ୟସାଚୀ ପାଣିଗ୍ରାହୀ ପୁରାତନ ଛାତ୍ର ତଥା ଗୋଷ୍ଠୀର ଉତ୍ତରଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ। ଅଧ୍ୟାପିକା ନିରୁପମା ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

### ଚାଷୀ ବିକ୍ଷୋଭ ସମାବେଶ ସ୍ଥଗିତ

**ପଦ୍ମପୁର,୨୬।୧୨(ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁରରେ ଚାଷୀ ସମସ୍ୟା ନେଇ ୨୭ ତାରିଖରେ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ହେବାକୁ ଥିବା ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ଏ ନେଇ ରାଜବୋଡାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବିକ୍ଷୋଭ ପାଇଁ ଚାଷୀମାନଙ୍କ ପ୍ରସ୍ତୁତି ବୈଠକ ହୋବ ପରେ ଉପ ଜିଲାପାଳ ତ୍ରିଲୋଚନ ପାତ୍ର, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଭୂତି ଭୂଷଣ ଭୋଇ, ଥାନାଧିକାରୀ ରାଜେନ୍ଦ୍ର ସିଅଲ ପ୍ରମୁଖ ସ୍ଥାନୀୟ ଗୋରୁ ବଜାର ପ୍ରାଙ୍ଗଣରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଏଥିରେ ୬ଟି ବ୍ଲକର ଚାଷୀ ପ୍ରତିନିଧିଙ୍କ ସହ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଚାଷୀମାନେ ମହଙ୍ଗା ବିଦ୍ୟୁତ୍ ଦେୟ, କଟନୀଛଟନୀ, ପୂର୍ବବର୍ଷର ବୀମାରାଶି ଏଯାଏ ନ ମିଳିବା, ବୀମାଭୁକ୍ତ ଚାଷୀଙ୍କୁ ରିଜେକ୍ଟ କରାଯିବା ଆଦି ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଉପଜିଲାପାଳ ଏହାକୁ ଗୁରୁତ୍ୱ ଦେଇ ତହସିଲଦାରଙ୍କ ଦ୍ୱାରା ଚାଷୀଙ୍କ କାଗଜପତ୍ର ଯାଞ୍ଚ କରି ଯୋଗ୍ୟ ଚାଷୀଙ୍କୁ ନିଶ୍ଚିତ ବୀମାଭୁକ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯାଞ୍ଚ ସମୟରେ ଚାଷୀ ପ୍ରତିନିଧି ସାମିଲ ହେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଉକ୍ତ ବିକ୍ଷୋଭ ସମାବେଶକୁ ସାମୟିକ ସ୍ଥଗିତ ରଖାଯାଇଥିଲା।

### ଉପଖଣ୍ଡସ୍ତରୀୟ ସମନ୍ୱୟ ବୈଠକ

**ଖପ୍ରାଖୋଲ,୨୬।୧୨(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ହରିଶଙ୍କର ଫରେଷ୍ଟ ଡାକ ବଙ୍ଗଳାଠାରେ ପାଟଣାଗଡ ଉପଖଣ୍ଡସ୍ତରୀୟ ସମନ୍ୱୟ ବୈଠକ ଉପଜିଲାପାଳ ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପାଟଣାଗଡ ସବଜଜ ଅରୁଣ ପଟ୍ଟନାୟକ, ଉପଖଣ୍ଡ ପୋଲିସ୍ ଅଧିକାରୀ ଜ୍ୟୋର୍ତିମୟ ଭୁକ୍ତା, ଖପ୍ରାଖୋଲ ବିଡିଓ ରଶ୍ମିରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ କୁମାର ମିଶ୍ର, ପାଟଣାଗଡ ତହସିଲଦାର ପୁଷ୍ପାଞ୍ଜଳି ପଣ୍ଡା, ବେଲପଡା ତହସିଲଦାର ପ୍ରଶାନ୍ତି ପଧାନ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଉପଖଣ୍ଡସ୍ତରର ବିକାଶ ପାଇଁ ସବୁ ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଥିବା ଉପଜିଲାପାଳ କହିଥିଲେ। ବୈଠକରେ ଲାଠୋର ରେଞ୍ଜ ଅଧିକାରୀ ପ୍ରଭାତୀ ସେଠ, ଖପ୍ରାଖୋଲ ସିଡିପିଓ ସୁଜାତା ଦୋରା ଉପସ୍ଥିତ ଥିଲେ ।

# ‘ଜନାଭିମୁଖୀ କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚାଅ’

## ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ପାଳିତ

**ବଲାଙ୍ଗୀର ଅଫିସ,୨୬।୧୨**



ବିଜେଡିରେ ନୂତନ ସଦସ୍ୟଙ୍କୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସ୍ୱାଗତ କରୁଛନ୍ତି।




ପ୍ରତିଷ୍ଠା ଦିବସ ସଭାରେ ମଞ୍ଚାସୀନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ଅନ୍ୟମାନେ।

ବିଜେଡିର ୨୫ତମ ପ୍ରତିଷ୍ଠା ଉତ୍ସବ ବଲାଙ୍ଗୀର ମୀନା ଟେଣ୍ଟହାଉସଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡରେ ଉଦ୍‌ବୋଧନ ଦେଇ ନେତା, କର୍ମୀଙ୍କୁ ଉତ୍ସାହିତ କରିଥିଲେ। ପରେ ଜିଲା ବିଜେଡି ଯୁବ ସଭାପତି ରାଜେନ୍ଦ୍ର ପ୍ରସାଦ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଦଳର ଶୃଙ୍ଖଳା ଓ ବିଜେଡି ସରକାର କିଭଳି ଓଡିଶାର ବିକାଶମୂଳକ କାର୍ଯ୍ୟ ଜାରି ରଖିଛନ୍ତି କହିଥିଲେ। ନେତା ଓ କର୍ମୀ ସରକାରଙ୍କ ଜନାଭିମୁଖୀ କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚାଇବାକୁ କହିଥିଲେ। ଏହି ଅବସରରେ ସେ ଜିଲାର ପ୍ରଥମ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ଆଡଭୋକେଟ୍ ଅଶୋକ ମହାନ୍ତି, ବରିଷ୍ଠ ନେତା ଆଡଭୋକେଟ୍ ଓଁଙ୍କାର ନାୟକ, ସଦର ବ୍ଲକ୍ ଅଧ୍ୟକ୍ଷ ଗୋଲାପ ବାଗ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡିର ବିପୁଳ ବିଜୟ ପାଇଁ ଜନସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ସାଧାରଣ ସମ୍ପାଦକ କୈଳାସ ମହାନ୍ତି, ଭଗବାନ ବଗର୍ତ୍ତୀ, ସନ୍ତୋଷିନୀ ବେହେରା, ଦମୟନ୍ତୀ ବାଗ, ଲିପିଶ୍ରୀ ସାଏ, ଆଡଭୋକେଟ୍ ଜୟରାମ ମିଶ୍ର ବକ୍ତବ୍ୟ ରଖିଥିଲେ। **ଟିଟିଲାଗଡ(ଡି.ଏନ.ଏ.):** ଟିଟିଲାଗଡ ସହରର ବିଜୁ ପଟ୍ଟନାୟକ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ଟୁକୁନି ସାହୁ ଓ ବିଜେଡି ନେତାମାନେ ମାଲ୍ୟାର୍ପଣ କରିଥିଲେ। ପରେ ଗୋବିନ୍ଦ ବାଟିକାରେ ଏକ ସଭାରେ ମନ୍ତ୍ରୀ ସାହୁ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ବିଜୟୀ କରିବା ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରମୋଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଗୀତା ବିଶି ସ୍ୱାଗତ ଅଭିଭାଷଣ ରଖିଥିଲେ। **ଦେଓଗାଁ(ଡି.ଏନ.ଏ.):** ଦେଓଗାଁ ବଙ୍ଗଳାଠାରେ ବ୍ଲକ ବିଜେଡି ସଭାପତି ତଥା ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ପ୍ରତିଷ୍ଠା ଦିବସ ପାଳନ ସଭାରେ ଜିଲା ସାଧାରଣ ସମ୍ପାଦକ ଉମା ଶଙ୍କର ସିଂ, ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର, ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ଅନ୍ତର୍ଯ୍ୟାମୀ ଭୋଇ, ଧ୍ରୁବଚରଣ ସାହୁ, ଗୁରୁଦେବ ରଣା, ଜିଲା ମହିଳା ସମ୍ପାଦିକା ପ୍ରମୋଦିନୀ ନାଏକ, ବ୍ଲକ ମହିଳା ସଭାନେତ୍ରୀ ମମତା କୁମୁରା, ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ସପକ୍ଷରେ ଛିଡା ହୋଇଥିବା ପ୍ରାର୍ଥୀମାନଙ୍କୁ ବିଜୟୀ କରିବା ଦିଗରେ କାମ କରିବା ପାଇଁ ଏହି ଅବସରରେ ବରିଷ୍ଠ ନେତା ମେହେର ଆହ୍ୱାନ ଦେଇଥିଲେ। ଶୈଳେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । **ବୌଦ୍ଧ,(ସ୍ୱ.ପ୍ର.):** ବୌଦ୍ଧ ଟାଉନହଲଠାରେ ଜିଲା ଯୁବ ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ପ୍ରଦୀପ କୁମାର ଅମାତ ଯୋଗଦେଇ ବିଜେଡି ସରକାରର ଉପଲବ୍ଧି ବଖାଣିଥିଲେ। ବରିଷ୍ଠ ନେତା ଧୁରୀଣ କୁମାର ଦେହୁରୀ, ପୂର୍ବତନ ଏନଏସି ଅଧ୍ୟକ୍ଷା ଦିପ୍ତିପ୍ରଭା ସ୍ୱାଇଁ, ଛାତ୍ର କଂଗ୍ରେସ ସଭାପତି ସଂଗ୍ରାମ ଦାସଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। **କନ୍ଧମାଳ,(ଡି.ଏନ.ଏ.):** କନ୍ଧମାଳ ହାଇସ୍କୁଲଠାରେ ବିପିନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାଯକ୍ରମରେ ବିଧାୟକ ମହିଧର ରଣା, ପୂର୍ବତନ ବିଧାୟକ ଭଗବାନ କଅଁର, କେଦାର ସାହୁ, ମମତା ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ ବକ୍ତବ୍ୟ ରଖିଥିଲେ। **ସୋନପୁର,(ନି.ପ୍ର.):** ସୋନପୁର ବ୍ଲକ ଓ ସୁବର୍ଣ୍ଣପୁର ମ୍ୟୁନିସିପାଲିଟିସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ଭୀମ ଭୋଇ କଳା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଗତ ୨୨ବର୍ଷ ଧରି ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ, ବିଭିନ୍ନ ଯୋଜନା, ଦଳର ନୀତି, ଆଦର୍ଶ ତଥା ଦଳର ନେତା ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଯୋଗୁଁ ସମ୍ଭବ ହୋଇପାରିଥିବା କହିଥିଲେ। ତେଣୁ ସେବା ମନୋଭାବ ବଳରେ ଲୋକଙ୍କ ବିଶ୍ୱାସ ଜିତିବାକୁ ମନ୍ତ୍ରୀ ପୂଜାରୀ ଦଳୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଟାଉନ ସଭାପତି ଜନ୍ମେଜୟ ପାତ୍ର, ଏସ୍‌ସି ମୋର୍ଚ୍ଚା ଜିଲା ସଭାପତି ରାଜ କୁମାର ସୁନା, ଜିଲା ଉପସଭାପତି କଇରୁ ସ୍ୱାଇଁ, ପ୍ରକାଶ ସାହୁ, ନୀଳାମ୍ବର ଶତପଥୀ, ଶଙ୍କର ପ୍ରସାଦ ସା, ସିଡୁ ମହାପାତ୍ର, ଶାଶ୍ୱତ କୁମାର ମିଶ୍ର, ଗୋପାଳ ବରେଇ, ମାନଭଞ୍ଜନ ବେଦବାକ ଉପସ୍ଥିତ ଥିଲେ। ଦଳରେ ଯୋଗ ଦେଇଥିବା ସଫଳ ଚାଷୀ କରମଚାନ୍ଦ ମହାନ୍ତିଙ୍କୁ ମନ୍ତ୍ରୀ ପୂଜାରୀ ଏହି ଅବସରରେ ବିଜୁ କୃଷକ ଜନତା ଦଳ ଜିଲା ସଭାପତିଭାବେ ଘୋଷଣା କରିଥିଲେ। ଏହି ଅବସରରେ ଗୌରୀଶଙ୍କର ମହାପାତ୍ର, ବିଜୟ ଶଙ୍କର ମହାପାତ୍ର, ବଦ୍ରି ନାରାୟଣ ମହାପାତ୍ର, ଆକାଶ ବିଶ୍ୱାଳ, ଡୋଳାମଣି ବଣିଆ, ଆଶିଷ ନାଏକ, ସ୍ୱାଗତମ ପାତ୍ର ଓ ମାଣିକ ମେହେର ବିଜେଡିରେ ଯୋଗ ଦେଇଥିଲେ। **ବିନିକା,(ଡି.ଏନ୍.ଏ):** ବିନିକ ସହରସ୍ଥିତ ଟାଉନ ହଲରେ ରବିବାର ନିର୍ବାଚନମଣ୍ଡଳସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପରିବହନ ମନ୍ତ୍ରୀ ତଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ରାଜ୍ୟର ସାମଗ୍ରିକ ବିକାଶ ବିଜେଡିର ଏକମାତ୍ର ଲକ୍ଷ୍ୟ ବୋଲି ସେ କହିଥିଲେ। ଜିଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦ, ବିନିକା ବ୍ଲକ ବିଜେଡି ସଭାପତି ଦ୍ୱାରିକାନାଥ ସାହୁ, ଏନ୍‌ଏସି ସଭାପତି ସୋମନାଥ ମିଶ୍ର, ରାଜ୍ୟ ପରିଷଦ ସଭ୍ୟ ଉତର କୁମାର ପାତ୍ର, ଜିଲା ବିଜେଡି ସମ୍ପାଦକ ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ଉଲୁଣ୍ଡା ବ୍ଲକ ବିଜେଡି ସଭାପତି ଝସକେତନ ବଘାର, ଜିଲା ମହିଳା ବିଜେଡି ସଭାପତି ପଦ୍ମିନୀ ବଘାର ମଞ୍ଚାସୀନ ଥିଲେ। ଏହି ଅବସରରେ ଜୀବନବନ୍ଧୁ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ମନ୍ତ୍ରୀ ବେହେରା ଉଦ୍‌ଘାଟନ କରିଥିଲେ। ବିନିକା ଟାଉନ ହଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୫୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜୀବନବିନ୍ଦୁ ଜିଲା ସଂଯୋଜକ ରଞ୍ଜିତ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା। **ତରଭା,(ଡି.ଏନ୍.ଏ.):** ତରଭା ବ୍ଲକ ସମ୍ମୁଖ କୃଷ୍ଣର୍ଜୁନ କଳାମଣ୍ଡପରେ ତରଭା ନଗର ଓ ବ୍ଲକସ୍ତରୀୟ ପ୍ରତିଷ୍ଠା ଦିବସ ଜିଲା ସଭାପତି ସରୋଜ କର୍ମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ନିରଞ୍ଜନ ପୂଜାରୀ କାର୍ଯ୍ୟକ୍ରମରେ ଯୋଗଦେଇ ଆଗାମୀ ଦିନରେ ଦଳକୁ ଆହୁରି ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଚାରଭଟା ସରପଞ୍ଚ ପ୍ରଭାତ ପାତ୍ର, ହେମନ୍ତ ମାଝୀ, ରାଜେନ୍ଦ୍ର ଝାଙ୍କର, ପ୍ରବିଣ ନାଗ ବକ୍ତବ୍ୟ ରଖିଥିଲେ। ସଭାକାର୍ଯ୍ୟକୁ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିଲେ। **ଭବାନୀପାଟଣା/ଜୁନାଗଡ,(ସ୍ୱ.ପ୍ର./ଡି.ଏନ.ଏ.):** ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପଠାରେ ଜିଲାସ୍ତରୀୟ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜୁନାଗଡ ସଂସ୍କୃତି ଭବନରେ ନଗର ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗଦେଇଥିଲେ। ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦିକା ବିଜୟା ଲକ୍ଷ୍ମୀ କନ୍ଦପାନ, ଯୁଗ୍ମ ସମ୍ପାଦିକା ମନିଷା ସାହୁ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ସୁଧାଂଶୁ ଶେଖର ବରାଡ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଶ୍ମି ରଞ୍ଜନ ନାୟକ, ନଗର ସଭାନେତ୍ରୀ ମନୋରମା ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମହେଶ ସାହୁ ପରିଚାଳନା କରିଥିଲେ। **କର୍ଲାମୁଣ୍ଡା,(ଡି.ଏନ.ଏ.):** କାର୍ଲାମୁଣ୍ଡା ବ୍ଲକ ସଦର ଆମ୍ବ୍ରା ଅଫିସ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଭୂପିନ୍ଦର ସିଂ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଓ ବାବୁଲି ମଣ୍ଡଳ ଉପସ୍ଥିତ ଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ କିପରି ଦଳ ଭଲ ପ୍ରଦର୍ଶନ କରିବ ସେଥିପାଇଁ ସମସ୍ତେ ଏକାଠି ହୋଇ କାମ କରିବାକୁ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। **କୋକସରା,(ଡି.ଏନ.ଏ.):** କୋକସରା କଲ୍ୟାଣ ମଣ୍ଡପରେ ବ୍ଲକ ସଭାପତି ସୁଶାନ୍ତ ବେହେରାଙ୍କ ସଭାପତିତ୍ୱରେ ପର୍ଶୁରାମ ପ୍ରଧାନୀ, ପ୍ରମୋଦ କିଶୋର ଦାସ, ବିନୋଦ ବିହାରି ରାଉତ, ଅନୁସୂଚିତ ଜାତି ସେଲ ସଭାପତି ରମେଶ ଦୂର୍ଗା, ଛାତ୍ର ଜନତା ଦଳ ସଭାପତି ମାନସ ବେହେରା ଉପସ୍ଥିତ ଥିଲେ। **ଲାଞ୍ଜିଗଡ,(ଡି.ଏନ.ଏ.):** ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ରୋଡ ପଞ୍ଚାୟତରେ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଧାୟକ ପ୍ରଦିପ କୁମାର ଦିଶାରୀ, ପୂର୍ବତନ ବିଧାୟକ ଶିବାଜୀ ମାଝି, ବ୍ଲକ ଅଧ୍ୟକ୍ଷ ଫକୀର ମୋହନ ମାଝି, ଲାଞ୍ଜିଗଡ ରୋଡ ସରପଞ୍ଚ ଟଙ୍କଧର ମାଝି ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ କଂଗ୍ରେସ ଓ ଭାଜପାରୁ କର୍ମୀମାନେ ବିଜେଡିରେ ସାମିଲ ହୋଇଥିଲେ। **ନୂଆପଡ଼ା ଅଫିସ/ବୋଡେନ,(ଡି.ଏନ.ଏ.):** ସ୍ଥାନୀୟ ପୋଲିସ ପଡିଆରେ ବିଜେଡିର ପ୍ରତିଷ୍ଠା ଦିବସ ତଥା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁ ପ୍ରତାପ ସିଂ ମାଝି ଅଧ୍ୟକ୍ଷତା କରିଥିଲେ। ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ତତ୍ତ୍ୱାବଧାରରେ ସଭା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟ ଦଳର ବହୁ ପୁରୁଣା ନେତାମାନେ ବିଜେଡିରେ ଯୋଗଦାନ କରିଥିଲେ। ବୋଡେନ ହାଇସ୍କୁଲ ଖେଳ ପଡିଆଠାରେ ବ୍ଲକ ସଭାପତି ଲୋକନାଥ ଛତ୍ରିଆଙ୍କ ସଭାପତିତ୍ୱରେ ଜିଲା ଉପସଭାପତି ନୃପରାଜ ତାଣ୍ଡି, ଜିଲା ସହ ସମ୍ପାଦକ ଯୋଗେନ୍ଦ୍ରନାଥ ମାଝି, ବ୍ଲକ ଯୁବ ସଭାପତି ଦିକପାଳ ନାଗ ଉପସ୍ଥିତ ଥିଲେ।



ନୂଆପଡ଼ା ପ୍ରତିଷ୍ଠା ଦିବସରେ ମଞ୍ଚାସୀନ କର୍ମୀବୃନ୍ଦ।



ଜୁନାଗଡରେ ଅନୁଷ୍ଠିତ ବିଜେଡିର ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି।

# ସମାନ କାମକୁ ସମାନ ଦରମା ଦିଅ




ସାଧାରଣ ସଭାରେ ମଞ୍ଚାସୀନ ବିଦ୍ୟୁତ୍ କର୍ମଚାରୀ ସଂଘର ନେତୃବୃନ୍ଦ ।

## ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘର ସାଧାରଣ ସଭା

**ସୋନପୁର,୨୬।୧୨(ନି.ପ୍ର.)**

ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘର ସାଧାରଣ ସଭା ଓ ଚଳିତ ବର୍ଷ ପାଇଁ ସୋନପୁର ଖଣ୍ଡର ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛ। ସୋନପୁର ଏନଜିଓସିସି ସଭାଗୃହରେ ଅନୁଷ୍ଠିତ ସାଧାରଣ ସଭାରେ ହୀରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘ ସଭାପତି ଲଳିତ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ସମାନ କାମକୁ ସମାନ ଦରମା ପ୍ରଦାନ ପାଇଁ ଦାବି କରିଥିଲେ। ସଂଘର ସାଧାରଣ ସମ୍ପାଦକ ପ୍ରଣୟ ନାୟକ, ଉପସଭାପତି ପବିତ୍ର ଖୁଣ୍ଟିଆ, ସହସମ୍ପାଦକ ସୁଶିଲ କୁମାର ବାଗ, ସମ୍ବିତ ପାତ୍ର, ଜୋନାଲ ସମ୍ପାଦକ ସୁଶିଲ ସେଠ୍, ସୁନିଲ ବାରିକ, ଉଦ୍ଧବ କରଣ ଓ ଧନଞ୍ଜୟ ପଧାନ ପ୍ରମୁଖ ବକ୍ତବ୍ୟରେ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଆଉଟ ସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରିବା ସହ ୨୫% ଏରିଅର ଦରମା ବୃଦ୍ଧି ପାଇଁ ଦାବି ଜଣାଇଥିଲେ। ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଜ୍ୟୋତି ରଞ୍ଜନ ଦାଶ ସୋନପୁର ଡିଭିଜନ ସମ୍ପାଦକ, ବୀରକିଶୋର ରଣା ସୋନପୁର ସବ୍ ଡିଭିଜନ ସମ୍ପାଦକ, ବିଶ୍ୱାମିତ୍ର ଦାସ ବୀରମହାରାଜପୁର ସବ୍ ଡିଭିଜନ ସମ୍ପାଦକ ଓ ନବ କୁମାର ରଣା ବିନିକା ସବ୍ ଡିଭିଜନ ସମ୍ପାଦକଭାବେ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକ୍ରମକୁ ସଞ୍ଜୟ ପାଣିଗ୍ରାହୀ, ଅଭୟ ବଳ, ଅମର ସାହୁ, ଗଜାନନ ପାତ୍ର ଓ ଅଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଜିଲାର ବିଭିନ୍ନ ବିଦ୍ୟୁତ୍ ସେକ୍ସନରେ କାର୍ଯ୍ୟରତ ଶତାଧିକ କର୍ମଚାରୀ ଓ ଶ୍ରମିକ ଯୋଗ ଦେଇଥିଲେ।

# ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

**ବୌଦ୍ଧ,୨୬।୧୨(ସ୍ୱ.ପ୍ର.)**

ବୌଦ୍ଧ ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ୱାଇସିଡିଏ ଆନୁକୂଲ୍ୟରେ ବହିରା ଗ୍ରାମ ପଞ୍ଚାୟତର ଅଙ୍ଗନୱାଡି କେନ୍ଦ୍ରଠାରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିର ସଭ୍ୟାସଭ୍ୟ ଉପସ୍ଥିତ ରହି ଶିଶୁ ଅଧିକାର,ଶିଶୁଙ୍କ ନିମନ୍ତେ ସରକାରଙ୍କ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହାବ୍ୟତୀତ ଚିତ୍ରାଙ୍କନ, ବେଲୁନ ଗ୍ୟାସ୍, ଅନ୍ଧପୁତୁଳି, ଦୌଡ଼ିଡିଆଁ ଏବଂ ଭାଷଣ ପ୍ରତିଯୋଗିତା କରାଯାଇ କୃତୀ ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବାଲ୍ୟବିବାହ ରୋକିବାକୁ ସାମୂହିକ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ସୁପରଭାଇଜର ରୋଜାଲିନ ମିଶ୍ର ଯୋଗଦେଇ ଶିଶୁ ଶ୍ରମିକରୁ ନିବୃତ୍ତ ରହିବା, ସମସ୍ତେ ଶିକ୍ଷିତ ହେବା ସହିତ ବାଲ୍ୟବିବାହ ଭଳି କୁସଂସ୍କାର ରୋକିବାକୁ ପରାମର୍ଶ ଦେଇଥିଲେ। ୱାଇସିଡିଏର କ୍ଷେତ୍ର କର୍ମୀ ସଞ୍ଜିତ କୁମାର ବେହେରା ଯୋଗଦେଇ ଶିଶୁ ଅଧିକାର ଉପରେ ଆଲୋଚନା କରିଥିଲେ। ପିୟର ଏଜୁକେଟର ଦିବ୍ୟାସିନୀ ଉର୍ମା ସମସ୍ତଙ୍କ ସମ୍ମୁଖରେ କିଶୋରମାନଙ୍କ ଦାବି ଉପସ୍ଥାପନ କରିଥିଲେ । ଅଙ୍ଗନୱାଡି କର୍ମୀ ପୂର୍ଣ୍ଣିମା ସାହୁ, ଭଗବାତୀ ସେଠୀ, ସାନ ଜଗଦଲା, ଆଶାକର୍ମୀ ଜୟନ୍ତୀ ଡାକୁଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିବାହିତ ମହିଳାଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ

**ତରଭା, ୨୬।୧୨( ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ବ୍ରାହ୍ମଣୀ ଗାଁରେ ମୋନାଲିସା ସାହୁ (୨୪) ନାମ୍ନୀ ଜଣେ ମହିଳା ବେକରେ ରଶି ଦେଇ ଆତ୍ମହତ୍ୟା କରିଥିଲେ। ହେଲେ ଶ୍ୱଶୁର ଘରେ ଲୋକେ ଝିଅକୁ ମାରି ଦେଇ ଆତ୍ମହତ୍ୟାର ରୂପ ଦେଉଥିବା ମୋନାଲିସାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ବୌଦ୍ଧ ଜିଲା ବାଉଁଶୁଣୀ ଗ୍ରାମର ରଘୁନାଥ ପଧାନ ତରଭା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଶାଶୁ ଘର ଲୋକେ ଯୌତୁକ ଦାବି କରି ମୋନାଲିସାଙ୍କୁ ମାନସିକ ଓ ଶାରୀରିକ ନର୍ଯାତନା ଦେଇ ଆସୁଥିଲେ। ଟଙ୍କା ନ ଦେଲେ ଜୀବନରେ ମାରିଦେବୁ ବୋଲି ଫୋନରେ ଧମକ ଦେଇଥିବା ରଘୁନାଥ ଥାନାରେ ଅଭିଯୋଗ କରିଛନ୍ତି। ୨୩ ତାରିଖ ରାତିରେ ତୁମ ଝିଅ ଗୁରୁତର ଅଛି, ତୁରନ୍ତ ଆସ ବୋଲି କହିଥିଲେ। ବ୍ରାହ୍ମଣୀ ଗାଁରେ ପହଞ୍ଚିଲା ପରେ ମୋନାଲିସାଙ୍କ ବେକରେ ନଖ ଆଞ୍ଚୁଡା ଦାଗ ଥିବା ସହ ଫାସି ଲାଗିଲା ଭଳି କଳା ଦାଗ ରହିଥିଲା। ପରେ ସେମାନେ ତରବରିଆ ଭାବେ ଗାଁ ଶ୍ମଶାନରେ ସତ୍କାର କରିଦେଇଥିଲେ ବୋଲି ରଘୁନାଥ କହିଛନ୍ତି। ସୋମବାର ସାଇଣ୍ଟିଫିକ ଦଳ ଅସି ଯାଞ୍ଚ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ତରଭା ଥାନା ଆଇଆଇସି ତଥା ତଦନ୍ତକାରୀ ଅଧିକାରୀ ସୁବ୍ରତ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏ ନେଇ ଦଫା ୪୯୮(କ), ୩୦୪(ଖ), ୩୦୨, ୨୦୧, ଯୌତୁକ ନିରୋଧ ଆଇନ ୪, ୩୪ ଆଇପିସିରେ ଏକ ମାମଲା(୨୭୯/୨୧) ରୁଜୁ ହୋଇଛି।

**ODISHA LIFT IRRIGATION CORPORATION LIMITED**
(A Government of Orissa Undertaking)
**OFFICE OF THE EXECUTIVE ENG!NEER, LIFT IRRIGATION DIVISION, SAMBALPUR**
E-Mail- eeolicsbp@qmail.com

**Tender Call Notice No. 09/ 2021-22 / OLIC, SBP Dated: 22.12.2021**

No. CAD-2469:- Sealed tenders are invited from reputed manpower agencies/ service providers having valid labour licence to provide the services of Junior Engineer- 03 Nos. (01 No. of J.E. (Mech) and 02 Nos. of J.E. (Elect.) for a period of one year w.e.f. dt,. 01.02.2022 to dt. 31.01.2023 on contract basis for day to day field works & olficial works.

The detailed information for out sourcing the services of the aforesaid personnel has been given in the tender document which can be obtained in person from the Office of Executive Engineer, Lift Irrigation Division, Sambalpur on any working day from 27.12.2021. at 11.00 A.M. to 14.01.2022 at. 04.00 P.M. by depositing Rs.2000/- (Rupees Two thousand) only in shape of B.D. to be drawn in favour of the Executive Engineer, Lift Irrigation Division, Sambalpur towards cost of tender paper and the GST-18% to be deposited in shape of E-Challan vide GSTIN No. 21AAACO5986G1ZF (Non-Refundable). The last date and time for submission of tender document is 15.01.2022 by 1 P.M. The tender will be opened on same day at 03.00 P.M.

Sd./- Executive Engineer
Lift Irrigation Division, Sambalpur
OIPR-32142/11/0007/2122

**ODISHA POLICE DISTRICT HEAD QUARTER GANJAM, CHATRAPUR**
**Address: Superintendent of Police, Ganjam, Chatrapur**
**Contact No.: 06811263366**
**E-mail: spgjm.orpol@nic.in**
No.3151/R.O. Date: 26.12.2021

**TENDER CALL NOTICE FOR HIRING OF VEHICLES FOR NH PATROLING**

Sealed tenders are invited from registered travel agencies for hiring of commercial light vehicles on monthly basis. Details regarding eligibility criteria, terms & conditions and the formats of submission of tender (Technical & Financial bid) are mentioned in the tender document which may be downloaded from the **ganjam.nic.in** website. Interested agencies may submit their tenders in a sealed envelope with superscribing on the top of the sealed envelopes as Tender for Hiring of Vehicles for NH Patrol on monthly basis to Supdt. of Police, Ganjam.

The tender should reach the office of the undersigned by **02.01.2022** (till 5.30 P.M.). The tenders will be opened on **04.02.2022** at **DPO, GANJAM** for finalization of Technical Bid. The Financial Bid will be opened on **05.02.2022** at **DPO, GANJAM**. The undersigned reserves the right to reject any or all the tenders without assigning any reason thereof.

**Sd./- Superintendent of Police**
**Ganjam**